# ଧରିତ୍ରୀ
DHARITRI

ଭୁବନେଶ୍ୱର, ବୁଧବାର, ଅକ୍ଟୋବର ୧୭/୨୦୧୮ (୨୦ ପୃଷ୍ଠା+ ସାହିତ୍ୟାୟନ) Bhubaneswar, Wednesday, October 17/ 2018 ★★★★

୪୪ଶ ଭାଗ ୩୨୩ ସଂଖ୍ୟା www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada ମୂଲ୍ୟ ₹୫/-






APPARELS | EYEWEAR | FOOTWEAR | INNERWEAR | TIMEWEAR | TRAVEL GEAR | PERSONAL CARE | ACCESSORIES

K-LOUNGE : **NEWLY OPENED: CUTTACK:** In front of OTM Showroom, Buxi Bazar. Ph.: 06712522482/ 9937168512.

**AVAILABLE AT:** KILLER (EXCLUSIVE STORES), **BHUBANESWAR:** J/7, Pal Heights Mall, Jayadev Vihar. Ph.: 9853010772. | Shop No. 20-21, Basement Area, BMC Keshri Mall, Market Building. Ph.: 2534527/9937966413/ 9438604527. **ANGUL:** Shanti Bazar. Ph.: 09437074551. **CUTTACK:** Holding No. 330, Ward No. 20, Ranihat. Ph.: 7205022212. **JAJPUR:** Bank Street Jajpur Road, Jajpur. Ph.: 06726-220744/9437022159.

K-LOUNGE: **BHUBANESWAR:** Shop No. 5, Ground Floor, Forum Mart. Ph.: 6542085. **ANGUL:** Bazar Chowk, In front of Kolkata Bazar, Angul. Ph.: 9861060947. **BHADRAK:** Salandi By-Pass. Ph.: 9437691991. **BALASORE:** Near Chidia Polo, Vivekanand Marg. Ph.: 261865. **DHENKANAL:** Meena Bazar, Dhenkanal. Ph.: 8984343745. **JATANI:** Main Road, Near SBI, Dist. Khurda. Ph.: 9437091779. **KEONJHAR:** Sky Market, Gandhi Chowk, NH-6. Ph.: 254014/9853048495. **NAYAGARH:** Main Road, Near Bus Stand. Ph.: 09853130307/09437299059. **PHULBANI:** Laxmi Market. Ph.: 09853130307/09437299059. **PURI:** Shop No. B1, Guru Empire, Grand Road, Puri Ph.: 9861900001. **ROURKELA:** Panposh Road, Near Amrit Ganga. Ph.: 2400180. | Near Hariyana Bhawan, Main Road. Ph.: 9437045135. **SUNDARGARH:** Mission Road, In front of RCMS. Ph.: 9437085557. **TALCHER:** Hatotota. Ph.: 09437061950. **UMERKOTE:** Near SBI, Opp. Dharamsala. Ph.: 9556688099/9556688686. **& ALL LEADING RETAILERS.**

**FOR TRADE ENQUIRIES:** GRC Garments, Cuttack. Ph.: 09937726575/09937020201. **FOR FRANCHISEE & INSTITUTIONAL ENQUIRIES, CALL:** 09820805602/09820155337/09619229211/09937004020/09820099499/ 022-26814400. **MASTER FRANCHISEE, CALL:** GRC Garment Pvt. Ltd. Ph.: 09437147741. **OR EMAIL:** franchisee@kewalkiran.com | www.killerjeans.com | **Follow Us On:**

**NCS:** CENTRAL lifestyle TRENDS BRAND FACTORY pantaloons

**ONLINE STORES:** K-LOUNGE.com snapdeal Flipkart amazon.in JABONG Myntra SHOPCLUES Paytm AJIO TATA CLiQ LIMEROAD ebay voonik

A LIFESTYLE BRAND FROM KKCL KEWAL KIRAN CLOTHING LIMITED

makani




Weekend. Every day.

easies BY KILLER

K-LOUNGE : **NEWLY OPENED: CUTTACK:** In front of OTM Showroom, Buxi Bazar. Ph.: 06712522482/ 9937168512.

**AVAILABLE AT:** KILLER **(EXCLUSIVE STORES), BHUBANESWAR:** J/7, Pal Heights Mall, Jayadev Vihar. Ph.: 9853010772. | Shop No. 20-21, Basement Area, BMC Keshri Mall, Market Building. Ph.: 2534527/9937966413/ 9438604527. **ANGUL:** Shanti Bazar. Ph.: 09437074551. **CUTTACK:** Holding No. 330, Ward No. 20, Ranihat. Ph.: 7205022212.**JAJPUR:** Bank Street Jajpur Road, Jajpur. Ph.: 06726-220744/9437022159.

K-LOUNGE : **BHUBANESWAR:** Shop No. 5, Ground Floor, Forum Mart. Ph.: 6542085. **ANGUL:** Bazar Chowk, In front of Kolkata Bazar, Angul. Ph.: 9861060947. **BHADRAK:** Salandi By-Pass. Ph.: 9437691991. **BALASORE:** Near Chidia Polo, Vivekanand Marg. Ph.: 261865. **DHENKANAL:** Meena Bazar, Dhenkanal. Ph.: 8984343745. **JATANI:** Main Road, Near SBI, Dist. Khurda. Ph.: 9437091779. **KEONJHAR:** Sky Market, Gandhi Chowk, NH-6. Ph.: 254014/9853048495. **NAYAGARH:** Main Road, Near Bus Stand. Ph.: 09853130307/09437299059. **PHULBANI:** Laxmi Market. Ph.: 09853130307/09437299059. **PURI:** Shop No. B1, Guru Empire, Grand Road, Puri Ph.: 9861900001. **ROURKELA:** Panposh Road, Near Amrit Ganga. Ph.: 2400180. | Near Hariyana Bhawan, Main Road. Ph.: 9437045135. **SUNDARGARH:** Mission Road, In front of RCMS. Ph.: 9437085557. **TALCHER:** Hatotota. Ph.: 09437061950. **UMERKOTE:** Near SBI, Opp. Dharamsala, Ph.: 9556688099/9556688686. **& ALL LEADING RETAILERS.**

**FOR TRADE ENQUIRIES:** Konark Sales Corporation, Cuttack. Ph.: 9437028876. **FOR FRANCHISEE & INSTITUTIONAL ENQUIRIES, CALL:** 09820805602/09820155337/09619229211/09937004020/09820099499/022-26814400.
**MASTER FRANCHISEE, CALL:** GRC Garment Pvt. Ltd. Ph.: 09437147741 **or email at:** franchisee@kewalkiran.com

Follow Us On: Easies casuals

National Chain Stores: CENTRAL SHOPPERS STOP | Online Stores: K-LOUNGE.COM amazon.in JABONG snapdeal SHOPCLUES Myntra Paytm Flipkart TATA CLiQ

A LIFESTYLE BRAND FROM KKCL KEWAL KIRAN CLOTHING LIMITED

ଧରିତ୍ରୀ
DHARITRI
ଭୁବନେଶ୍ୱର, ବୁଧବାର, ଅକ୍ଟୋବର ୧୭/୨୦୧୮ Bhubaneswar, Wednesday, October 17/ 2018 



**ଉତ୍ପାଦନ ହ୍ରାସ ଆଶଙ୍କାରେ ତୈଳ ଦର ବଢୁଛି**

ଅଶୋଧିତ ତୈଳ ଉତ୍ପାଦନ ହ୍ରାସ ପାଇବା ଆଶଙ୍କାରେ ଉପୁଜୁଥିବା ଭୟ ଯୋଗୁ ତୈଳ ଦାମ୍ ବଢୁଛି ବୋଲି କେନ୍ଦ୍ର ପେଟ୍ରୋଲିୟମ ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ କହିଛନ୍ତି।

୧୫

୧୩

**'ୟୋର୍ସ ଟ୍ରୁଲି' ପାଇଁ ଖୁସି ଅଛନ୍ତି ଆହାନା**

'ୟୋର୍ସ ଟ୍ରୁଲି'ରେ ମହେଶ ଭଟ୍ଟ, ସୋନି ରାଜଦାନ୍ ଏବଂ ପଙ୍କଜ ତ୍ରିପାଠୀଙ୍କ ସହ କାର୍ଯ୍ୟକରି ବେଶ୍ ଖୁସି ଅନୁଭବ କରୁଛନ୍ତି ଅଭିନେତ୍ରୀ ଆହାନା କୁମ୍ରା।



# #ମିଟୂ: ଚିତ୍ରଶିଳ୍ପୀ ଯତୀନ୍ ଦାସଙ୍କ ନାଁରେ ଅଭିଯୋଗ

ଭୁବନେଶ୍ୱର,୧୬।୧୦(ବ୍ୟୁରୋ)

ସାରା ଦେଶରେ ଏବେ #ମିଟୂ ଅଭିଯାନ ଚହଳ ସୃଷ୍ଟି କରିଥିବାବେଳେ ଜଣକ ପରେ ଜଣେ ବିଶିଷ୍ଟ ଲୋକ ଅଭିଯୁକ୍ତଙ୍କ ତାଲିକାରେ ଯୋଡ଼ି ହୋଇଯାଉଛନ୍ତି। ନାନା ପାଟେକର, ଏମ୍.ଜେ. ଆକବର, ଚେତନ ଭଗତ, ବିନୋଦ ଦୁଆଙ୍କ ଭଳି ବହୁଚର୍ଚ୍ଚିତ ଚେହେରାଙ୍କ ପରେ ଏବେ ଓଡ଼ିଶା ଜନ୍ମିତ ବିଶିଷ୍ଟ ଚିତ୍ରଶିଳ୍ପୀ ପଦ୍ମଭୂଷଣ ଯତୀନ ଦାସଙ୍କ ନାଁରେ ଯୌନ ନିର୍ଯାତନା ଭଳି ସଙ୍ଗିନ ଅଭିଯୋଗ ଆସିଛି। ଏହି ଅଭିଯୋଗ ଆଣିଛନ୍ତି ପରିବେଶବିତ୍ ନିଶା ବୋରା। ନିଶା ମଙ୍ଗଳବାର ନିଜ ଟୁଇଟର ଆକାଉଣ୍ଟରେ ଯତୀନଙ୍କ ନାମରେ ଯୌନ ଶୋଷଣ ଅଭିଯୋଗ କରିଛନ୍ତି। ଏହାକୁ ଯତୀନ ଖଣ୍ଡନ କରିବା ସହ ଏଭଳି ଭିତ୍ତିହୀନ ଅଭିଯୋଗ ତାଙ୍କୁ ଗଭୀର ଆଘାତ ଦେଇଥିବା କହିଛନ୍ତି।

ଘଟଣା ସମ୍ପର୍କରେ ନିଶା ଏକାଧିକ ଟୁଇଟ୍ କରି ଉଲ୍ଲେଖ କରିଛନ୍ତି ଯେ, ୨୦୦୪ରେ ଦିଲ୍ଲୀର ଇଣ୍ଡିଆ ☞ପୃଷ୍ଠା–୧୧

# ଟନେଲରେ ଅଟକିଲା ହୀରାଖଣ୍ଡ ଏକ୍ସପ୍ରେସ୍
# ୬ ଘଣ୍ଟାର ଆତଙ୍କ

- ଓଏଚ୍ଇ ତାର ଛିଣ୍ଡି ଇଞ୍ଜିନରେ ଗୁଡ଼ାଇ ହୋଇଯାଇଥିଲା
- ଟିକିରି-ରାଉଲି ଷ୍ଟେଶନ ମଧ୍ୟରେ ଘଟିଥିଲା ଘଟଣା
- ରାତିରେ ଦୁର୍ଦ୍ଦଶା ଭୋଗିଲେ ଯାତ୍ରୀ

ରାୟଗଡ଼ା ଅଫିସ୍/ଭୁବନେଶ୍ୱର, ୧୬।୧୦(ବ୍ୟୁରୋ)

ଜଗଦଲପୁରରୁ ଭୁବନେଶ୍ୱର ଆସୁଥିବା ହୀରାଖଣ୍ଡ ଏକ୍ସପ୍ରେସ୍(୧୮୪୪୮)ର ଯାତ୍ରୀମାନେ ସୋମବାର ରାତିରେ ପ୍ରାୟ ୬ ଘଣ୍ଟା ଧରି ଆତଙ୍କିତ ହୋଇପଡ଼ିଥିଲେ। କାରଣ ଟ୍ରେନ୍‌ଟି ରାୟଗଡ଼ା ଜିଲା ଟିକିରି-ରାଉଲି ଷ୍ଟେଶନ୍ ମଝିରେ ଥିବା ୮ନମ୍ବର ଟନେଲରେ ଅଟକି ଯାଇଥିଲା। ରାତି ପ୍ରାୟ ୯ଟାରେ ଓଏଚ୍ଇ (ଓଭରହେଡ୍ ଇଲେକ୍ଟ୍ରିକ) ବିଦ୍ୟୁତ୍ ତାର ଛିଣ୍ଡି ଟ୍ରେନ୍‌ର ଇଞ୍ଜିନରେ ଗୁଡ଼ାଇ ହୋଇଯିବାରୁ ଏଭଳି ପରିସ୍ଥିତି ଉପୁଜିଥିଲା। ଟନେଲ ବାହାରେ ଟ୍ରେନ୍‌ର ଇଞ୍ଜିନ ଥିବାବେଳେ ପ୍ରାୟ ୧୦ଟି ବଗି ଟନେଲ ମଧ୍ୟରେ ରହିଥିଲା। ଘଟଣାସ୍ଥଳରେ ମୋବାଇଲ ଫୋନ କାମ କରୁ ନ ଥିବାରୁ ଘଟଣା ସମ୍ପର୍କରେ ଟ୍ରେନ୍ ଡ୍ରାଇଭର ଓ ଗାର୍ଡ ବିଶାଖାପାଟଣା କଣ୍ଟ୍ରୋଲ ରୁମ୍‌କୁ ସୂଚନା ଦେଇପାରି ନ ଥିଲେ। ଫଳରେ ସେମାନେ ପ୍ରାୟ ଦେଢ଼ କିଲୋମିଟର ପଛକୁ ଚାଲି ଚାଲି ଯାଇ ରେଲୱେର ଜରୁରୀକାଳୀନ ଟେଲିଫୋନ ବ୍ୟବସ୍ଥା ମାଧ୍ୟମରେ କଣ୍ଟ୍ରୋଲ ରୁମ୍ ସହ ଯୋଗାଯୋଗ କରିଥିଲେ। ଏହାପରେ ଓଏଚ୍ଇ ତାର ଦାୟିତ୍ୱରେ ଥିବା କର୍ମଚାରୀ ଘଟଣାସ୍ଥଳରେ ପହଞ୍ଚି ମରାମତି କାର୍ଯ୍ୟ ଆରମ୍ଭ କରିଥିଲେ। ରାତି ପ୍ରାୟ ୩ଟାରେ ମରାମତି କାର୍ଯ୍ୟ ସରିବା ପରେ ଟ୍ରେନ ଆଗକୁ ବଢ଼ିଥିଲା। ରାୟଗଡ଼ା ଷ୍ଟେଶନରେ ଟ୍ରେନ୍ ପହଞ୍ଚିବା ବେଳକୁ ଭୋର ସାଢ଼େ ୪ଟା ହୋଇଥିଲା। ☞ପୃଷ୍ଠା–୧୧

# ନଦୀବାଲିରେ ନିଖୋଜ ବାଳକଙ୍କ ମୁଣ୍ଡବିହୀନ ମୃତଦେହ

## ବଳି ଚର୍ଚ୍ଚା ଜୋର ଧରିଲା

ବଲାଙ୍ଗୀର ଅଫିସ/ ବଙ୍ଗୋମୁଣ୍ଡା,୧୬।୧୦(ଡି.ଏନ୍.ଏ.)

ତିନିଦିନ ଧରି ନିଖୋଜ ଥିବା ଜଣେ ୯ ବର୍ଷର ବାଳକଙ୍କ ମୁଣ୍ଡ ଗଣ୍ଡି ଅଲଗା ଥିବା ମୃତଦେହ ଉନ୍ଦେର ନଦୀ ବାଲିରେ ଅଧା ପୋତା ଅବସ୍ଥାରେ ମଙ୍ଗଳବାର ଜବତ ହୋଇଛି। ଟିଟିଲାଗଡ଼ ଏସ୍‌ଡିପିଓଙ୍କ ଉପସ୍ଥିତିରେ ସିନ୍ଧେକେଲା ପୋଲିସ ଟିମ୍ ମୃତଦେହ ଉଦ୍ଧାର କରି ବ୍ୟବଚ୍ଛେଦ ପାଇଁ ପଠାଇଛି। ପାରିପାର୍ଶ୍ୱିକ ସ୍ଥିତିରୁ ସମ୍ପୃକ୍ତ ବାଳକଙ୍କୁ ଅପହରଣ କରି କେହି ହତ୍ୟା କଲା ପରେ ନଦୀବାଲିରେ ପୋତି ଦେଇଥିବା ସନ୍ଦେହ ହେଉଛି। ମୁଣ୍ଡ ଗଣ୍ଡି ଅଲଗା ହୋଇଥିବାରୁ ତାଙ୍କୁ ବଳି ଦିଆଯାଇ ଥାଇପାରେ ବୋଲି ସମ୍ପୃକ୍ତ ଅଞ୍ଚଳରେ ଚର୍ଚ୍ଚା ଜୋର ଧରିଛି। ତେବେ ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ମୃତ୍ୟୁର କାରଣ ସ୍ପଷ୍ଟ ହେବ ବୋଲି ଏସ୍‌ଡିପିଓ ସରୋଜ ମହାପାତ୍ର କହିଛନ୍ତି।

ବଲାଙ୍ଗୀର ଜିଲା ସିନ୍ଧେକେଲା ଥାନା ଅନ୍ତର୍ଗତ ସିନ୍ଧେକେଲା କୁମ୍ଭାରପଡ଼ାର ହୀରା ରଣାଙ୍କ ପୁଅ ମିଥୁନ୍ ଓରଫ ଘନଶ୍ୟାମ ଶନିବାର ସନ୍ଧ୍ୟାରୁ ନିଖୋଜ ହୋଇଯାଇଥିଲେ। ସିନ୍ଧେକେଲା ବସ୍‌ଷ୍ଟାଣ୍ଡ ନିକଟରେ ଥିବା ବାପାଙ୍କ ଅଣ୍ଡା ଦୋକାନରୁ ଶିଙ୍ଗଡ଼ା ☞ପୃଷ୍ଠା–୧୧




**ଶାରଦୀୟ ଅଭିନନ୍ଦନ**

ଆଜି ମହାଷ୍ଟମୀ: ଏହି ଅବସରରେ ଧରିତ୍ରୀ ପରିବାର ତା'ର ଅଗଣିତ ପାଠିକାପାଠକ, ଲେଖିକା ଲେଖକ, ବିଜ୍ଞାପନଦାତା, ଏଜେଣ୍ଟ, ବିତରକ ଓ ଶୁଭେଚ୍ଛୁମାନଙ୍କୁ ଶାରଦୀୟ ଅଭିନନ୍ଦନ ଓ ଶୁଭେଚ୍ଛା ଜଣାଉଛି।

Vivel

ଭିଭେଲ୍ ପ୍ରଣତି ବାଢୁଛି
ପ୍ରତି ନାରୀ ମଧ୍ୟରେ ଥିବା ମାତୃଶକ୍ତି ପ୍ରତି।




ଦୁର୍ଗା ପୂଜାରେ ଦେବୀ ଦୁର୍ଗା ଓ ତାଙ୍କ ଅସ୍ତ୍ରଙ୍କୁ ପୂଜା କରାଯାଏ, ଏହି ବିଧିକୁ ଅସ୍ତ୍ର ଦାନ କୁହାଯାଏ । ଚଳିତ ବର୍ଷ, ଭିଭେଲ୍ ଆମରି ଗହଣରେ ଥିବା ଦେବୀମାନଙ୍କ ଅର୍ଚ୍ଚନା କରିବାକୁ ଚାହିଁଛି, କ୍ଲାସିକ୍ ଅସ୍ତ୍ର ଦାନ ପଦ୍ଧତିରେ ।

ସମାଜର ବିଭିନ୍ନ ସ୍ତରରୁ 10 ଜଣ ପ୍ରତିଭାଶାଳୀ ବଙ୍ଗାଳି ମହିଳାଙ୍କୁ ଆମେ ବାଲିଗଞ୍ଜ କଲ୍‌ଚରାଲ୍ ପେଣ୍ଡାଲ୍ ରେ ଏହି ଆଧୁନିକ ଅସ୍ତ୍ର ଦାନ ରେ ଭାଗ ନେବା ପାଇଁ ଏକାଠି କଲୁ । ଏହି ମହିଳାମାନେ ସେହି ଅସ୍ତ୍ରଗୁଡ଼ିକୁ ସ୍ଥାପନ କଲେ, ଯାହା ସେମାନଙ୍କୁ ନିତିଦିନ ଶକ୍ତିମୟୀ କରାଉଛି, ତଥା ଦେଶସାରା ନିତିଦିନର ଦେବୀମାନଙ୍କୁ ଅନୁପ୍ରାଣିତ କରୁଛି ।

| Personality | Astra |
|---|---|
| Nilam | Headphones |
| Sharbari Datta | Thread Spool |
| Paroma | Mic |
| Urvashi Basu | Shade Card |
| Shiuli Mukherjee | Stethoscope |

| Personality | Astra |
|---|---|
| Nandita Roy | Clapboard |
| Shreemoyee | Book |
| Talish Ray | Gavel |
| Sushma Midde | Steering Wheel |
| Sohini Sarkar | Theatre Mask |

ଭିଡିଓ ଦେଖନ୍ତୁ ଏଠାରେ /vivelbyitc

ଏବେ ବୁଝାମଣା ନାହିଁ।

**ଆପଣଙ୍କ ଏହି କପି ସହିତ ପାଇବେ ସାହିତ୍ୟାୟନ**




ହକର ଭାଇଙ୍କଠାରୁ ମାଗି ନିଅନ୍ତୁ

**ଆଜିର ସମ୍ପାଦକୀୟ**

ଚନ୍ଦକା ବଞ୍ଚାଅ

**ଆଜିର ମନ୍ତବ୍ୟ**

" ଆତଙ୍କବାଦ ଦମନ ଲାଗି ଆମକୁ ସଦା ପ୍ରସ୍ତୁତ ହୋଇରହିବାକୁ ପଡ଼ିବ ।

- ରାଜନାଥ ସିଂ, ସ୍ୱରାଷ୍ଟ୍ରମନ୍ତ୍ରୀ

ଅନିବାର୍ଯ୍ୟ କାରଣବଶତଃ କୃଷି ଜୀବନ ପୃଷ୍ଠା ପ୍ରକାଶ ପାଇପାରୁନାହିଁ ।

NECC NATIONAL EGG CO-ORDINATION COMMITTEE 16.10.2018 Vencobb CHICKEN

| Dist | Farm Gate/Kg | With Skin/Kg | Skinless /Kg |
|---|---|---|---|
| BBSR | 64 | 111 | 121 |
| CTC | 67 | 115 | 125 |
| DKL | 66 | 114 | 124 |
| BDK | 67 | 115 | 125 |
| BLS | 69 | 118 | 128 |
| ANG | 67 | 115 | 125 |

*Conditions Apply
Eggs Retail Price- 46/-Dozen
Issued in the Interest of Consumers




HONDA
The Power of Dreams
WINGS OF Joy
OFFER
Maha Joy ବିଜେତା
Mr. Sabib Aalam Sheikh
Leela Honda, Valsad
Mr. Prem Kumar Srivastava
Aditya Sky Honda, Lucknow
Honda Brio
#2400+ Weekly Joys ବିଜେତା ଘୋଷିତ ହୋଇ ସାରିଛନ୍ତି ।
ଶୀଘ୍ର କରନ୍ତୁ ବହୁତ ସାରା ପୁରସ୍କାର ଜିତନ୍ତୁ !
ଯେକୌଣସି ହୋଣ୍ଡା 2-ହ୍ୱିଲର୍ କିଣନ୍ତୁ । ପାଆନ୍ତୁ ସୁନିଶ୍ଚିତ ଉପହାର ଏବଂ ଜିତନ୍ତୁ ବମ୍ପର୍ ପ୍ରାଇଜ୍# ।
ଫାଇନାନ୍ସ ଉପରେ ₹7,500/- ପର୍ଯ୍ୟନ୍ତ ସଞ୍ଚୟ କରନ୍ତୁ^
+
ସୁନିଶ୍ଚିତ ଉପହାର#
HONDA joyclub
ସଦସ୍ୟତା ମୂଲ୍ୟ ₹2,100/- ଲାଭ ସହିତ
ଲକି ଡ୍ର ପ୍ରାଇଜେସ୍#
BUMPER JOY
5 Honda Amaze
MAHA JOY
31 Honda Brio
WEEKLY JOY
LG ଏଲ୍ଇଡ଼ି ଟିଭି । Samsung ସ୍ମାର୍ଟଫୋନ୍ ।
Sony ଇଅରଫୋନ୍ସ ଏବଂ ଅନ୍ୟାନ୍ୟ ଆକର୍ଷଣୀୟ ପୁରସ୍କାର
HET BS-IV
BEST DEAL HONDA
Buy. Sell. Exchange
ALWAYS WEAR A HELMET WHILE RIDING
Also available:
Annual Maintenance Contract***
Roadside Assistance***
Engine Health Assurance***
Follow us on
ହୋଣ୍ଡା ହିଁ HONDA
Honda Motorcycle and Scooter India Pvt. Ltd., Registered Office: Commercial Complex II, Sector - 49-50, Golf Course Extension Road, Gurugram - 122018 (Haryana), India; Website: www.honda2wheelersindia.com; Customer Care: customercare@honda2wheelersindia.com
*Product shown in the picture may vary from the actual product. **Accessories shown in the picture are not a part of standard equipment. #T&C Apply. Offer valid for the period from 05-Oct-2018 to 30-Nov-2018 only. This scheme is not valid in Tamil Nadu state. The model and variants of the prizes may vary subject to availability. The scheme has been reviewed by KPMG (Registered) as Process Advisors and Evaluators for 'Honda Wings of Joy Offer'. For further details, visit www.hondawingsofjoy.com or visit your nearest Honda Dealership. All disputes subject to Gurugram jurisdiction only. ^Finance scheme available with select financiers at their sole discretion. Saving has been calculated on finance scheme against general scheme available in the market and depends on specific loan amount, tenure, Rate of Interest and validation of Income documents submitted by customer. Scheme is available for limited time period only and can be withdrawn from market without any prior notice. ***Conditions apply.
Honda Exclusive Authorized Dealerships: ATTAGHAR: Sidhivinayak Honda - 9124260000, 9658080060; BALUGOAN: Khimji Honda - 7735734881, 7735737648; BANKI: Shree Honda - 06723-240099, 9658201234; BHUBANESWAR: Shivam Honda - 0674-2546296, 7873024320; Gugnani Honda - 0674-2313716, 7852930865; PGL Honda - 0674-2354418, 9090912345; Khimji Honda - 7735734884, 7077726314; CHANDIKHOL: Basanti Honda - 06725-227011, 9658482265; CUTTACK: Durga Honda - 9114800102\17\18\19\2; SGBL Honda - 0671-2364000, 9040433000; Utkal Honda - 0671-2304628, 9437029811; JAJPUR: TEZ Honda - 06726-221847, 7504994444; JAGATSINGHPUR: Kanchan Murali Honda - 06724-222122, 223112, 7381348387, 7504237557; JAGATPUR: Durga Honda - 9337390774, 0671-2490462; JATNI: PGL Honda - 0674-2492419, 7788001027; KENDRAPADA: Baldev Honda - 9937129275, 9437167191; KEONJHAR: Pritam Honda - 06766 - 254138,8908881717; KHURDA: Sai Honda - 07852930002, 06755-223555; NAYAGRAH: Pattnaik Honda - 7205028044, 9937083142; NIALI: Hindustan Honda - 9937075187, 0671-2803355; PURI: Shivam Honda - 06752-225555, 9040088747; PARADIP: Anil Honda - 06722-220909, 9438523425; RAHAMA: Navjyoti Honda - 9938339189; UTTARA: Gugnani Honda - 0674-3272244; PATTAMUNDAI: Satya Honda - 9937711139; SALEPUR: S.N.Honda - 9437439076.
For Bulk/Institutional enquiries, please write us at: institutionalsales@honda2wheelersindia.com

ଏକଥା ସତ ଯେ, ସ୍ୱାର୍ଥପରତା ଆତ୍ମାକୁ ନଷ୍ଟ କରେ। ସ୍ୱାର୍ଥପର ପ୍ରବୃତ୍ତିକୁ ଧ୍ୱଂସ କର। କିନ୍ତୁ ତୁମକୁ ଅନ୍ୟ ଦିଗରେ ମଧ୍ୟ ସାବଧାନ ହେବାକୁ ପଡିବ। କାରଣ ତୁମର ବଦାନ୍ୟତା ମଧ୍ୟ ଯେପରି ଅନ୍ୟମାନଙ୍କ ଆତ୍ମାକୁ ନଷ୍ଟ ନ କରେ। -ଶ୍ରୀଅରବିନ୍ଦ



# ଚନ୍ଦକା ବଞ୍ଚାଅ

କଟକ ମୁଣ୍ଡଲୀ ନିକଟ ମହାନଦୀରେ ୫ଟି ହାତୀ ଭାସି ଯାଉଥିବା ଖବର ଅକ୍ଟୋବର ୧୫ ସକାଳୁ ବ୍ୟାପିଯିବା ପରେ ଏହି ଦୃଶ୍ୟ ଦେଖିବାକୁ ସ୍ଥାନୀୟ ଅଞ୍ଚଳର ଲୋକଙ୍କ ମଧ୍ୟରେ ଭିଡ଼ ହୋଇଥିଲା। ଏ ବିଷୟରେ ସୂଚନା ପାଇବାରୁ ଆଠଗଡ଼ ଓ ଚନ୍ଦକା ବନଖଣ୍ଡ କର୍ମଚାରୀମାନେ ଘଟଣାସ୍ଥଳରେ ପହଞ୍ଚିଥିଲେ। ସଙ୍ଗେ ସଙ୍ଗେ ମୁଣ୍ଡଲୀ ବ୍ୟାରେଜ୍‌ର ୪ଟି ଗେଟ୍ ବନ୍ଦ କରିଦିଆଯିବାରୁ ଜଳସ୍ରୋତ ହ୍ରାସ ପାଇଥିଲା ଓ ପାଣିରେ ଭାସୁଥିବା ହାତୀ ଉପରକୁ ଉଠି ଆସିଥିଲେ।

ହାତୀ ଏକ ବୁଦ୍ଧିଆ ପ୍ରାଣୀ ଓ ଭଲଭାବେ ଜଳରେ ପହଁରିପାରିବାର ଶକ୍ତି ରଖିଛି। କିନ୍ତୁ ନରାଜଠାରେ ଜଳ ଭରି ରହିଥିବାରୁ ସେମାନେ ପ୍ରଖର ସ୍ରୋତରେ ଭାସିଯିବା ଆଶଙ୍କା କରାଯାଇଥିଲା। ତେବେ ସ୍ଥଳଭାଗର ଏହି ବୃହତ୍ ପ୍ରାଣୀ ବଂଶ ଏବେ ସଙ୍କଟରେ ଅଛି ବୋଲି ସମସ୍ତଙ୍କୁ ସ୍ୱୀକାର କରିବାକୁ ପଡ଼ିବ। ମଣିଷ ନିଜର ସ୍ୱାର୍ଥ ପାଇଁ ବଣୁଆ ଜୀବଜନ୍ତୁ ରହୁଥିବା ଅଞ୍ଚଳକୁ ଅକ୍ତିଆର କରିଚାଲିଛି। ଜଙ୍ଗଲ ନିକଟରେ ଶିଳ୍ପ ସ୍ଥାପନ ଓ ନିର୍ମାଣ କାର୍ଯ୍ୟ କରାଯିବା ନେଇ ପ୍ରତିବନ୍ଧକ ଥିଲେ ମଧ୍ୟ ଅନେକେ ତାହା ମାନୁ ନାହାନ୍ତି। ସରକାରୀ ଅଧିକାରୀଙ୍କୁ ଧରି କୌଣସିମତେ ଜଙ୍ଗଲ ଜମିକୁ ବିଭିନ୍ନ ପ୍ରକାର ଉଦ୍ଦେଶ୍ୟ ସାଧନ ପାଇଁ ବ୍ୟବହାର କରାଯାଉଥିବା ପ୍ରାୟତଃ ଅଭିଯୋଗ ହୋଇଥାଏ। ତେଣୁ ହାତୀ ଭଳି ବନ୍ୟପ୍ରାଣୀ ଜନବସତି ଆଡ଼କୁ ମାଡ଼ି ଆସୁଛନ୍ତି। ଫଳରେ ଶସ୍ୟକ୍ଷେତ ଉଜାଡ଼ି ଦେବା ସହ ସେମାନଙ୍କ ହାବୁଡ଼ରେ ପଡୁଥିବା ମଣିଷକୁ ମାରି ପକାଉଥିବାର ଖବର ବାରମ୍ବାର ଶୁଣିବାକୁ ମିଳୁଛି। ଅନ୍ୟପକ୍ଷରେ ମଣିଷ ନିଜ ଦୋଷ ନ ଦେଖି ପ୍ରତିଶୋଧପରାୟଣ ହୋଇ ହାତୀକୁ ମାରି ଦେଉଥିବା ଲକ୍ଷ୍ୟ କରାଯାଉଛି। ହାତୀର ଦାନ୍ତ ମୂଲ୍ୟବାନ ହୋଇଥିବାରୁ ଏହି ବୃହତ୍ ଜୀବର ଶିକାର ପ୍ରାୟ ଅଧିକାଂଶ ଅଞ୍ଚଳରେ ଘଟୁଛି। ଏତଦ୍‌ବ୍ୟତୀତ ହାତୀର ପ୍ରିୟ ଖାଦ୍ୟ ବାଉଁଶ ପରି ଗଛଗୁଡ଼ିକୁ ଶିଳ୍ପ ପାଇଁ ଉଚ୍ଛେଦ କରି ଦିଆଯାଉଛି। ଏହାଦ୍ୱାରା ଖାଦ୍ୟ ଅନ୍ୱେଷଣରେ ହାତୀ ଏଣେତେଣେ ଯିବାକୁ ବାଧ୍ୟ ହେଉଛି। ୨୦୧୮ ଜୁଲାଇରେ ଓଡ଼ିଶା ସରକାର 'ଗ୍ରୀନ୍ ମହାନଦୀ' କାର୍ଯ୍ୟକ୍ରମର ଶୁଭାରମ୍ଭ କରିଛନ୍ତି। ଏଥିରେ ମହାନଦୀ ଓ ଏହାର ଶାଖାନଦୀର ଉଭୟପାର୍ଶ୍ୱରେ ୨ କୋଟି ଚାରା ରୋପଣ କରାଯିବାର ଲକ୍ଷ୍ୟ ରଖାଯାଇଛି। ଯେହେତୁ ମହାନଦୀର ଦୁଇ ପାର୍ଶ୍ୱରେ ଜଙ୍ଗଲ ରହିଛି, ତେଣୁ ହାତୀମାନଙ୍କ ଖାଦ୍ୟରୁଚିକୁ ଦେଖି ଗଛ ଲଗାଗଲେ ସେମାନଙ୍କ ପାଇଁ ଏହା ଉପାଦେୟ ହୋଇପାରନ୍ତା। ଉଲ୍ଲେଖଯୋଗ୍ୟ ଯେ, ପୂର୍ବଭାରତର ପ୍ରାୟ ୭୦ ପ୍ରତିଶତ ହାତୀ ଓଡ଼ିଶାରେ ଅଛନ୍ତି। ସେମାନଙ୍କ ବାସସ୍ଥଳୀ ନଷ୍ଟ ହେଉଥିବା ବେଳେ ଆବଶ୍ୟକ ଖାଦ୍ୟ ପାଉ ନ ଥିବାରୁ ହାତୀ-ମଣିଷ ସଂଘର୍ଷ ଏବେ ଚରମ ସୀମାରେ ପହଞ୍ଚିଛି। ଏଥିପାଇଁ ହାତୀ କରିଡରକୁ ନିରାପଦ ରଖାଯିବା ସହ ସେମାନଙ୍କ ଖାଦ୍ୟ ଆବଶ୍ୟକତା ପୂରଣ କରାଯାଇପାରିଲେ ପରିସ୍ଥିତି ଭୟଙ୍କର ରୂପ ଧାରଣ କରନ୍ତା ନାହିଁ।

ରାଜଧାନୀ ଉପକଣ୍ଠ ଚନ୍ଦକା ଅଞ୍ଚଳ କଥା ଦେଖିଲେ ହାତୀ ପାଇଁ ସହରୀକରଣ ପ୍ରମୁଖ ବିପଦ ଭାବେ ଉଭା ହୋଇଛି। ତେଣୁ ଚନ୍ଦକା ଅଭୟାରଣ୍ୟ ଚାରିକଡ଼େ ଚାଲିଥିବା ନିର୍ମାଣ କାର୍ଯ୍ୟକୁ ବନ୍ଦ କରାଯିବା ଉଚିତ। ଏପରି କି ପୋଲିସ ଫାୟାରିଂ ରେଞ୍ଜ୍‌କୁ ହଟେଇ ଦିଆଯିବା ଦରକାର। ଶିଳ୍ପ କାରଖାନାର ଶବ୍ଦ ଓ ଟ୍ରେନ୍‌ର ଗର୍ଜନ ହାତୀଙ୍କ ପାଇଁ ଯେଭଳି ଅସ୍ୱାଭାବିକତା ସୃଷ୍ଟି କରୁଛି, ବନ୍ଧୁକ ଚାଳନା ବେଳେ ହେଉଥିବା ଆବାଜ ଅନୁରୂପ ଭାବେ ସେମାନଙ୍କୁ ବ୍ୟତିବ୍ୟସ୍ତ କରିଦେଉଛି। ଗତ କିଛିବର୍ଷ ହେବ ଚନ୍ଦକା ଅଭୟାରଣ୍ୟ ସଙ୍କୁଚିତ ହେବା ସହ ଏହାର ଚାରିକଡ଼େ କୋଳାହଳ ବଢୁଥିବାରୁ ହାତୀ ଏଣେତେଣେ ପଳାଇ ଯାଉଥିବା ଦେଖିବାକୁ ମିଳୁଛି। ତେଣୁ ଜଙ୍ଗଲ ଓ ପରିବେଶ ବିଭାଗ ୫ ବର୍ଷ ପାଇଁ 'ଚନ୍ଦକା ବଞ୍ଚାଅ' ନାମରେ ଏକ କାର୍ଯ୍ୟକ୍ରମ ଆରମ୍ଭ କରିବା ଆବଶ୍ୟକ ହୋଇପଡ଼ିଲାଣି। ସେହିପରି ରାଜ୍ୟର ଯେଉଁ ଅଞ୍ଚଳରେ ହାତୀ ବା ଅନ୍ୟାନ୍ୟ ଜୀବଜନ୍ତୁଙ୍କ ସହ ମଣିଷର ସଂଘର୍ଷ ଘଟୁଛି, ସେସବୁ ସ୍ଥାନରେ ଅଭିନବ ପଦକ୍ଷେପ ନିଆଯାଇପାରିଲେ ପରିସ୍ଥିତିରେ ଉନ୍ନତି ଘଟିପାରନ୍ତା। ମଣିଷ ତା'ର ଲୋଭ ସମ୍ବରଣ ନ କରି ସବୁକିଛି ଚଳୁ କରିଦେବାକୁ ଚାହିଁଲେ ପ୍ରକୃତି ତା'ର ସନ୍ତୁଳନ ହରାଇବସିବ। ଭବିଷ୍ୟତରେ ବିପଦ ପଡ଼ିଲେ ଆମେ ଖୋଳିଥିବା ଗାତରେ ପଡ଼ି ଛଟପଟ ହେବା, କିନ୍ତୁ ସେତେବେଳକୁ ନେଡ଼ି ଗୁଡ଼ କହୁଣିକୁ ବହିଯାଇଥିବ।

# ପଶୁବଳି : ଏକ ଅମାନବୀୟ ପରମ୍ପରା



ଡ. ପ୍ରଫୁଲ୍ଲ କୁମାର ସାହୁ

ଆମ ରାଜ୍ୟରେ ପ୍ରମୁଖ ଦେବୀମନ୍ଦିରଗୁଡ଼ିକରେ ଶାରଦୀୟ ପୂଜାର ଏକ ବିଶେଷ ଅଙ୍ଗ ଥିଲା ପଶୁବଳିପ୍ରଥା। ପ୍ରତିବର୍ଷ ଦଶହରା ବେଳେ ଏସବୁ ଶକ୍ତିପୀଠରେ ଲକ୍ଷ ଲକ୍ଷ ପଶୁପକ୍ଷୀଙ୍କୁ ହତ୍ୟା କରାଯାଉଥିଲା ଅତି ବୀଭତ୍ସ ଭାବରେ। ଏଭଳି ଏକ ଅମାନବୀୟ ପରମ୍ପରା ଉପରେ ନ୍ୟାୟାଳୟର ପ୍ରତିବନ୍ଧକ ଲାଗିବା ପରେ ଅଧିକାଂଶ ଦେବୀ ପୀଠରେ ଏବେ ସମ୍ପୂର୍ଣ୍ଣ ବନ୍ଦ ହୋଇଯାଇଛି ପଶୁବଳି। ଅନ୍ୟ କେତେକ ସ୍ଥାନରେ ଏହା ଲୁଚାଛପାରେ ଚାଲିଛି ପରମ୍ପରା ଦାୟରେ। କାରଣ ସଭ୍ୟତା ଯେତେ ଆଗକୁ ଗଲେ ବି ଅନ୍ଧବିଶ୍ୱାସର ଅନ୍ଧଗଳିରୁ ମୁକୁଳିପାରୁନି ମଣିଷ। ସବୁଠାରୁ ବିଡ଼ମ୍ବନାର ବିଷୟ ହେଉଛି ନ୍ୟାୟାଳୟର ଆଦେଶକୁ ଏକତରଫା କହି ବଳିପ୍ରଥାକୁ ସମର୍ଥନ କରୁଛନ୍ତି ସମାଜର ଆଗଧାଡ଼ିରେ ଥିବା କିଛି ବଡ଼କୁହା। ସେମାନଙ୍କ ଯୁକ୍ତି ଅନୁସାରେ ବହୁ ପ୍ରାଚୀନ କାଳରୁ ଚଳିଆସୁଥିବା ବଳିପ୍ରଥାକୁ ବନ୍ଦ କରିଦେବା ଅର୍ଥ ଆମ ସଂସ୍କୃତି ପ୍ରତି ଘୋର ଅବମାନନା। ବଳିପ୍ରଥାର ଏହି ପକ୍ଷଧରମାନେ କିନ୍ତୁ ଜାଣିରଖିବା ଉଚିତ ଯେ ସେହି ପରମ୍ପରା ପ୍ରକୃତରେ କାଳଜୟୀ, ଯାହା ସଂସ୍କାରିତ ହୁଏ ସମୟ ସହିତ ତାଳଦେଇ।

ଇତିହାସ କହେ ଯେତେବେଳେ ବଳିପ୍ରଥା ଆରମ୍ଭ ହେଲା ସେତେବେଳେ ସମ୍ପୂର୍ଣ୍ଣ ଅଲଗା ଥିଲା ଆମ ଜୀବନଯାପନ ପ୍ରଣାଳୀ। ଆଦିମ ମଣିଷ ଗୋଷ୍ଠୀବଦ୍ଧ ଜୀବନ ଯାପନ କରୁଥିଲା ଏବଂ ଜଙ୍ଗଲରୁ ପଶୁ ଶିକାର ଥିଲା ତା'ର ପେଟ ପୋଷିବାର ପ୍ରଧାନ ଅବଲମ୍ବନ। ମାତ୍ର ପଶୁପାଳନ ଶିଖିଲା ପରେ ଶିକାର ଅନ୍ୱେଷଣରେ ତାକୁ ଦିନଦିନ ଧରି ବୁଲିବାକୁ ପଡ଼ିଲାନି ଦୁର୍ଗମ ଅରଣ୍ୟରେ। କୃଷିର ବିକାଶ ପରେ ମାଂସ ବଦଳରେ ଶସ୍ୟ ହେଲା ମଣିଷର ପ୍ରଧାନ ଖାଦ୍ୟ। ଏହାଦ୍ୱାରା କ୍ରମଶଃ ହ୍ରାସପାଇଲା ପଶୁହତ୍ୟା। ତଥାପି କେତେକ ଆଦିବାସୀ ଗୋଷ୍ଠୀ ରହିଗଲେ, ଯେଉଁମାନେ ମାଂସକୁ ପ୍ରଧାନ ଖାଦ୍ୟ ଭାବରେ ଗ୍ରହଣ କରି ବସବାସ କଲେ ବଣଜଙ୍ଗଲରେ। ଯାଯାବର ଜୀବନ ଯାପନ କରୁଥିବା ଏହି ଆଦିବାସୀମାନେ ଋତୁ ପରିବର୍ତ୍ତନ ସହିତ ବାସସ୍ଥାନ ପରିବର୍ତ୍ତନ କରୁଥିଲେ ବାରମ୍ବାର। ଶିକାର ହେଉ କି ପାଳିତ ପଶୁ, ତାକୁ ଭକ୍ଷଣ ପୂର୍ବରୁ ଏମାନେ ସମର୍ପଣ କରୁଥିଲେ ଧରତ୍ରୀ ମା' ଉଦ୍ଦେଶ୍ୟରେ। ଅନ୍ୟପକ୍ଷରେ ଗାଁଗଣ୍ଡାରେ ରହୁଥିବା କୃଷକ ଓ ଶ୍ରମଜୀବୀମାନେ ନୂଆଖାଇ ଓ ମାଣବସା ଆଦି ଉତ୍ସବ ଅବସରରେ ମାଟି ମା' ଉଦ୍ଦେଶ୍ୟରେ ଅର୍ପଣ କରୁଥିଲେ ଉତ୍ପାଦିତ ଶସ୍ୟସମ୍ପଦ। ଏଇମାନେ ଥିଲେ ସମୁଦାୟ ଜନସଂଖ୍ୟାର ଏକ ବିରାଟ ଅଂଶ। ସ୍ଥାୟୀ ବାସିନ୍ଦା ଭାବରେ ଏମାନେ ଗୋଟିଏ ସ୍ଥାନରେ ବର୍ଷ ବର୍ଷ ଧରି ରହିବା ଫଳରେ ସେଠାକାର ଜଳଉତ୍ସ ଦୂଷିତ ହୋଇ ବ୍ୟାପୁଥିଲା ହଇଜା, ବସନ୍ତ ଆଦି ସଂକ୍ରାମକ ରୋଗ। ବେଳେ ବେଳେ ମହାମାରୀ ରୂପ ନେଉଥିବା ଏହି ରୋଗରେ ଆକ୍ରାନ୍ତ ହୋଇ ପାକମାଛି ପରି ମରୁଥିଲେ ହଜାର ହଜାର ଲୋକ। ଏହାକୁ ନେଇ ସେତେବେଳେ ଗ୍ରାମାଞ୍ଚଳ ଲୋକଙ୍କ ଭିତରେ ପ୍ରବେଶ କଲା ଅନ୍ଧବିଶ୍ୱାସ। ଜଳପ୍ରଦୂଷଣ ଜନିତ ଏହି ରୋଗକୁ ସେମାନେ ଠାକୁରାଣୀଙ୍କ କୋପ ବୋଲି ଭାବିନେଲେ ଅଜ୍ଞତାବଶତଃ। ତା'ପରେ ଚାଲିଲା ଠାକୁରାଣୀଙ୍କ କୋପର କାରଣ ସମ୍ପର୍କରେ ତର୍ଜମା। ସେମାନେ ଅନୁଭବ କଲେ ଯେ ଆଦିବାସୀମାନେ ଠାକୁରାଣୀଙ୍କ ଉଦ୍ଦେଶ୍ୟରେ ପଶୁ ରକ୍ତ ସମର୍ପଣ କରି ନୀରୋଗ ରହୁଥିବା ବେଳେ ଶସ୍ୟ ସମ୍ପଦ ସମର୍ପଣ କରୁଥିବା କାରଣରୁ ସେମାନଙ୍କୁ ବାରମ୍ବାର ଗ୍ରାସୁଛି ମଡ଼କ। ଏହି ବଦ୍ଧମୂଳ ବିଶ୍ୱାସ ନେଇ ତନ୍ତ୍ର ଉପଚାର ସ୍ୱରୂପ ଗାଁଗଣ୍ଡାରେ ଚାଲିଲା ପଶୁବଳିର ବ୍ୟାପକ ଆୟୋଜନ। ତାନ୍ତ୍ରିକ ଓ ବ୍ରାହ୍ମଣମାନଙ୍କ ଦ୍ୱାରା ଏହା କ୍ରମଶଃ ଅଧିକ ପ୍ରସାରଲାଭ କଲା ଏବଂ ଦଶହରା ଓ ପଣାସଂକ୍ରାନ୍ତି ଆଦି ପର୍ବରେ ରକ୍ତରଞ୍ଜିତ ହେଲା ଦେବୀପୀଠ।

ବିଜ୍ଞାନର ଅଭୂତପୂର୍ବ ବିକାଶ ଫଳରେ ଅତିକ୍ରାନ୍ତ ହେଲା ହଇଜା ଓ ବସନ୍ତକୁ ଠାକୁରାଣୀ କହି ଲୋକଙ୍କୁ ଭୁଆଁ ବୁଲେଇବାର ବେଳ। ତଥାପି ଲୋପ ହେଲାନି ଆମ କୁସଂସ୍କାର ଲାଳିତ ଭ୍ରମଧାରଣା। ସ୍ୱାମୀ ବିବେକାନନ୍ଦ କହୁଥିଲେ ମଣିଷର ବଡ଼ ଶତ୍ରୁ ହେଉଛି ତା'ର ଅନ୍ଧବିଶ୍ୱାସ। ଏହା ଲୋପ କରିଦିଏ ମଣିଷର ହିତାହିତ ଜ୍ଞାନ। ସେହି କାରଣରୁ ଏବେ ସୁଦ୍ଧା ଜାରି ରହିଛି ଠାକୁରାଣୀଙ୍କ ପାଖରେ ପଶୁବଳି ଦେଇ ରୋଗମୁକ୍ତ ହେବାର ଅପଚେଷ୍ଟା।

ବଳି ଶବ୍ଦର ମୂଳ ଅର୍ଥ ହେଉଛି ଦେବଦେବୀଙ୍କ ଉଦ୍ଦେଶ୍ୟରେ ଆହୁତି, ନୈବେଦ୍ୟ ବା ଭୋଜ୍ୟ ପଦାର୍ଥ ସମର୍ପଣ। ଭାଗବତରେ ଅଛି 'ଲୋକେ କରିବେ ତୋତେ ପୂଜା, ଅନେକ ଦେବେ ବଳିଭୋଜା।' ଏଠାରେ ସମର୍ପଣ ଅର୍ଥରେ ବ୍ୟବହାର ହୋଇଥିବା 'ବଳିଭୋଜା' ଶବ୍ଦକୁ ପଶୁବଳି ବୋଲି କହି ଲୋକଙ୍କୁ ବିଭ୍ରାନ୍ତ କରାଯାଉଛି ଅତି ଚତୁରତାର ସହିତ। ଶାସ୍ତ୍ରପୁରାଣର ବାଣୀକୁ କଦର୍ଥ କରି ଜୀବହତ୍ୟାକୁ ପ୍ରୋତ୍ସାହିତ କରିଚାଲିଛନ୍ତି ଅନେକେ। ଯଜମାନର ମଙ୍ଗଳ କାମନା ନୁହେଁ, କେବଳ ନିଜର ଜିହ୍ୱାଲାଳସା ଚରିତାର୍ଥ କରିବା ସେମାନଙ୍କର ଲକ୍ଷ୍ୟ। ଏମାନଙ୍କୁ ଅନ୍ଧ ଭାବରେ ସମର୍ଥନ କରୁଥିବା ଲୋକମାନେ ବି କେବଳ ଅନ୍ଧବିଶ୍ୱାସୀ ନୁହନ୍ତି ପ୍ରବଳ ଭାବରେ ମାଂସଲୋଭୀ। ଠାକୁରାଣୀ ଯଦି ସତରେ ବଳି ପଶୁକୁ ଖାଉଥାଆନ୍ତେ, ତେବେ ଏମାନେ କେବେ ବି ଯୁକ୍ତି କରନ୍ତେନି ପଶୁବଳି ସପକ୍ଷରେ।

ଏଭଳି ଏକ ପୈଶାଚିକ ପରମ୍ପରାର ବିଲୋପ ପାଇଁ ସରକାରଙ୍କ ପାଖରେ ଅଛି ଅଖଣ୍ଡ କ୍ଷମତା। ଦିନେ କଠୋର ଆଇନ ବଳରେ ନରବଳି ପ୍ରଥାକୁ ଉଚ୍ଛେଦ କରିଥିଲେ ଇଂରେଜ ସରକାର। ବ୍ରିଟିଶ ରାଜତ୍ୱ କାଳରେ ଭାରତୀୟ ସମାଜକୁ କବଳିତ କରିଥିଲା ସତୀଦାହ ପ୍ରଥା। ରାଜା ରାମମୋହନ ରାୟଙ୍କ ଭଳି ସମାଜ ସଂସ୍କାରକଙ୍କ ନିରନ୍ତର ଉଦ୍ୟମ ଫଳରେ ଏଭଳି ଏକ ପ୍ରାଚୀନ ପରମ୍ପରାର ଉଚ୍ଛେଦ ହେଲା ଲର୍ଡ୍ ଉଇଲିୟମ ବେଣ୍ଟିକଙ୍କ ସମୟରେ। ଏକଦା ବାଲ୍ୟବିବାହ ପ୍ରଥାକୁ ଗ୍ରହଣକରି ବିଧବା ବିବାହ ଉପରେ କଟକଣା ଲଗେଇଥିଲା ଭାରତୀୟ ସମାଜ। ମାତ୍ର ତାହା ସମାଜ ପାଇଁ କ୍ଷତିକାରକ ବୋଲି ଜଣାପଡ଼ିବା ପରେ ସମାଜ ତାକୁ ଦେଖେଇଦେଲା ବିଲୁପ୍ତିର ରାସ୍ତା। ଅଥଚ ବଳିପ୍ରଥା ଭଳି ଆଦିମାନବର ଅଜ୍ଞତାପ୍ରସୂତ ଏକ ତାମସିକ ଅକାର୍ଯ୍ୟକୁ ବନ୍ଦ କରିବା ପାଇଁ ସାହସ ଜୁଟେଇ ପାରୁନାହାନ୍ତି ଗଣତାନ୍ତ୍ରିକ ଉପାୟରେ ନିର୍ବାଚିତ ସରକାର। ଭୋଟ ହାତଛଡ଼ା ହୋଇଯିବା ଭୟରେ ପ୍ରଦର୍ଶନ କରୁଛନ୍ତି କୁକୁର ଲାଙ୍ଗୁଳ ଜାକିଲା ପରି କାପୁରୁଷତା। ଅନେକ ସ୍ଥାନରେ ବଳିପ୍ରଥାକୁ ଲୋକଙ୍କ ସଂସ୍କୃତି ଓ ପରମ୍ପରା କହି ସମର୍ଥନ ଜଣାଉଛନ୍ତି ସ୍ଥାନୀୟ ନେତାମାନେ। ଏହି କାରଣରୁ ବଲାଙ୍ଗୀର ଜିଲାର ବିଭିନ୍ନ ଶୁଲିଆ ପୀଠକୁ ନେଇ ଏକ ଗଣଉନ୍ମାଦନାରେ ପରିଣତ ହେଲାଣି ଶୁଲିଆ ଯାତ୍ରା। ଆମ ଶୃଙ୍ଖଳିତ ସମାଜ ବ୍ୟବସ୍ଥା ପ୍ରତି ଗଣଉନ୍ମାଦନା ଯେ ଏକ ଅଭିଶାପ- ସରକାର ଏ କଥା ନ ବୁଝିବା ଅତ୍ୟନ୍ତ ପରିତାପର ବିଷୟ।

ସାଧାରଣତଃ ଆଧ୍ୟାତ୍ମିକ ପରିବେଶ ସୃଷ୍ଟିକରିବା ହେଉଛି ଆମ ପର୍ବପର୍ବାଣି ପାଳନର ମୂଳକଥା। ସେହି ଆଧ୍ୟାତ୍ମିକ ପରିବେଶରେ ଭକ୍ତିଭାବ ସାଙ୍ଗକୁ ପ୍ରାଣକୁ ଆହ୍ଲାଦିତ କରେ ଶ୍ରଦ୍ଧା ଓ ସହୃଦୟତା। ମାତ୍ର ଜୀବହତ୍ୟା କ'ଣ ସେହି ଶ୍ରଦ୍ଧା ଓ ସହୃଦୟତାର ନିଦର୍ଶନ? ବଳିପ୍ରଥାର ପକ୍ଷଧରମାନେ ବିବେକକୁ ଅଗ୍ରାଧିକାର ଦେଇ ଏ କଥା ନିଜକୁ ପଚାରିବା ଉଚିତ। ଭାଗବତର ଅମୂଲ୍ୟବାଣୀ ଅନୁସାରେ ଜୀବବଧର ଶାସ୍ତି ହେଉଛି ନର୍କବାସ- 'ଜୀବ ମାରଣେ କର୍ମ କରେ, ନରକେ ପଡ଼େ ଅନ୍ତକାଳେ।' 'ଜୀବରେ ଯା'ର ଦୟା ନାହିଁ, ଉଦ୍ଧବ ଚଣ୍ଡାଳଟି ସେହି।'

ବିଜୁ ପଟ୍ଟନାୟକ ନଗର, ଭଦ୍ରକ,
ମୋ- ୯୪୩୮୮୫୫୦୮୮

# ଆସ ମା' ଦୁର୍ଗେ



ଡ. ଭାଗ୍ୟଲିପି ମଲ୍ଲ

କାଶତଣ୍ଡୀର ଶୁଭ୍ର ମେଳଣରେ ଏବେ ସୃଜନର ମୂର୍ଚ୍ଛନା। ପତଳା କୁହୁଡ଼ିଆ ଆକାଶରେ ଜହ୍ନ ପିନ୍ଧିଛି ଧଳାବଉଦର ମାଳ। ଅଧା ଛାଇ ଅଧା ଆଲୁଅର ଖେଳରେ ଆସକ୍ତ ଧରିତ୍ରୀର ଛାତି। ଆକାଶ ଦେଖୁଛି ମୁହଁ ମାଟିଦର୍ପଣରେ। ଠିକ୍ ଏଇ ସମୟରେ ଧରାବତରଣ କରୁଛନ୍ତି ମା' ଦୁର୍ଗା, ଦୁର୍ଗତିନାଶିନୀ। ତାଙ୍କ ଆଗମନର ଆବାହନୀରେ ଭୂମିରୁ ଆକାଶ, ସବୁଠି ଶୁଭ୍ରତାର ସମାରୋହ। ସକଳ ସୃଷ୍ଟିରେ ଶରତର ମଧୁର ଆଶ୍ଳେଷ। ସେହି ଆଶ୍ଳେଷରେ ସମାହିତ ଶକ୍ତି ଏକ ଦିବ୍ୟ ଅନୁଭବ। ସେ ଶକ୍ତି ଜନ୍ମ ଓ ମୃତ୍ୟୁ, ଯନ୍ତ୍ରଣା ଓ ଆନନ୍ଦର କାରଣ। ତା' ବିନା କିଛି ସମ୍ଭବ ନୁହେଁ। ତେଣୁ କୁହାଯାଏ ସେ ଜନ୍ମ ଓ ମୃତ୍ୟୁର ଊର୍ଦ୍ଧ୍ୱସ୍ଥ ଏକ ଦିବ୍ୟ ସତ୍ତା। ସକଳ ଚେତନାର ଉତ୍ସ। ଆମେ ଆଜି ସେଇ ଉତ୍ସକୁ ଆହ୍ୱାନ କରୁଛୁ।

ତାଙ୍କ ରୂପ ଓ ଭାବରେ ଅସଂଖ୍ୟ ବୈଚିତ୍ର୍ୟ। ସେ ତ ଶାନ୍ତ, ସ୍ନିଗ୍ଧ, ମମତାର ଝରଣାଟିଏ। ତା'ହେଲେ ଆମେ ଯେଉଁ ରୂପ ତାଙ୍କର ଦେଖୁଛେ, ସେଥିରେ ଏତେ ଉଗ୍ରତା କାହିଁକି। କାହିଁକି ତାଙ୍କର ଅଗ୍ନିବର୍ଷୀ ଆଖି, ହାତରେ ତ୍ରିଶୂଳ ଓ ଅନ୍ୟାନ୍ୟ ଆୟୁଧ? ମା'ତ ସବୁବେଳେ ମମତାମୟୀ, ସ୍ନେହମୟୀ, କରୁଣାମୟୀ! ଏମିତି ରୂପରେ କାହିଁକି ତା'ହେଲେ ତାଙ୍କର ଧରାବତରଣ?

ପ୍ରତି ଦଶହରା ଅବକାଶରେ ମା' ଦୁର୍ଗା ମହିଷାସୁରକୁ ବଧ କରୁଥିବାର ଅବତାରରେ ଆମ ପାଖରେ ଉଭା ହେଉଛନ୍ତି। ଆମକୁ ମନେପକେଇ ଦେଉଛନ୍ତି, କିଏ ଏଇ ମହିଷାସୁର? ହଁ, ଏଇ ମହିଷାସୁର, ଯିଏ ନିଜ ମା'ର ସୃଜନ ଓ ସୃଷ୍ଟିର ଉଲଙ୍ଗ ସତ୍ୟକୁ ଭୋଗ କରିବା ପାଇଁ ଉନ୍ମାଦ ହୋଇ ଉଠିଥିଲା। ତେଣୁ ହିଁ ତ୍ରିଭୁବନ ବିଜୟୀ ମହିଷାସୁରର ଦର୍ପ, ସାମର୍ଥ୍ୟ, ଅହଂକାର ମୁହୂର୍ତ୍ତକରେ ଚୂନା ହୋଇଗଲା। ଯିଏ ଦୁର୍ଗତିନାଶିନୀ, ଅମିତ ଶକ୍ତିର ଅଧିକାରିଣୀ ତା' ପାଖରେ କଳୁଷିତ ଇଚ୍ଛାର ପରିଣତି ମୃତ୍ୟୁ ଛଡ଼ା ଆଉ କ'ଣ ହୋଇପାରେ?

ମା' ଏବେ ମହିଷାସୁରକୁ ଭୂଲୁଣ୍ଠିତ କରିଦେଲେ। ତା'ର ପାପ-ଇଚ୍ଛାର ପରିଣାମ ତା'କୁ ଭୋଗ କରିବାକୁ ଛାଡ଼ିଦେଲେ। ମାତ୍ର କେମିତି ଏକ ଅସହାୟତା ତାଙ୍କୁ ବିବ୍ରତ କରୁଥିଲା। ସେ କ୍ରୋଧରେ ଅନ୍ଧୁଣୀ ହୋଇଗଲେ। ପୁତ୍ରହନ୍ତା ଜଣେ ଅସହାୟ ମା'ର କରୁଣ ଆର୍ତ୍ତନାଦ ତାଙ୍କ ଭିତରେ। କ'ଣ କରିବେ ଏବେ ସେ? ଦୁଷ୍ଟପୁଅର ଅବର୍ତ୍ତମାନରେ ତାଙ୍କ ଆଖିରେ ଅନ୍ଧାର ଘୋଟିଗଲା। ଲାଗିଲା, ନା ତାଙ୍କ ସକଳ ସୃଷ୍ଟିର ସବୁ ମଣିଷ ଠିକ୍ ଏଇ ଅନ୍ଧପୁଅ ପରି। ଏଭଳି ସନ୍ତାନ ରହିବା ଉଚିତ ନୁହେଁ। ତେଣୁ ସେ କାହାକୁ ଆଉ ବଞ୍ଚିବାକୁ ଦେବେନି। କାହାକୁ ବି ନୁହେଁ। ଏଇଠି ଦେବୀ ଦୁର୍ଗାଙ୍କର ଭାବ ଓ ରୂପର ରୂପାନ୍ତର। ତାଙ୍କର ପରବର୍ତ୍ତୀ ରୂପାନ୍ତର ମା' କାଳୀ। ମଣିଷ ଭିତରେ ଲୁଚି ରହିଥିବା ମହିଷାସୁରରୂପୀ ପାପଶକ୍ତିକୁ ବିନାଶ କରିବାକୁ ସେ ବଦ୍ଧପରିକର।

ଆମେ ଆଜି ତାଙ୍କରି ଆରାଧନା କରୁଛୁ। କହୁଛୁ, ହେ ମା'! ଆମେ ତୋରି ଅଂଶ। ତୋ ପ୍ରେମ ଓ ତ୍ୟାଗକୁ ଆମେ ବୁଝିପାରୁନୁ। ଅନ୍ଧ ହୋଇ ଯାଉଛୁ, ଅହଂକାରୀ ହୋଇଯାଉଛୁ, ଠିକ୍ ମହିଷାସୁର ପରି। ଆମ ଚେତନାରେ ସୃଷ୍ଟିର ସକଳ କଳୁଷ ଭରିଯାଇଛି। ଆମକୁ ଆତ୍ମସଚେତନ, ଅହଂମୁକ୍ତ କରିଦେ। ଆମର କୁପ୍ରବୃତ୍ତିକୁ ନାଶ କରିଦେ।

ଶାସ୍ତ୍ରରେ କୁହାଯାଇଛି, ଜୟ କରିବାର ଶକ୍ତି ଯାହାଦ୍ୱାରା ଅର୍ଜନ କରାଯାଏ, ତାହାହିଁ ଶକ୍ତି। ବରାହପୁରାଣରେ ପ୍ରଭାବ, ଉତ୍ସାହ ଓ ମନ୍ତ୍ରଶକ୍ତି ଭେଦରେ ରହିଛି ତ୍ରିବିଧ ଶକ୍ତିର ବର୍ଣ୍ଣନା। ପରମାତ୍ମା ଯେପରି ବ୍ରହ୍ମା, ବିଷ୍ଣୁ, ମହେଶ୍ୱର ରୂପରେ ବର୍ତ୍ତମାନ, ଶକ୍ତି ସେହିଭଳି ବ୍ରାହ୍ମୀ, ବୈଷ୍ଣବୀ ଓ ରୌଦ୍ରୀ ନାମରେ ଆରାଧିତା। କ୍ରିୟା, ଜ୍ଞାନ ଓ ଇଚ୍ଛାର ଦ୍ୟୋତକ ଓଁ। ଦେବୀପୁରାଣରେ ଆଦିମା' ବିଶ୍ୱସୃଷ୍ଟିର ମୂଳକାରଣ। ବୈଦିକ ଯୁଗର କ୍ରିୟାକାଣ୍ଡ ମଧ୍ୟରେ ମା' ଅଦିତି, ଉଷା, ସରସ୍ୱତୀ, ପୃଥିବୀ, ରାତ୍ରି, ଇଡ଼ା, ଭୀଷଣା, ଶଚୀ ଶ୍ରଦ୍ଧା, ଗୌରୀ, ସ୍ୱାହା ଆଦି ଚାଳିଶଟି ନାଁରେ ବନ୍ଦିତା। ଅଦିତି ଦେବଗଣଙ୍କର ଜନନୀ, ସରସ୍ୱତୀ ଜ୍ଞାନର, ପୃଥିବୀ ଶସ୍ୟର ଓ ଇଡ଼ା ପୁଷ୍ଟିର ଦେବୀ। ମନୁସଂହିତାରେ ସେ ଭଦ୍ରକାଳୀ, ଶ୍ରୀ, ଭବାନୀ, ଦୁର୍ଗା ଓ ଜ୍ୟେଷ୍ଠା। ବେଦଭାଷ୍ୟରେ ଜଗଦ୍ଧାତା, ପାର୍ବତୀ ଓ ରୁଦ୍ରପତ୍ନୀ। ଅମରକୋଷରେ ଗିରିସୁତା, ଉମା, ହୈମବତୀ ଓ କାଳୀ। ରାମାୟଣରେ ଉମା, ଗିରିଜା, ରୁଦ୍ରାଣୀ, ପାର୍ବତୀ, କାମରୂପିଣୀ, ନାଗମାତା, ସୁରତା, ସିଂହିକା, କାଳରାତ୍ରୀ। ମାର୍କଣ୍ଡେୟପୁରାଣର ବିଭିନ୍ନ ସ୍ତୁତିରେ ଶକ୍ତି-ସ୍ୱରୂପର ବୈଚିତ୍ର୍ୟ ସ୍ପଷ୍ଟ। ସେ ସକଳ ଦୁର୍ଗ(ଦୁର୍ଗତି) ନାଶିନୀ। ତେଣୁ ସେ ଦୁର୍ଗା। ଆମେ ଆଜି ତାଙ୍କରି ଆବାହନ କରୁଛୁ।

ସେ ପ୍ରକୃତି। ସେ ନାରୀ। ସେ ସକଳ ଶକ୍ତିର ଉତ୍ସ। ତେଣୁ ପୃଥିବୀର ସବୁଭୂମିର ମଣିଷ ସଭ୍ୟତାର ଉଷାକାଳରେ ପ୍ରକୃତି ଓ ନାରୀକୁ ପୂଜା କରିଆସିଛି। ଦୁର୍ଗାପୂଜାରେ ମାଟିଘଟଙ୍କୁ ଆମେ ତାଙ୍କର ପ୍ରତିରୂପା ଭାବରେ ପୂଜା କରୁଛୁ। ଆମ ଆନନ୍ଦ ଓ ସୁଖ ପାଇଁ ନିଜର ସକଳ ଭାବ ଓ ସମ୍ପଦକୁ ସମର୍ପଣ କରୁଛୁ।

ଦଶହରାର ପବିତ୍ର ଅବସରରେ ଆମେ ତାଙ୍କ ଭାବ ଓ ରୂପକୁ ଦେଖୁଛୁ। କେଉଁଠି ସେ ଦଶଭୁଜା, କେଉଁଟି ବାରଭୁଜା ତ କେଉଁଠି ସହସ୍ରଭୁଜା। ସତରେ କ'ଣ ତାଙ୍କର ଦଶ, ବାର କି ସହସ୍ର ହାତ? ନା! ହାତଗୁଡ଼ିକ ତାଙ୍କ ଅକଳିତ ଶକ୍ତିର ପ୍ରତୀକ। ସିଂହ ତାଙ୍କର ବାହନ। ଅର୍ଥାତ୍ ସୃଷ୍ଟିର ସବୁଠାରୁ ଶକ୍ତିଶାଳୀ ଜୀବ ତାଙ୍କର ଆୟତ୍ତାଧୀନ। କେତେ କେତେ ବିଚିତ୍ର ରୂପ ତାଙ୍କର! ଭାବ ଅନୁରୂପା। ସେ ପୁଣି ମହାକାଳୀ, ମହାଲକ୍ଷ୍ମୀ, ମହାସରସ୍ୱତୀ। ଆସ ଆମେ ପ୍ରାର୍ଥନା କରିବା- ହେ ମା'! ଆବିର୍ଭୂତା ହୁଅ। ଆମ ଭିତରେ ଭରିଦିଅ ଜୀବନୀ ଶକ୍ତି ଓ ଉତ୍ସାହ। ଆମ ଚେତନାକୁ ଦିବ୍ୟ କରିଦିଅ।

bhagyalipimalla@gmail.com

## ଏଇ ଭାରତରେ

ଅନ୍ନଚିନ୍ତା ଚମତ୍କାରା। କ୍ଷୁଧା ଓ ଦାରିଦ୍ର୍ୟରେ ପେଷି ହେଉଥିବା ବ୍ୟକ୍ତି ହିତାହିତ ଜ୍ଞାନ ହରାଇବସେ। କ୍ଷୁଧା ପ୍ରପୀଡ଼ିତ ମା' ପାଖରେ ସ୍ନେହମମତାର ମୂଲ୍ୟ କିଛି ନାହିଁ। ପିଲାଙ୍କ ଭୋକିଲା ପେଟକୁ ଆହାର ଯୋଗାଇପାରୁ ନ ଥିବା ମା' ସେମାନଙ୍କ ଦୁଃଖକଷ୍ଟ ସହ୍ୟ କରି ନ ପାରି ବିନାଶ କରିଦେବାକୁ ବି ଇଚ୍ଛାକରେ। ଏପରି ଏକ ଦୁଃଖଦ ଘଟଣା ଗୁଜରାଟର ଅହମଦାବାଦଠାରେ ଘଟିଛି। ଗୁଜରାଟର ଭାବନଗର ବାସିନ୍ଦା ଏହି ମହିଳା ଜଣକ ହେଉଛନ୍ତି ଗୀତାବେନ୍ ଭାଲିଆ (୪୦)। ସ୍ୱାମୀଙ୍କୁ କଥାଦେଇ ସୋମବାର ସନ୍ଧ୍ୟାରେ ୫ ପିଲାଙ୍କୁ ମନ୍ଦିର ବୁଲାଇ ନେଇଥିଲେ। ଘରଠାରୁ କିଛିଦୂର ପଞ୍ଚପିପ୍ଲାଠାରେ ପହଞ୍ଚିବା ପରେ ସେ ପିଲାଙ୍କୁ ଗୋଟି ଗୋଟି କରି ଏକ କୂଅ ଭିତରକୁ ପକାଇଦେଇ ନିଜେ କୂଅକୁ ଡେଇଁପଡିଲେ। ଏହି ଖବର ପ୍ରଚାର ହେବାକ୍ଷଣି ଗ୍ରାମବାସୀମାନେ ରୁଣ୍ଡ ହୋଇଯାଇଥିଲେ। ଦେଢ଼ବର୍ଷରୁ ୭ବର୍ଷ ବୟସ ମଧ୍ୟରେ ଗୋଟିଏ ଝିଅ ଏବଂ ୩ ପୁଅ କୂଅରେ ବୁଡି ପ୍ରାଣ ହରାଇଥିବା ବେଳେ ସମ୍ପୃକ୍ତ ମହିଳା ଏବଂ ୮ବର୍ଷ ବୟସର ବଡ଼ଝିଅକୁ ଉଦ୍ଧାର କରାଯାଇଥିଲା। ଗ୍ରାମବାସୀ ପୋଲିସକୁ ସୂଚନା ଦେବା ପରେ ମୃତ ୪ ପିଲାଙ୍କୁ କୂଅରୁ ଉଦ୍ଧାର କରାଯାଇଥିଲା। ହତ୍ୟା ଅଭିଯୋଗରେ ମହିଳାଙ୍କୁ ଗିରଫ କରାଯାଇଛି। ପୋଲିସ ଜେରା କରିବା ପରେ ଗୀତାବେନ୍ କହିଛନ୍ତି, ତାଙ୍କ ସ୍ୱାମୀ ହେଉଛନ୍ତି କୃଷି ଶ୍ରମିକ। ସବୁଦିନ ମଜୁରି ମିଳେନାହିଁ। ଦାରିଦ୍ର୍ୟ ଯୋଗୁ ୫ ପିଲାଙ୍କ ଭୋକିଲା ପେଟକୁ ଆହାର ଯୋଗାଇବାକୁ ସେ ଅସମର୍ଥ ହୋଇପଡ଼ିଥିଲେ। ଜୀବନ ପ୍ରତି ବୀତସ୍ପୃହ ହୋଇ ସେ ଆଉ ବଞ୍ଚିବାକୁ ଇଚ୍ଛା କରି ନ ଥିଲେ। ପିଲା ୪ଟିଙ୍କୁ ହରାଇବାର ଦୁଃଖରେ ମହିଳା ଜଣକ ମ୍ରିୟମାଣ ହୋଇପଡ଼ିଥିବା ବେଳେ ରୁଣ୍ଡ ହୋଇଥିବା ଗ୍ରାମବାସୀଙ୍କ ଆଖିରୁ ଲୁହ ଝରିଆସିଥିଲା।

## ୨୫ ବର୍ଷ ତଳର ଧରିତ୍ରୀ

୧୭ ଅକ୍ଟୋବର ୧୯୯୩

- ଚାଇନାର କୌଣସି ବ୍ୟକ୍ତି କିମ୍ବା ପରିବାର ବିଦେଶୀ ଟେଲିଭିଜନ ନ ଦେଖିବା ପାଇଁ ଏବଂ କୌଣସି କଳକାରଖାନାରେ ବିଦେଶୀ ଟେଲିଭିଜନ ପ୍ରସାରଣକୁ ନ ଦେଖାଇବା ପାଇଁ ଚାଇନା ସରକାର ଏକ ଅଧ୍ୟାଦେଶ ଜାରି କରିଛନ୍ତି।
- ସମ୍ବଲପୁର ଜିଲା ଲପଙ୍ଗାଠାରେ ଏକ ୫୦୦ ମେଗାୱାଟ ଶକ୍ତିସମ୍ପନ୍ନ ତାପଜ ବିଦ୍ୟୁତ୍ କେନ୍ଦ୍ର ପ୍ରତିଷ୍ଠା କରିବା ପାଇଁ ରାଜ୍ୟ ସରକାର ଏବଂ ଆମେରିକାର ପାୟୋନିୟର ଏଜେନ୍‌ସୀ ମଧ୍ୟରେ ଏକ ବୁଝାମଣାପତ୍ର ସ୍ୱାକ୍ଷରିତ।

## ଚିରନ୍ତନୀ

ଜଳର ଏ ଯେ କଳ-ବେଦନା
ତୁଟାଇ ତବ ସବୁ ସାଧନା
ଝିଲ୍ଲୀ ଭେକ ଚଉପାଶରେ କାନ୍ଦଇ
ପରାଣ ମନ ନିଗଡ଼ ପାଶେ ବାନ୍ଧଇ।
ଶୀତଳ ବାରି ଝରଇ ଭାଲେ
ଧରି ଚିବୁକ ଚୁମଇ ଗାଲେ,
ଶୀକର ବାଆ ବକ୍ଷୁ କାଢ଼େ ଅଞ୍ଚଳ
ଆର୍ଦ୍ରତବ ବାହୁଯୁଗଳ କୁନ୍ତଳ।
(ବର୍ଷା ନାୟିକା)
-କାଳିନ୍ଦୀ ଚରଣ ପାଣିଗ୍ରାହୀ

## su|do|ku ସୁ-ଡୋ-କୁ

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| | | | B | 0 | | | 7 | 5 | 4 | | A | | | |
| | | | 9 | | | | 6 | | 8 | E | | 4 | | |
| 2 | | 7 | | | | | | 4 | | | B | | | |
| | | A | | 5 | | 8 | | 3 | 2 | 6 | 1 | | B | |
| | 6 | | C | | | D | | | | 9 | | | | 0 |
| | C | | A | 6 | | 0 | | | | | 2 | E | | |
| 8 | | 3 | | | | | 4 | | | | | 7 | 0 | B |
| 7 | 5 | | | | | | | 6 | | | 0 | | | |
| | | 4 | 8 | 9 | | C | 2 | E | | | | A | 3 | |
| | | 9 | | | D | | | | | 4 | | | 1 | |
| | | 0 | | | | | | B | 3 | 5 | | | | A |
| | A | | D | | | 3 | | | 1 | | | | | 9 |
| | | E | | B | | | | 1 | | | | | 4 | |
| | 9 | | 3 | 2 | A | E | | C | | | | | | |
| | B | | | | | 4 | D | 7 | 9 | | | 1 | | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୦ରୁ ୯ ପର୍ଯ୍ୟନ୍ତ ଅଙ୍କ ଓ Aରୁ E ପର୍ଯ୍ୟନ୍ତ ଇଂଲିଶ ଲିପି ରହିବ।

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| 1 | 3 | 0 | B | A | 2 | 6 | 4 | 7 | 9 | D | 5 | C | 8 | E |
| 7 | B | 6 | E | 0 | C | 3 | 8 | 5 | 2 | 1 | A | 4 | D | 9 |
| 8 | C | D | 1 | 5 | 6 | 9 | A | E | B | 4 | 3 | 7 | 2 | 0 |
| 2 | 4 | E | 8 | D | 9 | B | 0 | 1 | 7 | C | 6 | 3 | 5 | A |
| 9 | 5 | A | 7 | 4 | 3 | D | C | 2 | 0 | E | 8 | 1 | 6 | B |
| 5 | 7 | 9 | D | 6 | A | 4 | 2 | C | E | 0 | 1 | B | 3 | 8 |
| 3 | 0 | 1 | C | 8 | E | 7 | 9 | B | A | 5 | D | 6 | 4 | 2 |
| 4 | A | C | 2 | 3 | 1 | 0 | D | 8 | 6 | B | 9 | 5 | E | 7 |
| B | E | 2 | 0 | 9 | 7 | 5 | 3 | 6 | 4 | 8 | C | D | A | 1 |
| 6 | D | 8 | 5 | B | 4 | 1 | E | A | 3 | 7 | 2 | 0 | 9 | C |
| A | 1 | 4 | 3 | 2 | 0 | 8 | 5 | D | C | 9 | B | E | 7 | 6 |
| E | 6 | 5 | A | 1 | B | 2 | 7 | 9 | D | 3 | 0 | 8 | C | 4 |
| 0 | 9 | 7 | 6 | C | D | E | 1 | 3 | 8 | 2 | 4 | A | B | 5 |
| D | 8 | B | 9 | 7 | 5 | C | 6 | 4 | 1 | A | E | 2 | 0 | 3 |
| C | 2 | 3 | 4 | E | 8 | A | B | 0 | 5 | 6 | 7 | 9 | 1 | D |

ଗତକାଲିର ଉତ୍ତର

## ପାଠକ ଶ୍ରେଷ୍ଠ ବିଚାରକ

### ଶ୍ରୀମନ୍ଦିରରେ ବଳିପ୍ରଥା

ମହାଶୟ,

ନ୍ୟାୟାଳୟ ଦ୍ୱାରା ନିଯୁକ୍ତ ଆମିକସକ୍ୟୁରି ଗୋପାଳ ସୁବ୍ରମଣ୍ୟମ୍ ଦୁଇଦିନିଆ ପୁରୀ ଗସ୍ତରେ ଆସି ଅନୁସନ୍ଧାନ କରିଥିଲେ। ଏହି ଅବସରରେ ସେ ସେବାୟତଙ୍କୁ ଉପଦେଶ ଦେଇ କହିଲେ ଯେ, ସେମାନେ ବେଦ, ଉପନିଷଦାଦି ପଢି ସଂସ୍କାରିତ ହେବା ସାଙ୍ଗକୁ ନିରାମିଷାଶୀ ହେବା ଦରକାର ଏବଂ ପାନ, ଗୁଟଖା ଖାଇ ମନ୍ଦିରକୁ ପ୍ରବେଶ କରିବା ଅନୁଚିତ। ଏହି ସମୟରେ ଜଣେ ସେବକ ତାଙ୍କୁ କହିଲେ ଯେ, ବିମଳାଙ୍କ ମନ୍ଦିରରେ ଜୀବ ବଳି ଦିଆଯାଏ। ଏହା ଶୁଣି ସେ ଆଶ୍ଚର୍ଯ୍ୟ ହୋଇ କହିଲେ ଯେ, ବିଷ୍ଣୁ ମନ୍ଦିରରେ ବଳି କିପରି ସମ୍ଭବ? ବଳିପ୍ରଥା ଜଗନ୍ନାଥ ସଂସ୍କୃତିରେ କେଉଁ ଶାସ୍ତ୍ରରେ ଲିପିବଦ୍ଧ ହୋଇଛି ଓ ବଳିପ୍ରଥା ଅନ୍ୟ ମନ୍ଦିରରେ ନିଷିଦ୍ଧ ହୋଇଥିବା ପରି ଶ୍ରୀମନ୍ଦିରରେ ନିଷିଦ୍ଧ ହୋଇପାରିବ କି ନାହିଁ, ଏ ବିଷୟରେ ମନ୍ଦିର ମୁଖ୍ୟ ପ୍ରଶାସକ ସ୍ପଷ୍ଟୀକରଣ ଦେବାକୁ ଅନୁରୋଧ।

ହାଡିବନ୍ଧୁ ଖଣ୍ଡୁଆଳ, କୋଟିତୀର୍ଥ, ଭୁବନେଶ୍ୱର

### ଭୋଟର ସାବଧାନ

ଆଜିକାଲି ବଡ଼ ବଡ଼ ବ୍ୟବସାୟ ପ୍ରତିଷ୍ଠାନ ଖୁଚୁରାଶୂନ୍ୟ ବେପାର କରୁଛନ୍ତି। ଛୋଟ ଛୋଟ ବେପାରୀ ମଧ୍ୟ ସେ ପଥ ଅନୁସରଣ କରି ଖୁଚୁରା ଫେରସ୍ତ ନ କରି କିଛି ଚକୋଲେଟ ଧରେଇ ଦେଇ ଏକା ସାଙ୍ଗରେ ୨ଟି ବେପାର କରୁଛନ୍ତି। ଯେପରି ରିହାତି ପ୍ରଥାରେ ୨୫% ଏକ୍‌ଷ୍ଟ୍ରା ବିଜ୍ଞାପନ। ଏବେ ଭିକାରି ମଧ୍ୟ ୧, ୨ ଟଙ୍କା ନେବାକୁ ପସନ୍ଦ କରୁନାହାନ୍ତି। ୫୦, ୨୫ ପଇସା କଥା ପଚାରେ କିଏ? ଆଗକୁ ଭୋଟ ଆସୁଛି। ପିଲାଙ୍କୁ ଚକୋଲେଟ୍ ଦେଇ ଭଣ୍ଡେଇବା ପରି ଶିଳାନ୍ୟାସ, ଫଳକ, ଘୋଷଣା ରୂପକ ଚକୋଲେଟ୍ ଭୋଟରଙ୍କୁ ଭଣ୍ଡେଇବା ପାଇଁ ପ୍ରଯୁକ୍ତ ହେବ। ଭୋଟର ସାବଧାନ ହେବା ଦରକାର।

ରମାକାନ୍ତ ପୁରୋହିତ, ନିରାକାରପୁର, ଖୋର୍ଦ୍ଧା

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)


MARUTI SUZUKI
SHUBH NAVRATRI
CELEBRATE NAVRATRI
WITH OUR INCREDIBLE OFFERS.
Buy your favourite Maruti Suzuki Car this festive season and
get assured exciting prizes and a chance to win a trip to Paris.
DZIRE
SWIFT
Scratch & win Contest
GET SURPRISE GIFT
★ Mega Bumper Prize CelerioX* ★ A Trip To Paris ★ LED TV
★ Apple iPhone 7 ★ Apple iPad ★ Phillips Speaker
★ More Exciting Prizes
Dzire Save Upto ₹40,000* | Swift Save Upto ₹35,000*
E-BOOK TODAY AT WWW.MARUTISUZUKI.COM OR VISIT YOUR NEAREST MARUTI SUZUKI DEALERSHIP.
DZIRE | SWIFT
ODYSSEY MOTORS
• ANGUL: 7752076136,9776901481
• PALLAHARA: 7873565435,9437831123
JYOTE MOTORS
• BHUBANESWAR: LEWIS ROAD - 9776615020, 9776615035, 9776615032
NAYAPALLI - 7381355999, 7381366999 • KEONJHAR: 8599019854,
7064493469 • BARIPADA: 9437102597 • BHADRAK: 7381064240
• NAYAGARH: 7381028515 • BALASORE: 7064499108
SKY AUTOMOBILES
• BHUBANESWAR: 9776645711
• CUTTACK: 9776677771, 7381873818
• DHENKANAL: 9776900005 • JAJPUR: 9776900777
NARAYANI MOTORS
• BHUBANESWAR: 7381094890/0674-2588474,
0674-2588475, 0674-2588473
• PURI: 9583022035
• PARADEEP:9583022034/06722-228044
*Terms and conditions applicable. The Terms and Conditions are subject to change without any prior notice. All offers are brought to you by Maruti Suzuki Dealers only. Offers are applicable on selected car models. Car models and accessories shown may vary from the actual product. Images used are for illustration purpose only. Savings mentioned above includes consumer offer and exchange bonus. All offers and the savings given above are applicable for the month of October'18 only. Scratch and Win Offer is applicable on all models and is valid from 5th – 31st October'18. In lucky draw, the mega bumper prize is CelerioX VXI AGS. Refer terms and conditions for Lucky draw in lucky draw coupon provided during the time of delivery. Offers as shown above may change without any prior notice.


SUZUKI
Way of Life!
SUZUKI
GOLD RUSH
BUY ANY SUZUKI TWO-WHEELER.
GET AN ASSURED GIFT**
& A CHANCE TO WIN UP TO
2g* GOLD COIN
BURGMAN STREET
Access 125
Special Edition
GIXXER SF SP
INTRUDER
* **T&C apply. Offer valid from 1st Oct, 2018 to 31st Oct, 2018.
LOAN AMOUNT UP TO 100%* ON SCOOTERS, AND 0%* RATE OF INTEREST ON GIXXER AND INTRUDER.
CORPORATE OFFER - FOR ALL GOVT., PSU AND SELECTED CORPORATE EMPLOYEES - UP TO ₹3,000/-*
Scan and Book
Paytm mall OFFER - BENEFIT UP TO ₹8,000/-*
AXIS BANK GET ADDITIONAL 10%* CASHBACK UP TO ₹2,500/-* ON USING AXIS BANK CARDS ON PAYTM MALL
SUZUKI BRANDED HELMET**
22 KARAT 1g GOLD COIN (LUCKY DRAW)*
22 KARAT 2g GOLD COIN (LUCKY DRAW)*
Disclaimer: • Images used are for illustration purposes only. • Accessories shown in the pictures are not a part of the standard product and may vary from variant to variant. • Fuel efficiency as certified by iCAT under rule 115 of CMVR, 1989.
• Finance at sole discretion of the finance company. • The methodology of the prize distribution is at the sole discretion of the company. • "Assured Gift" consumer offer is from Suzuki Motorcycle Authorized dealer(s).
• Helmet warranty will be at the discretion of the helmet manufacturer. • AXIS Bank Offer is applicable on Credit & Debit cards. Max Cashback of ₹2,500/-. Valid from 16th - 19th Oct, 2018. Also valid on EMI transactions.
Ride safe. Wear a helmet.
For further information call Suzuki Motorcycle India Private Limited (toll-free): 1800 - 121 - 7996 or write to us at: customer.queries@suzukimotorcycle.in
Orissa: Bhubaneswar: Jyote Suzuki Patia, Ph: 8338033885, Super Sales Bapuji Nagar, Ph: 7873978600, 0674-2597491, 2597823, Cuttack: Shree Mahaveer Suzuki, Ph: 0671-2367441, 7440036300, 7440036303, Jajpur Road: Om Sai Suzuki, Ph: 8598899002, 8598899001, Berhampur: Berhampur Suzuki, Ph: 9437558282, 9040023499, 0680-2226633, 7873942227, Bhawanipatna: Aditya Suzuki, Ph: 9437092325, 06670-234475, Rourkela: Sinha Suzuki, Panposh Road, Rourkela, Ph: 7077704214, 9090246046, Jeypore: Surya Suzuki, beside IDBI BANK, Ph: 7873656466, 8763811186, Baripada: Seba Motors, Chhamch (Near Income Tax Office) Baripada, Ph: 8249440465, Keonjhar: Sai Kritika Suzuki, Madhupur Square, NH 49, Keonjhar, Ph: 9437056114, 8249660711, Bhadrak: Toshali Suzuki, Bonch Chowk, Near Bus Stand, Bhadrak, Ph: 7008217628, 9437084997, Sambalpur: Trinity Suzuki, NH -6, Panchgachia, Baraipali, Sambalpur, Ph: 7205950221, 8093450221.




# ସୁପର ସ୍ପେଶିଆଲିଟି ହସ୍ପିଟାଲ ଦାବି ଜୋର ଧରିଲା

**କୁଜଙ୍ଗ,୧୬।୧୦(ସ୍ୱ.ପ୍ର)**

ଭୁତମୁଣ୍ଡାଇଠାରେ ସୁପର ସ୍ପେଶିଆଲିଟି ହସ୍ପିଟାଲ ପ୍ରତିଷ୍ଠା ଦାବି ଜୋର ଧରିବାରେ ଲାଗିଛି। ଆଞ୍ଚଳିକ ସୁରକ୍ଷା ସମିତି ପକ୍ଷରୁ ଗତ ମାସ ୧୬ ତାରିଖରେ ଏନେଇ ଦାବି କରାଯିବା ପରେ ମଙ୍ଗଳବାର କେନ୍ଦ୍ରାପଡା ଜିଲା ଗଡ଼ ରୋମିତର ଉଆସ ପୋଖରୀ ନିକଟରେ ସମାବେଶ ହୋଇଛି। ସ୍ଥାନୀୟ ୩ ପଞ୍ଚାୟତର ମହିଳା ଓ ମୁରବୀମାନେ ଏଥିରେ ଯୋଗ ଦେଇଥିଲେ। ଦୁଷ୍ମନ୍ତ ସେଠୀ, ବିଓଶୁକ ପ୍ରଧାନ, ଶଶିକାନ୍ତ ମହାନ୍ତି ଓ ଶିକ୍ଷାବିତ୍ ଦଇତାରୀ ସ୍ୱାଇଁଙ୍କ ପୌରୋହିତ୍ୟରେ ହୋଇଥିବା ଏହି ସମାବେଶରେ ଅଞ୍ଚଳର ବହୁ ମୁରବୀ ଯୋଗ ଦେଇଥିଲେ। ପାରାଦୀପର ଶିଳ୍ପ ଯୋଗୁ ସେମାନଙ୍କ ସମସ୍ୟା ବୃଦ୍ଧି ପାଉଥିବା ଏଥିରେ ଅଭିଯୋଗ ହୋଇଥିଲା। ଜମି, ଜଳ ଆଦି ଶିଳ୍ପ ପାଇଁ ପ୍ରଦୂଷିତ ହେଉଛି। ଧାନ, ମିନ ସବୁ କିଛି ହରାଇ ଜିବୀକା ତ ମିଳିଲାନି ବରଂ ଜିବୀକା ଆଶାରେ ଗୋଡାଇ ଗୋଡାଇ ଏବେ ଜୀବନ ଟିକିକ ଯିବାକୁ ବସିଛି ବୋଲି ସମାବେଶରେ କୁହାଯାଇଥିଲା। ଏବେ କମ୍ ବୟସର ଲୋକଙ୍କୁ କର୍କଟ, ବୃକକ ଏପରି କି ହୃଦରୋଗ ହେଉଛି। ଏହି ଅଞ୍ଚଳକୁ ପ୍ରଦୂଷଣ ନିୟନ୍ତ୍ରଣ ବିଭାଗ ରେଡ୍ ଜୋନ ଘୋଷଣା କରିଛି। ୧୫ଟି ଶିଳ୍ପ ଥିବା ସତ୍ତ୍ୱେ ପେଟ୍ରୋକେମିକାଲ୍ସ ଓ ଜେଏସ୍‌ଡବ୍ଲୁ ପରି ଶିଳ୍ପ ପତିଷ୍ଠା ପାଇଁ ଉଦ୍ୟମ ଚାଲିଛି। ଏଭଳି ସ୍ଥିତିରେ ସାଧାରଣ ଲୋକଙ୍କ ସ୍ୱାସ୍ଥ୍ୟସେବା ପାଇଁ ସୁପର ସ୍ପେଶିଆଲିଟି ହସ୍ପିଟାଲ ପ୍ରତିଷ୍ଠା ଜରୁରୀ ବୋଲି ସମାବେଶରେ କୁହାଯାଇଥିଲା। ଏହି ଦାବି ପୂରଣ କରା ନ ଗଲେ ଆଗାମି ଦିନରେ ଦୁର୍ବାର ଜନ ଆନ୍ଦୋଳନ କରାଯିବ ବୋଲି ଚେତାବନୀ ଦିଆଯାଇଥିଲା। ହଜାର ହଜାର ଲୋକ ଏଥିରେ ସାମିଲ ହେବାକୁ ଆଞ୍ଚଳିକ ସୁରକ୍ଷା ସମିତି ଆବାହକ ରଘୁନାଥ ସାହୁ ଆହ୍ୱାନ ଦେଇଥିଲେ। ଶ୍ରୀବଲ୍ଲଭ କର, ସଞ୍ଜୟ କୁମାର ସ୍ୱାଇଁ, ଆଇନଜୀବୀ ସଞ୍ଜୟ କୁମାର ବେହେରା, ପ୍ରମୋଦ କୁମାର ଜେନା, ପବିତ୍ର ସାହୁ, ନାରୀନେତ୍ରୀ ମିନର୍ଭା ପରିଡା, ଜାନକୀ ମହାରଥୀ, ଭୁତମୁଣ୍ଡାଇ ସରପଞ୍ଚ ଜ୍ୟୋତିର୍ମୟୀ ସ୍ୱାଇଁ, ଦେବବାଳା ମହାପାତ୍ର, ଆଲୋକ ସାହୁ, ଦେବେନ୍ଦ୍ର ମହାନ୍ତି ପ୍ରମୁଖ ଯୋଗଦେଇ ବକ୍ତବ୍ୟ ପ୍ରଦାନ କରିଥିଲେ।

# କମ୍ପାନୀରେ ପ୍ରୋଟେକ୍ସନକୁ ନେଇ ବିବାଦ

**ପାରାଦୀପ,୧୬।୧୦(ସ୍ୱ.ପ୍ର)**

ପାରାଦୀପ ତୈଳ ବିଶୋଧନାଗାର ପରିସରରେ ଏକ ଠିକା କମ୍ପାନୀରେ ପ୍ରୋଟେକ୍ସନକୁ ନେଇ ବିବାଦ ସୃଷ୍ଟି ହୋଇଛି। ଏଥିରେ ଗୋଟିଏ ଗୋଷ୍ଠୀ ସ୍ଥାନୀୟ ଅଭୟଚାନ୍ଦପୁର ଥାନାରେ ଅଭିଯୋଗ କରିଛନ୍ତି। ରିପୋର୍ଟ ଲେଖାଯିବା ସୁଦ୍ଧା ମାମଲା ରୁଜୁ ହୋଇ ନ ଥିବା ପୋଲିସ ସୂତ୍ରରୁ ପ୍ରକାଶ। ମେଣ୍ଟେନାନ୍ସ କାମ ପାଇଥିବା ଶାର୍କ ଟ୍ୟାଙ୍କ କମ୍ପାନୀରେ ଜମିହରାଙ୍କୁ ନିଯୁକ୍ତି ଦେବା ନିମନ୍ତେ ଏକ ଦାବିପତ୍ର ଦେବାକୁ ସୋମବାର ଜମିହରା କୃଷକ ଏକତା ମଞ୍ଚ ସଂଗଠନର ରବୀନ୍ଦ୍ର ମାଝି ଓ ତାଙ୍କର କେତେଜଣ ସହଯୋଗୀ ଯାଇଥିଲେ। କିନ୍ତୁ ସେଠାରେ ପହଞ୍ଚିବା ପରେ କମ୍ପାନୀ ପକ୍ଷରୁ ସେମାନଙ୍କୁ ଜଣେ ଶ୍ରମିକନେତାଙ୍କ ନାମ କୁହାଯିବା ସହ ତାଙ୍କୁ ପଚାର ବୋଲି କୁହାଯାଇଥିଲା। ଏହି ସମୟରେ ସମ୍ପୃକ୍ତ ୟୁନିୟନ ନେତାଙ୍କ କେତେଜଣ ଖାସ ଅନୁଗତ ମାରଣାସ୍ତ୍ର ଧଣି ତାଙ୍କୁ ମାରିବା ପାଇଁ ଗୋଡାଇଥିଲେ ବୋଲି ରବୀନ୍ଦ୍ର ଥାନାରେ ଅଭିଯୋଗ କରିଛନ୍ତି। ଥାନାରେ ଅଭିଯୋଗ କରିବାକୁ ସେ ପହଞ୍ଚିବା ବେଳକୁ ସମ୍ପୃକ୍ତ ଶ୍ରମିକ ନେତା ଥାନା ଅଧିକାରୀଙ୍କ ପାଖରେ ବସିଥିଲେ ବୋଲି ରବୀନ୍ଦ୍ର କହିଛନ୍ତି। ଉକ୍ତ ଘଟଣା ଆଗାମୀ ଦିନରେ ରାଜନୈତିକ ମୋଡ଼ ନେବାର ଆଶଙ୍କା ରହିଛି।

# ୨ ମଦ ବ୍ୟବସାୟୀ, ୩ ଫେରାର ଅଭିଯୁକ୍ତ ଗିରଫ

**ରାହାମା,୧୬।୧୦(ଡି.ଏନ୍.ଏ.)**

ତିର୍ତୋଲ ଥାନାରେ ନୂତନ ଥାନା ଅଧିକାରୀ ଭାବେ ପ୍ରଶାନ୍ତ କୁମାର ମାଝି ଯୋଗଦେବା ପରେ ଆଇନ୍ ଶୃଙ୍ଖଳା ବ୍ୟବସ୍ଥାକୁ କଡାକଡି କରିଛନ୍ତି। ଏହି ଅବସରରେ ଗୋବରା ଗ୍ରାମର ଯଶୋବନ୍ତ ବେହେରାଙ୍କଠାରୁ ୭ଲିଟର ଓ ପଣ୍ଡୁଆ ଗୌଡସାହି ଗ୍ରାମର ଅକ୍ଷୟ କୁମାର ଜେନାଙ୍କଠାରୁ ୧୯ଲିଟର ମଦ ଜବତ ହୋଇଛି। ଏନେଇ ନଂ.୨୫୫ ଓ ୨୫୬/୧୮ରେ ମାମଲା ରୁଜୁ ହୋଇଛି। ଉଭୟଙ୍କୁ କୋର୍ଟଚାଲାଣ କରାଯାଇଛି। ଫେରାର ଅଭିଯୁକ୍ତ ଗଇଠିପୁର ଗ୍ରାମର ପ୍ରଶାନ୍ତ କୁମାର ମଲ୍ଲିକ, କୃଷ୍ଣାନନ୍ଦପୁର ଗ୍ରାମର ନିରଞ୍ଜନ ମଲ୍ଲିକ ଓ ବିସନପୁର ଗ୍ରାମର ଶେଖ୍ ଜମାର ଅଲ୍ଲିଙ୍କୁ ଗିରଫ କରାଯାଇଛି।






## ସଂକ୍ଷେପରେ

### କ୍ଲଷ୍ଟରସ୍ତରୀୟ ସୁରଭି କାର୍ଯ୍ୟକ୍ରମ

**ମାର୍ଶାଘାଇ,୧୬।୧୦(ଡିଏନ୍ଏ):** ମାର୍ଶାଘାଇ ବ୍ଲକ ଶାସନିପଡା ବିଦ୍ୟାଳୟ ପରିସରରେ କ୍ଲଷ୍ଟରସ୍ତରୀୟ ସୁରଭି କାର୍ଯ୍ୟକ୍ରମ ଇତିମଧରେ ଅନୁଷ୍ଠିତ ହୋଇଯାଇଛି । ଏଥିରେ କୁଆଁରପାଳର କଳ୍ପତରୁ କ୍ଲଷ୍ଟରର ୧୦ଟି ବିଦ୍ୟାଳୟର ଛାତ୍ରୀଛାତ୍ର ଅଂଶଗ୍ରହଣ କରିଥିଲେ । ଶାସନିପଡା ବିଦ୍ୟାଳୟର ପ୍ରଧାନ ଶିକ୍ଷକ ବସନ୍ତ କୁମାର ମନ୍ତ୍ରୀଙ୍କ ସଭାପତିତ୍ୱରେ ଆୟୋଜିତ ଉଦ୍‌ଘାଟନୀ ଉତ୍ସବରେ ଗରଜଙ୍ଗା ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଅକ୍ଷୟ କୁମାର ଦାସ ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ । ସମ୍ମାନିତ ଅତିଥି ଭାବେ ଗରଜଙ୍ଗା ପ୍ରାଥମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ପ୍ରଦୀପ୍ତ କୁମାର ଲେଙ୍କା ଯୋଗ ଦେଇଥିଲେ । ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟଅତିଥି ଭାବେ ସହକାରୀ ଶିକ୍ଷାଧିକାରୀ ମାଗୁଣି ଚରଣ ମହାନ୍ତି ଯୋଗ ଦେଇଥିଲେ । ଭ୍ରମରବର ବିଶ୍ୱାଳ ଓ ସିଆରସିସି ଚିତ୍ତରଞ୍ଜନ ରାଉଳ ଅତିଥି ଭାବେ ଯୋଗଦେଇ ସୁରଭି କାର୍ଯ୍ୟକ୍ରମର ଆଭିମୁଖ୍ୟ ଓ ଉଦ୍ଦେଶ୍ୟ ସମ୍ପର୍କରେ କହିଥିଲେ। ଛାତ୍ରୀଛାତ୍ରମାନେ ବକ୍ତୃତା, ପ୍ରବନ୍ଧ ଲିଖନ, ଶ୍ରୁତଲିଖନ, କୁଇଜ୍, ଚିତ୍ରାଙ୍କନ, ଚିତ୍ରକଳା ଆଦି ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିଲେ । ଏହି ଅବସରରେ ଅତିଥିମାନେ କୃତି ଛାତ୍ରୀଛାତ୍ରମାନଙ୍କୁ ପୁରସ୍କୃତ କରିଥିଲେ ।

### ଅଗ୍ନିବିପନ୍ନ ପରିବାରକୁ ସହାୟତା

**ମାର୍ଶାଘାଇ, ୧୬।୧୦ (ଡି.ଏନ୍.ଏ.):** ମାର୍ଶାଘାଇ ବ୍ଲକ ଗିରଙ୍ଗ ଗ୍ରାମର ଅଗ୍ନି ବିପନ୍ନ ପ୍ରଶାନ୍ତ ବେହେରା, ନିରଞ୍ଜନ ବେହେରା, ସୁନାକର ବେହେରାଙ୍କ ପରିବାରକୁ କେନ୍ଦ୍ରାପଡ଼ା ପୂର୍ବତନ ଏମ୍‌ପି ବୈଜୟନ୍ତ ପଣ୍ଡା ସୋମବାର ଭେଟି ସହାୟତା ପ୍ରଦାନ କରିଛନ୍ତି। ଏଥିସହିତ ପ୍ରଶାସନ ପକ୍ଷରୁ ସମସ୍ତ ପରିବାରକୁ ଆବାସ ଯୋଜନାରେ ସାମିଲ କରାଯାଇ ସ୍ଥାୟୀ ପକ୍କାଗୃହ ଯୋଗାଇ ଦେବାକୁ ପୂର୍ବତନ ଏମ୍‌ପି ପଣ୍ଡା ଦାବି କରିଥିଲେ। ପୂର୍ବତନ ଏମ୍‌ପି ପଣ୍ଡାଙ୍କ ଏହି ଗସ୍ତରେ ସ୍ଥାନୀୟ ଅଞ୍ଚଳର ପ୍ରଦୀପ୍ତ ବାରିକ, ପ୍ରଜେଶ ନାୟକ, ମନୋଜ ସ୍ୱାଇଁ, ସଚ୍ଚିଦାନନ୍ଦ ସ୍ୱାଇଁ, ବିଜୟ ପ୍ରଧାନ, ରାଧୁ ସାମଲ, ନରୋତ୍ତମ ସ୍ୱାଇଁ, ବାବୁଲି ବେହେରା, ଗଙ୍ଗି ସେଠୀ ପ୍ରମୁଖ ଉପସ୍ଥିତ ଥିଲେ।

■ ଦିନ କେଇଟା ପରେ ଗଜଲକ୍ଷ୍ମୀ ପୂଜା, ଚାଲିଛି ପ୍ରସ୍ତୁତି

# ୩ଶହରୁ ଉର୍ଦ୍ଧ୍ୱ ସ୍ଥାନରେ ପୂଜା ପାଇବେ ମା'ଅନ୍ନଦାତ୍ରୀ

**କେନ୍ଦ୍ରାପଡ଼ା ଅଫିସ୍, ୧୬।୧୦**

■ ଖଡ଼ିଅଙ୍ଗରେ ଶ୍ରଦ୍ଧାଳୁଙ୍କୁ ଆକର୍ଷିତ କରିବ ଚାନ୍ଦିମେଢ଼
■ କେତେକ ସ୍ଥାନରେ ପ୍ରସ୍ତୁତ ହେଉଛି ସୁନା ଓ ରୁପା ମୁକୁଟ
■ କମୁଛି ଜରି ମେଢ଼ର ଆଦର

ଆରମ୍ଭ ହୋଇଛି ପାର୍ବଣ ଋତୁ। ସାମୁଦ୍ରିକ ଝଡ ତିତ୍‌ଲି ଫେରିଯିବା ପରେ ମା'ଙ୍କ ଆଗମନ ପାଇଁ ବିଭିନ୍ନ ପୂଜା କମିଟି ପକ୍ଷରୁ ଖୁବ୍ ଆୟୋଜନ କରାଯାଇଛି। ସୋମବାରଠାରୁ ଦୁର୍ଗାଙ୍କ ଷଷ୍ଠୀ ପୂଜା ଆରମ୍ଭ ହୋଇଥିଲା ବେଳେ ଆସନ୍ତା ୨୪ ତାରିଖରୁ ଆରମ୍ଭ ହେବ କେନ୍ଦ୍ରାପଡ଼ାର ଗଣପର୍ବ ଗଜଲକ୍ଷ୍ମୀ ପୂଜା। ଅନୁକୂଳ ପାଗ ଯୋଗୁ ଜୋର୍‌ଦାର ପ୍ରସ୍ତୁତି ମଧ ଚାଲିଛି। ଶ୍ରଦ୍ଧାଳୁଙ୍କୁ ଆକର୍ଷିତ କରିବା ପାଇଁ ପୂଜା କମିଟି ସଦସ୍ୟମାନେ ଭଳିକି ଭଳି ବ୍ୟବସ୍ଥା ମଧ କରୁଛନ୍ତି। ଚଳିତବର୍ଷ ଜିଲାରେ ୩୦୦ରୁ ଉର୍ଦ୍ଧ୍ୱ ସ୍ଥାନରେ ମା'ଙ୍କ ପୂଜା ପାଇଁ ପ୍ରସ୍ତୁତି ଚାଲିଥିବା ବେଳେ କେନ୍ଦ୍ରାପଡ଼ା ସହରରେ ୪୬ରୁ ଉର୍ଦ୍ଧ୍ୱ ସ୍ଥାନରେ ମା' ପୂଜା ପାଇବେ। ଖଡ଼ିଅଙ୍ଗ ପୂଜା ମଣ୍ଡପରେ ଚାନ୍ଦିମେଢ଼ ଶ୍ରଦ୍ଧାଳୁଙ୍କ ଆକର୍ଷଣ ସାଜିବ ବୋଲି କମିଟି ସଭାପତି ଭାବଗ୍ରାହୀ ସିଂହ ପ୍ରକାଶ କରିଛନ୍ତି। ଏଥିସହ ଗୋପ, ଅଯୋଧ୍ୟାନଗର, ମା' ବାସୁଳେଇ, ବଳଗଣ୍ଡି ଛକ, କେଶପୁର, ନୂଆ ଓ ପୁରୁଣା ବସଷ୍ଟାଣ୍ଡ ଥାନପତି, କାଞ୍ଚି ଅଭିଯାନ ପୂଜା କମିଟି ପକ୍ଷରୁ ମେଢ଼ ସାଜସଜ୍ଜାରେ ମଧ୍ୟ ନୂତନତ୍ୱ ଅଣାଯାଇଛି। କେତେକ ସ୍ଥାନରେ ସୁନା ଓ ରୁପାର ମୁକୁଟ ମା'ଙ୍କ ପାଇଁ ପ୍ରସ୍ତୁତ ହୋଇଥିବା କମିଟି ସଦସ୍ୟମାନେ ସୂଚନା ଦେଇଛନ୍ତି। ଆଧୁନିକତାକୁ ବାଦ ଦେଇ ଜରି ମେଢ଼ ପାରମ୍ପରିକ ଭାବେ କେତେକ ମଣ୍ଡପରେ ଶୋଭା ପାଇବ ବୋଲି ଶିଳ୍ପୀ କୃତ୍ତିବାସ ସାହୁ କହିଛନ୍ତି। ସେ କହିଛନ୍ତି ଯେ, ପୂର୍ବରୁ ଏହି ଗଣପର୍ବରେ ମା'ଙ୍କ ମେଢ଼ ଜରି, କାଗଜ ଓ ସୋଲରେ ସୀମିତ ଥିଲା। ଗୋଟିଏ ମେଢ଼ ସଜେଇବା ପାଇଁ କାରିଗରମାନେ ଅନ୍ୟୂନ ତିନିମାସ ପୂର୍ବରୁ ପ୍ରସ୍ତୁତ ହୁଅନ୍ତି। ତେବେ ଜରି ମେଢ଼ କାରିଗରଙ୍କ ଅଭାବ ସମ୍ପ୍ରତି ଦେଖାଦେଇଛି। ଗଡ଼ା ମଜୁରି କମ ମିଳିବା ଏହାର ଏକମାତ୍ର କାରଣ ବୋଲି ସେ କହିଛନ୍ତି।

ମେଢ଼ ବିବିଧତାକୁ ତାଳ ଦେଇ ତୋରଣ ସାଜସଜ୍ଜାରେ ମଧ୍ୟ ପ୍ରତିଯୋଗିତା ଚାଲିଛି। କପଡ଼ା ଗେଟ ସହିତ ଆଲୋକମାଳାରେ ସହର ନବବଧୂ ଭାବେ ସଜାଇବାକୁ କମିଟି ସଦସ୍ୟମାନେ ସ୍ଥିର କରିଛନ୍ତି। ଚଳିତବର୍ଷ ଏଲଇଡ଼ି ବଲ୍‌ବରେ ନିର୍ମିତ ଆକର୍ଷଣୀୟ ତୋରଣ ସାଜସଜ୍ଜା ଦର୍ଶକଙ୍କ ମନ ମୋହିବ ବୋଲି ସହରର ସେକ୍ ଅମଜାନ କୁହନ୍ତି। ସେପଟେ ବଜାର ମଧରେ ବିଭିନ୍ନ ଖାଇବା ଷ୍ଟଲମାନ ମଧ ଖୋଲିଛି। ଏଥିସହ ଗ୍ରାହକଙ୍କ ମନ କିଣିବା ପାଇଁ ଇଲେକ୍ଟ୍ରୋନିକ୍ସ ଦୋକାନଠୁ ଆରମ୍ଭ କରି ଡ୍ରେସ୍ ମେଟେରିଆଲ, ଅଳଙ୍କାର ଆଦି ଦୋକାନରେ ବିଭିନ୍ନ ଅଫରର ହୋର୍ଡ଼ିଂ ଦେଖିବାକୁ ମିଳୁଛି। ତେବେ ଭସାଣି ପର୍ବରେ ମେଲୋଡ଼ି ପ୍ରତିଯୋଗିତା ହେବ ବୋଲି ବିଭିନ୍ନ କମିଟି କର୍ମକର୍ତ୍ତା ସୂଚନା ଦେଇଛନ୍ତି। ସହର ଓ ଆଖପାଖ ଅଞ୍ଚଳର ପ୍ରାୟ ୫୦ରୁ ଉର୍ଦ୍ଧ୍ୱ ମେଢ଼ ମେଲଣ ଓ ଭସାଣି ଶୋଭାଯାତ୍ରାରେ ସାମିଲ ହେବେ। ଏଥିପାଇଁ ରାଜ୍ୟ ଓ ବାହାର ରାଜ୍ୟର ବିଭିନ୍ନ ସ୍ଥାନରୁ ମେଲୋଡ଼ି କଳାକାର, ଡ୍ରମ, ଢ଼ୋଲ, ସାନ୍ତାଳ ନୃତ୍ୟ ଶିଳ୍ପୀ, ଲୋକକଳା କଳାକାରଙ୍କୁ କମିଟି ପକ୍ଷରୁ ବହିନା ଦିଆସରିଛି। ଏଥିସହ ବିଭିନ୍ନ ପାରମ୍ପରିକ ବାଦ୍ୟର ତାଳେତାଳେ ସହର ଭସାଣି ଦୁଇଦିନ ରଙ୍ଗିନ ହେବ ବୋଲି ପୂର୍ବତନ କାଉନସିଲର ହିରଣ୍ୟ ପଣ୍ଡା କହିଛନ୍ତି। ସେ କହିଛନ୍ତି ଯେ, ଚଳିତବର୍ଷ ପୂଜାକୁ ଶାନ୍ତି ଶୃଙ୍ଖଳାରେ ଶେଷ କରିବା ପାଇଁ ଜିଲା ପ୍ରଶାସନ, ପୌରପାଳିକା, ସ୍ଥାନୀୟ ବୁଦ୍ଧିଜୀବୀଙ୍କୁ ନେଇ ଏକ ଶାନ୍ତି କମିଟି ଗଠନ ହେବା ସହ ଅନ୍ୟ ଏକ ସମନ୍ୱୟ କମିଟି ଗଠନ ହୋଇଛି । ସହରର ୫ଟି ସ୍ଥାନରେ ଅସ୍ଥାୟୀ ଫାଣ୍ଡି ଖୋଲିବା ପାଇଁ ସମନ୍ୱୟ କମିଟିରେ ନିଷ୍ପତ୍ତି ହୋଇଛି। ଅପରପକ୍ଷରେ ଏହି ଗଣପର୍ବରେ ସାମିଲ ହେବା ପାଇଁ ଆସୁଥିବା ବାହାର ଜିଲାର ଲୋକଙ୍କ ରାତ୍ରିଯାପନ ଲାଗି ଯାତ୍ରୀନିବାସ ନ ଥିବାରୁ ଶ୍ରୀ ବଳଦେବଜୀଉ ସେବାୟତ କମଳାକାନ୍ତ ସୁଆର କ୍ଷୋଭ ପ୍ରକାଶ କରିଛନ୍ତି। ତାଙ୍କ କହିବା ଅନୁଯାୟୀ, କେନ୍ଦ୍ରାପଡ଼ାର ଗଜଲକ୍ଷ୍ମୀ ପୂଜା ଏବେ ରାଜ୍ୟସାରା ପ୍ରସିଦ୍ଧି ଲାଭ କରିଛି। ଏଥିପାଇଁ ବାହାର ଜିଲାରୁ ହଜାର ହଜାର ସଂଖାରେ ଲୋକ ଆସୁଥିବା ବେଳେ ନିବାସ ନ ଥିବାରୁ ବହୁ ଶ୍ରଦ୍ଧାଳୁ ରାତିରେ ଫେରିବାକୁ ବାଧ ହୋଇଥାନ୍ତି ବୋଲି ସେ କହିଛନ୍ତି। ସେହିପରି ସାମାଜିକ କର୍ମୀ ମୀର ଓବେଦା ପୂଜା ସମୟରେ ବିଷାକ୍ତ ଖାଦ୍ୟ ବିକ୍ରି ଓ ସ୍ୱଚ୍ଛତା ପ୍ରତି ଧ୍ୟାନ ଦେବାକୁ ଜିଲା ପ୍ରଶାସନର ଦୃଷ୍ଟି ଆକର୍ଷଣ କରିଛନ୍ତି।


ସହରର ନସଡିପୁରଠାରେ ଜଣେ ଶିଳ୍ପୀ ଗଜଲକ୍ଷ୍ମୀଙ୍କ ମୃଣ୍ମୟୀ ମୂର୍ତ୍ତି ତିଆରି କରୁଛନ୍ତି।

### ଚାନ୍ଦୋଳ ଲକ୍ଷ୍ମୀପୂଜା ପ୍ରସ୍ତୁତି

**ଡେରାବିଶ, ୧୬।୧୦ (ସ୍ୱ.ପ୍ର.)**

ଡେରାବିଶ ବ୍ଲକ ଚାନ୍ଦୋଳଠାରେ ଅନୁଷ୍ଠିତ କେନ୍ଦ୍ରାପଡ଼ା ଜିଲାର ଦ୍ୱିତୀୟ ବୃହତ୍ତମ ଲକ୍ଷ୍ମୀପୂଜା ନିମନ୍ତେ ପ୍ରାଥମିକ ପ୍ରସ୍ତୁତି ବୈଠକ ରବିବାର ଅନୁଷ୍ଠିତ ହୋଇଥିଲା। ବଜାର କମିଟି ସଭାପତି ନିଶାମଣି ବେହେରାଙ୍କ ଅଧକ୍ଷତାରେ ଅନୁଷ୍ଠିତ ବୈଠକରେ ବଜାରର ୧୪ଟି ମଣ୍ଡପର କର୍ମକର୍ତ୍ତା, ବଜାର କମିଟିର ସମ୍ପାଦକ ରତ୍ନାକର ନାୟକ, ମିହିର ସାମଲ, ଭଗବାନ ସାହୁ, ଦେବରାଜ ମହାପାତ୍ର ଓ ଉପଦେଷ୍ଟା କମିଟି ସଦସ୍ୟ ଉପସ୍ଥିତ ରହି ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ୧୦ ଦିନ ବ୍ୟାପୀ ହେବାକୁ ଥିବା ଏହି ପୂଜା ଅବଧି ସମୟରେ ଶାନ୍ତିଶୃଙ୍ଖଳା ରକ୍ଷା କରିବା ସହିତ ବ୍ୟବସ୍ଥିତ ଢଙ୍ଗରେ ଭସାଣି ଶେଷ କରିବା ପାଇଁ ଆଲୋଚନା କରାଯାଇଥିଲା। ପୂଜା ସମୟରେ ପୋଲିସ ପ୍ରଶାସନ, ସ୍ୱାସ୍ଥ୍ୟ ବିଭାଗ, ବିଦ୍ୟୁତ୍ ବିଭାଗ, ଅଗ୍ନିଶମ ବିଭାଗ କର୍ମଚାରୀମାନଙ୍କର ସହଯୋଗ ରହୁଥିବାରୁ ଆସନ୍ତା ଗୁରୁବାର ହେବାକୁ ଥିବା ଚୂଡ଼ାନ୍ତ ପ୍ରସ୍ତୁତି ବୈଠକରେ ସେମାନଙ୍କୁ ଯୋଗ ଦେବାପାଇଁ ନିମନ୍ତ୍ରଣ କରାଯିବାକୁ ସ୍ଥିର କରାଯାଇଥିଲା। ପୂଜା ସମୟରେ ଶାନ୍ତିଶୃଙ୍ଖଳା ବଜାୟ ରଖିବା ପାଇଁ ବିଭିନ୍ନ ପଞ୍ଚାୟତର ନିର୍ବାଚିତ ପ୍ରତିନିଧିମାନଙ୍କ ସହଯୋଗ ଲୋଡ଼ିବା ପାଇଁ ବୈଠକରେ ନିଷ୍ପତ୍ତି ନିଆଯାଇଥିଲା। ଶେଷରେ ଅଗଣୀ କୁମାର ସେଣ ଧନ୍ୟବାଦ ଅର୍ପଣ କରିଥିଲେ।

## ସୁବର୍ଣ୍ଣ ଜୟନ୍ତୀ ପ୍ରସ୍ତୁତି ବୈଠକ



ବୈଠକରେ ସୁବର୍ଣ୍ଣ ଜୟନ୍ତୀ ସମାରୋହ କମିଟି ସଦସ୍ୟମାନେ।

**ଡେରାବିଶ, ୧୬।୧୦ (ସ୍ୱ.ପ୍ର)**

ଡେରାବିଶ ଶିକ୍ଷା ସର୍କଲ ଅଧୀନ ବେଲାରପୁରରସ୍ଥିତ ଭଗବତୀ ନୋଡାଲ ଉଚ୍ଚ ବିଦ୍ୟାଳୟର ସୁବର୍ଣ୍ଣ ଜୟନ୍ତୀ ଉତ୍ସବ ଆସନ୍ତା ଡିସେମ୍ବରରେ ଅନୁଷ୍ଠିତ ହେବ। ଏ ନେଇ ବିଦ୍ୟାଳୟ କର୍ତ୍ତୃପକ୍ଷ ଓ ବିଦ୍ୟାଳୟର ପୁରାତନ ଛାତ୍ରୀଛାତ୍ରଙ୍କୁ ନେଇ ଗଠିତ ସୁବର୍ଣ୍ଣ ଜୟନ୍ତୀ ସମାରୋହ କମିଟି ପକ୍ଷରୁ ବିଦ୍ୟାଳୟ ପରିସରରେ ଏକ ପ୍ରସ୍ତୁତି ବୈଠକ ମଙ୍ଗଳବାର ଅନୁଷ୍ଠିତ ହୋଇଥିଲା। ପୁରାତନ ଛାତ୍ର ତ୍ରୈଲୋକ୍ୟ ଚରଣ ସ୍ୱାଇଁଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଏହି ବୈଠକରେ କମିଟି ସଦସ୍ୟ ଯୋଗଦେଇ ସୁବର୍ଣ୍ଣ ଜୟନ୍ତୀ ସମାରୋହକୁ ସରସ ସୁନ୍ଦର ଭାବେ ପାଳନ କରିବା ଦିଗରେ ଆଲୋଚନା କରିଥିଲେ। ବୈଠକରେ ସୁବର୍ଣ୍ଣ ଜୟନ୍ତୀ କମିଟି ସଭାପତି ଶିକ୍ଷାବିତ୍ ପ୍ରମୋଦ କୁମାର ମିଶ୍ର, ସମ୍ପାଦକ ବାନାମ୍ବର ସାହୁ, କମିଟି କର୍ମକର୍ତ୍ତା ଶିକ୍ଷାବିତ ଗଙ୍ଗାଧର ବାରିକ, ଅକ୍ଷୟ କୁମାର ଦାସ, ଅଧ୍ୟାପକ ପ୍ରମୋଦ ଦାସ, ଅବସରପ୍ରାପ୍ତ ବ୍ୟାଙ୍କ ଅଧିକାରୀ ନିଳମଣୀ କର, ଶିକ୍ଷକ ଅଶୋକ ମହାପାତ୍ର ପ୍ରମୁଖ ଆଲୋଚନାରେ ଭାଗ ନେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ କମିଟି ସଦସ୍ୟ ଇଂ. ଅର୍ଜୁନ ସାହୁ, ଶିକ୍ଷକ ବିଭୁତି ଘଡାଇ, ଇଶ୍ୱର ପୃଷ୍ଟି, ସ୍ଥାନୀୟ ସରପଞ୍ଚ ହରିବୋଲ ପଣ୍ଡା, ବିଜୟ କୁମାର ମଲିକ ଓ ଶ୍ରୀକାନ୍ତ ନାୟକ ପ୍ରମୁଖ ଉପସ୍ଥିତ ଥିଲେ। ଶେଷରେ ନିକୁଞ୍ଜ ପୃଷ୍ଟି ଧନ୍ୟବାଦ ଦେଇଥିଲେ।

## ଭିତରକନିକା ମୁଖ୍ୟରାସ୍ତା ସଫେଇ କାର୍ଯ୍ୟକ୍ରମ

**ରାଜନଗର, ୧୬।୧୦(ଡି.ଏନ୍.ଏ.)**

ରାଜ୍ୟନଗର ବ୍ଲକ ଅନ୍ତର୍ଗତ ଭିତରକନିକା ଜାତୀୟ ଉଦ୍ୟାନ ମୁଖ୍ୟ ଫାଟକଠାରୁ ମୁଖ୍ୟରାସ୍ତା ପର୍ଯ୍ୟନ୍ତ ସୋମବାର ସଫେଇ କରାଯାଇଛି। ଡାଙ୍ଗମାଳ ଯୁବ ବିକାଶ ପରିଷଦ ତରଫରୁ କରାଯାଇଥିବା ଏହି ସଫେଇ କାର୍ଯ୍ୟକ୍ରମରେ ବାଙ୍କୁଆଳ ଓ ଡାଙ୍ଗମାଳ ଗ୍ରାମର ସମସ୍ତ ରାସ୍ତା, ନଳକୂପ ନିକଟରେ ସଫା କରାଯାଇ ବ୍ଲିଚିଂ ପକାଯାଇଛି। ଭିତରକନିକା ମୁଖ୍ୟରାସ୍ତାରେ ଗୋରୁ ନ ବାନ୍ଧିବା ପାଇଁ ଗ୍ରାମବାସୀଙ୍କୁ ସଚେତନ କରାଯାଇଛି। ରାସ୍ତାରେ ଥିବା ଖୁଣ୍ଟିଗୁଡିକୁ ଓପାଡି ଦିଆଯାଇଛି। ରାସ୍ତାର ବିଭିନ୍ନ ସ୍ଥାନରେ ଜମିଥିବା ଅଳିଆ ଆବର୍ଜନା ସଫା କରାଯାଇଛି। ଏହି କାର୍ଯ୍ୟକ୍ରମରେ ଡାଙ୍ଗମାଳ ସରପଞ୍ଚ ରମେଶ ଚନ୍ଦ୍ର ବେହେରା, କନିକା ରେଞ୍ଜ ଅଧିକାରୀ ସୁବ୍ରତ କୁମାର ପାତ୍ର, ଫରେଷ୍ଟର ବିଜୟ କୁମାର ପାତ୍ର, ଯୁବନେତା ପ୍ରଭାତ କୁମାର ବେହେରା, କପିଳେନ୍ଦ୍ର ଦେବ ସ୍ୱାଇଁ, ନୃସିଂହ ଚରଣ ପ୍ରଧାନ, ନବକୁମାର କୁଣ୍ଡ, ଅନ୍ତର୍ଯାମୀ ବେହେରା, ଦେବେନ୍ଦ୍ର ବେହେରା, ରାଜକୁମାର ବେହେରା ପ୍ରମୁଖ ଯୋଗଦେଇଥିଲେ। ସେହିପରି ଯୁବ ବିକାଶ ପରିଷଦର ତ୍ରିଲୋଚନ ବାରିକ, ହୃଷିକେଶ ଦଳାଇ, ହିରଣ୍ୟମୟ ଦାସ, ପତିତପାବନ ବାରିକ ପ୍ରମୁଖ ସଫେଇ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ।

## ଆଶାସାଥୀଙ୍କ ଗଣବିକ୍ଷୋଭ



ଶୋଭାଯାତ୍ରାରେ ସାମିଲ ହୋଇଥିବା ଆଶାସାଥୀମାନେ।

**କେନ୍ଦ୍ରାପଡା ଅଫିସ୍, ୧୬।୧୦**

୫ ବର୍ଷ ଧରି ଆଶାସାଥୀ ଭାବେ କାର୍ଯ୍ୟ କରି ଆସୁଥିବା ଆଶା କର୍ମୀଙ୍କୁ ଆଶା କର୍ମୀ ଅଥବା ଆଶାସାଥୀ ପଦବୀକୁ ଚୟନ କରିବାକୁ ହେବ। ଏ ନେଇ ଜାତୀୟ ସ୍ୱାସ୍ଥ୍ୟ ମିଶନର ରାଜ୍ୟ ସରକାରଙ୍କ ସ୍ୱାସ୍ଥ୍ୟ ଓ ପରିବାର ଉନ୍ନୟନ ବିଭାଗ ମିଶନ ନିର୍ଦ୍ଦେଶିକା ଶାଳିନୀ ପଣ୍ଡିତ ରାଜ୍ୟର ସମସ୍ତ ମୁଖ୍ୟ ଚିକିତ୍ସାଧିକାରୀଙ୍କ ସମେତ ଜିଲା ମିଶନ ନିର୍ଦ୍ଦେଶକଙ୍କ ନିକଟକୁ ଏକ ଚିଠି (ନଂ.– ୧୩୬୮୪) ସୋମବାର ପଠାଇଛନ୍ତି। ଫଳରେ ଆଶାସାଥୀଙ୍କୁ ମାତ୍ର ୩ ହଜାର ଟଙ୍କା ମାସିକ ପାରିଶ୍ରମିକ ରାଶି ମିଳିବାକୁ ଥିବା ବେଳେ ଆଶା ପଦବୀଧାରୀଙ୍କୁ ମାସିକ ପ୍ରୋତ୍ସାହନ ରାଶି ଏହାଠାରୁ ଢ଼େର ଅଧିକ ହେବ। ଏଭଳି ଅଭିଯୋଗ କରି ଆଶାସାଥୀମାନେ ଜିଲା ମୁଖ୍ୟ ଚିକିତ୍ସାଳୟ ଆଗରେ ଗଣବିକ୍ଷୋଭ ପ୍ରଦର୍ଶନ ସହ ସ୍ୱାସ୍ଥ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଲିଖିତ ଏକ ଦାବିପତ୍ର ସିଡିଏମଓଙ୍କୁ ମଙ୍ଗଳବାର ପ୍ରଦାନ କରିଛନ୍ତି। ଏ ସମ୍ପର୍କରେ ନିଖିଳ ଓଡ଼ିଶା ଆଶାସାଥୀ ସଂଘ କେନ୍ଦ୍ରାପଡା ଜିଲା କମିଟି ସମ୍ପାଦିକା ସଞ୍ଜୁକ୍ତା ରାଉତ କହିଛନ୍ତି, ଆଶାସାଥୀଙ୍କ ପାଇଁ ଏହା ଅପମାନ ସଦୃଶ। ୨୦୧୩ରେ ଆଶାସାଥୀଙ୍କୁ ଚୟନ କରାଯାଇ ମାତୃ ଓ ଶିଶୁ ସୁରକ୍ଷା କାର୍ଯ୍ୟରେ ନିୟୋଜିତ କରାଯାଇଥିଲା। ଅଭିଜ୍ଞତା ଦୃଷ୍ଟିରୁ ଏମାନଙ୍କୁ ସ୍ଥାୟୀ ନିଯୁକ୍ତି ସହ ନର୍ସ ପଦବୀରେ ରାଜ୍ୟ ସରକାର ନିଯୁକ୍ତି ଦେବା କଥା। ଏ ନେଇ ବାରମ୍ବାର ସରକାରଙ୍କ ଦୃଷ୍ଟି ଆକର୍ଷଣ କରାଯାଉଛି। ତେବେ ଆଶାସାଥୀଙ୍କୁ ପଦଚ୍ୟୁତ କରିବାକୁ ଉଦ୍ୟମ କରାଯାଉ ଥିବାରୁ ଏହାର ଉଚିତ ଜବାବ ନଦେଲେ ଏଥିପାଇଁ ଆଗାମୀ ଦିନରେ ସଂଘ ପକ୍ଷରୁ ଜୋରଦାର ଆନ୍ଦୋଳନ ହେବ ବୋଲି ସମ୍ପାଦିକା ରାଉତ ପ୍ରକାଶ କରିଛନ୍ତି। ଏହି ଗଣବିକ୍ଷୋଭରେ ସଂଘ କର୍ମକର୍ତ୍ତା କ୍ରାନ୍ତିପ୍ରଭା ନାୟକ, ନନ୍ଦିନୀ ସ୍ୱାଇଁ, ଦମୟନ୍ତୀ କୁଣ୍ଡୁ, କବିତା ବେହେରାଙ୍କ ସମେତ ଶତାଧିକ ଆଶାସାଥୀ ସାମିଲ ହୋଇଥିଲେ। ଗଣବିକ୍ଷୋଭ ପୂର୍ବରୁ ସହରର ପୁରୁଣା ବସଷ୍ଟାଣ୍ଡଠାରୁ ଜିଲାପାଳଙ୍କ କାର୍ଯ୍ୟାଳୟ ପର୍ଯ୍ୟନ୍ତ ଏକ ଶୋଭାଯାତ୍ରା ସଂଘ ପକ୍ଷରୁ ଆୟୋଜିତ ହୋଇଥିଲା।

+PILES CLINIC+
Near Budheswari Temple, ମତ୍ସ୍ୟ ବିକ୍ରୟ କେନ୍ଦ୍ର ନିକଟ, CTC Road, BBSR
☎ 0674 - 2310255, 9861146916
ଅର୍ଶ (PILES) ମଳକଣ୍ଟକ (FISSURE) ଭଗନ୍ଦର (FISTULA)
WITHOUT SURGICAL OPERATION
DR. R. PRASAD GAMS (PATNA)
DR. PREM KUMAR BAMS, LLB (UTKAL)
10AM TO 8PM
VSS Nagar, Q.N.- B/L-107, Vanivihar, BBSR
☎ 0674 - 2581337, 9437301790

CLASSIFIED DISPLAY
ALL EDITION-B/W (Every Day) | For Booking Contact: 0674-2580385, 7894447131, 7894447148, 9437038266, 7894447166

TARIFF — MORE SPACE • SAME PRICE

| For Single Day | | For 7 Days | | For 15 Days | | For 30Days | |
|---|---|---|---|---|---|---|---|
| 6 × 4 | 12 × 4 | 6 × 4 | 12 × 4 | 6 × 4 | 12 × 4 | 6 × 4 | 12 × 4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

* GST 5% Extra

SPOT ADMISSION
B.Ed
Acharya Nagarjuna University
UGC & NCTE Approved
Equivalent to Utkal University
Weekend Class & Study Material
CT(D.El.Ed)
Equivalent to Board of Secondary Education Odisha
SINCE 2001 NIDT
B.J.B. Nagar, Lewis Road, Bhubaneswar
9338229373, 9438286091
9776587145

Get Instant Cash against Gold, Sell Your Gold at 100% Market Value
GOLD CASH LTD
(an ISO 9001:2015 Certified Company)
ନିଜ ବନ୍ଧକ ସୁନାକୁ ମୁକୁଳେଇବା ପାଇଁ ଆମକୁ ଯୋଗାଯୋଗ କରନ୍ତୁ ଏବଂ GOLD CASH ଆପଣଙ୍କ ବନ୍ଧକ ସୁନାକୁ ଉଚିତ ମୂଲ୍ୟରେ ନେବା ବିକ୍ରି କରନ୍ତୁ ଆପଣଙ୍କ ସୁନା ଗହଣା ଆମ ପାଖରେ ଏବଂ ପାଆନ୍ତୁ ୧୦୦% ମାର୍କେଟ୍ ମୂଲ୍ୟରେ।
WWW.GOLDCASH.CO
9090902555, 9090903555
Toll Free: 1800-120-3430
Branches: Bhubaneswar, Cuttack, Bhadrak, Rourkela & Berhampur

Jeevanjyoti Finance
ଜନକଲ୍ୟାଣ ଯୋଜନା ଅଧୀନରେ ସବୁ ବ୍ୟାଙ୍କ ଦ୍ୱାରା ମାର୍କଶିଟ୍, ପ୍ରପର୍ଟି, ପର୍ସନାଲ, ଆଧାରକାର୍ଡ, ଶିକ୍ଷା, ବ୍ୟବସାୟ, ସମସ୍ତ ଋଣ 24 ଘଣ୍ଟାରେ 2% ସୁଧ, 50% ରିହାତି ସବ୍‌ସିଡିରେ (ମହିଳା, ଚାଷୀ, ବିଦ୍ୟାର୍ଥୀଙ୍କ ପାଇଁ ବିଶେଷ ରିହାତି)
ଠକମାନଙ୍କ ପ୍ରତି ସାବଧାନ
(କାମ ଆମର ବିଶ୍ୱାସ ଆପଣଙ୍କର)
Sector-30, Jagatpur, Jaipur, Rajasthan
8278171538
8901770631

Vasundra Financial Services
(Govt. Registered)
(Regd. No.:- odhCPR0533821)
ଆଧାରକାର୍ଡ, ମାର୍କଶିଟ୍, ପର୍ସନାଲ, ପ୍ରପର୍ଟି, ଗ୍ରୁପ୍ ଋଣ, କୃଷି ଏବଂ ସବୁ ପ୍ରକାର ଋଣ ସହଜ କିସ୍ତିରେ ସରକାରୀ ବ୍ୟାଙ୍କ ଦ୍ୱାରା ଘରେ ବସି ପାଆନ୍ତୁ 2% ସୁଧ 50% Govt. Subsidy. ଅଧିକ ସୂଚନା ପାଇଁ ଯୋଗାଯୋଗ କରନ୍ତୁ ।
Mahatab Nagar, Bulandshahr, Sikandrabad, U.P.
8295842976
8295842985

Dhanlaxmi Finance Services
ସରକାରଙ୍କ ଦ୍ୱାରା ପଞ୍ଜୀକୃତ
(Reg No.- od6789dh45)
ମାର୍କଶିଟ୍, ପ୍ରପର୍ଟି, ପର୍ସନାଲ, ଆଧାରକାର୍ଡ, ବ୍ୟବସାୟ ଏବଂ ଗ୍ରୁପ୍ ଋଣ
72 ଘଣ୍ଟାରେ ପାଆନ୍ତୁ ।
1 ଲକ୍ଷରୁ 5 କୋଟି ପର୍ଯ୍ୟନ୍ତ
ମାତ୍ର 1% ସୁଧ, 40% ରିହାତି।
For more details contact:
9193648139
SATAPADA, PURI, ODISHA - 752011

ଧନଲକ୍ଷ୍ମୀ ଫାଇନାନ୍ସ
!! ବିନା ଗ୍ୟାରେଣ୍ଟର !! ସ୍ୱରୋଜଗାର ପାଇଁ
୫ମ/ 10ମ ପାସ୍ ମହିଳା/ପୁରୁଷ
ମାର୍କଶିଟ୍, ବ୍ୟବସାୟ, ଦୋକାନୀ, ପ୍ରପର୍ଟି
2,00,000-25,00,000 ପର୍ଯ୍ୟନ୍ତ
1% ସୁଧ 25% ରିହାତି
20 ବର୍ଷରେ ଫେରସ୍ତ
8448812163
8130564846
Add : - 41/14, Sec-1 Pushp Vihar, Delhi

ନିଜ ବ୍ୟବସାୟରେ ଅଭିବୃଦ୍ଧି ଆଣନ୍ତୁ
ITCT EDUCATION
ସହିତ
ଭାରତର ସର୍ବବୃହତ୍ ନେଟ୍‌ୱର୍କ
ନିଜ ବ୍ୟବସାୟରେ ଅତିରିକ୍ତ ଲାଭ ଉପାର୍ଜନ କରନ୍ତୁ। ଆଇଟିସିଟି ଲର୍ନିଂ ସିଷ୍ଟମ୍ସ ପ୍ରାଇଭେଟ୍ ଲିମିଟେଡ୍‌ର ଏକ ଫ୍ରାଞ୍ଚାଇଜି ପାର୍ଟନର ହୁଅନ୍ତୁ।
କର୍ପୋରେଟ୍ ବ୍ୟାପାର ମନ୍ତ୍ରଣାଳୟ (ଭାରତ ସରକାର)
ଅଧିକ ସୂଚନା ପାଇଁ
0712-2223456 / 09422123456
www.itctedu.in

ଆଦର୍ଶ ଫାଇନାନ୍ସ
ଟଙ୍କା ନେଉନ୍ତୁ, ଧୋକା ଦେଉନୁ
ଆଗେ କାମ, ପରେ ଦାମ୍
ଦୀପାବଳି ଧମାକା
ମାର୍କଶିଟ୍, ପ୍ରପର୍ଟି ପର୍ସନାଲ, ବ୍ୟବସାୟ ରାଶନ କାର୍ଡ, ଆଧାର କାର୍ଡ, ଚାଷକାର୍ଯ୍ୟ, ଏଗ୍ରିକଲ୍ଚର
ସବୁ ପ୍ରକାର ଋଣ
୨୪ ଘଣ୍ଟାରେ ପାଆନ୍ତୁ
୨% ସୁଧ - ୪୦% ରିହାତି
୮୫ ଲକ୍ଷ ସନ୍ତୁଷ୍ଟ ଗ୍ରାହକ
ଲକ୍ଷ ଲକ୍ଷ ଗ୍ରାହକଙ୍କ ସମ୍ପୂର୍ଣ୍ଣ ବିଶ୍ୱାସ
କମ୍ କାଗଜପତ୍ର କାମ
ଠକ କମ୍ପାନୀଗୁଡ଼ିକ ପ୍ରତି ସାବଧାନ
168, Sector-30, Jagatpura, Jaipur, Rajasthan
73106-12716
89794-48754

ପାଠକଙ୍କ ପାଇଁ ସୂଚନା
ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

T.C.F. FINANCE
ଋଣ ମାତ୍ର 6 ଘଣ୍ଟାରେ ।
ନୋ ଫାଇଲ ଚାର୍ଜ, ବିନା ଗ୍ୟାରେଣ୍ଟର ମାର୍କଶିଟ୍, ଋଣ (ସାର୍ଟିଫିକେଟ୍), ପ୍ରପର୍ଟି, ପର୍ସନାଲ, ଗୃହଋଣ, 0% ସୁଧ, 50% ରିହାତି।
08418002678
08859668547
39, Patel Nagar, Saharanpur Road, Dehradun - 248001

ତନ୍ତ୍ର ମନ୍ତ୍ର ସମ୍ରାଟଙ୍କ
ଖବରଦାର କଳା ଶିକ୍ଷା
ଯେଉଁଠି ଜ୍ଞାନ ସେଠି ହେବ
A to Z ସମସ୍ୟାର ସମାଧାନ
ସ୍ପେଶାଲିଷ୍ଟ: ବଶୀକରଣ, ମୁଠକରଣୀ, ମନ ମୁତାବକ ପ୍ରେମ, ବିବାହରେ ବାଧା, ଋଣମୁକ୍ତି, ଗର୍ଭ ବନ୍ଧନ, ଗୃହ କ୍ଲେଶ, ବିଦେଶ ଯାତ୍ରା, ସଉତୁଣୀ ଓ ଶତ୍ରୁ ମୁକ୍ତି, କ୍ୟାରିୟର ମଡେଲିଂ, ସ୍ୱାମୀ ସ୍ତ୍ରୀ ମନୋମାଳିନ୍ୟ, ଚାକିରି, ବ୍ୟବସାୟ, ଯାଦୁ ଟୋନା ଭଳି ସମସ୍ୟାର 101% ସମାଧାନ।
ବାବା ସିକନ୍ଦର
21 ବୈଦିକ ବିଦ୍ୟାରେ ନିପୁଣ
9997796211

କଣ ଆପଣ ଅସୁବିଧାରେ ଅଛନ୍ତି କି?
ଅଲଇଣ୍ଡିଆ ଖୋଲା ଚାଲେଞ୍ଜ
୨ ଘଣ୍ଟାରେ ୧୦୦% ସମାଧାନ
କାମ ନହେଲେ ଟଙ୍କା ଫେରସ୍ତ
ତନ୍ତ୍ର-ମନ୍ତ୍ରର ସମ୍ରାଟ
ବ୍ୟବସାୟରେ ଅସୁବିଧା, ପ୍ରେମରେ ଅସଫଳତା ତେବେ ମତେ ଆସିକି ଦେଖା କରନ୍ତୁ ବ୍ୟବସାୟରେ ଅସୁବିଧା, ବିବାହରେ ଅସୁବିଧା ସଇତାନ ଓ ଶତ୍ରୁମାନଙ୍କଠାରୁ ମୁକ୍ତି ରୋଗରେ ଔଷଧ ନ ଲାଗିବ କ୍ୟାରିୟରରେ ଅସଫଳତା।
ଯଦି କାହାର ସ୍ୱାମୀ, ପ୍ରେମିକା ଓ ଝିଅ କାହା ବଶରେ ଥାଆନ୍ତି ତେବେ ମତେ ଆସିକି ଦେଖା କରନ୍ତୁ।
BABA AMIM SUFI JI
9540938429
9903852257
Near Master Canteen, Bhubaneswar

୩ ଘଣ୍ଟାରେ ୧୦୦% ସମାଧାନ ଘରେ ବସି ଫୋନ ଦ୍ୱାରା
କଣ ଆପଣ ଚିନ୍ତିତ ଅଛନ୍ତି ?
କାନ୍ଦିଲେ ନୁହେଁ ଦେଖାକଲେ କଷ୍ଟ ଦୂରହେବ !
କାମ ନହେଲେ ପଇସା ଫେରସ୍ତ ! Time - 10 am to 6 pm
ମନଚାହାଁ ବିବାହ, ବ୍ୟବସାୟ, ଗୃହକ୍ଲେଶ, କିୟା କରାୟା, ବିବାହରେ ବାଧା, ସଉତୁଣୀ ଓ ଶତ୍ରୁ ମୁକ୍ତି, ରୋଗରେ ଔଷଧ ନ ଧରିବା, କ୍ୟାରିୟରରେ ଅସଫଳତା, ବଶୀକରଣ, ମୁଠକରନୀ, ଯାଦୁଟୋଣା, ଭୂତପ୍ରେତ ଆଦି ଜଟିଳ ରୁ ଜଟିଳ ସମସ୍ୟାର ସମାଧାନ ।
(ସ୍ପେଶାଲିଷ୍ଟ- ବଶୀକରଣ, ମୁଠକରଣୀ ଏବଂ କଳାଯାଦୁ )
ଯଦି ଆପଣଙ୍କର ଜ୍ୟୋତିଷ ଓ ପଣ୍ଡିତଙ୍କ ଉପରୁ ଭରସା ଉଠିଯାଇଛି ତାହେଲେ ତୁରନ୍ତ ଫୋନ୍ କରନ୍ତୁ
ଯଦି ଆପଣଙ୍କର ପତି ପ୍ରେମୀ, କିମ୍ବା ପୁଅ ବଶରେ ଅଛନ୍ତି ତାହେଲେ ତୁରନ୍ତ ଫୋନ୍ କରନ୍ତୁ
ବାବା ରହେମାନ୍ ଖାନ ବଙ୍ଗାଳୀ
7065430524
9599270336

ତନ୍ତ୍ର ମନ୍ତ୍ର ସମ୍ରାଟଙ୍କ
ଖୋଲା ଚ୍ୟାଲେଞ୍ଜ
ଯେଉଁଠି ଜ୍ଞାନ ସେଠି ହେବ
A to Z ସମସ୍ୟାର
2 ଘଣ୍ଟାରେ ସମାଧାନ
ସ୍ପେଶାଲିଷ୍ଟ: ବଶୀକରଣ, ମୁଠକରଣୀ, ମନ ମୁତାବକ ପ୍ରେମ, ବିବାହରେ ବାଧା, ଋଣମୁକ୍ତି, ଗର୍ଭ ବନ୍ଧନ, ଗୃହ କ୍ଲେଶ, ବିଦେଶ ଯାତ୍ରା, ସଉତୁଣୀ ଓ ଶତ୍ରୁ ମୁକ୍ତି, କ୍ୟାରିୟର ମଡେଲିଂ, ସ୍ୱାମୀ ସ୍ତ୍ରୀ ମନୋମାଳିନ୍ୟ, ଚାକିରି, ବ୍ୟବସାୟ, ଯାଦୁ ଟୋନା ଭଳି ସମସ୍ୟାର 101% ସମାଧାନ।
ବାବା ହଜରତ ଉସମାନ୍
21 ବୈଦିକ ବିଦ୍ୟାରେ ନିପୁଣ
9873361894, 9654673664




ଜଗତ୍‌ସିଂହପୁର ଗୋପାଳସାଗରସ୍ଥିତ ବନଦୁର୍ଗା ପୂଜା କମିଟି ଓ ମା' ପୂର୍ଣ୍ଣମାସୀ ପୂଜା କମିଟି ପକ୍ଷରୁ ନିର୍ମାଣ କରାଯାଇଥିବା ମୃଣ୍ମୟୀ ମୂର୍ତ୍ତି।




ନିଶ୍ଚିନ୍ତକୋଇଲି ବ୍ଲକ ମାହାଳ ହାଟସ୍ଥିତ ଆଞ୍ଚଳିକ ଦୁର୍ଗାପୂଜା କମିଟି ଓ ମହମ୍ମଦପୁର ବିଲହାଟ ବଜାର କମିଟି ପକ୍ଷରୁ ପୂଜା ପାଉଥିବା ମା' ଦୁର୍ଗା।




ବିରିଡ଼ି ବ୍ଲକ ଜଗଦ୍‌ଗୁରୁ ପୀଠରେ ପୂଜା ପାଉଥିବା ବିଂଶଭୂତା ଓ ବାଲିଆରେ ପୂଜା ପାଉଥିବା ଜଗନ୍ନାଥ, ବଳଭଦ୍ର ଓ ସୁଭଦ୍ରା।



ପଙ୍କପାଳରେ ପୂଜା ପାଉଥିବା ମା' ଦୁର୍ଗାଙ୍କ ମୃଣ୍ମୟୀ ମୂର୍ତ୍ତି।



ରାହାମାରେ ଏକ ମଣ୍ଡପରେ ମା' ଦୁର୍ଗାଙ୍କୁ ପୂଜା କରାଯାଉଛି।

## ସଂକ୍ଷେପରେ

### ଶାରଳାଙ୍କ ପୀଠରେ ୩୦ ହଜାର ଶ୍ରଦ୍ଧାଳୁ



ତିର୍ତ୍ତୋଲ/ରାହାମା,୧୬।୧୦ (ଡି.ଏନ.ଏ.): ଓଡିଶାର ପ୍ରସିଦ୍ଧ ଶକ୍ତିପୀଠ ଝଙ୍କଡ ଶାରଳାଙ୍କ ନିକଟରେ ମହାଷ୍ଟମୀରେ ୩୦ ହଜାରରୁ ଉର୍ଦ୍ଧ୍ୱ ଶ୍ରଦ୍ଧାଳୁଙ୍କ ଭିଡ଼ ପରିଲକ୍ଷିତ ହୋଇଥିଲା। ସକାଳୁ ବିଭିନ୍ନ ସ୍ଥାନରୁ ଆସିଥିବା ଶ୍ରଦ୍ଧାଳୁମାନେ ମା'ଙ୍କ ନିକଟରେ ପାରମ୍ପାରିକ ଚୂଡାଘଷା ଭୋଗ କରିଥିଲେ। ଏଥିସହ କାକରା, ପାରିଜାତ ପ୍ରଭୃତି ଭୋଗ ମଧ ଲାଗି କରିଥିଲେ। ପ୍ରତ୍ୟୁଷରୁ 'ମା'ଙ୍କ ପହଡ ଖୋଲାଯିବାପରେ ଶ୍ରୀମୁଖ ପ୍ରକ୍ଷାଳନ ଓ ମଙ୍ଗଳ ଆଳତି ହୋଇଥିଲା। ପରେ 'ମା'ଙ୍କୁ ମଧ୍ୟାହ୍ନ କରାଯାଇଥିବାବେଳେ ସକାଳ ୭ଟା ବେଳେ ହଳଦୀଚୁଆଁ ମାର୍ଜନା ଓ ପଞ୍ଚାମୃତ ମାର୍ଜନା କରାଯାଇଥିଲା। ସିଂହାରୀ ସେବକ ମାନେ 'ମା'ଙ୍କୁ ବେଶ କରିଥିଲେ। ଦୈନିକ ପାଞ୍ଜିପାଠ ପରେ ସୂର୍ଯ୍ୟପୂଜା, ସମୂହ ଚଣ୍ଡୀପାଠ, ଷୋଡଶ ଉପଚାର ପୂଜା ପରେ ପ୍ରଥମ ପ୍ରହର ଧୂପ ଓ ଦ୍ୱିତୀୟ ପ୍ରହର ଧୂପ ସରିବା ପରେ 'ମା'ଙ୍କ ପହଡ ପଡିଥିଲା। ଅପରାହ୍ନ ୪ଟା ବେଳେ ପହୁଡ ଖୋଲାଯିବା ପରେ ଚୁଆ ଚନ୍ଦନ ମାର୍ଜନା ନୀତି ହୋଇଥିଲା। ସନ୍ଧ୍ୟା ଆରତୀ ସମୟରେ 'ମା' ମହିଷାମର୍ଦ୍ଦିନୀ ବେଶରେ ବିଭୁଷିତ ହୋଇଥିଲେ। ରାତି ୮ଟାରେ ଶାରଳା ଦାସଙ୍କ ରଚିତ ଚଣ୍ଡିପୁରାଣ ପାଠ ଓ ୧୦ଟାରେ ମା'ଙ୍କ ସଂପୂର୍ଣ୍ଣ ସୁନାବେଶ ସହ କାଳିକା ମନ୍ଦିର ବେଢ଼ା ପରିକ୍ରମା କରିବାର ପରମ୍ପରା ରହିଛି। ପରେ ମା'ଙ୍କ ଚଳନ୍ତି ପ୍ରତିମା ଏକ ସୁସଜ୍ଜିତ ମଣିମୟ ବିମାନରେ ବଡସାରୋଳ ଗ୍ରାମର ଲଣ୍ଡା ଦେଉଳକୁ ଦାଣ୍ଡ ଯାତ୍ରାରେ ଯାଇ ସେଠାରେ ପୂଜାର୍ଚ୍ଚନା ପାଇବା ପରେ ପୁନଶ୍ଚ ସ୍ୱପୀଠକୁ ପ୍ରତ୍ୟାବର୍ତ୍ତନ କରିବେ। ରାତି ୩ଟାରେ ସନ୍ଧି ପୂଜା ଅନୁଷ୍ଠିତ ହେବ। ଏଥିରେ ପାଣୀକଖାରୁ ବଳି ଦିଆଯିବ।

# ଦାମଙ୍କ ଏରସମା ସଭା ପରେ ନେତା ଛାନିଆ

**କୁଜଙ୍ଗ,୧୬।୧୦(ସ୍ୱ.ପ୍ର.)**

ପାରାଦୀପ ବିଧାୟକ ଦାମୋଦର ରାଉତ ବିଜେଡିରୁ ବହିଷ୍କୃତ ହେବା ପରେ ରାଜ୍ୟ ରାଜନୀତିରେ ତାଙ୍କୁ ନେଇ ଏବେ ମଧ ଉଷ୍ମତା ଲାଗି ରହିଛି। ପ୍ରଥମେ ମନ୍ତ୍ରୀ ପଦରୁ ବିଦା ହେବା ଓ ପରେ ଦଳରୁ ବହିଷ୍କୃତ ହେବା ତାଙ୍କ ରାଜନୈତିକ ଜୀବନର ଗୁରୁତ୍ୱପୂର୍ଣ୍ଣ ଘଟଣା। ତେଣୁ ବିଜେଡିରୁ ଏଭଳି ଶକ୍ତ ଝଟ୍‌କା ଖାଇବା ପରେ ଏହାକୁ ସହଜରେ ହଜମ କରି ନପାରି ସେ ପ୍ରତିଶୋଧ ପରାୟଣ ହୋଇପଡିଥିବା ରାଜନୈତିକ ମହଲରେ ଚର୍ଚ୍ଚା ହେଉଛି। ପ୍ରଥମେ ମାହାଙ୍ଗା ଓ ପରେ ନିମାପଡା ଠାରେ ସଭା କରିବା ପରେ ତାଙ୍କୁ ଅନେକ ସମାଲୋଚନାର ଶିକାର ହେବାକୁ ପଡିଥିଲା। ନିଜ ନିର୍ବାଚନମଣ୍ଡଳୀରେ ତାଙ୍କଠାରୁ ସମର୍ଥକମାନେ ଦୂରେଇ ଯାଇଛନ୍ତି। ତେଣୁ କୌଣସି ପରିସ୍ଥିତିରେ ସେ ପ୍ରତିଶୋଧ ନେବାର ସୁଯୋଗ ହାତଛଡ଼ା କରିବାକୁ ଚାହୁଁ ନାହାନ୍ତି, ଯାହାକି କୁଜଙ୍ଗରେ ହୋଇଥିବା ଏକ ସରକାରୀ କାର୍ଯ୍ୟକ୍ରମ ଓ ଏରସମାରେ ହୋଇଥିବା ସମାବେଶରେ ସ୍ପଷ୍ଟ ହୋଇଛି। କୁଜଙ୍ଗରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଯୋଗଦେବାକୁ ସରକାରୀ ନିୟମ ଅନୁଯାୟୀ ଦାମଙ୍କୁ ନିମନ୍ତ୍ରିତ କରାଯାଇଥିଲା। କିନ୍ତୁ ଏହାର ସୁଯୋଗ ନେଇ ସେ ଉଭୟ ରାଜ୍ୟ ସରକାର ଓ ପ୍ରତିଦ୍ୱନ୍ଦ୍ୱୀ ନେତାଙ୍କୁ ସଣ୍ଢୁଆସି ଆକ୍ରମଣ କରିଥିଲେ। ଏହା ସେଠାରେ ଉପସ୍ଥିତ ମନ୍ତ୍ରୀ,ଏମ୍‌ପି ଓ ପ୍ରଶାସନିକ ଅଧିକାରୀଙ୍କୁ ଅପମାନିତ କରିଥିଲା। ଦିନକ ପରେ ସୋମବାର ଏରସମା ସଭାରେ ଦାମ ନିଜର ଶକ୍ତି ପ୍ରଦର୍ଶନ କଲେ। ଏଥିରେ ପ୍ରାୟ ୧୦ହଜାରରୁ ଉର୍ଦ୍ଧ୍ୱ ଲୋକ ଯୋଗଦେବା ଓ ୪ ହଜାରରୁ ଉର୍ଦ୍ଧ୍ୱ ବାଇକ ଶୋଭାଯାତ୍ରାରେ ଦାମଙ୍କୁ ଦୀର୍ଘ ୬ କିଲୋମିଟର ରାସ୍ତାରେ ପାଛୋଟି ଆଣିବା ଘଟଣା ସମସ୍ତଙ୍କୁ ଚକିତ କରିଛି। ଦାମ ତାଙ୍କ ରାଜନୈତିକ ଜୀବନରେ ଏଭଳି ଅଦ୍ଭୁତ ସମାବେଶ ପ୍ରଥମଥର ନିଜ ବଳରେ କରିଥିବା କୁହାଯାଉଛି। କହିବାକୁ ଗଲେ ଏରସମା ସଭା ରାଜନୈତିକ ସମୀକରଣକୁ ଏକପ୍ରକାର ଏପଟସେପଟ କରିଦେଇଛି। ସଭାରେ ଦାମ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଓ ତାଙ୍କ ସରକାରଙ୍କୁ ଯେତିକି ଦୁର୍ନୀତିଗ୍ରସ୍ତ ବୋଲି ନିଷାଣ ମାରିଲେ ତା ଠାରୁ ଅଧିକ ଦୁର୍ନୀତିଗ୍ରସ୍ତ ବୋଲି କହି ବାଲିକୁଦା-ଏରସମା ବିଧାୟକ ପ୍ରଶାନ୍ତ ମୁଦୁଲିଙ୍କୁ ସମାଲୋଚନା କଲେ। ରାମଚନ୍ଦ୍ର ଅଯୋଧାରେ ଭରତଙ୍କୁ ରାଜ୍ୟଭାର ଦେବା ଭଳି ଦାମ ନିଜ ଜନ୍ମଭୂମି ଏରସମାରେ ପ୍ରଶାନ୍ତଙ୍କୁ ପ୍ରତିଷ୍ଠିତ କରାଇ ଥିଲେ। ଏହାପରେ ସେ ନିଜେ ପାରାଦୀପକୁ ନିଜ କର୍ମଭୂମି ଭାବେ ବାଛି ନେଇଥିଲେ। ମାତ୍ର ପ୍ରଶାନ୍ତ ଅଯୋଧା ରୂପକ ଏରସମାକୁ ଅସମ୍ମାନିତ କରିଥିବା ଓ ଏରସମାବାସୀଙ୍କୁ ଅବହେଳିତ କରିଥିବା ଦର୍ଶାଇ ଦାମ ତାଙ୍କୁ ହଟାଇବାକୁ ଚାହୁଁଥିବା ଏହି ସଭାର ସବୁଠୁ ବଡ଼ ବାର୍ତ୍ତା ଥିଲା। ପ୍ରକାଶ ଯେ, ଦାମଙ୍କ ଘର ଏରସମାରେ। ସେ ଏରସମାରୁ ଲଗାତର ଜିତିଆସିଛନ୍ତି। କିନ୍ତୁ ନିର୍ବାଚନମଣ୍ଡଳୀ ବିଭାଜନ ପରେ ସେ ପାରାଦୀପକୁ କର୍ମଭୂମି ଭାବେ ବାଛିନେଇ ଜନ୍ମଭୂମି ଏରସମାରୁ ଦୂରେଇ ଯାଇଥିଲେ। ଏକଦା ପଞ୍ଚାୟତ ସମିତି ଅଧ୍ୟକ୍ଷ ଥିବା ପ୍ରଶାନ୍ତଙ୍କୁ ବିଧାୟକ ଭାବେ ନିର୍ବାଚିତ କରାଇବାରେ ସେ ସହଯୋଗ କରିଥିଲେ। ନବୀନଙ୍କ ଭାବମୂର୍ତ୍ତୀ ଓ ଦାମଙ୍କ ସହଯୋଗ ପ୍ରଶାନ୍ତଙ୍କୁ ବିଧାୟକ ଭାବେ ଜିତିବାରେ ସହଜ ହୋଇଥିଲା। ପ୍ରଶାନ୍ତ ଏବେ ଜିଲା ବିଜେଡି କାର୍ଯ୍ୟକାରୀ ସଭାପତି ହୋଇଛନ୍ତି। ଅନ୍ୟପକ୍ଷରେ ଦାମଙ୍କୁ ଦଳରୁ ବହିଷ୍କାର କରାଯିବା ପଛରେ ପ୍ରଶାନ୍ତ ଓ ଜିଲା ବିଜେଡି ସଭାପତି ବିଷ୍ଣୁ ଦାସଙ୍କ ହାତ ଥିବାରୁ ଦାମ ଏହି ଦୁଇ ନେତାଙ୍କୁ ଟାର୍ଗେଟ କରିଛନ୍ତି। ଏଥିରେ ସେ କିଛି ମାତ୍ରାରେ ସଫଳ ହୋଇଥିବା ଏରସମା ସମାବେଶରୁ ଜଣାପଡୁଛି। କାରଣ ଏତେ ସଂଖ୍ୟାରେ ଲୋକ ଦାମଙ୍କ ସମାବେଶରେ ଯୋଗଦେବା ପ୍ରଶାନ୍ତଙ୍କୁ ଚିନ୍ତାରେ ପକାଇଥିବ ନିଶ୍ଚିତ। ସେହିପରି ସଭାରେ ଯେଉଁମାନେ ଉପସ୍ଥିତ ଥିଲେ ସେମାନେ ସମସ୍ତେ ଯେ ଦାମଙ୍କ ସମର୍ଥକ ତାହା କୁହାଯାଇପାରିବ ନାହିଁ। କାରଣ ସେମାନଙ୍କ ମଧ୍ୟରେ ବହୁ ଲୋକ ବିଜେଡି ବିରୋଧୀ ରାଜନୈତିକ ଦଳର ବୋଲି କୁହାଯାଉଛି। ଯାହାବି ହେଉ ସମାବେଶ କିନ୍ତୁ ଦାମଙ୍କ ନାଁରେ ହୋଇଥିଲା। ଏତେବଡ଼ ଜନ ସମାବେଶ ଦାମଙ୍କୁ ଆଗାମୀ ଦିନ ପାଇଁ ବଳ ଯୋଗାଇବା ସହ ତାଙ୍କ ବିରୋଧୀ ନେତାଙ୍କ ମନରେ ଛନକା ପଶାଇଛି। ଦାମଙ୍କ ପରବର୍ତ୍ତୀ ସଭା କୁଜଙ୍ଗ ଓ ପାରାଦୀପରେ ହେବ ବୋଲି ଚର୍ଚ୍ଚା ହେଉଛି। ତେଣୁ ଏବେ ଦେଖିବାର ଅଛି, ଯେ ନିଜ କର୍ମଭୂମିରେ ସଭା କରି ଦାମ କେତେ ସଫଳତା ପାଉଛନ୍ତି।

## ଜଗତ୍‌ସିଂହପୁର ଜିଲାକୁ ଜେଆର୍‌ଡି ଟାଟା ମେମୋରିଆଲ ଆୱାର୍ଡ

**ଜଗତ୍‌ସିଂହପୁର ଅଫିସ,୧୬।୧୦**

ଜନସଂଖ୍ୟା ସ୍ଥିରତା, ପ୍ରଜନନ ସ୍ୱାସ୍ଥ୍ୟ ଓ ପରିବାର ନିୟନ୍ତ୍ରଣ କ୍ଷେତ୍ରରେ ଜଗତ୍‌ସିଂହପୁର ଜିଲା ସାରା ଦେଶରେ ସଫଳତା ହାସଲ କରିଛି। ଏଥିପାଇଁ ଜିଲାକୁ ଜେଆର୍‌ଡି ଟାଟା ମେମୋରିଆଲ ଆୱାର୍ଡରେ ସମ୍ମାନିତ କରାଯାଇଛି। ଗତ ୧୨ ତାରିଖରେ ଦିଲ୍ଲୀର ଷ୍ଟେନ୍ ଅଡିଟୋରିୟମ ଇଣ୍ଡିଆ ହାବିଟାଣ୍ଟ ସେଣ୍ଟରରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଜିଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ ଡା. ଅଶୋକ କୁମାର ପଟ୍ଟନାୟକ ଏହି ପୁରସ୍କାର ଗ୍ରହଣ କରିଥିଲେ। ନୀତି ଆୟୋଗ ଉପାଧ୍ୟକ୍ଷ ପୁରସ୍କାର ବାବଦ ୨ ଲକ୍ଷ ଟଙ୍କା ଓ ମାନପତ୍ର ଡା. ପଟ୍ଟନାୟକଙ୍କୁ ପ୍ରଦାନ କରିଥିଲେ। ଲିଙ୍ଗ ହାର, ଶିଶୁ ଲିଙ୍ଗ ହାର, ମହିଳା ଓ ପୁରୁଷ ସାକ୍ଷରତା ହାର, ବିବାହର ଆଇନଗତ ବୟସ ସମେତ ଏନ୍‌ଏଫ୍‌ଏଚ୍‌ଏସ୍ ୪ର ସର୍ଭେକ୍ଷଣ ଆଧାରରେ ପପୁଲେଶନ୍ ଫାଉଣ୍ଡେଶନ୍ ଅଫ ଇଣ୍ଡିଆ ପକ୍ଷରୁ ପ୍ରସ୍ତୁତ ରିପୋର୍ଟ ଆଧାରରେ ଜଗତ୍‌ସିଂହପୁର ସଫଳତା ପାଇପାରିଛି।



ଜଗତ୍‌ସିଂହପୁର ବ୍ଲକ ସରାପ୍ୟେସ୍ଥିତ ମା' ସିଦ୍ଧିଦାତ୍ରୀ ଦିବ୍ୟ ଜୀବନ ସେବାଶ୍ରମରେ ଷୋଡ଼ଶ ଉପଚାର ପୂଜା ଉପଲକ୍ଷେ ମା' ସିଦ୍ଧିଦାତ୍ରୀଙ୍କ ମହାଗୌରୀ ବେଶ।

■ ବିଜୁ ମେମୋରିଆଲ ହସ୍ପିଟାଲ

## ଡାକ୍ତର ସଂଖ୍ୟା କମୁଛି, ରୋଗୀ ସଂଖ୍ୟା ବଢୁଛି

**ପାରାଦୀପ,୧୬।୧୦(ସ୍ୱ.ପ୍ର.)**

ପାରାଦୀପ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ବା ବିଜୁ ମେମୋରିଆଲ ହସ୍ପିଟାଲର ଆଉଟ୍‌ଡୋରରେ ଏବେ ଆଶାତିତ ଭାବେ ରୋଗୀଙ୍କ ସଂଖ୍ୟା ବଢିଯାଇଛି। ଗତ ଅଗଷ୍ଟ ୧୫ ପୂର୍ବରୁ ଏଠାରେ ଦୈନିକ ଆଉଟ୍‌ଡୋର ରୋଗୀଙ୍କ ସଂଖ୍ୟା ଥିଲା ୧୫୦ରୁ ୨୦୦। ଏବେ ସେହି ସଂଖ୍ୟା ୩୫୦ରୁ ୪୦୦ରେ ପହଞ୍ଚିଲାଣି। ଟିକେଟ କାଉଣ୍ଟରଠାରୁ ଡାକ୍ତରଙ୍କ ପ୍ରକୋଷ୍ଠ ପର୍ଯ୍ୟନ୍ତ ପ୍ରତ୍ୟେହ ସବୁଠାରେ ଗହଳି ଓ ଲମ୍ବା ଲାଇନ। ଅନ୍ୟପକ୍ଷରେ ଏଠାରେ ଡାକ୍ତରଙ୍କ ସଂଖ୍ୟା ୭ରୁ ହ୍ରାସ ପାଇ ୩ରେ ପହଞ୍ଚିଲାଣି। ସେମାନଙ୍କ ମଧ୍ୟରୁ ସିଏମ୍‌ଓ ଥିବା ଡା. ପ୍ରଫୁଲ୍ଲ କୁମାର ଦିକ୍ଷୀତଙ୍କ ପଦନ୍ନୋତି ହୋଇସାରିଛି। ସେ ଯେ କୌଣସି ମୁହୂର୍ତ୍ତରେ ମେଡିକାଲ ଛାଡ଼ି ପାରନ୍ତି। ଶିଳ୍ପଜନିତ ପ୍ରଦୂଷଣ ଓ ଦୂଷିତ ପାଣି ଯୋଗୁ ଏବେ ରୋଗୀଙ୍କ ସଂଖ୍ୟା ବଢିଛି ବୋଲି କୁହାଯାଉଛି। ଏ ସମ୍ପର୍କରେ ଡା. ଦିକ୍ଷୀତ କୁହନ୍ତି, ସରକାର ଏବେ ସରକାରୀ ଡାକ୍ତରଖାନାରେ ସବୁ ବ୍ୟବସ୍ଥା ମାଗଣା କରିଥିବାରୁ ଏପରି ହୋଇଛି। ଅର୍ଥାତ ପୂର୍ବରୁ ରୋଗୀ କଲ୍ୟାଣ ସମିତି ପାଇଁ ୫ଟଙ୍କା ଓ ପରୀକ୍ଷା ପାଇଁ କିଛି ଅର୍ଥ ବ୍ୟବସ୍ଥା ଥିଲା। ଅଗଷ୍ଟ ମାସରୁ ସରକାର ସବୁପ୍ରକାର ପରୀକ୍ଷା ଓ ଟିକେଟ ମାଗଣା କରିଦେଇଛନ୍ତି। ଏଥିସହ ନିରାମୟରେ ଔଷଧ ମାଗଣା ମିଳୁଛି। ତେଣୁ ବାହାରେ ପରୀକ୍ଷା ଓ ଔଷଧ ପାଇଁ ଖର୍ଚ୍ଚାନ୍ତ ହେଉଥିବା ଲୋକେ ଏବେ ସରକାରୀ ଡାକ୍ତରଖାନାକୁ ବୁଝିଲେଣି। ଯଦି ସବୁ ବିଭାଗର ଡାକ୍ତର ମେଡିକାଲରେ ରହିବେ, ତେବେ ବହୁ ସଂଖ୍ୟାରେ ରୋଗୀ ଚିକିତ୍ସା ନିମନ୍ତେ ଆସିବେ ବୋଲି ସେ କହିଛନ୍ତି।







**ମୁଗଲସରାଇ ମଣ୍ଡଳର ଡ଼େହରୀ ଅନ ସୋନ ଷ୍ଟେସନଠାରେ ନିରାପତ୍ତା ସମ୍ବନ୍ଧୀୟ ଆଧୁନିକୀକରଣ କାର୍ଯ୍ୟ ନିମନ୍ତେ ଟ୍ରେନ୍‌ଗୁଡ଼ିକର ରଦ୍ଦକରଣ/ଗତିପଥ ପରିବର୍ତ୍ତନ**

ଟ୍ରେନ୍‌ଗୁଡ଼ିକର ରଦ୍ଦକରଣ

| ଟ୍ରେନ୍ ନଂ. | ଟ୍ରେନ୍ ନାମ | ଷ୍ଟେସନ ଠାରୁ | ଯାତ୍ରା ପ୍ରାରମ୍ଭ କରୁଥିବା ତାରିଖ |
|---|---|---|---|
| 18311 | ସମ୍ବଲପୁର-ବାରଣାସୀ ଦ୍ୱି-ସାପ୍ତାହିକ ଏକ୍ସପ୍ରେସ୍ | ସମ୍ବଲପୁର | 24.10.2018 ଏବଂ 28.10.2018 |
| 18312 | ବାରଣାସୀ-ସମ୍ବଲପୁର ଦ୍ୱି-ସାପ୍ତାହିକ ଏକ୍ସପ୍ରେସ୍ | ବାରଣାସୀ | 25.10.2018 ଏବଂ 29.10.2018 |
| 12875 | ପୁରୀ-ଆନନ୍ଦ ବିହାର ଟର୍ମିନାଲ ନୀଳାଚଳ ଏକ୍ସପ୍ରେସ୍ | ପୁରୀ | 23.10.2018, 26.10.2018 ଏବଂ 28.10.2018 |
| 12876 | ଆନନ୍ଦ ବିହାର ଟର୍ମିନାଲ-ପୁରୀ ନୀଳାଚଳ ଏକ୍ସପ୍ରେସ୍ | ଆନନ୍ଦ ବିହାର ଟର୍ମିନାଲ | 26.10.2018, 28.10.2018 ଏବଂ 30.10.2018 |

ଟ୍ରେନ୍‌ଗୁଡ଼ିକର ଗତିପଥ ପରିବର୍ତ୍ତନ

| ଟ୍ରେନ୍ ନଂ. | ଟ୍ରେନ୍ ନାମ | ଯାତ୍ରା ପ୍ରାରମ୍ଭ କରୁଥିବା ତାରିଖ | ଗତିପଥ ପରିବର୍ତ୍ତନ |
|---|---|---|---|
| 12801 | ପୁରୀ-ନୂଆ ଦିଲ୍ଲୀ ପୁରୁଷୋତ୍ତମ ଏକ୍ସପ୍ରେସ୍ | 23.10.2018 ଏବଂ 28.10.2018 | ପୁରୀ-ବରକାକାନା-ଗଡ଼୍‌ୱା ରୋଡ୍-ଚୁନାର |
| 12802 | ନୂଆ ଦିଲ୍ଲୀ-ପୁରୀ ପୁରୁଷୋତ୍ତମ ଏକ୍ସପ୍ରେସ୍ | 23.10.2018 ଏବଂ 28.10.2018 | ଚୁନାର-ଗଡ଼୍‌ୱା ରୋଡ୍ ବରକାକାନା-ପୁରୀ |

ପୂର୍ବ ତଟ ରେଳପଥ

PR-365/J/18-19



ଧରିତ୍ରୀ DHARITRI
Quiz No.5
Puja Quiz- 2018
Main Sponsor TVS
Co-Sponsors CENTRAL Nikon
☑ Tick mark the box which is correct

୧. ଭାରତର 'ଗଜଲ ରାଣୀ' କାହାକୁ କୁହାଯାଏ ?
କ. ବେଗମ ଅଖତର ☐ ଖ. ନୁର ଜହାଁ ☐ ଗ. ଲତା ମଙ୍ଗେସକର ☐ ଘ. କେଉଁଟି ନୁହେଁ ☐
୨. ରାଜସ୍ଥାନରେ ଅନୁଷ୍ଠିତ ହେଉଥିବା ପୃଥିବୀ ପ୍ରସିଦ୍ଧ ପଶୁମେଳା (ଓଟ)ର ନାମ କ'ଣ ?
କ. ବୈଶାଖୀ ☐ ଖ. ମକର ☐ ଗ. ପୁଷ୍କର ☐ ଘ. କେଉଁଟି ନୁହେଁ ☐
୩. ମହାକୁମ୍ଭ ମେଳା କେଉଁଠାରେ ଅନୁଷ୍ଠିତ ହୁଏ ?
କ. ବାରାଣସୀ ☐ ଖ. ଆଲ୍ଲାହାବାଦ ☐ ଗ. ଗୟା ☐ ଘ. କେଉଁଟି ନୁହେଁ ☐
୪. ଅଲ୍ଲି ଆକବର ଖାନ୍ କେଉଁ ବାଦ୍ୟଯନ୍ତ୍ର ସହ ସମ୍ପୃକ୍ତ ?
କ. ସରୋଦ ☐ ଖ. ତବଲା ☐ ଗ. ଢୋଲ ☐ ଘ. କେଉଁଟି ନୁହେଁ ☐
୫. ନୋବେଲ ଶାନ୍ତି ପୁରସ୍କାର କେଉଁ ସହରରେ ଦିଆଯାଏ ?
କ. ଜେନେଭା ☐ ଖ. ଓସ୍‌ଲୋ ☐ ଗ. ଷ୍ଟକ୍‌ହୋମ ☐ ଘ. କେଉଁଟି ନୁହେଁ ☐

Participant's Name:......................................
Address:......................................
......................................
Education ......................................
Mobile......................................Age:............
E-mail:......................................

Terms & conditions:
1. Only original coupons will be considered.
2. Persons working with Dharitri or sponsors are not eligible for the contest.
3. Coupons should reach us within 7 days of publication.
4. Everyday three Daily Winners will be selected by lucky draw.
5. Mega prize winners will be selected from correct entries by lucky draw and Winners will bear gift taxes if any, as per Govt. norms.
6 Prize distribution date, time and venue will be intimated to the winners individually.
7. Selection of winners by the juries will be final. No complaints will be entertained.
*Conditions apply

Prizes: 1st - TVS Apache 160cc 2nd - TVS Jupiter Scooter, 3rd - TVS Scooty Pep+,
Consolation Prizes : Gift Vouchers from CENTRAL, Digital Cameras from NIKON
Cut this coupon and send it to the following address:
DHARITRI Puja Quiz No. 5
B-15, Industrial Estate, Rasulgarh, Bhubaneswar-10



# ବିଭିନ୍ନ ମଣ୍ଡପରେ ମା' ଶକ୍ତିମୟୀଙ୍କ ଆରାଧନା


ଗରଦପୁର ବ୍ଲକ ହରିପୁର।


ପଟ୍ଟାମୁଣ୍ଡାଇ ପୋଖରିଆପଡା ପୂଜାମଣ୍ଡପ।


ଗରଦପୁର ବ୍ଲକ କୋରୁଆ।


ଡେରାବିଶ ବ୍ଲକ ଭୋଳାହାଟ ପୂଜା ମଣ୍ଡପ।


ରାଜନଗର ଦେବୀଘର ପୂଜା ମଣ୍ଡପରେ ମା' ଦୁର୍ଗା।


ରାଜକନିକା ବ୍ଲକ କଣ୍ଡିଆ ପୂଜା କମିଟି।


ଡେରାବିଶ ବ୍ଲକ ଛଟିଣା ପୂଜା ମଣ୍ଡପ।


ଗରଦପୁର ବ୍ଲକ କଳାବୁଦା ବାରୁଣୀ।

## ସଂକ୍ଷେପରେ

### ମା' ମାଟିଆମଙ୍ଗଳା ପୀଠରେ ହେବ ୨ୟ ସାଗରବେଳା ମହୋତ୍ସବ

ରାଜନଗର, ୧୬।୧୦(ଡି.ଏନ୍.ଏ.): ରାଜନଗର ବ୍ଲକର ପ୍ରସିଦ୍ଧ ଶକ୍ତିପୀଠ ବାରଗାଁ ମା' ମାଟିଆମଙ୍ଗଳା ପୀଠରେ ରାଜନଗର ୨ୟ ବାର୍ଷିକ ସାଗରବେଳା ମହୋତ୍ସବ ଅନୁଷ୍ଠିତ ହେବ। ଏନେଇ ସୋମବାର ମା'ଙ୍କ ପୀଠରେ ସାଗରବେଳା ମହୋତ୍ସବ ଓ ସାଂସ୍କୃତିକ ପରିଷଦର ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ପରିଷଦର ସଭାପତି ଡା. ଅଭୟ କୁମାର ପାତ୍ରଙ୍କ ପୌରୋହିତ୍ୟରେ ଏହି ବୈଠକ ଆୟୋଜନ କରାଯାଇଥିଲା। ମହୋତ୍ସବରେ ଆଞ୍ଚଳିକ ପ୍ରଦର୍ଶନୀ ଆୟୋଜନ କରିବା, ରାଜନଗରର ବିଶିଷ୍ଟ ପ୍ରତିଭାମାନଙ୍କୁ ସମ୍ବର୍ଦ୍ଧିତ କରିବା ଓ ମହୋତ୍ସବ ମଞ୍ଚରେ ଆଞ୍ଚଳିକ କଳା ପ୍ରଦର୍ଶନ କରିବା ଲାଗି ନିଷ୍ପତ୍ତି ନିଆଯାଇଥିଲା। ଏଥିରେ ରାଜ୍ୟପାଳଙ୍କୁ ଆମନ୍ତ୍ରଣ କରିବା ପାଇଁ ପ୍ରସ୍ତାବ ଗୃହିତ ହୋଇଥିଲା। ସଂଯୋଜକ ଡଃ. ଧରଣୀଧର ରାଉତ ମହୋତ୍ସବର ଆଭିମୁଖ୍ୟ ସମ୍ପର୍କରେ ମତ ରଖିଥିଲେ। ସମ୍ପାଦକ ପ୍ରଫେସର ସତ୍ୟବାଦୀ ଜେନା କାର୍ଯ୍ୟକ୍ରମ ସମ୍ପର୍କରେ ସୂଚନା ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ବୈଠକରେ ସପନେଶ୍ୱର ମହାବିଦ୍ୟାଳୟର ଅଧକ୍ଷ ଅଭିନ୍ନ କୁମାର ସ୍ୱାଇଁ, ପୂର୍ବତନ ପଞ୍ଚାୟତ ସମିତି ଅଧକ୍ଷ ସୁରେନ୍ଦ୍ର ପ୍ରସାଦ ରାଉତ, ସାମାଜିକ କର୍ମୀ ବାସୁଦେବ ମିଶ୍ର, ଖବରଦାତା ଜଗନ୍ନାଥ ଦାସ, ପଦ୍ମଲୋଚନ ରାଉତ, ବିଜୟ କୁମାର ଜେନା ଓ ସୀତାକାନ୍ତ ରାଉଳ ପ୍ରମୁଖ ଯୋଗଦେଇଥିଲେ। ଛାତ୍ରନେତା ସୁନିଲ କୁମାର ରାଉଳ ଧନ୍ୟବାଦ ଦେଇଥିଲେ।

### ୨୨୩୮ ବୃଦ୍ଧାବୃଦ୍ଧଙ୍କୁ ନୂତନ ଭତ୍ତା ପ୍ରଦାନ

ରାଜନଗର, ୧୬।୧୦(ଡି.ଏନ୍.ଏ.): ରାଜନଗର ବ୍ଲକରେ ସୋମବାର ଭତ୍ତା ବଣ୍ଟନ କରାଯାଇଛି। ଏହି ଅବସରରେ ୨୨୩୮ଜଣ ବୃଦ୍ଧା, ବୃଦ୍ଧ, ଦିବ୍ୟାଙ୍ଗ ଓ ବିଧବା ମହିଳାଙ୍କୁ ଭତ୍ତା ବଣ୍ଟନ କରାଯାଇଛି। ମଧୁବାବୁ ପେନସନ ଯୋଜନାରେ ୧୮୬୪ଜଣଙ୍କୁ ଏହି ଭତ୍ତା ପ୍ରଦାନ କରାଯାଇଥିବା ବେଳେ ୩୭୪ଜଣଙ୍କୁ ଇନ୍ଦିରାଗାନ୍ଧୀ ଜାତୀୟ ବାର୍ଦ୍ଧକ୍ୟ ଭତ୍ତା ପ୍ରଦାନ କରାଯାଇଛି। ବ୍ଲକ ଅନ୍ତର୍ଗତ ବିଭିନ୍ନ ପଞ୍ଚାୟତର ନୂତନ ହିତାଧିକାରୀଙ୍କୁ ୩ମାସର ଓ ପୁରୁଣା ହିତାଧିକାରୀଙ୍କୁ ୨ମାସର ଭତ୍ତା ପ୍ରଦାନ କରାଯାଇଛି। ଶାରଦୀୟ ଦୁର୍ଗାପୂଜା ପାଇଁ ଅକ୍ଟୋବର ମାସର ଭତ୍ତା ଆଗୁଆ ବଣ୍ଟନକରାଯାଇଛି। ରାଜନଗର ପଞ୍ଚାୟତ କାର୍ଯ୍ୟାଳୟରେ ସରପଞ୍ଚ ପ୍ରଭାତ ଚନ୍ଦ୍ର ମିଶ୍ର ଓ କୋଇଲିପୁର ପଞ୍ଚାୟତ କାର୍ଯ୍ୟାଳୟରେ ସରପଞ୍ଚ ରଶ୍ମିତା ପ୍ରତିହାରୀ ଓ କନିଷ୍ଠଯନ୍ତ୍ରୀ ଅସିତ ସୁନ୍ଦରରାୟ ଏହି ଭତ୍ତା ବଣ୍ଟନ କରିଛନ୍ତି।

## ଅସାଧ୍ୟ ରୋଗ ଉପଶମ କରେ ପଣାଭୋଗ

**ଡେରାବିଶ, ୧୬।୧୦ (ସ୍ୱ.ପ୍ର.)**

ଆରମ୍ଭ ହୋଇଛି ସାର୍ବଜନୀନ ଦୁର୍ଗାପୂଜା। ବିଭିନ୍ନ ମଣ୍ଡପରେ ମା'ଦୁର୍ଗାଙ୍କ ମୃଣ୍ମୟୀ ମୂର୍ତ୍ତି ଷୋଡ଼ଶ ଉପଚାରରେ ପୂଜା ଚାଲିଛି। ତେବେ ସବୁଠାରେ ମା'ଦୁର୍ଗାଙ୍କ ଆରାଧନା ହେଉଥିବା ବେଳେ କେତେକ ମଣ୍ଡପରେ ରହିଛି ସ୍ୱତନ୍ତ୍ର ପରମ୍ପରା। ବିଭିନ୍ନ ଅସାଧ୍ୟ ରୋଗର ଉପସମ ପାଇଁ ଡେରାବିଶ ବ୍ଲକ ହରିଅଙ୍କର ଭୋଳାହାଟ ଦୁର୍ଗାମଣ୍ଡପରେ ଭୋଗ ହୁଏ ପଣାହାଣ୍ଡି। ଲୋକଶ୍ରୁତି ଅନୁସାରେ ମା'ଙ୍କ ପାଖେ ପଣାହାଣ୍ଡି ଭୋଗ ଲାଗି କଲେ ଅସାଧ୍ୟ ରୋଗ ଭଲ ହେବା ସହ ମନୋସ୍କାମନା ବି ପୂରଣ ହୋଇଥାଏ। ତେବେ ମଙ୍ଗଳବାର ମା' ମହାମାୟାଙ୍କ ମହାସପ୍ତମୀ ପୂଜା ଅବସରରେ ପଣାହାଣ୍ଡି ଭୋଗ ଲାଗି କରିବାକୁ ଚଳଚଞ୍ଚଳ ହୋଇ ଉଠିଥିଲା ଲୁଣା ଚିତ୍ରୋତ୍ପଳା ନଦୀର ଦ୍ୱୀପାଞ୍ଚଳରେ ଥିବା ହରିଅଙ୍କ ଭୋଳାହାଟ। ଲୁଣାନଦୀର କୂଳସାହିଠାରେ ଥିବା ଶନିଘାଟରୁ ଶ୍ରଦ୍ଧାଳୁମାନେ କଳସ ଶୋଭାଯାତ୍ରାରେ ଆସି ମଣ୍ଡପରେ କଳସ ସ୍ଥାପନ କରିଥିଲେ। ଚକ୍ଷୁଦାନ ପରେ ମା'ଙ୍କ ମହାସପ୍ତମୀ ପୂଜା ଆରମ୍ଭ ହୋଇଥିଲା। ଅଷ୍ଟମୀ ତିଥିରେ ସନ୍ଧିପୂଜା ଓ ବଳିଦାନ, ନବମୀ ତିଥିରେ ଡାଲାଭୋଗ ସହ ପଣା ହାଣ୍ଡିଭୋଗ ଓ ଦଶମୀ ତିଥିରେ ଅପରାଜିତା ପୂଜା ସହ ଘଟ ବିସର୍ଜନ ହେବ ବୋଲି କମିଟି ସଭାପତି ନାରାୟଣ ମିଶ୍ର କହିଛନ୍ତି। ସେହିପରି ଏହି ପୂଜା ସମୟରେ ପ୍ରତ୍ୟହ ସନ୍ଧ୍ୟାରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହେବ ବୋଲି ସମ୍ପାଦକ ଅନନ୍ତ କୁମାର ପରିଡ଼ା କହିଛନ୍ତି। ଘଟ ବିସର୍ଜନ ପରେ ମା'ଙ୍କୁ ଘଣ୍ଟ ସଙ୍କୀର୍ତ୍ତନ ଶୋଭାଯାତ୍ରାରେ ନିଆଯାଇଥାଏ ବୋଲି ସରପଞ୍ଚ ଯୁଗଳ କିଶୋର ମହାନ୍ତି ଓ ପୂର୍ବତନ ସରପଞ୍ଚ ସୁଖଦାନନ୍ଦ ପ୍ରଧାନ ସୂଚନା ଦେଇଛନ୍ତି। ଏହି ପୂଜାପାଇଁ ଭିଡକୁ ପରିଲକ୍ଷିତ କରି ସଦର ଥାନା ପକ୍ଷରୁ ଆଇନ ଶୃଙ୍ଖଳା ନିୟନ୍ତ୍ରଣ ବ୍ୟବସ୍ଥା ହୋଇଛି। ପୂଜକ ଭାବେ ପଣ୍ଡିତ ସତ୍ୟାନନ୍ଦ ଶତପଥୀ, ଜୟନ୍ତ କୁମାର ଶତପଥୀ ଦାୟିତ୍ୱ ନିର୍ବାହ କରୁଛନ୍ତି। କାରିଗର କିଶୋର କୁମାର ମନ୍ତ୍ରୀ କୁହନ୍ତି, ପିତୁଳା ବନ୍ଧା ହେବା ପୂର୍ବରୁ ଝଙ୍କଡସ୍ଥିତ ମା'ଶାରଳାଙ୍କ ପୀଠରୁ ଏଥିପାଇଁ ଆଜ୍ଞାମାଳ ଆଣି ମୂର୍ତ୍ତି ନିର୍ମାଣ କାର୍ଯ୍ୟ ଆରମ୍ଭ କରାଯାଏ। ମୂର୍ତ୍ତି ନିର୍ମାଣ ପାଇଁ ପାଖାପାଖି ଏକ ମାସ ଲାଗୁଥିବା ବେଳେ ଏହା ଶେଷ ନ ହେବା ପର୍ଯ୍ୟନ୍ତ କାରିଗରମାନେ ଆମିଷ ଭୋଜନ କରି ନଥାନ୍ତି ବୋଲି କିଶୋର କହିଛନ୍ତି। ହରିଅଙ୍କ, ଇନ୍ଦାଳୋ, ଜଆଁରାବାରିମୂଳ ସମେତ ଗରଦପୁର ବ୍ଲକର ଭଗବାନପୁର, ବରବେତରା ଓ ବଙ୍ଗାଳପୁର ପଞ୍ଚାୟତବାସୀଙ୍କ ସହଯୋଗକ୍ରମେ ଦୀର୍ଘ ବର୍ଷ ଧରି ଏହି ପୂଜା ଅନୁଷ୍ଠିତ ହୋଇଆସୁଛି। ଏହି ଅଞ୍ଚଳର ମଳୟ କୁମାର ମିଶ୍ର, ଅଞ୍ଜନ କୁମାର ମହାନ୍ତି, ନିତ୍ୟାନନ୍ଦ ଓଝା, ଅନନ୍ତ କୁମାର ପରିଡା, ବସନ୍ତ ମିଶ୍ର, ରାଜକିଶୋର ବେହେରା ପ୍ରମୁଖଙ୍କ ଉଦ୍ୟମକ୍ରମେ ଆରମ୍ଭ ହୋଇଥିବା ଏହି ପୂଜା କ୍ରମଶଃ ବୃଦ୍ଧି ପାଇବାରେ ଲାଗିଛି।

### କଣ୍ଡିଆ ସାର୍ବଜନୀନ ଶାରଦୀୟ ଦୁର୍ଗା ପୂଜା କମିଟିର ରୌପ୍ୟ ଜୟନ୍ତୀ

## ଆଲୋକମାଳାରେ ଝଲସୁଛି ପୂଜାମଣ୍ଡପ

**ରାଜକନିକା, ୧୬।୧୦ (ଡି.ଏନ୍.ଏ.)**

ଶାରଦୀୟ ଦୁର୍ଗାପୂଜା ପାଇଁ ଉତ୍ସବମୁଖର ହୋଇଛି ରାଜକନିକା ବ୍ଲକ କଣ୍ଡିଆ, ଅଶୋକବଜାର, ପିମ୍ପୁଡି, ଚାରିପୋଖରିଆ, ମହୁରୀ ଗାଁ। ଚଳିତବର୍ଷ କଣ୍ଡିଆ ସାର୍ବଜନୀନ ଶାରଦୀୟ ଦୁର୍ଗାପୂଜା କମିଟିର ରୌପ୍ୟ ଜୟନ୍ତୀ ପାଳନ ଉପଲକ୍ଷେ ପୂଜା କମିଟି ପକ୍ଷରୁ ବ୍ୟାପକ ପ୍ରସ୍ତୁତି କରାଯାଇଛି। ରଙ୍ଗବେରଙ୍ଗର ଆଲୋକମାଳାରେ ଝଲସୁଛି ପୂଜା ମଣ୍ଡପ। ୭ ଦିନ ବ୍ୟାପୀ ହେବାକୁ ଥିବା ଏହି ପୂଜାକୁ ପୂଜା କମିଟି ସଦସ୍ୟ, ଗ୍ରାମବାସୀ ଓ ଯୁବକମାନେ ପରିଚାଳନା କରୁଛନ୍ତି। ଏହି ଉପଲକ୍ଷେ ୧୫ ତାରିଖଠାରୁ ପ୍ରତି ସନ୍ଧ୍ୟାରେ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜନ କରାଯାଉଥିବା ବେଳେ ଏହା ଆସନ୍ତା ୨୧ ତାରିଖ ପର୍ଯ୍ୟନ୍ତ ଚାଲିବ। ୧୭ରେ ମହାଷ୍ଟମୀ ଓ ୧୮ରେ ମହାନବମୀ ପୂଜା ଅନୁଷ୍ଠିତ ହେବ। ନବମୀ ତିଥିରେ କଣ୍ଡିଆ ପୂଜା କମିଟିର ରୌପ୍ୟ ଜୟନ୍ତୀ ଉତ୍ସବ ପାଳନ କରାଯିବ। ଏଥିରେ ରାଜ୍ୟ ସଭା ସଦସ୍ୟ ପ୍ରତାପ କେଶରୀ ଦେବ, ଆଳି ବିଧାୟକ ଦେବେନ୍ଦ୍ର ନାଥ ଶର୍ମା ମୁଖ୍ୟବକ୍ତା, ଆଳି ପ୍ରାକ୍ତନ ବିଧାୟକ ଦୋଳ ଗୋବିନ୍ଦ ନାୟକ, ରାଜକନିକା ପଞ୍ଚାୟତ ସମିତି ଅଧକ୍ଷା ସାବିତ୍ରୀ ଦାସ, ଚରପଡ଼ା ସରପଞ୍ଚ ସ୍ୱର୍ଣ୍ଣଲକ୍ଷ୍ମୀ ବଳ ଓ ଚରପଡା ସମିତିସଭ୍ୟା ମଧୁସ୍ମିତା ଦାସ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେବାର କାର୍ଯ୍ୟକ୍ରମ ରହିଛି। ୧୯ ତାରିଖ ବିଜୟା ଦଶମୀରେ ରାବଣ ପୋଡ଼ି ଉତ୍ସବ, ୨୦ରେ ମେଲୋଡି ଓ ୨୧ ରେ ଭସାଣି ଉତ୍ସବ ଅନୁଷ୍ଠିତ ହେବ। ସେହିପରି ଚରପଡ଼ା ଛକ ମା' ସିଦ୍ଧେଶ୍ୱରୀ ବଣିକ ସଂଘ ପକ୍ଷରୁ ଏକାଦଶ ବାର୍ଷିକ ସାର୍ବଜନୀନ ଦୁର୍ଗାପୂଜା ମହାସମାରୋହରେ ପାଳିତ ହେଉଛି। ଏଥିପାଇଁ ଚରପଡ଼ା ବଣିକ ସଂଘ ପକ୍ଷରୁ ବ୍ୟାପକ ପ୍ରସ୍ତୁତି କରାଯାଇଛି।

## ପଟ୍ଟାମୁଣ୍ଡାଇ ବଜାରରେ ୨୫ ପୂଜାମଣ୍ଡପ

**ଜଗତରେ ଶାନ୍ତି ପ୍ରତିଷ୍ଠା କରିବାକୁ ଯୁଗେ ଯୁଗେ ଜଗଜ୍ଜନନୀ ମା' ଦୁର୍ଗା ଓହ୍ଲାଇ ଆସନ୍ତି ଏହି ଧରାଧାମକୁ। ଅନ୍ୟାୟ, ଅସତ୍ୟ ଉପରେ ସତ୍ୟର ବିଜୟ କରି ପ୍ରାଣୀମାନଙ୍କ ମନରେ ପ୍ରତ୍ୟୟ ସୃଷ୍ଟି କରନ୍ତି। ପୁରାଣ ବର୍ଣ୍ଣିତ କଥାବସ୍ତୁକୁ ଆଧାର କରି ମର୍ତ୍ତ୍ୟଲୋକରେ ଅନୁଷ୍ଠିତ ହୋଇଆସୁଛି ପାର୍ବଣର ପୂଜା ଉତ୍ସବ। ବୁଧବାର ମହାଷ୍ଟମୀ। ପୂଜାମଣ୍ଡପଗୁଡିକରୁ ଭାସି ଆସୁଥିବା ଦେବୀ ସ୍ତୋତ୍ରର ଗୁରୁଗମ୍ଭୀର ନିନାଦରେ ଗଗନ ପବନ ମୁଖରିତ ହୋଇ ଉଠୁଛି। ବିଭିନ୍ନ ପୂଜାମଣ୍ଡପ ରଙ୍ଗବେରଙ୍ଗର ଆଲୋକମାଳା ଓ ସୁଦୃଶ୍ୟ ତୋରଣରେ ଝଲସି ଉଠୁଛି। ମହିଷାମର୍ଦ୍ଦିନୀ ମା' ଦୁର୍ଗାଙ୍କ ଆଗମନରେ ହସି ଉଠିଛି ଧରା। ସହରଠାରୁ ପୁରପଲ୍ଲୀ ହୋଇ ଉଠିଛି ଉତ୍ସବ ମୁଖର।**

**ପଟ୍ଟାମୁଣ୍ଡାଇ,୧୬।୧୦(ସ୍ୱ.ପ୍ର.)**

ଦୁର୍ଗାପୂଜା ପାଇଁ ପଟ୍ଟାମୁଣ୍ଡାଇ ବଜାର ଓ ଆଖପାଖ ଅଞ୍ଚଳ ଚଳଚଞ୍ଚଳ ହୋଇଉଠିଛି। ମଙ୍ଗଳବାର ମହାସପ୍ତମୀରେ ବିଭିନ୍ନ ପୂଜା ମଣ୍ଡପରେ ଶ୍ରଦ୍ଧାଳୁମାନେ ପୂଜାର୍ଚ୍ଚନା କରିବା ଦେଖିବାକୁ ମିଳିଛି। ଚଳିତବର୍ଷ ପଟ୍ଟାମୁଣ୍ଡାଇ ବଜାରରେ ୨୫ଟି ମଣ୍ଡପରେ ଶାରଦୀୟ ପୂଜା ଅନୁଷ୍ଠିତ ହେଉଛି। ପୋଖରିଆପଡା ଦୁର୍ଗା, କଚେରି ଦୁର୍ଗା ଓ ବଙ୍ଗାଳି ସାହି ଦୁର୍ଗା ମଣ୍ଡପରେ ଶକ୍ତି ସ୍ୱରୂପିଣୀ ମା' ଦୁର୍ଗା ପୂଜା ପାଉଛନ୍ତି। ପୌର କାର୍ଯ୍ୟାଳୟ ନିକଟସ୍ଥ ସ୍ଥାୟୀ ମଣ୍ଡପରେ ମା ବନଦୁର୍ଗା ପୂଜା ପାଉଥିବା ବେଳେ ବିଭିନ୍ନ ମଣ୍ଡପରେ ମା ଗାୟତ୍ରୀ, ମା ଅନ୍ନପୂର୍ଣ୍ଣା, ମା ଶାରଳା, ମା ଗୃହଲକ୍ଷ୍ମୀ, ମା ସନ୍ତୋଷୀଙ୍କ ପୂଜା ଅନୁଷ୍ଠିତ ହେଉଛି। ଏଥିସହିତ ମହାବୀର, ବାଳକ ହନୁମାନ, ଲକ୍ଷ୍ମୀ ନାରାୟଣ, ରାମାଭିଷେକ, ଦଶଅବତାର, ନୀଳମାଧବ, ବଂଶୀଧାରୀ, କୃଷ୍ଣ ବଳରାମ, ହରିହର, ସୂର୍ଯ୍ୟଦେବତା, ନୀଳ କଣ୍ଠେଶ୍ୱର, ଲକ୍ଷ୍ମୀବରାହ, ଲକ୍ଷ୍ମୀ ନୃସିଂହ, ନିତାଇ ଗୌର ପ୍ରଭୃତି ଦେବୀଦେବ ମଣ୍ଡପଗୁଡିକରେ ପୂଜା ପାଉଛନ୍ତି। ଆଲୋକମାଳାରେ ପୂଜା ମଣ୍ଡପଗୁଡିକ ଝଲସି ଉଠୁଥିବା ବେଳେ ସୁଉଚ୍ଚ ତୋରଣଗୁଡିକ ପୂଜା ଉତ୍ସବକୁ ବେଶ ଆକର୍ଷଣୀୟ କରିଛି। ପୋଖରୀଆପଡା ଦୁର୍ଗା କମିଟି ପକ୍ଷରୁ ହୋଇଥିବା ଦୁଇଟି ତୋରଣ ମନମୁଗ୍ଧକର ହୋଇଛି। ସେହିପରି ଟାଉନ କ୍ଲବ, ଲକ୍ଷ୍ମୀ ବରାହ ପୂଜା କମିଟି ତୋରଣ, ହରଗୌରୀ, ମହାବୀର, ହରିହର ପୂଜା କମିଟିର ତୋରଣ ଆକର୍ଷଣୀୟ ହୋଇଛି। ନୀଳମାଧବ ପୂଜା କମିଟି ପକ୍ଷରୁ ନୀଳକନ୍ଦରରେ ପୂଜା ପାଉଥିବା ଠାକୁରଙ୍କ ପାଇଁ ହୋଇଥିବା ଆକର୍ଷଣୀୟ ପାହାଡ ନିକଟରେ ଶ୍ରଦ୍ଧାଳୁଙ୍କ ଭିଡ ଜମୁଛି। ଶାନ୍ତିଶୃଙ୍ଖଳା ରକ୍ଷା ପାଇଁ ମଙ୍ଗଳବାର ସନ୍ଧ୍ୟାରେ ପୋଲିସର ଫ୍ଲାଗମାର୍ଚ୍ଚ ହୋଇଛି। ଏହାଛଡା ୨ ସେକ୍ସନ ପୋଲିସ ଫୋର୍ସଙ୍କ ସହ ପୋଲିସ ଅଧିକାରୀମାନେ ନିୟୋଜିତ ଅଛନ୍ତି। ପୂଜାକୁ ସଫଳ କରିବା ପାଇଁ ସ୍ୱାସ୍ଥ୍ୟ ବିଭାଗ, ଜନସ୍ୱାସ୍ଥ୍ୟ ବିଭାଗ, ଅଗ୍ନିଶମ ବିଭାଗ, ବିଦ୍ୟୁତ ବିଭାଗ, ଅବକାରୀ ବିଭାଗ କର୍ମଚାରୀମାନଙ୍କୁ ସଜାଗ କରାଯାଇଛି। ଆସନ୍ତା ଶନିବାର ପୂର୍ବାହ୍ନ ୧୧ଟାରୁ ଭସାଣି ଉତ୍ସବ ଅନୁଷ୍ଠିତ ହେବ।

## ମହାମାୟାଙ୍କ ପୂଜା ପାଇଁ ଗରଦପୁର ଉତ୍ସବମୁଖର

**ପାଟକୁରା, ୧୬।୧୦ (ଡି.ଏନ୍.ଏ.)**

ଗରଦପୁର ବ୍ଲକ ଅଞ୍ଚଳରେ ମା' ମହାମାୟାଙ୍କ ପୂଜା ଖୁବ୍ ଧୁମ୍‌ଧାମ୍‌ରେ ପାଳିତ ହେଉଥିବା ବେଳେ ରଙ୍ଗବେରଙ୍ଗ ଆଲୋକମାଳାରେ ଚିତାକର୍ଷକ ହୋଇଛି ବିଭିନ୍ନ ପୂଜା ମଣ୍ଡପ। ଭଜନ, କୀର୍ତ୍ତନ ଓ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମରେ ଦୁଲୁକୁଛି ଗାଁଠୁ ସହର। ମଙ୍ଗଳବାର ମହାସପ୍ତମୀ ପୂଜା ଅବସରରେ ମା'ଙ୍କ ଦର୍ଶନ ପାଇଁ ସମସ୍ତ ପୂଜା ମଣ୍ଡପରେ ଶହ ଶହ ଶ୍ରଦ୍ଧାଳୁଙ୍କ ଭିଡ଼ ଜମିଥିଲା। ଏହି ଉପଲକ୍ଷେ ସନ୍ଧ୍ୟାରେ କେତେକ ପୂଜା ମଣ୍ଡପ ପାର୍ଶ୍ୱରେ ସାଂସ୍କୃତିକ କାର୍ଯ୍ୟକ୍ରମର ଆୟୋଜନ କରାଯାଇଛି।

## ଶାରଦୀୟ ଦୁର୍ଗାପୂଜା ପାଇଁ ମାର୍ଶାଘାଇ ଉତ୍ସବମୁଖର

**ମାର୍ଶାଘାଇ,୧୬।୧୦(ଡିଏନଏ)**


ମାର୍ଶାଘାଇ ବଜାର ଦୁର୍ଗା ମଣ୍ଡପ।

ମଙ୍ଗଳବାର ମାର୍ଶାଘାଇ ବଜାରରେ ଥିବା ଦୁର୍ଗା ମଣ୍ଡପରେ ମା' ଦୁର୍ଗାଙ୍କର ସପ୍ତମୀ ବିହିତ ମହାପୂଜା ଷୋଡଶ ଉପଚାରରେ ଅନୁଷ୍ଠିତ ହୋଇଯାଇଛି। ସୋମବାର ଷଷ୍ଠୀ ପୂଜା ଅବସରରେ ବିଲ୍ୱବରଣ କରାଯାଇଥିଲା। ମଙ୍ଗଳବାର ଭୋର ସମୟରେ ବିଲ୍ୱ ଶାଖା ଛେଦନ କରାଯାଇ କଳସାଧିବାସ କରା ଯାଇଥିଲା। ନବପତ୍ରିକା ପ୍ରବେଶ ପରେ ଅପରାହ୍ନରେ ମା' ଦୁର୍ଗାଙ୍କର ଚକ୍ଷୁଦାନ ପୂଜା କରାଯାଇ ସପ୍ତମୀ ବିହିତ ମହାପୂଜା ହୋଇଥିଲା। ସୁଶୋଭିତ ତୋରଣ ସାଙ୍ଗକୁ ରଙ୍ଗବେରଙ୍ଗର ଆଲୋକମାଳାରେ ପୂଜା ମଣ୍ଡପ ସମେତ ସମଗ୍ର ବଜାର ଅଞ୍ଚଳ ଆଲୋକମାଳାରେ ସଜ୍ଜିତ କରାଯାଇଛି। ବୁଧବାର ମହାଷ୍ଟମୀ ପୂଜା ସକାଳୁ ଆରମ୍ଭ ହୋଇ ୧୧ଟା ୫୫ମିନିଟରେ ସମାପନ ହେବ। ତାପରେ ସନ୍ଧିପୂଜା କରାଯାଇ ୧୨ଟା ୪୪ ମିନିଟରେ ବଳିଦାନ ପୂଜା ହେବାର ଅଛି। ଅଷ୍ଟମୀ ତିଥିରେ ବ୍ରତଧାରୀମାନଙ୍କର ଭିଡକୁ ଦୃଷ୍ଟିରେ ରଖି ପୂଜା କମିଟି ତରଫରୁ ଶାନ୍ତି ଶୃଙ୍ଖଳା ରକ୍ଷା ପାଇଁ ସ୍ୱତନ୍ତ୍ର ବ୍ୟବସ୍ଥା କରାଯାଇଛି। ସନ୍ଧ୍ୟାରେ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ ବୋଲି ପୂଜା କମିଟିର ସଭାପତି ରବିନ୍ଦ୍ର କୁମାର ସ୍ୱାଇଁ, କାର୍ଯ୍ୟକାରୀ ସଭାପତି ରଣେନ୍ଦ୍ର କୁମାର ସ୍ୱାଇଁ, ସଂପାଦକ ସୁନାକର ଗାହାଣଙ୍କଠାରୁ ସୂଚନା ମିଳିଛି।

## ଦେବୀଘରେ ହୋଇଥିଲା ପ୍ରଥମ ଶାରଦୀୟ ଦୁର୍ଗାପୂଜା ଆରମ୍ଭ

**ରାଜନଗର, ୧୬।୧୦(ଡି.ଏନ.ଏ.)**

ରାଜନଗର ବ୍ଲକର ଗଣପର୍ବ ଶାରଦୀୟ ଦୁର୍ଗାପୂଜା ପାରମ୍ପାରିକ ରୀତିନୀତି ଅନୁଯାୟୀ ଆରମ୍ଭ ହୋଇଛି। ରାଜନଗର ଅଞ୍ଚଳର ବିଭିନ୍ନ ସ୍ଥାନରେ ମା' ଦୁର୍ଗାଙ୍କ ସହିତ ଅନ୍ୟାନ୍ୟ ଦେବାଦେବୀଙ୍କୁ ଆରାଧନା କରାଯାଉଛି। ମଙ୍ଗଳବାର ସପ୍ତମୀ ତିଥିରେ ସର୍ବ ପୁରାତନ ଦୁର୍ଗାମଣ୍ଡପ ଠାରେ ମା'ଙ୍କ ପୂଜାପାର୍ବଣ ଆରମ୍ଭ ହୋଇଛି। ମହାସପ୍ତମୀ ତିଥିରେ ଆଖପାଖର ଶ୍ରଦ୍ଧାଳୁମାନେ ମା'ଙ୍କୁ ଦର୍ଶନ କରିବା ଦେଖିବାକୁ ମିଳିଛି। ରାଜନଗର ଅଞ୍ଚଳରେ ଦୁର୍ଗାପୂଜା କେବେଠୁଁ ଆରମ୍ଭ ହୋଇଛି, ସେ ସମ୍ପର୍କରେ ସଠିକ୍ ତଥ୍ୟ ନାହିଁ। ଅଞ୍ଚଳର ବୟୋଜ୍ୟେଷ୍ଠ ମୁରବୀମାନଙ୍କ କହିବା ମୁତାବକ ରାଜନଗରରେ ଜାକଜମକରେ ଗଣେଶ ପୂଜା ପାଳନ ହୁଏ। କନିକା ରାଜାଙ୍କ ଜମିଦାରୀ ସମୟରେ ୧୯୨୬ ମସିହା ପୂର୍ବରୁ ରାଜନଗରରେ ଦୁର୍ଗାପୂଜା ହେଉଛି। ଯୁବକ ମାନଙ୍କ ଦ୍ୱାରା ଡ୍ରାମା, ଯାତ୍ରା ପରିବେଷଣ କରାଯାଇ ମିଳୁଥିବା ଲାଭରୁ ଏହି ପୂଜା ପାଳନ କରାଯାଉଥିଲା। ରାଜନଗର ବଜାରରେ ଥିବା ମାଟିଘରେ (ଯାହାକି ସମଗ୍ର ଅଞ୍ଚଳରେ ଦେବୀ ଘର ନାମରେ ପରିଚିତ) ପ୍ରଥମେ ଦୁର୍ଗାପୂଜା ହୋଇଥିଲା। ଦେବୀଘରେ ଦୁର୍ଗାପୂଜା ଆରମ୍ଭ ବେଳେ ଦୁର୍ଗାଷ୍ଟମୀ ଦିନ ଅଞ୍ଚଳରେ ଶାନ୍ତିରକ୍ଷା ପାଇଁ ମା'ଙ୍କ ପାଖରେ ମଇଁଷି ଓ ଛେଳି ବଳି ଦିଆଯାଉଥିଲା। ବଳି ପାଇଁ ମା'ଙ୍କ ପୀଠ ରକ୍ତ ରଞ୍ଜିତ ହେଉଥିଲା। ମାତ୍ର ପ୍ରାଧାପକ ସ୍ୱର୍ଗତ ସୋମନାଥ ମିଶ୍ର ବିସ୍ତୃତ ପୂଜାନୀତି ପ୍ରଚଳନ କରିବା ସହ ବଳିପ୍ରଥାକୁ ଲୋପ କରି ପରମ୍ପରା ରକ୍ଷା ପାଇଁ ପାଣି କଖାରୁ ବଳି ପ୍ରଥା ପ୍ରଚଳନ ପାଇଁ ପ୍ରସ୍ତାବ ଦେଇଥିଲେ। ପରବର୍ତ୍ତୀ ସମୟରେ ଏହି ପୀଠରେ ମଇଁଷି ଓ ଛେଳି ବଳି ଦେବା ବନ୍ଦ କରାଗଲା।

### ରାଜନଗରରେ ୩୮ ମେଢ

ଚଳିତବର୍ଷ ଦୁର୍ଗାପୂଜା ଅବସରରେ ରାଜନଗର ବଜାରରେ ୨୦ଟି ଓ ଆଖପାଖ ଗାଁରେ ୧୮ଟି ମେଢକୁ ମିଶାଇ ମୋଟ ୩୮ ମେଢ ହୋଇଛି। ଗଳିଦାଣ୍ଡରେ ମା'ବନଦୁର୍ଗା, ଜଗନ୍ନାଥ ବଜାରରେ ମା'ଲକ୍ଷ୍ମୀ, ବଜାର ଦାଣ୍ଡରେ ରାଧାକୃଷ୍ଣ, ଟାଉନ୍ କ୍ଲବରେ ଶିବ ପାର୍ବତୀ, ପରିବା ମାର୍କେଟରେ ବିଶ୍ୱରୂପ, ଅନନ୍ତଶୟନ ବଜାରରେ ଅନନ୍ତ ଶୟନ, ତହସିଲ ଛକରେ ଲକ୍ଷ୍ମୀନାରାୟଣଙ୍କ ପୂଜା ହେଉଛି। ସେହିପରି ମାଛ ମାର୍କେଟ୍‌ରେ ଗଙ୍ଗାମାତା, ଥାନାରେ ରାଧାକୃଷ୍ଣ, ପୋଲ ପାଖରେ ବଜରଙ୍ଗବଲୀ ହନୁମାନ, ତାରିଣୀ ଛକରେ ମା'ଧନଲକ୍ଷ୍ମୀ, ଷ୍ଟେଟ୍‌ବ୍ୟାଙ୍କ ଛକ ନିକଟରେ ଶ୍ରୀଗଣେଶ, ରାଜସ୍ୱ ଡାକବଙ୍ଗଳା ସମ୍ମୁଖରେ ଗଜାନନ ଓ ମା' ସରସ୍ୱତୀଙ୍କ ସମେତ ଘାଟରୋଡସ୍ଥିତ ଅନନ୍ତ ବାସୁଦେବ ପୂଜା କମିଟି ପକ୍ଷରୁ ଚଳିତବର୍ଷ ପ୍ରଥମଥର ସାଇବାବାଙ୍କୁ ପୂଜାର୍ଚ୍ଚନା କରାଯାଉଛି। ତ୍ରିନାଥ ବଜାରରେ ତ୍ରିନାଥ, ସାନବଡ ଗୋପାଳପୁରର ଛକରେ ମା'ଶାରଳା, ଏବଂ ଗୋପାଳପୁର ପଞ୍ଚାୟତ କାର୍ଯ୍ୟାଳୟ ନିକଟରେ ମହାବୀର ହନୁମାନ ମେଢ ସାଙ୍ଗକୁ ଆକର୍ଷଣୀୟ ତୋରଣ ଓ ଆଲୋକ ସଜ୍ଜା ପୂଜା ଉତ୍ସବକୁ ସରସ ସୁନ୍ଦର କରିଛି। ସେହିପରି ମଦନପୁର, ଓକିଲପାଳ, ଗୁପ୍ତି, ତାଳଚୁଆ, ଦୋଳସାହି, ପଟ୍ଟାପାରିଅ, ଇଶ୍ୱରପୁର, ଜୁନୁସ୍‌ନଗରରେ ଗୋଟିଏ ଲେଖାଁଏ ମେଢ ହୋଇଥିବା ବେଳେ ଜରିମୂଳରେ ୮ଟି ମେଢ ସହ ଆକର୍ଷଣୀୟ ତୋରଣ କରାଯାଇଛି।

## ସଂକ୍ଷେପରେ

### ଜଗତ୍‌ସିଂହପୁର ଜିଲାକୁ ଜେଆର୍‌ଡି ଟାଟା ମେମୋରିଆଲ ପୁରସ୍କାର

■ ପରିବାର ନିୟୋଜନ ଓ ଡାକ୍ତରଖାନାରେ ପ୍ରସବ କ୍ଷେତ୍ରରେ ଆଗୁଆ

**ଭୁବନେଶ୍ୱର, ୧୬।୧୦(ବ୍ୟୁରୋ):** ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ଓଡ଼ିଶାକୁ ପୁଣି ଥରେ ଏକ ସଫଳତା ମିଳିଛି। ଉନ୍ନତମାନର ସ୍ୱାସ୍ଥ୍ୟସେବା ଲାଗି ପପୁଲେଶନ ଫାଉଣ୍ଡେଶନ୍ ଅଫ୍ ଇଣ୍ଡିଆ ପକ୍ଷରୁ ଜଗତ୍‌ସିଂହପୁର ଜିଲାକୁ ସମ୍ମାନଜନକ ଜେଆର୍‌ଡି ଟାଟା ମେମୋରିଆଲ ପୁରସ୍କାର ପ୍ରଦାନ କରାଯାଇଛି। ଗତ ୧୨ ତାରିଖରେ ନୂଆଦିଲ୍ଲୀର ଇଣ୍ଡିଆ ହାବିଟାଟ ସେଣ୍ଟରରେ ଆୟୋଜିତ ଏକ ସ୍ୱତନ୍ତ୍ର ଉତ୍ସବରେ ନୀତି ଆୟୋଗ ଉପାଧ୍ୟକ୍ଷ ରାଜୀବ କୁମାରଙ୍କଠାରୁ ଜଗତସିଂହପୁର ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀ ଡା. ଅଶୋକ କୁମାର ପଟ୍ଟନାୟକ ପୁରସ୍କାର ଗ୍ରହଣ କରିଛନ୍ତି। ପରିବାର ନିୟୋଜନ ସହିତ ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ଉଲ୍ଲେଖନୀୟ କାର୍ଯ୍ୟ ପାଇଁ ଜିଲାକୁ ଏହି ପୁରସ୍କାର ପ୍ରଦାନ କରାଯାଇଛି। ପପୁଲେଶନ ଫାଉଣ୍ଡେଶନ ଅଫ୍ ଇଣ୍ଡିଆ ତରଫରୁ ସମଗ୍ର ଦେଶରେ ଏ ନେଇ ସର୍ବେକ୍ଷଣ କରାଯାଇଥିଲା। ଜଗତସିଂହପୁର ଜିଲା ଏଥିରେ ପ୍ରଥମ ସ୍ଥାନ ଅଧିକାର କରିଥିଲା। ଏଥିପାଇଁ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ପ୍ରତାପ ଜେନା ଜଗତସିଂହପୁର ଜିଲା ସ୍ୱାସ୍ଥ୍ୟ ପ୍ରଶାସନକୁ ଅଭିନନ୍ଦନ ଜଣାଇଛନ୍ତି। ଜାତୀୟ ପରିବାର ସ୍ୱାସ୍ଥ୍ୟ ସର୍ଭେ ରିପୋର୍ଟ ଅନୁଯାୟୀ, ଜଗତ୍‌ସିଂହପୁର ଜିଲାରେ ପରିବାର ନିୟୋଜନ ହାର ରାଜ୍ୟର ଅନ୍ୟ ଜିଲା ତୁଳନାରେ ଅଧିକ। ରାଜ୍ୟରେ ୫୭.୩ ପ୍ରତିଶତ ମହିଳା ପରିବାର କଲ୍ୟାଣ ଯୋଜନାରେ ସାମିଲ ହୋଇଥିବା ବେଳେ ଜଗତସିଂହପୁର ଜିଲାରେ ତାହା ୬୩.୮ ପ୍ରତିଶତ। ଜିଲାର ୪୫.୨ ପ୍ରତିଶତ ମହିଳା ଅତ୍ୟାଧୁନିକ ପରିବାର କଲ୍ୟାଣ ବ୍ୟବସ୍ଥାକୁ ଆପଣେଇଛନ୍ତି। ସେହିଭଳି ଡାକ୍ତରଖାନାରେ ପ୍ରସବ ହାର ରାଜ୍ୟରେ ୮୫.୩ ପ୍ରତିଶତ ହୋଇଥିବା ବେଳେ ଜଗତସିଂହପୁର ଜିଲାରେ ଏହା ୯୭ ପ୍ରତିଶତରୁ ଅଧିକ। ଏଥିସହିତ ୫ ବର୍ଷ ବୟସରୁ କମ୍ ଶିଶୁଙ୍କ ଜନ୍ମ ପଞ୍ଜୀକରଣ ହାର ୮୭ ପ୍ରତିଶତ ରହିଛି। ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ଜଗତ୍‌ସିଂହପୁର ଜିଲାର ଏଭଳି ପ୍ରଦର୍ଶନକୁ ଜାତୀୟ ସ୍ତରରେ ପୁରସ୍କୃତ କରାଯାଇଥିବାରୁ ସ୍ୱାସ୍ଥ୍ୟ ବିଭାଗ ଶାସନ ସଚିବ ଡା. ପ୍ରମୋଦ କୁମାର ମେହେର୍ଦ୍ଧା, ଜାତୀୟ ସ୍ୱାସ୍ଥ୍ୟ ମିଶନ ନିର୍ଦ୍ଦେଶିକା ଶାଳିନୀ ପଣ୍ଡିତ ପ୍ରମୁଖ ପ୍ରଶଂସା କରିଛନ୍ତି।

### ଉତ୍ତରକାଶୀରେ ଭୂକମ୍ପ

**ନୂଆଦିଲ୍ଲୀ, ୧୬।୧୦:** ଉତ୍ତରାଞ୍ଚଳ ଉତ୍ତରକାଶୀ ଜିଲାରେ ମଙ୍ଗଳବାର ଭୋର୍ ୪ଟା ସମୟରେ ଭୂକମ୍ପ ଅନୁଭୂତ ହୋଇଛି। ରିକ୍ଟର ସ୍କେଲରେ ଏହାର ତୀବ୍ରତା ୩.୨ ଥିଲା ବୋଲି ଭାରତୀୟ ପାଣିପାଗ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି। ଭୂକମ୍ପ ହେବାରୁ ଘରେ ଶୋଇଥିବା ଲୋକେ ଭୟରେ ବାହାରକୁ ପଳାଇଆସିଥିଲେ। ଉତ୍ତରକାଶୀ ଏବଂ ରୁଦ୍ରପ୍ରୟାଗ ସୀମାରେ ଭୂକମ୍ପ ଘଟିଥିବା ପାଣିପାଗ ବିଭାଗ ପକ୍ଷରୁ ପ୍ରକାଶ।

### କିଛି ତଥ୍ୟ

୨୦୧୮-୧୯ ଆର୍ଥିକ ବର୍ଷ ସେପ୍ଟେମ୍ବର ମାସରେ ଘରୋଇ ବଜାରରୁ ରପ୍ତାନି ୨.୧୫% ହ୍ରାସ ଘଟି ୨୭.୯୫ ବିଲିୟନ ଡଲାର ରହିଛି। -ବାଣିଜ୍ୟ ମନ୍ତ୍ରଣାଳୟ

# ବାତ୍ୟା, ବନ୍ୟାରେ ୨୬ ଜଣଙ୍କ ମୃତ୍ୟୁ ହୋଇଛି

**ସରକାର ମାନିଲେ**

■ ୩ ଦିନ ମଧ୍ୟରେ କ୍ଷତିପୂରଣ ଦେବାକୁ ନିର୍ଦ୍ଦେଶ

ଭୁବନେଶ୍ୱର, ୧୬।୧୦(ବ୍ୟୁରୋ)

ସାମୁଦ୍ରିକ ଝଡ 'ତିତଲି' ଓ ଏହାର ପରବର୍ତ୍ତୀ ବର୍ଷାରେ ଘଟିଥିବା ମୃତ୍ୟୁ ସଂଖ୍ୟା ବଢ଼ିବାରେ ଲାଗିଛି। ସରକାରୀ ଭାବେ ସୋମବାର ମୃତ୍ୟୁସଂଖ୍ୟା ୧୫ ଥିବାବେଳେ ୩ ଜଣ ନିଖୋଜ ଥିବା କୁହାଯାଇଥିଲା। ମଙ୍ଗଳବାର ମୃତ୍ୟୁସଂଖ୍ୟା ୨୬ରେ ପହଞ୍ଚିଛି। ସେଥିମଧ୍ୟରେ ଗଜପତି ଜିଲାରେ ସର୍ବାଧିକ ୧୮ ଜଣଙ୍କ ମୃତ୍ୟୁ ହୋଇଛି। ସ୍ୱତନ୍ତ୍ର ରିଲିଫ କମିଶନର(ଏସ୍‌ଆର୍‌ସି) ବିଷ୍ଣୁପଦ ସେଠୀ ଜିଲାପାଳଙ୍କ ତଥ୍ୟ ଆଧାରରେ ଉକ୍ତ ମୃତ୍ୟୁକୁ ସ୍ୱୀକାର କରିଛନ୍ତି।

ମଙ୍ଗଳବାର ଗଣମାଧ୍ୟମକୁ ସୂଚନା ଦେଇ ଏସ୍‌ଆର୍‌ସି ସେଠୀ କହିଛନ୍ତି ଯେ, ଜିଲାପାଳଙ୍କ ରିପୋର୍ଟ ଅନୁଯାୟୀ ୧୬ ଜିଲାର ୧୪୪ ବ୍ଲକରେ ୫୭ ଲକ୍ଷ ଲୋକ ପ୍ରଭାବିତ ହୋଇଛନ୍ତି। ୩୦ ପୌର ଅଞ୍ଚଳ ଏବଂ ୭୪୦୨ ଗ୍ରାମ କ୍ଷତିଗ୍ରସ୍ତ ହୋଇଛି। ୩.୬ ଲକ୍ଷ ଲୋକଙ୍କୁ ସୁରକ୍ଷିତ ସ୍ଥାନକୁ ସ୍ଥାନାନ୍ତର କରାଯାଇଥିବାବେଳେ ୧୬୧୪ ରିଲିଫ କ୍ୟାମ୍ପ ଖୋଲାଯାଇଛି। ଅନୁଗୋଳ ଜିଲାର ସମ୍ପେଇ ଦାସ ପାଣିରେ ବୁଡ଼ି ଏବଂ କଟକ ଜିଲାର ପାଣ୍ଡୁ ସାହୁ କାନ୍ଥ ପଡ଼ି ପ୍ରାଣ ହରାଇଛନ୍ତି। ଗଜପତି ଜିଲାରେ ଭୂସ୍ଖଳନ ଯୋଗୁ ୧୫ ଜଣଙ୍କ ମୃତ୍ୟୁ ହୋଇଛି। ସେମାନେ ହେଲେ ଲକ୍ଷ୍ମୀ ଶବର, ଶ୍ରୀନିବାସ ଶବର, ସୁମିତ୍ରା ଭୂୟାଁ, ଦଣ୍ଡପାଣି ଭୂୟାଁ, ଲୁଲୁ ବେହେରା, ଗଙ୍ଗାଧର ବେହେରା, ଦିଲ୍ଲୀ ଶବର, ଗଙ୍ଗା ଜାନି, ଜୟଚନ୍ଦ୍ର ଭୂୟାଁ , ବାସନ୍ତୀ ଭୂୟାଁ, ମୀନାକ୍ଷୀ ଶବର, ଦୀନେଶ ଭୂୟାଁ, ସୋମନାଥ ଜାନି, ଦେବେନ୍ଦ୍ର ଭୂୟାଁ ଏବଂ ଶିରିମାନି ଜାନି। ଏହି ମୃତକମାନେ ସମସ୍ତେ ରାୟଗଡ଼ ବ୍ଲକର ବାରଘର ଗ୍ରାମବାସୀ ବୋଲି ଏସ୍‌ଆରସି ସୂଚନା ଦେଇଛନ୍ତି। ଗଞ୍ଜାମ ଜିଲାର ରାଜେଶ୍ୱରୀ ନାୟକଙ୍କ ଗଛ ପଡ଼ି ମୃତ୍ୟୁ ହୋଇଥିବାବେଳେ ପ୍ରଫୁଲ୍ଲ ମଲିକ ଓ ଅନ୍ୟ ଜଣେ ବ୍ୟକ୍ତି (ପରିଚୟ ମିଳି ପାରି ନାହିଁ)ବୁଡ଼ି ପ୍ରାଣ ହରାଇଛନ୍ତି। କନ୍ଧମାଳ ଜିଲାରେ ଜନକ ବନହର ଓ କେନ୍ଦୁଝର ଜିଲାରେ ଶୁଭଲକ୍ଷ୍ମୀ ମହାନ୍ତଙ୍କର କାନ୍ଥପଡ଼ି ମୃତ୍ୟୁ ହୋଇଛି। ନୟାଗଡ଼ ଜିଲାର କନିକା ନାଳରେ ଅଭିମନ୍ୟୁ ମାଝି ବୁଡ଼ି ପ୍ରାଣ ହରାଇଛନ୍ତି। ଉପଯୁକ୍ତ ତଦନ୍ତ ହେବା ପରେ ମୃତକଙ୍କ ନିକଟ ସମ୍ପର୍କୀୟଙ୍କୁ ଅନୁକମ୍ପାମୂଳକ ସହାୟତା ରାଶି ପ୍ରଦାନ କରାଯିବ ବୋଲି ଏସଆରସି ସେଠୀ କହିଛନ୍ତି। ପୂର୍ବରୁ ମୃତକଙ୍କ ନିକଟ ସମ୍ପର୍କୀୟଙ୍କୁ ୪ ଲକ୍ଷ ଟଙ୍କା କ୍ଷତିପୂରଣ ଦେବାକୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଘୋଷଣା କରିଛନ୍ତି।

ଏସ୍‌ଆରସି କହିଛନ୍ତି ଯେ, ଏହି ପ୍ରାକୃତିକ ବିପତ୍ତିରେ ଗଞ୍ଜାମ, ଗଜପତି, କନ୍ଧମାଳ ଏବଂ ରାୟଗଡ଼ା ଜିଲାର ୩୫ ବ୍ଲକରେ ୯୦୦ କିଲୋମିଟର ରାସ୍ତା ନଷ୍ଟ ହୋଇଛି। ୧.୪୮ ଲକ୍ଷ ହେକ୍ଟର ଧାନ ଜମି ଓ ୬୫ ହଜାର ହେକ୍ଟର ଅନ୍ୟାନ୍ୟ ଫସଲ ଚାଷ ହୋଇଥିବା ଜମି ସମ୍ପୂର୍ଣ୍ଣ କ୍ଷତିଗ୍ରସ୍ତ ହୋଇଛି। ବିଭିନ୍ନ ଜିଲାରେ ଓଡ୍ରାଫ ଓ ଏନଡିଆରଏଫ ଟିମ୍‌କୁ ରିଲିଫ ଓ ଉଦ୍ଧାର କାର୍ଯ୍ୟରେ ମୁତୟନ କରାଯାଇଥିଲା। ଗଜପତି ଜିଲା ଅଧିକ କ୍ଷତିଗ୍ରସ୍ତ ହୋଇଥିବାରୁ ୨୬ଟି ଓଡ୍ରାଫ ଓ ୧୪ଟି ଏନଡିଆରଏଫ ଟିମ୍‌କୁ ସେଠାରେ ମୁତୟନ କରାଯାଇଛି। ୧୦୭ ରାସ୍ତାରୁ ଅବରୋଧ ହଟାଯାଇ ଯାତାୟାତ ସୁବିଧା କରାଯାଇଛି। ଅଧିକ କ୍ଷତିଗ୍ରସ୍ତ ହୋଇଥିବା ଗଞ୍ଜାମ, ଗଜପତି ଓ ରାୟଗଡ଼ା ଜିଲାରେ ଅନୁକମ୍ପାମୂଳକ ରାଶି ଆସନ୍ତା ୩ ଦିନ ମଧ୍ୟରେ ପ୍ରଦାନ କରିବାକୁ ଏସଆରସି ଜିଲାପାଳଙ୍କୁ ଚିଠି ଲେଖି ଜଣାଇଛନ୍ତି। ରାଜସ୍ୱ ନିରୀକ୍ଷକ ଏବଂ ତହସିଲଦାର ମୃତକଙ୍କ ପରିବାରବର୍ଗଙ୍କୁ ସାକ୍ଷାତ୍ କରି ନିଶ୍ଚିତ ହୋଇ ଅନୁକମ୍ପାମୂଳକ ରାଶି ଦେବାକୁ ପରାମର୍ଶ ଦେଇଛନ୍ତି।

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ତେଜ ଘରର ପେଯ ପିଇ,
ମାଈ ଗୁଲିଆର ଭାତ ନ ଖାଇ ।**

ରାଗୀ ଲୋକ ଚିଡ଼ଚିଡ଼ା ପ୍ରକୃତିର ହୋଇଥାନ୍ତି। ଗାଳିମନ୍ଦ କରୁଥିଲେ ମଧ୍ୟ ତାହା ଗ୍ରହଣୀୟ। ଏପରି ବ୍ୟକ୍ତିଙ୍କ ପାଖରେ ପଛେ ଚାକିରି କରିବା ଶ୍ରେୟସ୍କର, ପରନ୍ତୁ ସ୍ତ୍ରୀ ବୁଦ୍ଧିରେ ଚାଲୁଥିବା ବ୍ୟକ୍ତି ପାଖରେ ଚାକିରି କରିବା ବା ମୁଣ୍ଡ ବିକିବା ଅନୁଚିତ ବୋଲି ଏଠାରେ ପ୍ରକାଶ କରାଯାଇଛି।

**ଦାଣ୍ଡକୁ ଗଲେ ତ ମାଇନ ନାହିଁ,
ଘର ଭିତରେ ହାତେ ଲମ୍ବ ଓଢ଼ଣା ପଡୁଛି କାହିଁ ?**

ଲଜ୍ଜା ନାରୀର ଭୂଷଣ। ସାଧାରଣତଃ ଶାଶୁଘରେ ବୋହୂ ମୁଣ୍ଡରେ ଓଢ଼ଣା ପକେଇ ରହିଥାଏ, ଯାହାକି ତା'ର ଲଜ୍ଜାଶୀଳା ଗୁଣକୁ ସୂଚାଇଥାଏ। ତେବେ ଯେଉଁ ବୋହୂ ବାହାରେ ନିଜର ଶାଳୀନତା ରକ୍ଷା କରି ନ ଥାଏ, ମର୍ଯ୍ୟାଦା, ସମ୍ମାନକୁ ନ ଜଗି ଅତି ଉଚ୍ଚସ୍ୱରରେ କଥା ହୋଇ ଔଦ୍ଧତ୍ୟ ଦେଖାଇଥାଏ ସେହି ବୋହୂ ଘର ଭିତରେ ଓଢ଼ଣା ପକେଇ ରହିବା ପଛରେ କି ଆବଶ୍ୟକତା ଅଛି ବୋଲି ମନରେ ପ୍ରଶ୍ନ ଉଠିବା ସ୍ୱାଭାବିକ। ଏପରିସ୍ଥଳେ ମୁଖରା ବୋହୂ ପ୍ରତି ଅନାଦର ଭାବ ପ୍ରକାଶ ପାଇବା ନେଇ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

ନିର୍ବାଚିତ ଢଗଢମାଳି, ପ୍ରବାଦ, ପ୍ରବଚନ ଓ ଅନ୍ୟାନ୍ୟ
-ପ୍ରାଚୀ ସାହିତ୍ୟ ପ୍ରତିଷ୍ଠାନ

## ଆଜି ମୁଖ୍ୟମନ୍ତ୍ରୀଙ୍କ ଭୂସ୍ଖଳନ ଅଞ୍ଚଳ ଗସ୍ତ

ଭୁବନେଶ୍ୱର, ୧୬।୧୦(ବ୍ୟୁରୋ)

ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ବୁଧବାର ବାତ୍ୟା ତିତ୍‌ଲି ଓ ବନ୍ୟା ପ୍ରଭାବିତ ଗଞ୍ଜାମ ଓ ଗଜପତି ଜିଲା ଗସ୍ତ କରିବେ। ଗତ ୧୧ତାରିଖରେ ଭୂସ୍ଖଳନ ଯୋଗୁ ଗଜପତି ଜିଲା ରାୟଗଡ଼ ବ୍ଲକର ବାରଘର ଗ୍ରାମର ୧୫ ଜଣ ବ୍ୟକ୍ତି ପ୍ରାଣ ହରାଇଥିଲେ। ମୁଖ୍ୟମନ୍ତ୍ରୀ ସେହି ଗ୍ରାମକୁ ଗସ୍ତ କରିବା କାର୍ଯ୍ୟକ୍ରମ ରହିଛି। ଏଥିସହିତ ଗଞ୍ଜାମ ଜିଲାର ଭଞ୍ଜନଗର ଗସ୍ତକରି କ୍ଷୟକ୍ଷତି ଆକଳନ କରିବା ସହ ରିଲିଫ, ଉଦ୍ଧାର ଓ ପୁନଃଥଇଥାନ କାର୍ଯ୍ୟ କିପରି ଚାଲିଛି ସେ ନେଇ ସମୀକ୍ଷା କରିବେ ବୋଲି ଜଣାପଡ଼ିଛି।

## ମୁଖ୍ୟମନ୍ତ୍ରୀଙ୍କ ଜନ୍ମଦିନରେ ଅଭିନନ୍ଦନର ସୁଅ

■ ଦଳୀୟ କାର୍ଯ୍ୟାଳୟରେ ଜୀବନବିନ୍ଦୁ କାର୍ଯ୍ୟକ୍ରମ



ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଜନ୍ମଦିନ ଅବସରରେ ଦଳୀୟ କାର୍ଯ୍ୟାଳୟରେ ଜୀବନବିନ୍ଦୁ କାର୍ଯ୍ୟକ୍ରମ ।

ଭୁବନେଶ୍ୱର, ୧୬।୧୦(ବ୍ୟୁରୋ)

ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ମଙ୍ଗଳବାର ନିଜ ୭୩ତମ ଜନ୍ମ ଦିବସକୁ ନିରାଡ଼ମ୍ବର ଭାବେ ପାଳନ କରିଛନ୍ତି। ଏହି ଅବସରରେ ବହୁ ବିଶିଷ୍ଟ ବିଭିନ୍ନ ସାମାଜିକ ଗଣମାଧ୍ୟମରେ ତାଙ୍କୁ ଶୁଭେଚ୍ଛା ଜଣାଇଛନ୍ତି। ଭାରତର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ପୂର୍ବାହ୍ନରେ ଟୁଇଟ୍ କରି ମୁଖ୍ୟମନ୍ତ୍ରୀଙ୍କୁ ଶୁଭେଚ୍ଛା ଜଣାଇଛନ୍ତି। ପ୍ରଧାନମନ୍ତ୍ରୀ ମୋଦି କହିଛନ୍ତି ଯେ, ଓଡ଼ିଶା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଜନ୍ମଦିନ ଉପଲକ୍ଷେ ଅଭିନନ୍ଦନ। ନବୀନ ବାବୁ ଭାରତବର୍ଷର ଜଣେ ବରିଷ୍ଠ ରାଜନେତା, ଯିଏକି ଦୀର୍ଘବର୍ଷ ଧରି ଓଡ଼ିଆ ଲୋକଙ୍କ ସେବା କରି ଆସୁଛନ୍ତି। ନବୀନ ସୁସ୍ଥ ଏବଂ ଦୀର୍ଘାୟୁ ଜୀବନ ବିତାନ୍ତୁ ବୋଲି ମୋଦି କହିଛନ୍ତି। ସେହିପରି ଅନ୍ୟମାନଙ୍କ ମଧ୍ୟରେ କେନ୍ଦ୍ର ପେଟ୍ରୋଲିୟମ୍ ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ, ପିସିସି ସଭାପତି ନିରଞ୍ଜନ ପଟ୍ଟନାୟକ, ବାଲୁକା ଶିଳ୍ପୀ ସୁଦର୍ଶନ ପଟ୍ଟନାୟକ, ରାଉରକେଲା ବିଧାୟକ ଦିଲୀପ ରାୟ ପ୍ରମୁଖ ଟୁଇଟ୍ କରି ମୁଖ୍ୟମନ୍ତ୍ରୀଙ୍କୁ ଶୁଭେଚ୍ଛା ଜଣାଇଛନ୍ତି। ବିଶିଷ୍ଟ ବ୍ୟକ୍ତିଙ୍କୁ ବାଦ୍ ଦେଲେ ବହୁ ବୁଦ୍ଧିଜୀବୀ, ସାଧାରଣ ଜନତା ଓ ଯୁବବର୍ଗ ଫେସବୁକ୍ ଏବଂ ଟୁଇଟର ମାଧ୍ୟମରେ ଶୁଭେଚ୍ଛା ଜଣାଇଛନ୍ତି। ମୁଖ୍ୟମନ୍ତ୍ରୀଙ୍କ ସହ ପୁରୁଣା ଫଟୋକୁ ବିଭିନ୍ନ ବ୍ୟକ୍ତି ସାମାଜିକ ଗଣମାଧ୍ୟମରେ ଅପଲୋଡ୍ କରିଥିବା ଦେଖାଯାଇଛି। ସେହିପରି ଟୁଇଟର ଶୁଭେଚ୍ଛାର ମୁଖ୍ୟମନ୍ତ୍ରୀ ପ୍ରତିଉତ୍ତର ଦେଉଥିବା ପୋଷ୍ଟକୁ କପିକରି ଅନେକ ଫେସ୍‌ବୁକ୍‌ରେ ଅପଲୋଡ୍ କରୁଛନ୍ତି। ବାଲୁକାଶିଳ୍ପୀ ସୁଦର୍ଶନଙ୍କ ଦ୍ୱାରା କରାଯାଇଥିବା ପୋଷ୍ଟଟି ଟୁଇଟରରେ ବହୁସଂଖ୍ୟାରେ ରି-ଟୁଇଟ୍ ଏବଂ ପସନ୍ଦ କରାଯାଇଛି। ମୁଖ୍ୟମନ୍ତ୍ରୀ ତଥା ବିଜେଡି ସଭାପତି ନବୀନ ପଟ୍ଟନାୟକଙ୍କ ଜନ୍ମଦିବସରେ ଦଳୀୟ କାର୍ଯ୍ୟାଳୟରେ ଜୀବନ ବିନ୍ଦୁ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଛାତ୍ର ବିଜେଡି ପକ୍ଷରୁ ଆୟୋଜିତ ହୋଇଥିବା ଏହି କାର୍ଯ୍ୟକ୍ରମରେ ଦଳର ନବ ନିଯୁକ୍ତ ମୁଖପାତ୍ର ଅମର ପଟ୍ଟନାୟକ ଯୋଗଦେଇ ରକ୍ତଦାନ କରିବା ସହ ଛାତ୍ରକର୍ମୀଙ୍କୁ ଉତ୍ସାହିତ କରିଥିଲେ। ଏହି ଅବସରରେ ମୋଟ ୧୧୭୩ ୟୁନିଟ୍ ରକ୍ତ ସଂଗୃହିତ ହୋଇଥିଲା। ଛାତ୍ର ସଭାପତି ରାଣା ପ୍ରତାପ ପାତ୍ର, ଦଳର ମୁଖପାତ୍ର ସୁଲୋଚନା ଦାସ, ପ୍ୟାନେଲିଷ୍ଟ ସୁଲତା ଦେଓ ପ୍ରମୁଖ କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ।

## ଲାଗିବ ମହାପ୍ରସାଦ ଦର ତାଲିକା

ପୁରୀ ଅଫିସ, ୧୬।୧୦

ଆନନ୍ଦବଜାର ସମେତ ଶ୍ରୀମନ୍ଦିରର ବିଭିନ୍ନ ସ୍ଥାନରେ ଲଗାଯିବ ମହାପ୍ରସାଦ ଦର ତାଲିକା। ଫଳରେ ଅବଢ଼ା କିଣିବାକୁ ନେଇ କାହାକୁ ଆଉ ମୂଲଚାଲ କରିବାକୁ ପଡ଼ିବ ନାହିଁ କି କେହି ଦୁର୍ବ୍ୟବହାରର ଶିକାର ହେବେ ନାହିଁ। ମହାପ୍ରସାଦ ଦର ନିର୍ଦ୍ଧାରଣ ନେଇ ମଙ୍ଗଳବାର ସୁଆର ମହାସୁଆର ନିଯୋଗ ସହ ଆଲୋଚନା କରିଛି ଶ୍ରୀମନ୍ଦିର ପ୍ରଶାସନ। ପରୀକ୍ଷାମୂଳକ ଭାବେ ଖୁବ୍‌ଶୀଘ୍ର ମହାପ୍ରସାଦ ରୋଷେଇ କରାଯିବ। ଖର୍ଚ୍ଚ ଓ ଲାଭାଂଶକୁ ଦୃଷ୍ଟିରେ ରଖି ଦର ନିର୍ଦ୍ଧାରଣ କରିବ ଶ୍ରୀମନ୍ଦିର ପ୍ରଶାସନ। ଦର ନିର୍ଦ୍ଧାରଣ ହେବାପରେ ଏହାକୁ ଶ୍ରୀମନ୍ଦିର ୱେବ ସାଇଟ୍‌ରେ ଛଡ଼ାଯିବ।

ମୁଖ୍ୟ ପ୍ରଶାସକ ପ୍ରଦୀପ୍ତ ମହାପାତ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ହୋଇଥିବା ଆଲୋଚନା ମୁତାବକ ଦର ନିର୍ଦ୍ଧାରଣ ଲାଗି ପରୀକ୍ଷାମୂଳକ ଭାବେ ଥରେ ମହାପ୍ରସାଦ ପ୍ରସ୍ତୁତ ହେବ। ଶ୍ରୀମନ୍ଦିର ପ୍ରଶାସନ ଚାଉଳ, ଡାଲି, କୁଡ଼ୁଆ ଇତ୍ୟାଦି ଆବଶ୍ୟକ ସାମଗ୍ରୀ ଯୋଗାଇଦେବ। ମୂଳ ଖର୍ଚ୍ଚ ଆକଳନ କରାଗଲା ପରେ କେତେ ଲାଭାଂଶ ରଖାଯିବ ତାହା ପରବର୍ତ୍ତୀ ବୈଠକରେ ନିର୍ଦ୍ଧାରଣ ହେବ। ଏହାପରେ ଭକ୍ତଙ୍କ ଉଦ୍ଦେଶ୍ୟରେ ମହାପ୍ରସାଦ ଦର ତାଲିକା (କୁଡ଼ୁଆ ଚିତ୍ର ଥାଇ) ଆନନ୍ଦ ବଜାର ଓ ଶ୍ରୀମନ୍ଦିରର ବିଭିନ୍ନ ଦୃଷ୍ଟି ଆକର୍ଷଣ କରୁଥିବା ସ୍ଥାନରେ ଲଗାଯିବ। ପରୀକ୍ଷାମୂଳକ ଭାବେ ହେବାକୁ ଥିବା ଏହି ରୋଷେଇ ସମୟରେ ଶ୍ରୀମନ୍ଦିରର ଦେଉଳକରଣ ଏବଂ ସୁପରଭାଇଜର ଉପସ୍ଥିତ ରହି ନିରୀକ୍ଷଣ କରିବେ ବୋଲି ବୈଠକରେ ସ୍ଥିର ହୋଇଛି।

ଏହାବ୍ୟତୀତ ଆନନ୍ଦବଜାର ପରିସରରେ ଶୃଙ୍ଖଳା ରକ୍ଷା ଲାଗି ଏକ ଅଭିଯୋଗ ପ୍ରକୋଷ୍ଠ (କ୍ୟାବିନ୍) ରହିବ। ଏଥିରେ ସୁଆର ମହାସୁଆର ନିଯୋଗ ପ୍ରତିନିଧି ଓ ଶ୍ରୀମନ୍ଦିର ପ୍ରଶାସନର ପ୍ରତିନିଧି ଉପସ୍ଥିତ ରହି ମହାପ୍ରସାଦ କ୍ରେତାଙ୍କର ଅଭିଯୋଗର ଆଶୁ ସମାଧାନ କରିବେ। ଏହି ପ୍ରକୋଷ୍ଠରେ ଜଣେ ପୋଲିସ ପ୍ରତିନିଧି ରଖିବା ଲାଗି ଏସ୍‌ପିଙ୍କୁ ଅନୁରୋଧ କରାଯାଇଛି।

ବୈଠକରେ ମୁଖ୍ୟ ପ୍ରଶାସକଙ୍କ ସମେତ ଜିଲାପାଳ ଜ୍ୟୋତିପ୍ରକାଶ ଦାସ, ଏସ୍‌ପି ଡା. ସାର୍ଥକ କୁମାର ଷଡ଼ଙ୍ଗୀ, ପରିଚାଳନା କମିଟି ସଦସ୍ୟ ଅନନ୍ତ ତିଆଡ଼ି, ସୁଆର ମହାସୁଆର ନିଯୋଗ ସମ୍ପାଦକ କୃଷ୍ଣଚନ୍ଦ୍ର ସାମନ୍ତରା ପ୍ରମୁଖ ଉପସ୍ଥିତ ଥିଲେ।



■ ଖର୍ଚ୍ଚ, ଲାଭାଂଶକୁ ଦେଖି ସ୍ଥିର ହେବ ମୂଲ୍ୟ
■ ପରୀକ୍ଷାମୂଳକ ରୋଷେଇ ପାଇଁ ସାମଗ୍ରୀ ଯୋଗାଇବ ମନ୍ଦିର ପ୍ରଶାସନ
■ ଉପସ୍ଥିତ ରହିବେ ଦେଉଳକରଣ ଓ ସୁପରଭାଇଜର
■ ଆନନ୍ଦବଜାରରେ ରହିବ ଅଭିଯୋଗ ପ୍ରକୋଷ୍ଠ

ପ୍ରଥମ ପୃଷ୍ଠାରୁ...

## #ମିଟୁ: ଚିତ୍ରଶିଳ୍ପୀ ...

ଇଣ୍ଟରନ୍ୟାଶନାଲରେ ଆୟୋଜିତ ଏକ ଡିନର ପାର୍ଟିରେ ଯତୀନ୍ ଦାସଙ୍କ ସହ ମୋର ପ୍ରଥମ ଦେଖା ହୋଇଥିଲା। ଏହାପରେ ସେ ମୋତେ ତାଙ୍କ ସହ କାମ କରିବାକୁ ଅଫର୍ ଦେଇଥିଲେ। ସେତେବେଳ ମୋତେ ୨୮ ବର୍ଷ ହୋଇଥିଲା। ଜଣେ ପ୍ରତିଷ୍ଠିତ ଚିତ୍ରଶିଳ୍ପୀ ବିଶେଷକରି ଜଣାଶୁଣା ଅଭିନେତ୍ରୀ ନନ୍ଦିତା ଦାସଙ୍କ ବାପା ହୋଇଥିବାରୁ ତାଙ୍କ ସହ କାମ କରିବା ମୋ ପାଇଁ ଏକ ସୁଯୋଗ ଥିଲା। ତାଙ୍କ ଘରକୁ ଡାକି ସେ ତାଙ୍କର ଡ୍ରିମ୍ ପ୍ରୋଜେକ୍ଟ 'ପଙ୍ଖା' ଏବଂ ଓଡ଼ିଶାରେ କରିବାକୁ ଥିବା ଆର୍ଟ ସ୍କୁଲ ସମ୍ପର୍କରେ କହିଥିଲେ। ଏନେଇ ପ୍ରଥମେ ମୋ ଘରଲୋକଙ୍କ ସହ ଆଲୋଚନା କରିବା ପରେ କାମ କରିବାକୁ ରାଜି ହୋଇଥିଲି। ଖିଡ଼କି ଭିଲେଜ୍‌ରେ ଥିବା ତାଙ୍କ ଷ୍ଟୁଡିଓକୁ ଯେବେ ମୁଁ ପ୍ରଥମଥର ପାଇଁ ଯାଇଥିଲି ସେ ମୋତେ ମଦ ପିଇବାକୁ ଅଫର କରିଥିଲେ। ମୁଁ ରାଜି ନ ହେବାରୁ ସେ ମୋତେ ଟାଣି ଜବରଦସ୍ତ ଚୁମ୍ବନ ଦେବାକୁ ଚେଷ୍ଟା କରିଥିଲେ। ମୁଁ ଯେବେ ନିଜକୁ ଦୂରେଇ ନେବାକୁ ଚେଷ୍ଟା କରିଥିଲି ସେ ମୋତେ 'କମନ୍, ଇଟ୍ ଉଡ୍ ବି ନାଇସ୍' ବୋଲି କହିଥିଲେ। ଏହାପରେ ମୁଁ ଉକ୍ତ ସ୍ଥାନ ଛାଡ଼ି ଆସିଥିଲି। ମୁଁ ତାଙ୍କ ଝିଅ ନନ୍ଦିତା ଦାସଙ୍କଠାରୁ ସାନ ହୋଇ ବି ସେ ମୋ ସହ ଏଭଳି ବ୍ୟବହାର କରିବା ଦୁର୍ଭାଗ୍ୟଜନକ ଥିଲା ବୋଲି ନିଶା କହିଛନ୍ତି।

ଅଭିଯୋଗ ସଂକ୍ରାନ୍ତରେ ଯତୀନ ଦାସ ନିଜର ପକ୍ଷ ରଖି 'ଧରିତ୍ରୀ'କୁ କହିଛନ୍ତି, ମୋ ବିରୋଧରେ ଏଭଳି ଅଭିଯୋଗ ମୋତେ ଗଭୀର ଆଘାତ ଦେଇଛି। ଏଥିରେ ମୁଁ ସମ୍ପୂର୍ଣ୍ଣ ମର୍ମାହତ। ନିଶାଙ୍କ ସହ କେବେ ଦେଖାହୋଇଛି ବୋଲି ମୋର ମନେନାହିଁ। ହେଲେ ମୁଁ ଏତିକି ଜାଣିଛି ଯେ, ମୁଁ କେବେ କାହାକୁ ଏଭଳି ଦୁର୍ବ୍ୟବହାର କରିନି। ଏଭଳି କରିବା ନିହାତି ଅଶ୍ଳୀଳ ଓ ମୁଁ କେବେ ଏତେ ତଳକୁ ଖସି ପାରିବି ନାହିଁ। ଅନେକ ମହିଳା ଏବେ ଏଭଳି ଅଭିଯୋଗ ଆଣୁଛନ୍ତି। ଏହି ଏକତରଫା ଅଭିଯୋଗକୁ କେବେ ପ୍ରମାଣଭାବେ ଗ୍ରହଣ କରାଯିବା ଉଚିତ ନୁହେଁ ବୋଲି ଯତୀନ ନିଜ ପ୍ରତିକ୍ରିୟାରେ କହିଛନ୍ତି।

## ନଦୀବାଲିରେ ନିଖୋଜ ...

କିଣିବା ପାଇଁ ମିଥୁନ୍ ଟଙ୍କା ନେଇଥିଲେ। ପାଖ ଦୋକାନରୁ ଶିଙ୍ଗଡ଼ା କିଣି ଘରକୁ ଯାଇଥିଲେ ମଧ୍ୟ ମିଥୁନ ଘରେ ପହଞ୍ଚି ନ ଥିଲେ। ଦୀର୍ଘ ସମୟ ପର୍ଯ୍ୟନ୍ତ ମିଥୁନ ଘରକୁ ନ ଫେରିବାରୁ ପରିବାର ଲୋକେ ଆଖପାଖ ଅଞ୍ଚଳରେ ଖୋଜାଖୋଜି କରିଥିଲେ ମଧ୍ୟ ତାଙ୍କର ପତ୍ତା ମିଳି ନ ଥିଲା। ଏହି ଘଟଣାକୁ ନେଇ ରବିବାର ମିଥୁନଙ୍କ ବାପା ସିନ୍ଧେକେଲା ଥାନାରେ ପୁଅର ନିଖୋଜ ସମ୍ପର୍କରେ ଅଭିଯୋଗ କରିଥିଲେ। ପୋଲିସ ଏ ନେଇ ତଦନ୍ତ କରିଥିଲେ ମଧ୍ୟ ମିଥୁନଙ୍କ ସମ୍ପର୍କରେ କିଛି ବି ସୁରାକ ମିଳି ନ ଥିଲା। ତିନିଦିନ ପରେ ମଙ୍ଗଳବାର ସିନ୍ଧେକେଲାଠାରୁ ପ୍ରାୟ ୩ କିଲୋମିଟର ଦୂର ଗନ୍ଧର୍ଲା ପଞ୍ଚାୟତ ଅନ୍ତର୍ଗତ ଶୁଣ୍ଠିମୁଣ୍ଡା ଗାଁର ଉଦନ୍ତେ ନଦୀ ବାଲିରେ ଏକ ମୁଣ୍ଡବିହୀନ ମୃତଦେହ ଅଧା ପୋତା ଅବସ୍ଥାରେ ଥିବା କେତେଜଣ ମତ୍ସ୍ୟଜୀବୀ ଦେଖିଥିଲେ। ଖବର ପ୍ରଚାରିତ ହେବା ପରେ ସିନ୍ଧେକେଲା ପୋଲିସ ଘଟଣାସ୍ଥଳରେ ପହଞ୍ଚିଥିଲା। ପରେ ଟିଟିଲାଗଡ଼ ଏସ୍‌ଡିପିଓ ମହାପାତ୍ର, ସିନ୍ଧେକେଲା ଥାନାଧିକାରୀ ରଞ୍ଜନ ବରିହା ସେଠାରେ ପହଞ୍ଚି ତଦନ୍ତ ଆରମ୍ଭ କରିଥିଲେ। ମାଜିଷ୍ଟ୍ରେଟ ଦାୟିତ୍ୱରେ ଥିବା ଟିଟିଲାଗଡ଼ ଅତିରିକ୍ତ ତହସିଲଦାରଙ୍କ ଉପସ୍ଥିତିରେ ଅଧାପୋତା ମୃତଦେହ ଖୋଳାଯିବା ପରେ ବାଲିରେ ପୋତିହୋଇଥିବା କଟା ମୁଣ୍ଡ ମିଳିଥିଲା। ପରେ ଉକ୍ତ ମୃତଦେହ ସିନ୍ଧେକେଲାର ନିଖୋଜ ବାଳକ ମିଥୁନ ରଣାଙ୍କର ବୋଲି ଚିହ୍ନଟ ହୋଇଥିଲା। ତାଙ୍କୁ କେହି ଅପହରଣ କରି ହତ୍ୟା କରିଥାଇପାରନ୍ତି ବୋଲି ସନ୍ଦେହ କରାଯାଉଛି। ତେବେ ମିଳିଥିବା ମୃତଦେହଟିର ମୁଣ୍ଡ ଗଣ୍ଡି ଅଲଗା ହୋଇଥିବାରୁ ଏହା ବଳି ଘଟଣା ବୋଲି ଅଞ୍ଚଳରେ ଚର୍ଚ୍ଚା ଜୋର ଧରିଛି। ଏ ନେଇ ଏସ୍‌ଡିପିଓ ମହାପାତ୍ରଙ୍କୁ ପଚାରିବାରୁ କହିଲେ, ଏହା ବଳି ଜନିତ ହତ୍ୟାକାଣ୍ଡ ବୋଲି ଏବେ କୁହାଯାଇପାରିବ ନାହିଁ। ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ମୃତ୍ୟୁର କାରଣ ସ୍ପଷ୍ଟ ହେବ ବୋଲି ସେ ସୂଚନା ଦେଇଛନ୍ତି। ଜଣେ ୯ ବର୍ଷର ବାଳକଙ୍କ ମୁଣ୍ଡ ଗଣ୍ଡି ଅଲଗା ହୋଇଥିବା ମୃତଦେହ ଉଦନ୍ତେର ନଦୀ ବାଲିରୁ ମିଳିବା ଘଟଣାକୁ ନେଇ ଅଞ୍ଚଳରେ ଭିନ୍ନ ଚର୍ଚ୍ଚା ଆରମ୍ଭ ହୋଇଛି। ଅପହରଣ ପରେ ହତ୍ୟା କରାଯାଇଥିବା ସନ୍ଦେହ ଘନୀଭୂତ ହୋଇଥିଲେ ମଧ୍ୟ କିଏ କେଉଁ କାରଣରୁ ଏଭଳି କାଣ୍ଡ ଭିଆଇଲା ତାହା ସ୍ପଷ୍ଟ ହୋଇ ନ ଥିବାରୁ ଘଟଣାଟି ଅଞ୍ଚଳବ୍ୟାପୀ ଚର୍ଚ୍ଚାର ବିଷୟ ହେବା ସହ ସ୍ଥାନୀୟ ଅଞ୍ଚଳରେ ଭୟର ବାତାବରଣ ସୃଷ୍ଟି ହୋଇଛି।


ଉଦନ୍ତେର ନଦୀ ବାଲିରୁ ମିଳିଥିବା ମୁଣ୍ଡ-ଗଣ୍ଡି ଅଲଗା ମୃତଦେହକୁ ପୋଲିସ ଉଦ୍ଧାର କରିଛି।

## ୬ ଘଣ୍ଟାର ଆତଙ୍କ

ଟ୍ରେନରେ ଥିବା ଜଣେ ଯାତ୍ରୀ ଗିରିଜା କୁମାର ଚୌଧୁରୀ ଘଟଣା ସମ୍ପର୍କରେ ଫେସ୍‌ବୁକ୍‌ରେ ପୋଷ୍ଟ କରି ଯାତ୍ରୀମାନେ ଭୋଗିଥିବା ସମସ୍ୟା ସମ୍ପର୍କରେ ଉଲ୍ଲେଖ କରିଛନ୍ତି। ଯାତ୍ରୀମାନେ କିଭଳି ଘଟଣାସ୍ଥଳରୁ ଉଦ୍ଧାର ହେବେ ସେନେଇ ଚିନ୍ତାରେ ପଡ଼ିଯାଇଥିଲେ। ଟ୍ରେନରେ ବୟସ୍କ ବ୍ୟକ୍ତିମାନେ ଶ୍ୱାସକ୍ରିୟା ଏବଂ ଆଖି ଜଳିବା ଭଳି ସମସ୍ୟା ଭୋଗିଥିବାବେଳେ ପିଲାମାନେ ଅନ୍ଧାର ଯୋଗୁ ଭୟଭୀତ ହୋଇ କାନ୍ଦିଥିଲେ ବୋଲି ଗିରିଜା ଫେସ୍‌ବୁକ୍‌ରେ ପୋଷ୍ଟ କରିଛନ୍ତି। ଅନ୍ୟପକ୍ଷରେ ହୀରାଖଣ୍ଡ ଟ୍ରେନ୍‌ରେ ସଂଯୋଗ ହୋଇ ଭୁବନେଶ୍ୱର ଅଭିମୁଖେ ଯାଉଥିବା ଜୁନାଗଡ-ଭୁବନେଶ୍ୱର ଟ୍ରେନ୍ ରାୟଗଡା ଷ୍ଟେଶନ୍‌ରେ ସୋମବାର ରାତି ୧୦ଟାରେ ଯାତ୍ରୀଙ୍କୁ ନେଇ ପହଞ୍ଚିଲା। କିନ୍ତୁ ହୀରାଖଣ୍ଡ ଟ୍ରେନ୍‌କୁ ଅପେକ୍ଷା କରି ରାୟଗଡା ଷ୍ଟେଶନ୍‌ରେ ରାତିସାରା ଅଟକି ରହିଥିଲେ। ଫଳରେ ଯାତ୍ରୀମାନେ ଦୁର୍ଦ୍ଦଶା ଭୋଗିଥିଲେ। ହୀରାଖଣ୍ଡ ଏକ୍ସପ୍ରେସ୍ ପହଞ୍ଚିବା ପରେ ଜୁନାଗଡ ଟ୍ରେନ୍‌ଟି ସଂଯୋଗ ହୋଇ ସକାଳ ୫ଟାରେ ଭୁବନେଶ୍ୱର ଅଭିମୁଖେ ଯାତ୍ରା ଆରମ୍ଭ କରିଥିଲା ବୋଲି ରାୟଗଡା ଷ୍ଟେଶନ୍ ମ୍ୟାନେଜର ପି.କେ. ସେଠୀ ସୂଚନା ଦେଇଛନ୍ତି। ସେଠୀଙ୍କ ଠାରୁ ମିଳିଥିବା ସୂଚନା ଅନୁଯାୟୀ ଘଟଣାର ତଦନ୍ତ ନିମନ୍ତେ ହୀରାଖଣ୍ଡ ଟ୍ରେନ୍‌ର ଗାର୍ଡ ଏ.କେ. ବେହେରାଙ୍କୁ ଡିଆର୍‌ଏମ୍ ବିଶାଖାପାଟଣାକୁ ଡକାଇଥିଲେ। ତଦନୁଯାୟୀ ବେହେରା ମଙ୍ଗଳବାର ସମତା ଏକ୍ସପ୍ରେସ୍‌ରେ ବିଶାଖାପାଟଣା ଯାଇଥିବା ସେଠୀ କହିଛନ୍ତି।

ଅପରପକ୍ଷରେ ଟ୍ରେନ୍ ଭୁବନେଶ୍ୱରରେ ବିଳମ୍ବରେ ପହଞ୍ଚିଥିବାରୁ ମଙ୍ଗଳବାର ଏହାର ଯାତ୍ରା ଆରମ୍ଭ ସମୟରେ ପରିବର୍ତ୍ତନ କରାଯାଇଥିଲା। ତଦନୁଯାୟୀ ଟ୍ରେନଟି ଭୁବନେଶ୍ୱରରୁ ଜଗ୍‌ଦଲପୁର ଅଭିମୁଖେ ମଙ୍ଗଳବାର ରାତି ୭.୩୫ ପରିବର୍ତ୍ତେ ରାତି ସାଢ଼େ ୧୦ଟାରେ ଯାତ୍ରା ଆରମ୍ଭ କରିଥିବା ପୂର୍ବତଟ ରେଳପଥ ପକ୍ଷରୁ ସୂଚନା ଦିଆଯାଇଛି।

## ସଂକ୍ଷେପରେ

### ନାବାଳିକାଙ୍କୁ ଗଣବଳାତ୍କାର, ୨ ଅଟକ

**ରାଉରକେଲା ଅଫିସ/ବେଦବ୍ୟାସ, ୧୬।୧୦(ଡି.ଏନ୍.ଏ.):** ରାଉରକେଲା ବ୍ରାହ୍ମଣୀତରଙ୍ଗ ଥାନା ଅଞ୍ଚଳରେ ଜଣେ ନାବାଳିକା ଗଣବଳାତ୍କାରର ଶିକାର ହୋଇଛନ୍ତି। ତାଙ୍କୁ ଘରୁ ଡାକିନେଇ ୪ ଜଣ ଯୁବକ ବଳାତ୍କାର କରିଥିବା ଥାନାରେ ଅଭିଯୋଗ ହୋଇଛି। ଏ ନେଇ ପୋଲିସ ଏକ ମାମଲା (ନଂ. ୨୩୨/୧୮) ରୁଜୁ କରିଛି। ଏହି ଘଟଣାରେ ପୋଲିସ ୨ ଜଣଙ୍କୁ ଅଟକ ରଖିଛି। ଡାକ୍ତରୀମାଇନା କରାଯିବା ପରେ ନାବାଳିକାଙ୍କୁ ଆଇଜିଏଚ୍‌ରେ ଭର୍ତ୍ତି କରାଯାଇଛି। ଗତ ଶନିବାର ରାତି ୧୦ଟାରେ ଜଣେ ଯୁବକ ଝାରତରଙ୍ଗ ଅଞ୍ଚଳର ଏହି ନାବାଳିକାଙ୍କୁ ପାଖ ପଡ଼ିଆକୁ ଡାକି ନେଇଥିଲେ। ପ୍ରଥମେ ସେ ନାବାଳିକାଙ୍କୁ ପ୍ରଲୋଭିତ କରି ବଳାତ୍କାର କରିଥିଲେ। ସେଠାରେ ପୂର୍ବରୁ ଲୁଚି ରହିଥିବା ଅନ୍ୟ ୩ ଯୁବକ ନାବାଳିକାଙ୍କୁ ଜଣକ ପରେ ଜଣେ ବଳାତ୍କାର କରିଥିଲେ। ତାଙ୍କୁ ସେଠାରେ ଛାଡ଼ି ଅଭିଯୁକ୍ତମାନେ ଚାଲି ଯାଇଥିଲେ। ଘରେ ପହଞ୍ଚି ନାବାଳିକା ଜଣକ ଏ ସମ୍ପର୍କରେ କହିଥିଲେ। ସୋମବାର ରାତିରେ ନାବାଳିକାଙ୍କ ଜଣେ ସମ୍ପର୍କୀୟ ଏ ନେଇ ଥାନାରେ ଅଭିଯୋଗ କରିଥିଲେ। ପୋଲିସ ମାମଲା ରୁଜୁ କରି ୨ ଜଣଙ୍କୁ ଅଟକ ରଖି ତଦନ୍ତ ଚଳାଇଛି। ଅନ୍ୟ ୨ ଜଣ ଫେରାର ହୋଇଯାଇଛନ୍ତି। ସେମାନଙ୍କୁ ଧରିବାକୁ ପୋଲିସ ଉଦ୍ୟମ କରୁଛି।

### ଧାରୁଆ ଅସ୍ତ୍ରରେ ହାଣି ହତ୍ୟା

**ବରଗଡ଼ ଅଫିସ୍,୧୬।୧୦:** ବରଗଡ଼ ସଦର ଥାନା ଅଧୀନ ଏସ୍.ଡୁମ୍ଭେରପାଲି ନିକଟ ଏକ ବିଲରୁ ମଙ୍ଗଳବାର ସକାଳେ ଜଣେ ବୃଦ୍ଧଙ୍କ କ୍ଷତାକ୍ତ ମୃତଦେହ ପୋଲିସ ଉଦ୍ଧାର କରିଛି। ସେ ହେଲେ, ବିଭୀଷଣ ବିଶି (୬୦)। ମୃତଦେହର ବିଭିନ୍ନ ସ୍ଥାନରେ କ୍ଷତ ଚିହ୍ନ ଥିବାବେଳେ ତାଙ୍କୁ କୌଣସି ଧାରୁଆ ଅସ୍ତ୍ରରେ ହତ୍ୟା କରାଯାଇଥିବା ପୋଲିସ ପ୍ରାଥମିକ ତଦନ୍ତରୁ ଜାଣିବାକୁ ପାଇଛି। ଏ ନେଇ ସଦର ଥାନା ପୋଲିସ ଦଫା ୩୦୨ରେ ଏକ ହତ୍ୟା ମାମଲା (ନଂ.୨୩୯/୧୮) ରୁଜୁକରି ବ୍ୟବଚ୍ଛେଦ ପାଇଁ ବରଗଡ଼ ଜିଲା ମୁଖ୍ୟ ଡାକ୍ତରଖାନାକୁ ପଠାଯାଇଛି। ବିଭୀଷଣ ସୋମବାର ଛେଳି ଚରାଇବା ପାଇଁ ଯାଇଥିଲେ। ହେଲେ ସେ ଘରକୁ ଫେରି ନ ଥିଲେ। ପରିବାର ଲୋକେ ଖୋଜାଖୋଜି କରିଥିବାବେଳେ ତାଙ୍କ କୌଣସି ପତ୍ତା ମିଳି ନ ଥିଲା। ମଙ୍ଗଳବାର ଗ୍ରାମ ନିକଟ ଏକ ବିଲରେ ବିଭୀଷଣଙ୍କ ମୃତଦେହ ପଡ଼ିଥିବା ଦେଖିବାକୁ ମିଳିଥିଲା। ଖବର ପାଇ ପୋଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତ କରିଥିଲା। ସଦର ଥାନା ଆଇଆଇସି ମମତା ନାୟକ ଘଟଣାର ତଦନ୍ତ କରୁଛନ୍ତି।

### ଜାତୀୟସ୍ତରୀୟ ଆଖଡ଼ା ଲାଗି ଓଡ଼ିଶା ଦଳ ମନୋନୀତ

**ପୁରୀ ଅଫିସ, ୧୬।୧୦:** ସିବିଏସ୍‌ଇ ଦ୍ୱାରା ଆୟୋଜିତ ସ୍କୁଲ ଗେମ୍ସ ଫେଡେରେଶନ୍ ଅଫ୍ ଇଣ୍ଡିଆ ଆନୁକୂଲ୍ୟରେ ଆସନ୍ତା ୧୯ରୁ ୨୧ତାରିଖ ପର୍ଯ୍ୟନ୍ତ ରାଜସ୍ଥାନର ଢୋଲପୁରର ପଣ୍ଡିତ ଉମା ଦତ୍ତ ପବ୍ଲିକ ସ୍କୁଲରେ ୬୪ତମ ଜାତୀୟସ୍ତରୀୟ ଆସିତେ ଡୁ (ଆଖଡ଼ା) ପ୍ରତିଯୋଗିତା ଅନୁଷ୍ଠିତ ହେବ। ଏନେଇ ମାଧ୍ୟମିକ ଶିକ୍ଷା ନିର୍ଦ୍ଦେଶାଳୟ, ଓଡ଼ିଶା ଓ ଆସିତେ ଡୁ ସଂଘର ମିଳିତ ଆନୁକୂଲ୍ୟରେ ମଙ୍ଗଳବାର ଜାତୀୟସ୍ତରୀୟ ଆଖଡ଼ା ପ୍ରତିଯୋଗିତା ଲାଗି ସ୍ଥାନୀୟ ସନ୍ତୋଷୀ ଇଂଲିଶ ମିଡିୟମ ସ୍କୁଲ ପରିସରରେ ଚାଲିଥିବା ରାଜ୍ୟସ୍ତରୀୟ ଚୟନ ଶିବିର ଉଦ୍‌ଯାପିତ ହୋଇଯାଇଛି। ଦୁଇଦିନ ଧରି ଚାଲିଥିବା ଏହି ଶିବିରରେ ମଙ୍ଗଳବାର ରାଜସ୍ୱ ମନ୍ତ୍ରୀ ମହେଶ୍ୱର ମହାନ୍ତି ମୁଖ୍ୟଅତିଥି, ବରିଷ୍ଠ କ୍ରୀଡ଼ା ପ୍ରଶିକ୍ଷକ ରବୀନ୍ଦ୍ରନାଥ ସେନାପତି, ଆଖଡ଼ା ଓଡ଼ିଶା ସଂଘ ସଭାପତି ଗୌରୀଶଙ୍କର ସିଂହାରୀ, ସୁବାସିନୀ ବଳିଆରସିଂ, ଜିଲା ଶାରୀରିକ ନିରୀକ୍ଷକ ଜିତେନ୍ଦ୍ର ନାଥ ଦାସ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଜାତୀୟସ୍ତରରେ ଅନୁଷ୍ଠିତ ହେବାକୁ ଥିବା ଏହି ପ୍ରତିଯୋଗିତାରେ ୧୭ବର୍ଷରୁ କମ୍ ବର୍ଗର ପ୍ରତିଯୋଗୀ ଓଡ଼ିଶା ତରଫରୁ ଅଂଶଗ୍ରହଣ କରିବେ ବୋଲି ଜିଲା ଶିକ୍ଷାଧିକାରୀ ହୃଷୀକେଶ କାଣ୍ଡି କହିଛନ୍ତି। ସଂଘର ସାଧାରଣ ସମ୍ପାଦକ ସବ୍ୟସାଚୀ ରଥ, ଜୁଡୋ କୋଚ ସବିତା ନନ୍ଦ ଓ ପ୍ରିୟମ୍ବଦା ଜେନା ପ୍ରମୁଖ ଶିବିର ପରିଚାଳନା କରିଥିଲେ।




## ପାର୍ବଣରେ ପ୍ଲାଷ୍ଟିକ୍ ବ୍ୟବହାର ବନ୍ଦ ହେଉ

**ଭୁବନେଶ୍ୱର, ୧୬।୧୦(ବ୍ୟୁରୋ)**

ପବିତ୍ର ଦଶହରା ଏବଂ ନବରାତ୍ରି ପୂଜା ଉପଲକ୍ଷେ ଓଡ଼ିଶା ପ୍ରଦେଶ କଂଗ୍ରେସ କମିଟି (ପିସିସି) ସଭାପତି ନିରଞ୍ଜନ ପଟ୍ଟନାୟକ ସମସ୍ତ ଜନସାଧାରଣଙ୍କୁ ଶାରଦୀୟ ଅଭିନନ୍ଦନ ଜ୍ଞାପନ କରିଛନ୍ତି। 'ଅଧର୍ମ ଉପରେ ଧର୍ମର ଜୟ'ର ପ୍ରତୀକ ଭାବେ ପାଳନ କରାଯାଉଥିବା ଏହି ପର୍ବ ରାଜ୍ୟରୁ ହିଂସା, ଦୁର୍ନୀତି, ଦାରିଦ୍ର୍ୟ ଦୂରକରି ରାଜ୍ୟବାସୀଙ୍କ ପାଇଁ ସୁଖ, ସମୃଦ୍ଧି ଆଣି ଦେଉ ବୋଲି ସେ କାମନା କରିଛନ୍ତି। ମା' ଦୁର୍ଗା ସମସ୍ତଙ୍କୁ ସାହା ହେବାକୁ ମଧ୍ୟ ସେ ପ୍ରାର୍ଥନା କରିଛନ୍ତି। ଏହି ଅବସରରେ ଭ୍ରାତୃତ୍ୱଭାବ ନେଇ ପାର୍ବଣ ପାଳନ କରିବା, ପାର୍ବଣ ସମୟରେ ଶୃଙ୍ଖଳା ବଜାୟ ରଖିବା ଏବଂ ପ୍ଲାଷ୍ଟିକ ବ୍ୟବହାର ନ କରିବାକୁ ସେ ସମସ୍ତଙ୍କୁ ନିବେଦନ କରିଛନ୍ତି।

## ବନ୍ୟା ପ୍ରଭାବିତ ଅଞ୍ଚଳରେ ନିରଞ୍ଜନ

■ ମୃତକଙ୍କ ପରିବାରକୁ ୧୦ ଲକ୍ଷ ଟଙ୍କା କ୍ଷତିପୂରଣ ପ୍ରଦାନ ଦାବି


ପିସିସି ସଭାପତି ନିରଞ୍ଜନ ପଟ୍ଟନାୟକ ଓ ଅନ୍ୟ ନେତୃବୃନ୍ଦ ଗଙ୍ଗାବାଡ଼ ଅଞ୍ଚଳ ପରିଦର୍ଶନ କରୁଛନ୍ତି।

**ଭୁବନେଶ୍ୱର, ୧୬।୧୦(ବ୍ୟୁରୋ)**

ସାମୁଦ୍ରିକ ଝଡ଼ ତିତ୍‌ଲି ଦ୍ୱାରା କ୍ଷତିଗ୍ରସ୍ତ ଏବଂ ବନ୍ୟା ପ୍ରଭାବିତ ଅଞ୍ଚଳକୁ ସୋମବାର ପ୍ରଦେଶ କଂଗ୍ରେସ କମିଟି (ପିସିସି) ସଭାପତି ନିରଞ୍ଜନ ପଟ୍ଟନାୟକ ଗସ୍ତ କରି ସ୍ଥିତି ଅନୁଧ୍ୟାନ କରିଛନ୍ତି। ପ୍ରଥମ ପର୍ଯ୍ୟାୟରେ ନିରଞ୍ଜନ ବ୍ରହ୍ମପୁର ଏବଂ ଏହାର ନିକଟବର୍ତ୍ତୀ ସ୍ଥାନ ଗସ୍ତ କରି ବାତ୍ୟା ଓ ବନ୍ୟା ପ୍ରଭାବିତ ପରିବାର ସଦସ୍ୟଙ୍କୁ ଭେଟି ସେମାନଙ୍କ ସହ ଆଲୋଚନା କରିଛନ୍ତି। ମଙ୍ଗଳବାର ସେ ପାରଳାଖେମୁଣ୍ଡି ଏବଂ ମୋହନା ନିର୍ବାଚନମଣ୍ଡଳୀର ମାଚମରା, ବୁସୁକୁଡି, ତଟିକାଟି, ଗୁରୁଣ୍ଡି, ଭାସୁଣି, ଗଙ୍ଗାବାଡ, ଲାବଣ୍ୟକୋଟ୍ଟା, ସାନପଡା, ବରୁଣେଇ ଏବଂ କାଇନପୁର ଆଦି ଗ୍ରାମପଞ୍ଚାୟତକୁ ଯାଇ କ୍ଷତିଗ୍ରସ୍ତ ଲୋକଙ୍କୁ ଭେଟିବା ସହ କ୍ଷୟକ୍ଷତିର ଅନୁଧ୍ୟାନ କରିଛନ୍ତି। ଏହି ପ୍ରାକୃତିକ ବିପର୍ଯ୍ୟୟର ମୁକାବିଲା କରିବାରେ ରାଜ୍ୟ ସରକାର ହୋଇଥିବା ନିରଞ୍ଜନ ଦର୍ଶାଇଛନ୍ତି। ସେ କହିଛନ୍ତି, ରାଜ୍ୟ ସରକାରଙ୍କ ଅପରିଣାମଦର୍ଶୀ କାର୍ଯ୍ୟ ଯୋଗୁ ରାଜ୍ୟରେ ବାତ୍ୟା ଓ ବର୍ଷା ବିପ୍ରାତରେ ବହୁ ଲୋକ ପ୍ରାଣ ହରାଇଛନ୍ତି। ମୃତ୍ୟୁସଂଖ୍ୟା ମଧ ଧୀରେଧୀରେ ବୃଦ୍ଧି ପାଇବାରେ ଲାଗିଛି। ଏହାଛଡ଼ା ୧ ହଜାର ପରିବାର ପ୍ରଭାବିତ ହୋଇଛନ୍ତି। ସରକାର ସୁଚିନ୍ତିତ ପଦକ୍ଷେପ ନେଇଥିଲେ ବହୁ ଧନ ଜୀବନ ସୁରକ୍ଷିତ ହୋଇଥାଆନ୍ତା। ମୃତକଙ୍କ ପରିବାରକୁ ରାଜ୍ୟ ସରକାର ୧୦ ଲକ୍ଷ ଟଙ୍କାର ସହାୟତା ରାଶି ପ୍ରଦାନ କରନ୍ତୁ। ଆହତମାନଙ୍କ ଉପଯୁକ୍ତ ଚିକିତ୍ସା ଏବଂ ଅନୁରୂପ ସହାୟତା ପ୍ରଦାନ କରନ୍ତୁ। ଏହାସହ କ୍ଷତିଗ୍ରସ୍ତ ଅଞ୍ଚଳରେ ରିଲିଫ୍ ଏବଂ ପ୍ରାଥମିକ ଥଇଥାନ କାର୍ଯ୍ୟ ତ୍ୱରାନ୍ୱିତ କରିବାକୁ ନିରଞ୍ଜନ ଦାବି କରିଛନ୍ତି। ଏହା ସହ ବିପର୍ଯ୍ୟୟରେ ହୋଇଥିବା କ୍ଷୟକ୍ଷତିର ସଠିକ ଆକଳନ କରି ପ୍ରଭାବିତ ପରିବାରଗୁଡ଼ିକୁ ଉପଯୁକ୍ତ କ୍ଷତିପୂରଣ ପ୍ରଦାନ, ଭାଙ୍ଗି ଯାଇଥିବା ରାସ୍ତାଘାଟ ଏବଂ ସେତୁଗୁଡ଼ିକର ପୁନଃ ନିର୍ମାଣ, ବାସହରା ଲୋକଙ୍କ ପାଇଁ ବାସଗୃହ ଯୋଗାଣ କରିବାକୁ ସେ ଗୁରୁତ୍ୱାରୋପ କରିଛନ୍ତି। ଏହି ସମସ୍ତ କାର୍ଯ୍ୟକୁ ରାଜ୍ୟ ସରକାର ରାଜନୈତିକ ରୂପ ନ ଦେଇ ମାନବିକ ଦୃଷ୍ଟିରୁ କାର୍ଯ୍ୟକାରୀ କରିବାକୁ ନିରଞ୍ଜନ ଦାବି କରିଛନ୍ତି।

# ଆଇନଜୀବୀଙ୍କ ଆନ୍ଦୋଳନକୁ ଧକ୍କା

■ପଦାକୁ ଆସିଲା ମତପାର୍ଥକ୍ୟ
■୧୭ ଜଣ ଆଡ୍‌ଭୋକେଟଙ୍କୁ କାରଣଦର୍ଶାଅ ନୋଟିସ

**କଟକ ଅଫିସ, ୧୬।୧୦**

ଆଇନଜୀବୀଙ୍କ କାର୍ଯ୍ୟବନ୍ଦ ଆନ୍ଦୋଳନ ଯୋଗୁ ଦେଢ଼ମାସ ହେବ ରାଜ୍ୟର ନ୍ୟାୟିକ ବ୍ୟବସ୍ଥାରେ ଏକ ପ୍ରକାର ଅଚଳାବସ୍ଥା ଜାରି ରହିଛି। ଏପରିକି ଆଇନଜୀବୀମାନେ ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶକୁ ନ ମାନି ଜିଦ୍‌ରେ ଅଟଳ ରହିଛନ୍ତି। ଆନ୍ଦୋଳନକୁ ଆହୁରି ବ୍ୟାପକ କରିବାକୁ ହାଇକୋର୍ଟ ବାର୍ ଆସୋସିଏଶନ ପକ୍ଷରୁ ବାରମ୍ବାର ବୈଠକ ବସୁଥିବାବେଳେ ଏହାଭିତରେ ଆଇନଜୀବୀଙ୍କ ମଧ୍ୟରେ ମତପାର୍ଥକ୍ୟ ଦେଖାଦେଇଛି। କାର୍ଯ୍ୟବନ୍ଦ ଆନ୍ଦୋଳନ ଚାଲୁଥିବାବେଳେ ଆସୋସିଏଶନର ନିର୍ଦ୍ଦେଶ ନ ମାନି କେତେଜଣ ଆଇନଜୀବୀ ନୂଆ ମାମଲା ହାତକୁ ନେଇଛନ୍ତି। ଏଥିପାଇଁ ୧୭ଜଣ ଆଇନଜୀବୀଙ୍କୁ କାରଣ ଦର୍ଶାଅ ନୋଟିସ ଜାରି କରାଯାଇଥିବା ବାର୍ ଆସୋସିଏଶନ ସମ୍ପାଦକ ସତ୍ୟବ୍ରତ ମହାନ୍ତି ସୂଚନା ଦେଇଛନ୍ତି। ଏହି ଘଟଣା ପଦାକୁ ଆସିବା ପରେ ଆଇନଜୀବୀଙ୍କ ଆନ୍ଦୋଳନକୁ ଶକ୍ତ ଧକ୍କା ଲାଗିଛି।

ମଙ୍ଗଳବାର ହାଇକୋର୍ଟ ବାର୍ ଆସୋସିଏଶନ ଆକ୍ସନ କମିଟି ବୈଠକରେ ଏହାକୁ ନେଇ ଗରମାଗରମ ପରିସ୍ଥିତି ସୃଷ୍ଟି ହୋଇଥିଲା। ମିଳିଥିବା ସୂଚନାନୁସାରେ, ନୋଟିସ ହୋଇଥିବା ଆଇନଜୀବୀଙ୍କ ମଧ୍ୟରେ ଆଡ୍‌ଭୋକେଟ ଜୟଦୀପ ପାଲ୍ ଶିଳ୍ପପତି ମହିମାନନ୍ଦ ମିଶ୍ରଙ୍କ ମାମଲା ପରିଚାଳନା କରିଥିବାବେଳେ ବିଦ୍ୟାଲୋକ ମହାପାତ୍ର ମନ୍ତ୍ରୀ ବଦ୍ରି ପାତ୍ରଙ୍କ ପୁଅର ମାମଲା ଓ ବରିଷ୍ଠ କଂଗ୍ରେସ ନେତା ମହମ୍ମଦ ମୋକିମଙ୍କ ଗିରଫଦାରି ମାମଲା ହାତକୁ ନେଇଥିଲେ। ସେହିଭଳି ନୋଟିସ୍ ତାଲିକାରେ ଥିବା ଅନ୍ୟମାନେ ହେଲେ ଆଡ୍‌ଭୋକେଟ ଦେବାଶିଷ ପଣ୍ଡା, ସଙ୍ଗିତା ମହାନ୍ତି, ରଘୁନାଥ ବିଶ୍ୱାଳ, ଏସ୍.ଡି. ଦାସ, ଏନ୍.ସି. ପତି, ପ୍ରକାଶ ଚନ୍ଦ୍ର ସେଠୀ, ଅଶ୍ୱିନୀ କୁମାର ଦାସ, ବି.ଏନ. ବେହେରା, ବିପ୍ଳବ ପି.ବି. ବାହାଲି, ଶାଶ୍ୱତୀ ମହାପାତ୍ର, ଭାର୍ଗବ ଶ୍ରୀକାନ୍ତ ହସୁରକର, ସିଦ୍ଧାର୍ଥ ରାୟ, ଜ୍ୟୋତିର୍ମୟ ଗୁପ୍ତା, ଶିବ ଶଙ୍କର ମହାନ୍ତି ଓ ଶୁଭ ନାରାୟଣ ଦାସ।

ତେବେ ନୋଟିସ ସଂକ୍ରାନ୍ତରେ ଆଡ୍‌ଭୋକେଟ ମହାପାତ୍ର କହିଛନ୍ତି, କୋର୍ଟ କାର୍ଯ୍ୟ ଦୀର୍ଘଦିନ ବନ୍ଦ ରହିବାରୁ ସାଧାରଣ ଲୋକ ନ୍ୟାୟ ପାଇବାରେ ବିଳମ୍ବ ହେଉଛି। ଏକଥାକୁ କେହି ଅସ୍ୱୀକାର କରିପାରିବେ ନାହିଁ। ଯଦି ଏଥିପାଇଁ ଆମକୁ ନୋଟିସ ଜାରି କରାଯାଏ ତେବେ ତାହା କେତେଦୂର ଠିକ୍ ତାହା ଆସୋସିଏଶନ କର୍ମକର୍ତ୍ତା ଚିନ୍ତା କରନ୍ତୁ। ତେବେ ଏ ସମ୍ପର୍କରେ ବାର ଆସୋସିଏଶନ ଆଡ୍‌ଭୋକେଟ ସମ୍ପାଦକ ସତ୍ୟବ୍ରତ ମହାନ୍ତି କହିଛନ୍ତି, ସଂଘର ନିଷ୍ପତ୍ତିରୁ ବାହାରକୁ ଯାଇ ମାମଲା ପରିଚାଳନା କରିବାକୁ ଉଦ୍ୟମ କରିବା ସଂଘ ବିରୋଧ କାର୍ଯ୍ୟ। ସାଧାରଣ ପରିଷଦ ବୈଠକରେ ସମସ୍ତ ଆଇନଜୀବୀଙ୍କୁ ସେମାନଙ୍କ ମତ ରଖିବାକୁ ଅନୁମତି ଅଛି, ହେଲେ ଏହା ନ କରି କେତେଜଣ ନୂଆ ମାମଲା ଫାଇଲ କରିଛନ୍ତି। ତେଣୁ ଯେଉଁମାନେ ସଂଘର ନିର୍ଦ୍ଦେଶକୁ ଅମାନ୍ୟ କରିଛନ୍ତି ସେମାନଙ୍କୁ ନୋଟିସ ଜାରି କରାଯାଇଛି ବୋଲି ସେ ଜଣାଇଛନ୍ତି।

■ ପୁଣି ଥରେ ମୁହଁ ଖୋଲିଲେ ମହେଶ୍ୱର

## ଚାରିଦ୍ୱାରରେ ଭକ୍ତଙ୍କୁ ଛଡ଼ାଯାଉ

**ପୁରୀ ଅଫିସ,୧୬।୧୦**

ଦର୍ଶନ ବ୍ୟବସ୍ଥାକୁ ଶୃଙ୍ଖଳିତ କରିବା ଲାଗି ଗତ ୧ ତାରିଖଠାରୁ ଶ୍ରୀମନ୍ଦିରରେ ଆରମ୍ଭ ହୋଇଛି ଧାଡ଼ିଦର୍ଶନ। ଏହାକୁ ବିରୋଧକରି ପୁରୀ ବନ୍ଦ ଡାକରା ଦିଆଯାଇଥିବା ବେଳେ ବ୍ୟାପକ ହିଂସାକାଣ୍ଡ ଘଟିଛି। ତେବେ ଏହି ଧାଡ଼ିଦର୍ଶନକୁ ନେଇ ପୁଣି ମୁହଁ ଖୋଲିଛନ୍ତି ମନ୍ତ୍ରୀ ମହେଶ୍ୱର ମହାନ୍ତି। ମଙ୍ଗଳବାର ଗଣମାଧ୍ୟମକୁ ସୂଚନା ଦେଇ ମନ୍ତ୍ରୀ କହିଛନ୍ତି, ଶ୍ରୀମନ୍ଦିର ଚତୁଃପାର୍ଶ୍ୱରେ ଏକାଧିକ ସାହି ରହିଛି। ପୂର୍ବରୁ ସ୍ଥାନୀୟ ଲୋକଙ୍କ ସମେତ ବାହାରୁ ଆସୁଥିବା ଭକ୍ତମାନେ ନିଜ ସୁବିଧା ଅନୁସାରେ ଯେ କୌଣସି ଦ୍ୱାର ଦେଇ ଠାକୁରଙ୍କୁ ଦର୍ଶନ କରିବାକୁ ଯାଉଥିଲେ। ସେହିଭଳି ଚାରିଦ୍ୱାର ଦେଇ ଭକ୍ତଙ୍କୁ ପ୍ରବେଶ ଅନୁମତି ଦିଆଯାଉ। ସାତପାହାଚଠାରୁ ଭକ୍ତଙ୍କୁ ନିୟନ୍ତ୍ରଣ କରି ବ୍ୟାରିକେଡ ମାଧ୍ୟମରେ ଭିତରକୁ ଛଡାଗଲେ ଦର୍ଶନରେ ଶୃଙ୍ଖଳା ଆସିପାରିବ। ଶ୍ରୀମନ୍ଦିର ପରିସର ବ୍ୟାପକ, ଅନ୍ୟ ମନ୍ଦିର ଭଳି ସଙ୍କୁଚିତ ନୁହେଁ। ତେଣୁ ଚାରିଦ୍ୱାରରେ କୌଣସି ପ୍ରକାର କଟକଣା ନ କରି ଅବାଧରେ ପ୍ରବେଶ ପାଇଁ ଭକ୍ତଙ୍କୁ ଛଡାଯାଉ। ଏହାଦ୍ୱାରା ଧାଡ଼ିଦର୍ଶନ ନେଇ ଯେଉଁ ବିବାଦ ଉପୁଜିଛି ତାହାର ସରଳ ସମାଧାନ ହୋଇପାରିବ ବୋଲି ମନ୍ତ୍ରୀ କହିଛନ୍ତି।

## ଦନ୍ତା ଆକ୍ରମଣରେ ଜଣେ ମୃତ

**ଢେଙ୍କାନାଳ ଅଫିସ,୧୬।୧୦**

ଢେଙ୍କାନାଳ ଜିଲା ଗଁଦିଆ ଥାନା ଷଡ଼ଙ୍ଗୀ ରେଞ୍ଜରେ ମଙ୍ଗଳବାର ସନ୍ଧ୍ୟାରେ ଦନ୍ତାହାତୀ ଆକ୍ରମଣରେ ଜଣେ ବ୍ୟକ୍ତି ପ୍ରାଣ ହରାଇଛନ୍ତି। ସେ ହେଲେ କୃଷ୍ଣଚନ୍ଦ୍ର ପ୍ରଧାନ (୪୫)। ଏହି ଘଟଣାରେ ବନ ବିଭାଗକୁ ଦାୟୀ କରି ସ୍ଥାନୀୟ ଲୋକେ ଲଙ୍କାକାଣ୍ଡ ଘଟାଇଛନ୍ତି। ସେମାନେ ରେଞ୍ଜ କାର୍ଯ୍ୟାଳୟ, ରେଞ୍ଜରଙ୍କ ସରକାରୀ ବାସଭବନରେ ଭଙ୍ଗାରୁଜା କରିଛନ୍ତି। ଏଥିରୁ ବାଦ୍ ପଡ଼ିନି ରେଞ୍ଜରଙ୍କ ବୋଲେରୋ ଏବଂ କର୍ମଚାରୀଙ୍କ ବାଇକ୍। ଭୟଭୀତ କର୍ମଚାରୀ ରେଞ୍ଜ କାର୍ଯ୍ୟାଳୟ ଛାଡ଼ି ଥାନାର ଶରଣାପନ୍ନ ହୋଇଥିଲେ। ଗଁଦିଆଠାରୁ ଷଡ଼ଙ୍ଗୀର ଦୂରତା ମାତ୍ର ୭ କିମି ହୋଇଥିଲେ ସୁଦ୍ଧା ଦୀର୍ଘ ସମୟ ଧରି ପୋଲିସ ପହଞ୍ଚି ନ ଥିଲା। ଜିଲା ପରିଷଦ ଉପସଭାପତି କୋଦଣ୍ଡଧର ସାହୁ ଏସ୍‌ପିଙ୍କୁ ଏ ସମ୍ପର୍କରେ ଅବଗତ କରାଇବା ପରେ ପୋଲିସ ଫୋର୍ସ ଘଟଣାସ୍ଥଳରେ ପହଞ୍ଚିଛି।

## ୧୯ ଘଣ୍ଟା ପରେ ହେଲା ମା'ଙ୍କ ଅନ୍ତିମ ସତ୍କାର

■ଜେଲ୍‌ରେ ଥିବା ବଡ଼ ପୁଅଙ୍କୁ ମିଳିଲାନି ପାରୋଲ
■ସାନ ପୁଅ ଦେଲେ ମୁଖାଗ୍ନି

**ବାରିପଦା ଅଫିସ,୧୬।୧୦**


ମହିଳାଙ୍କ ମୃତଦେହକୁ ମଶାଣିକୁ ନିଆଯାଉଛି।

ବଡପୁଅ ଘରକୁ ଆସି ମା'ଙ୍କୁ ମୁଖାଗ୍ନି ଦେବ। ପରିବାର ଲୋକେ ଅପେକ୍ଷା କରିଥିଲେ। ସେମାନେ ମୃତଦେହକୁ ସତ୍କାର ନ କରି ୧୯ ଘଣ୍ଟା ପକାଇ ରଖିଥିଲେ। ଚୋରାମଦ କାରବାରରେ ଗିରଫ ହୋଇ ଜେଲରେ ଥିବା ବଡପୁଅଙ୍କୁ ପାରୋଲରେ ଛାଡିବା ସକାଶେ କୋର୍ଟଙ୍କ ଅନୁମତି ଆବଶ୍ୟକ ରହିଥିଲା। ଓକିଲଙ୍କ କାର୍ଯ୍ୟବନ୍ଦ ଆନ୍ଦୋଳନ ଜାରି ରହିଥିବାରୁ ତାଙ୍କୁ ଅନୁମତି ମିଳିପାରି ନ ଥିଲା। ଶବ ପଚିଶଢି ଯିବା ଭଳି ଅବସ୍ଥା ସୃଷ୍ଟି ହେବାରୁ ଶେଷରେ ସାନ ପୁଅ ମୁଖାଗ୍ନି ଦେଇ ମା'ଙ୍କ ଅନ୍ତିମ ସଂସ୍କାର ଶେଷ କରିଥିବା ସୂଚନା ମିଳିଛି।

ଏଭଳି ଏକ ଅଭାବନୀୟ ଘଟଣା ମୟୂରଭଞ୍ଜ ଜିଲା ବାରିପଦା ସଦର ଥାନା ଅଞ୍ଚଳରେ ମଙ୍ଗଳବାର ଘଟିଛି। ସୂଚନା ଅନୁଯାୟୀ, ଶିକରଘାଟି ଗ୍ରାମର ୬୦ ବର୍ଷର ବୃଦ୍ଧା ସୋମବାରୀ ସୋରେନଙ୍କର ସୋମବାର ରାତି ୮ଟା ୩୦ରେ ମୃତ୍ୟୁ ହୋଇଥିଲା। ସାମାଜିକ ପ୍ରଥା ଓ ବିଧି ବ୍ୟବସ୍ଥା ଅନୁସାରେ ମୁଖାଗ୍ନି ଦେବା ସକାଶେ ଜେଲ୍‌ରେ ଥିବା ବଡପୁଅ ସଞ୍ଜୟ ସୋରେନ (୩୫)ଙ୍କୁ ପାରୋଲରେ ଆଣିବା ଲାଗି ପରିବାର ଲୋକେ ଉଦ୍ୟମ କରିଥିଲେ। ସଞ୍ଜୟଙ୍କ ସ୍ତ୍ରୀ ବାସନ୍ତୀ ମଙ୍ଗଳବାର ବାରିପଦା ଆସି ମଣ୍ଡଳ କାରାଗାରର ଅଧୀକ୍ଷକଙ୍କୁ ଭେଟି ଆବେଦନ କରିଥିଲେ। ଏସବୁ ପ୍ରୟାସ ଫେଲ୍ ମାରିଥିଲା। ଓକିଲଙ୍କ କାର୍ଯ୍ୟବନ୍ଦ ଆନ୍ଦୋଳନ ଯୋଗୁ କୋର୍ଟରେ ଆବେଦନ ପହଞ୍ଚି ପାରି ନ ଥିଲା। ଶେଷରେ ପରିବାରବର୍ଗ ନିରାଶ ହୋଇ ଘରକୁ ଫେରିଥିଲେ। ଅପରାହ୍ନ ସାଢେ ୩ ଟା ବେଳକୁ ସାନ ପୁଅ ବୁଧରାୟ ମୁଖାଗ୍ନି ଦେଇ ମା'ଙ୍କ ଶେଷ କ୍ରିୟା ସମ୍ପନ୍ନ କରିଥିଲେ। ସଞ୍ଜୟଙ୍କ ସ୍ତ୍ରୀ ବାସନ୍ତୀ କହିଛନ୍ତି ଯେ, ମା' ଓ ବାପାଙ୍କ ମୃତ୍ୟୁ ପରେ ମୁଖାଗ୍ନି ଦେବା ଓ ଅନ୍ତ୍ୟେଷ୍ଟି କ୍ରିୟା କରିବା ନିମନ୍ତେ ସମସ୍ତଙ୍କର ଆଇନଗତ ଅଧିକାର ରହିଛି । ଏଥିରୁ କାହାକୁ ବଞ୍ଚିତ କରାଯିବା ମାନବାଧିକାରର ଖୋଲା ଉଲ୍ଲଘନ । ଉଲ୍ଲେଖନୀୟ ଯେ, ଚୋରା ଦେଶୀ ମଦ ବ୍ୟବସାୟରେ ଲିପ୍ତ ଥିବା ଅଭିଯୋଗରେ ଅବକାରୀ ବିଭାଗ ଶିକରଘାଟି ଗ୍ରାମର ଆଦିବାସୀ ଯୁବକ ସଞ୍ଜୟଙ୍କୁ ଗତ ୯ ତାରିଖରେ ଗିରଫ କରିଥିଲା। ସେବେଠାରୁ ସେ ବାରିପଦା ମଣ୍ଡଳ କାରାଗାରରେ ରହିଆସୁଛନ୍ତି ।

## ଦାଦନ ଖଟାଇବାକୁ ନେଇ ଯୁବତୀଙ୍କୁ ରାଜସ୍ଥାନରେ ବିକିଦେଲେ ଦଲାଲ୍

**ରାୟଗଡା ଅଫିସ୍, ୧୬।୧୦**

ରାୟଗଡା ଜିଲାରେ ପୁଣି ଏକ ଅଭାବନୀୟ ଘଟଣା ସାମ୍ନାକୁ ଆସିଛି । ରାୟଗଡା ଜିଲା କୋଲନରା ବ୍ଲକ୍ ଅନ୍ତର୍ଗତ ଝିଞ୍ଜିଲିବାଡି ଗ୍ରାମର ଜଣେ ଯୁବତୀଙ୍କୁ ଜଣେ ଦଲାଲ୍ ଦାଦନ ଖଟାଇବାକୁ ନେଇ ରାଜସ୍ଥାନରେ ୧ଲକ୍ଷ ଟଙ୍କାରେ ବିକ୍ରି କରି ଦେଇଥିବା ଅଭିଯୋଗ ହୋଇଛି । ତାଙ୍କୁ ଫେରାଇ ଆଣିବା ନିମନ୍ତେ ମଙ୍ଗଳବାର ଯୁବତୀଙ୍କ ପରିବାର ଲୋକେ ଜିଲାପାଳ ଗୁହା ପୁନମ ତାପସ କୁମାରଙ୍କୁ ଭେଟି ଗୁହାରି କରିବା ସହ ଏକ ଦାବିପତ୍ର ପ୍ରଦାନ କରିଛନ୍ତି । ଏଥିସହ ଜିଲା ଶ୍ରମ ଅଧିକାରୀଙ୍କୁ ମଧ୍ୟ ଦାବିପତ୍ର ଦେଇଛନ୍ତି।


ଭୁବନେଶ୍ୱରସ୍ଥିତ ରସୁଲଗଡ଼ ଦୁର୍ଗାପୂଜା ମଣ୍ଡପ ସମ୍ମୁଖରେ ମଙ୍ଗଳବାର ଶ୍ରଦ୍ଧାଳୁଙ୍କ ଭିଡ଼।

## ବିଦେଶାଗତ ପକ୍ଷୀଙ୍କ ସୁରକ୍ଷା ପାଇଁ ଯୋଜନା

**ନୂଆଦିଲ୍ଲୀ,୧୬।୧୦(ପି.ଟି.)**

ପରିବେଶ, ଜଙ୍ଗଲ ଏବଂ ଜଳବାୟୁ ପରିବର୍ତ୍ତନ ମନ୍ତ୍ରଣାଳୟ ଖୁବ୍‌ଶୀଘ୍ର ଚିଲିକା, ଭିତରକନିକା ଭଳି ଦେଶର ଅନ୍ୟ ଆର୍ଦ୍ରଭୂମି ପାଇଁ ବିଦେଶାଗତ ପକ୍ଷୀଙ୍କ ସୁରକ୍ଷା ଲାଗି ଏକ ସମନ୍ୱିତ ପରିଚାଳନା ଯୋଜନା ପ୍ରସ୍ତୁତ କରିବାକୁ ଯାଉଛି। ସେଣ୍ଟ୍ରାଲ ଏସିଆନ୍ ଫ୍ଲାଏୱେ(ସିଏଏଫ୍)ରେ ବିଦେଶାଗତ ଜଳପକ୍ଷୀ ଓ ସେମାନଙ୍କ ବାସସ୍ଥଳୀର ସଂରକ୍ଷଣ ପାଇଁ ମନ୍ତ୍ରଣାଳୟ କାର୍ଯ୍ୟସୂଚୀ ପ୍ରସ୍ତୁତ କରିଛି। ୨୦୧୮ ରୁ ୨୦୨୩ ମଧ୍ୟରେ ଏହାକୁ କାର୍ଯ୍ୟକାରୀ କରାଯିବ। ଏହି କାର୍ଯ୍ୟସୂଚୀକୁ ୬ ଭାଗରେ ବିଭକ୍ତ କରାଯାଇଛି। ସେଗୁଡ଼ିକ ହେଲା ପ୍ରଜାତି ସଂରକ୍ଷଣ, ବାସସ୍ଥଳୀ ସଂରକ୍ଷଣ, ନିରନ୍ତର ପରିଚାଳନା, ଦକ୍ଷତା ବିକାଶ, ଯୋଗାଯୋଗ, ଗବେଷଣା ଓ ଜ୍ଞାନଭିତ୍ତିକ ବିକାଶ ଏବଂ ଅନ୍ତର୍ଜାତୀୟ ସହଯୋଗ। ମନ୍ତ୍ରଣାଳୟର ସୂଚନା ଅନୁସାରେ, ୩ଟି ଉଡ଼ାଣପଥ (ସିଏଏଫ୍ ଏବଂ ଅନ୍ୟଦୁଇଟି)ରୁ ଅନ୍ୟୂନ ୩୭୦ ପ୍ରଜାତିର ବିଦେଶାଗତ ପକ୍ଷୀ ଭାରତୀୟ ଉପମହାଦେଶକୁ ଆସିଥାନ୍ତି। ସେମାନଙ୍କ ମଧ୍ୟରୁ ୩୧୦ ମୁଖ୍ୟତଃ ଆର୍ଦ୍ରଭୂମିକୁ ନିଜ ବାସସ୍ଥଳୀ ଭାବେ ବ୍ୟବହାର କରନ୍ତି। ଅନ୍ୟ ପ୍ରଜାତିର ପକ୍ଷୀମାନେ ଭୂମି ଉପରେ ବସବାସ କରନ୍ତି। ପରିବେଶ, ଜଳ, ସାମାଜିକ ଅର୍ଥନୈତିକ ଏବଂ ସଂସ୍ଥାଗତ ବୈଶିଷ୍ଟ୍ୟ ଭିତ୍ତିରେ ଆର୍ଦ୍ରଭୂମିର ବିକାଶ ପାଇଁ ସମନ୍ୱିତ ପରିଚାଳନା ଯୋଜନାକୁ ବିକଶିତ କରାଯିବ ବୋଲି ମନ୍ତ୍ରଣାଳୟ ପକ୍ଷରୁ କୁହାଯାଇଛି। ଦୀର୍ଘ ସମୟ ବିଭିନ୍ନ ପ୍ରଜାତିର ପକ୍ଷୀଙ୍କ ଉପରେ ସୃଷ୍ଟି ହୋଇଥିବା ବିପଦକୁ ଏଡାଇବା ଲାଗି ଏହି ଜାତୀୟ ସ୍ତରର କାର୍ଯ୍ୟସୂଚୀ ସହାୟକ ହେବ ବୋଲି ମନ୍ତ୍ରଣାଳୟ ପକ୍ଷରୁ ଜାରି ଏକ ବିବୃତିରେ କୁହାଯାଇଛି।



“ଆତଙ୍କବାଦୀମାନେ ଆକ୍ରମଣ ପାଇଁ ନୂଆ ରଣନୀତି ଆପଣାଇବାରେ ଲାଗିଛନ୍ତି। ସୋସିଆଲ ମିଡିଆରେ ରାଷ୍ଟ୍ର ବିରୋଧୀ ଶକ୍ତି ଅଧିକ ସକ୍ରିୟ ହେବା ବିପଜ୍ଜନକ।
- ରାଜନାଥ ସିଂ, ସ୍ୱରାଷ୍ଟ୍ରମନ୍ତ୍ରୀ



## ସଂକ୍ଷେପରେ

### ରାମପାଲଙ୍କୁ ଆଜୀବନ କାରାଦଣ୍ଡ



**ହିସାର,୧୬।୧୦(ପି.ଟି.):** ଆଶ୍ରମରେ କେଲେଙ୍କାରୀ କରି ଗିରଫ ହୋଇଥିବା ଆତ୍ମଘୋଷିତ ବାବା ରାମପାଲଙ୍କୁ ମିଳିଛି ଶାସ୍ତି। ଏକ ହତ୍ୟା ମାମଲାରେ ମଙ୍ଗଳବାର ଏକ କୋର୍ଟ ତାଙ୍କୁ ଆଜୀବନ କାରାଦଣ୍ଡାଦେଶରେ ଦଣ୍ଡିତ କରିଛନ୍ତି। ତାଙ୍କ ସମେତ ଦୋଷୀ ସାବ୍ୟସ୍ତ ହୋଇଥିବା ଅନ୍ୟ ୧୪ ଅନୁଗାମୀଙ୍କୁ ସମାନ ଦଣ୍ଡ ମିଳିଛି। ଦିଲ୍ଲୀର ମିଠାପୁର ନିବାସୀ ଶିବପାଲ ରାମପାଲ ଓ ଅନ୍ୟମାନଙ୍କ ନାଁରେ ହତ୍ୟା ଅଭିଯୋଗ ଆଣିଥିଲେ। ମାମଲାର ଶୁଣାଣି କରି ହିସାର ଅତିରିକ୍ତ ଜିଲା ଓ ଦୌରା ଜଜ୍ ଡି.ଆର୍. ଚାଲିୟା ଏହି ଦଣ୍ଡବିଧାନ କରିଛନ୍ତି। ଆଉ ଏକ ହତ୍ୟା ମାମଲାରେ ମଧ ରାମପାଲ ଦୋଷୀ ସାବ୍ୟସ୍ତ ହୋଇଛନ୍ତି, ଯାହାର ଦଣ୍ଡବିଧାନ ଅକ୍ଟୋବର ୧୭ରେ ହେବ। ଦୁଇଟି ମାମଲାରେ ରାମପାଲ ଓ ଅନ୍ୟ ୨୬ ଜଣ ଦୋଷୀ ପ୍ରମାଣିତ ହୋଇଛନ୍ତି।

### ମଡେଲ ମାନସୀଙ୍କୁ ହତ୍ୟା



**ମୁମ୍ବାଇ,୧୬।୧୦:** ରାଜସ୍ଥାନରୁ ମୁମ୍ବାଇକୁ ମଡେଲ ହେବା ପାଇଁ ଆସିଥିବା ମାନସୀ ଦୀକ୍ଷିତଙ୍କ ମୃତଦେହ ଏକ ସୁଟ୍‌କେସରୁ ଉଦ୍ଧାର ହୋଇଛି। ତାଙ୍କୁ ହତ୍ୟା କରିଥିବା ଅଭିଯୋଗରେ ଜଣେ ଛାତ୍ରଙ୍କୁ ସୋମବାର ରାତିରେ ପୋଲିସ ଗିରଫ କରିଛି। ପୋଲିସର ସୂଚନାନୁସାରେ, ୨୦ ବର୍ଷୀୟ ମାନସୀଙ୍କ ସହ ଫେସ୍‌ବୁକ୍‌ରେ ମୁଜାମ୍ମିଲ ସୟଦ ନାମକ ଛାତ୍ରଙ୍କ ବନ୍ଧୁତା ହୋଇଥିଲା। ସୟଦ ଓ ମାନସୀ ସୋମବାର ଅପରାହ୍ନରେ ଅନ୍ଧେରିରେ ପରସ୍ପରକୁ ଭେଟିଥିଲେ। କୌଣସି କାରଣରୁ ବିବାଦ ହୋଇଥିଲା। ଏହାକୁ ନେଇ ସୟଦ ତାଙ୍କୁ ତଣ୍ଟିଚିପି ହତ୍ୟା କରିଥିଲେ। ପରେ ସେ ତାଙ୍କ ମୃତଦେହକୁ ଏକ ସୁଟ୍‌କେସରେ ପୂରାଇ ମାଲାଡ୍‌ରେ ଫିଙ୍ଗିଦେଇଥିଲେ।

### ପ୍ରଶାନ୍ତ ଜେଡିୟୁର ନଂ. ୨



**ନୂଆଦିଲ୍ଲୀ,୧୬।୧୦(ପି.ଟି.):** ନିକଟରେ ସଂଯୁକ୍ତ ଜନତା ଦଳ (ଜେଡିୟୁ)ରେ ଯୋଗଦେଇଥିବା ପ୍ରଶାନ୍ତ କିଶୋର ଦଳର ଉପସଭାପତି ନିଯୁକ୍ତ ହୋଇଛନ୍ତି। ବିହାର ମୁଖ୍ୟମନ୍ତ୍ରୀ ତଥା ଜେଡିୟୁ ଅଧକ୍ଷ ନୀତୀଶ କୁମାର ମଙ୍ଗଳବାର ତାଙ୍କୁ ଏହି ନିଯୁକ୍ତି ଦେଇଛନ୍ତି। ଫଳରେ ପ୍ରଶାନ୍ତ କିଶୋର ଜେଡିୟୁର ଦ୍ୱିତୀୟ ପ୍ରଭାବଶାଳୀ ନେତାର ମାନ୍ୟତା ପାଇଛନ୍ତି।

## ଯୁଦ୍ଧ ପ୍ରଭାବିତ ୟେମେନରେ ଆର୍ଥିକ ସଙ୍କଟ

# ଅବହେଳା ପାଇଁ ପ୍ରଧାନମନ୍ତ୍ରୀ ବହିଷ୍କୃତ

**ସାନା,୧୬।୧୦**

ୟେମେନ ରାଷ୍ଟ୍ରପତି ଅବ୍ଦରବ୍ବୋ ମନ୍‌ସୁର ହାଦି ପ୍ରଧାନମନ୍ତ୍ରୀ ଅହମ୍ମଦ ବିନ୍ ଦାଘେରଙ୍କୁ ସୋମବାର ବିଳମ୍ବିତ ରାତିରେ ବହିଷ୍କାର କରିଛନ୍ତି। ଆର୍ଥିକ କ୍ଷେତ୍ରରେ ଖରାପ ପ୍ରଦର୍ଶନ ପାଇଁ ଦାଘେରଙ୍କୁ ଦାୟୀ କରାଯାଇ ତାଙ୍କ ବିରୋଧରେ ଏଭଳି କାର୍ଯ୍ୟାନୁଷ୍ଠାନ ନିଆଯାଇଛି। ମୁଦ୍ରାର ଅବମୂଲ୍ୟାୟନ ରୋକିବାରେ ବିଫଳତା ପାଇଁ ମଧ ତାଙ୍କ ମୁଣ୍ଡରେ ଦୋଷ ଲଦିଛନ୍ତି ରାଷ୍ଟ୍ରପତି। ଏଥିସହ ତାଙ୍କ ସ୍ଥାନରେ ମୋଇନ୍ ଅବ୍‌ଦୁଲ ମଲିକ୍ ସୟିଦ୍‌ଙ୍କୁ ସେ ଦେଶର ନୂଆ ପ୍ରଧାନମନ୍ତ୍ରୀ ନିଯୁକ୍ତ କରିଛନ୍ତି।

ୟେମେନ ହେଉଛି ଆରବ ଉପଦ୍ୱୀପର ଅନ୍ୟତମ ଦରିଦ୍ର ଦେଶ। ଯୁଦ୍ଧ ଏହି ଦେଶର ଆର୍ଥିକ ମେରୁଦଣ୍ଡକୁ ଭାଙ୍ଗିଦେଇଛି। ସଂଘର୍ଷ ଯୋଗୁ ସେଠାରେ ଅଦ୍ୟାବଧି ୧୦,୦୦୦ ଜଣ ପ୍ରାଣ ହରାଇ ସାରିଲେଣି। ଆଗକୁ ୮.୪ ନିୟୁତ ଲୋକ ଅନାହାରରେ ପଡ଼ିବାକୁ ଯାଉଛନ୍ତି। ସେହିପରି ୨୨ ନିୟୁତ ଲୋକ ସହାୟତାକୁ ଅପେକ୍ଷା କରିଛନ୍ତି। ଜାତିସଂଘ ଏହାକୁ ସବୁଠୁ ଖରାପ ମାନବିକ ସଙ୍କଟର ଆଖ୍ୟା ଦେଇଛି। ସୌଦୀ ଆରବ ନେତୃତ୍ୱାଧୀନ ମେଣ୍ଟ ୨୦୧୫ ମାର୍ଚ୍ଚରୁ ହୁଥି ବିଦ୍ରୋହୀଙ୍କ ବିରୋଧରେ ହାଦି ସରକାରଙ୍କୁ ସମର୍ଥନ କରୁଛି। ବିଦ୍ରୋହୀମାନେ ରାଜଧାନୀ ସାନାକୁ ନିଜ ଦଖଲରେ ରଖିଥିବାରୁ ୟେମେନ ସରକାର ମୁଖ୍ୟତଃ ସୌଦୀ ଆରବରୁ ପରିଚାଳିତ ହେଉଛି। ପ୍ରାୟ ୩ ବର୍ଷ ହେଲା ୟେମେନ ମୁଦ୍ରା ରିୟାଲର କ୍ରମଶଃ ଅବମୂଲ୍ୟାୟନ ଘଟିବାରେ ଲାଗିଛି। ଫଳରେ ଏହାର ମୂଲ୍ୟ ଡଲାର ତୁଳନାରେ ଦୁଇ-ତୃତୀୟାଂଶ ହ୍ରାସ ପାଇଛି। ଦାଘେର ଏହାକୁ ରୋକିବାରେ ସମ୍ପୂର୍ଣ୍ଣ ବିଫଳ ହୋଇଥିବା ଅଭିଯୋଗ ଆଣି ରାଷ୍ଟ୍ରପତି ତାଙ୍କୁ ବରଖାସ୍ତ କରିଛନ୍ତି। କେବଳ ଏତିକି ନୁହେଁ, ଆର୍ଥିକ ସଙ୍କଟର ସମାଧାନ କରିବାରେ ଅବହେଳାକୁ ନେଇ ତାଙ୍କୁ ତଦନ୍ତର ସମ୍ମୁଖୀନ ହେବାକୁ ପଡ଼ିବ ବୋଲି ମଧ ରାଷ୍ଟ୍ରପତି ନିର୍ଦ୍ଦେଶ ଦେଇଛନ୍ତି। ପୂର୍ବରୁ ପୂର୍ତ୍ତ ଓ ସଡ଼କ ମନ୍ତ୍ରୀ ଥିବା ୩୭ ବର୍ଷୀୟ ମୋଇନ୍ ଅବ୍‌ଦୁଲ ମଲିକ୍ ସୟିଦ୍‌ଙ୍କୁ ସେ ୟେମେନର ନୂଆ ପ୍ରଧାନମନ୍ତ୍ରୀ ଭାବେ ନିଯୁକ୍ତି ଦେଇଛନ୍ତି। ଦାଘେରଙ୍କ କ୍ୟାବିନେଟରେ ସ୍ଥାନ ପାଇବା ପୂର୍ବରୁ ସେ ଧମାରସ୍ଥିତ ଥମାର ୟୁନିଭର୍ସିଟିର ଇଞ୍ଜିନିୟରିଂ ବିଭାଗରେ ସହକାରୀ ପ୍ରଫେସର ଭାବେ ଅଧ୍ୟାପନା କରୁଥିଲେ। ସୌଦି ଆରବ ଓ ସଂଯୁକ୍ତ ଆରବ ଏମିରେଟ୍ସ (ୟୁଏଇ) ସହିତ ସୟିଦ୍‌ଙ୍କ ଉତ୍ତମ ସମ୍ପର୍କ ଥିବା ଦୃଷ୍ଟିରୁ ତାଙ୍କୁ ଏହି ନୂଆ ଦାୟିତ୍ୱ ଦିଆଯାଇଥିବା ରାଜନୈତିକ ସୂତ୍ରରୁ ପ୍ରକାଶ। ଜଣେ ଦୂରଦୃଷ୍ଟିସମ୍ପନ୍ନ ନେତା ଭାବେ ଜଣାଶୁଣା ସୟିଦ୍ ୟେମେନକୁ ଏହି ସଙ୍କଟରୁ ମୁକ୍ତକରି ଅଚଳାବସ୍ଥା ଦୂରକରିବାରେ ସକ୍ଷମ ହେବେ ବୋଲି ଦେଶବାସୀ ଆଶାବାଦୀ।



ଅହମ୍ମଦ ବିନ୍ ଦାଘେର



ଅବ୍ଦରବ୍ବୋ ମନ୍‌ସୁର ହାଦି



ମୋଇନ୍ ଅବ୍‌ଦୁଲ ମଲିକ୍ ସୟିଦ୍

**ମୋଇନ୍ ଅବ୍‌ଦୁଲ ମଲିକ୍ ସୟିଦ୍‌ଙ୍କୁ ନୂଆ ପ୍ରଧାନମନ୍ତ୍ରୀ ନିଯୁକ୍ତ କଲେ ରାଷ୍ଟ୍ରପତି**

## ‘ମୁଁ ପ୍ରଚାର କଲେ କଂଗ୍ରେସ ଭୋଟ କମୁଛି’



**ଭୋପାଳ,୧୬।୧୦(ପି.ଟି.):** ବିଧାନସଭା ନିର୍ବାଚନ ପାଇଁ ମଧ୍ୟପ୍ରଦେଶ ରାଜନୀତି ସରଗରମ ଥିବାବେଳେ ବରିଷ୍ଠ କଂଗ୍ରେସ ନେତା ଦିଗ୍‌ବିଜୟ ସିଂଙ୍କ ଏକ ଭିଡିଓକୁ ନେଇ ଚର୍ଚ୍ଚା ଜୋର୍ ଧରିଛି। ମୁଁ କଂଗ୍ରେସ ପାଇଁ ପ୍ରଚାର କଲେ ଦଳର ଭୋଟ କମିଯିବ। ଏଥିଯୋଗୁ ଦଳୀୟ ସଭାସମିତିରେ ମୁଁ ଯୋଗ ଦେଉନାହିଁ ବୋଲି ଦିଗ୍‌ବିଜୟ କହୁଥିବା ଉକ୍ତ ଭିଡିଓ ସୋସିଆଲ ମିଡିଆରେ ଭାଇରାଲ୍ ହୋଇଛି। ଭିଡିଓକୁ ଗତ ୧୩ ତାରିଖରେ ରେକର୍ଡିଂ କରାଯାଇଥିବାବେଳେ ସୋମବାର କଂଗ୍ରେସ ଅଧକ୍ଷ ରାହୁଲ ଗାନ୍ଧୀଙ୍କ ମଧ୍ୟପ୍ରଦେଶ ଗସ୍ତବେଳେ ଏହା ସାମ୍ନାକୁ ଆସିଛି। ପୂର୍ବରୁ ୨ ଥର ମଧ୍ୟପ୍ରଦେଶର ମୁଖ୍ୟମନ୍ତ୍ରୀ ଥିବା ଦିଗ୍‌ବିଜୟଙ୍କୁ ଏବେ ରାଜ୍ୟରେ ଦଳୀୟ ସଭାସମିତିରେ ଦେଖିବାକୁ ମିଳୁନାହିଁ।

## ଭାଜପାରେ ଗୋଆର ୨ କଂଗ୍ରେସ ବିଧାୟକ



**ପଣଜୀ/ନୂଆଦିଲ୍ଲୀ,୧୬।୧୦(ପି.ଟି.):** ଗୋଆର ୨ ଜଣ କଂଗ୍ରେସ ବିଧାୟକ ମଙ୍ଗଳବାର ଭାଜପାରେ ସାମିଲ ହୋଇଛନ୍ତି। ରାଜ୍ୟରେ ମନୋହର ପାରିକରଙ୍କ ନେତୃତ୍ୱାଧୀନ ମେଣ୍ଟ ସରକାର ସଂଖ୍ୟାଲଘୁ ଅବସ୍ଥାକୁ ଚାଲିଆସିଥିବା ଅଭିଯୋଗ ଆଣି ସରକାର ଗଢ଼ିବାକୁ ଅଣ୍ଟା ଭିଡୁଥିବାବେଳେ ୨ ବିଧାୟକଙ୍କ ଏହି ପଦକ୍ଷେପ କଂଗ୍ରେସ ପାଇଁ ଶକ୍ତ ଝଟକା ଦେଇଛି। ବିଧାୟକ ଦୟାନନ୍ଦ ସୋପ୍ତେ ଓ ସୁଭାଷ ଶିରୋଦ୍‌କର ମଙ୍ଗଳବାର କଂଗ୍ରେସରୁ ଇସ୍ତଫା ଦେଇଛନ୍ତି। ଉଭୟେ ନୂଆଦିଲ୍ଲୀରେ ଭାଜପା ରାଷ୍ଟ୍ରୀୟ ଅଧକ୍ଷ ଅମିତ୍ ଶାହଙ୍କୁ ଭେଟି ଗୈରିକ ଦଳରେ ସାମିଲ ହୋଇଛନ୍ତି। ଅନ୍ୟପକ୍ଷରେ ଭାଜପା ଗୋଆରେ ଗଣତନ୍ତ୍ରକୁ ହତ୍ୟା କରିଥିବା ଅଭିଯୋଗ ଆଣିଛି କଂଗ୍ରେସ।

## ଜୋର ଧରିଲା ଆକବରଙ୍କ ଇସ୍ତଫା ଦାବି

# ରାଷ୍ଟ୍ରପତିଙ୍କୁ ଚିଠି ଲେଖିଲେ ସାମ୍ବାଦିକା

**ନୂଆଦିଲ୍ଲୀ,୧୬।୧୦(ପି.ଟି.)**

ଦେଶରେ ଏବେ ‘# ମିଟୂ’ ଅଭିଯାନକୁ ନେଇ ଚର୍ଚ୍ଚା ଜୋର୍ ଧରିଥିବାବେଳେ ପ୍ରତିଦିନ ନୂଆ ନୂଆ ତଥ୍ୟ ପ୍ରଘଟ ହେଉଛି। କେନ୍ଦ୍ରମନ୍ତ୍ରୀ ଏମ୍.ଜେ. ଆକବରଙ୍କ ବିରୋଧରେ ଆସିଥିବା ଯୌନ ନିର୍ଯାତନା ଅଭିଯୋଗ ଅଧିକ ଚାଞ୍ଚଲ୍ୟ ସୃଷ୍ଟି କରିଛି। ସେ ଗାଦି ଛାଡ଼ନ୍ତୁ କିମ୍ବା କେନ୍ଦ୍ରର ନରେନ୍ଦ୍ର ମୋଦି ସରକାର ତାଙ୍କୁ ବହିଷ୍କାର କରନ୍ତୁ ବୋଲି ବିରୋଧୀ ଅଡ଼ିବସିଥିଲେ ସୁଦ୍ଧା ପ୍ରଭାବ ଶୂନ। ଆକବରଙ୍କ ବିରୋଧରେ ସରକାର କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁ ନ ଥିବାରୁ ଏବେ ସାମ୍ବାଦିକାମାନେ ପାଦ ବଢ଼ାଇଛନ୍ତି। ସାମ୍ବାଦିକାଙ୍କ ଏକ ଗୋଷ୍ଠୀ ରାଷ୍ଟ୍ରପତି ରାମନାଥ କୋବିନ୍ଦଙ୍କୁ ଚିଠି ଲେଖି ତାଙ୍କ ହସ୍ତକ୍ଷେପ ଲୋଡ଼ିଛନ୍ତି। ମଙ୍ଗଳବାର ଆକବରଙ୍କ ବିରୋଧରେ ଆଉ ଦୁଇ ମହିଳା ମୁହଁ ଖୋଲିଛନ୍ତି।

ଦୁଇ ସାମ୍ବାଦିକାଙ୍କୁ ଆକବର ଯୌନ ଶୋଷଣ କରିଥିବା ପ୍ରଘଟ ହେବା ସତ୍ତ୍ୱେ ଆକବର ମନ୍ତ୍ରୀପଦରେ ରହିବା ଚିନ୍ତାଜନକ ବିଷୟ। କ୍ଷମତାରେ ଥିବାରୁ ସେ ତଦନ୍ତକୁ ପ୍ରଭାବିତ କରିବାର ଯଥେଷ୍ଟ ସମ୍ଭାବନା ରହିଛି। ତେଣୁ ମହିଳାଙ୍କ ସମ୍ମାନ ରକ୍ଷା ଏବଂ ନିରପେକ୍ଷ ତଦନ୍ତ ଲାଗି ରାଷ୍ଟ୍ରପତି ବିହିତ ପଦକ୍ଷେପ ଗ୍ରହଣ କରନ୍ତୁ ବୋଲି ନେଟଓ୍ୱାର୍କ ଅଫ ଓ୍ୱିମେନ ଇନ୍ ମିଡିଆ ଇନ୍ ଇଣ୍ଡିଆ (ଏନ୍‌ଡବ୍ଲ୍ୟୁଏମ୍‌ଆଇ) ସଦସ୍ୟମାନେ ଚିଠି ଜରିଆରେ ଅନୁରୋଧ କରିଛନ୍ତି। ସେପଟେ ଅଭିଯୋଗକାରୀ ସାମ୍ବାଦିକା ପ୍ରିୟା ରମଣୀଙ୍କ ବିରୋଧରେ ମାନହାନି ମକଦ୍ଦମା କରିଛନ୍ତି ବହିର୍ବ୍ୟାପାର ରାଷ୍ଟ୍ରମନ୍ତ୍ରୀ ଆକବର। ତେବେ ସମସ୍ତଙ୍କୁ ଭକୁଆ ବନାଇବା ପାଇଁ ମନ୍ତ୍ରୀ ଏହି ବାଟ ଆପଣାଇଥିବା ଏନ୍‌ଡବ୍ଲ୍ୟୁଏମ୍‌ଆଇ ପକ୍ଷରୁ କୁହାଯାଇଛି। ପୂର୍ବତନ ଖବରକାଗଜ ସମ୍ପାଦକ ଆକବରଙ୍କୁ କାଠଗଡ଼ାକୁ ଆଣିବା ଲାଗି ପ୍ରିୟାଙ୍କ ସମର୍ଥନରେ ବାହାରିପଡ଼ିଛନ୍ତି ୧୭ ସାମ୍ବାଦିକା। ସେହିପରି ମଙ୍ଗଳବାର ଆକବରଙ୍କ ବିରୋଧରେ ଆଉ ଦୁଇ ମହିଳା ଯୌନ ନିର୍ଯାତନା ଅଭିଯୋଗ ଆଣିଛନ୍ତି। ସେମାନେ ହେଲେ ସାମ୍ବାଦିକା ତୁଷିତା ପଟେଲ ଓ ବ୍ୟବସାୟୀ ସ୍ୱାତୀ ଗୌତମ। ‘# ମିଟୂ’ ଝଡ଼ ଯୋଗୁ ମଙ୍ଗଳବାର ବଲିଉଡ୍ ଜଗତରେ ଦୁଇ ଜଣ କାର୍ଯ୍ୟରୁ ବହିଷ୍କୃତ ହୋଇଛନ୍ତି। ମାଲୟାଲମ୍ ଅଭିନେତା ଆଲେନ୍ସିଅର ଲି ଲୋପେଜ୍‌ଙ୍କ ନାଁରେ ମଧ ଯୌନ ନିର୍ଯାତନା ଅଭିଯୋଗ ଆସିଛି।



**# ମିଟୂ: ଅଭିଯୋଗ ଆଣିଲେ ଆଉ ୨ ମହିଳା**

## ଏନ୍‌ଏସ୍‌ୟୁଆଇ ସଭାପତିଙ୍କ ଇସ୍ତଫା

**ନୂଆଦିଲ୍ଲୀ,୧୬।୧୦(ପି.ଟି.)**



ବ୍ୟଭିଚାର ଅଭିଯୋଗ

କଂଗ୍ରେସର ଛାତ୍ର ଶାଖା ଏନ୍‌ଏସ୍‌ୟୁଆଇ ସଭାପତି ଫିରୋଜ୍ ଖାନ୍‌ଙ୍କ ନାଁରେ ଛତିଶଗଡ଼ର ଜଣେ ମହିଳା କଂଗ୍ରେସ କର୍ମୀ ଯୌନ ନିର୍ଯାତନା ଅଭିଯୋଗ ଆଣିଛନ୍ତି। ଏହାକୁ ନେଇ ଖାନ୍ ପଦ ଛାଡ଼ିଛନ୍ତି। ସୋମବାର ସେ ଇସ୍ତଫାପତ୍ର ଦେବା ପରେ ତାହାକୁ କଂଗ୍ରେସ ଅଧକ୍ଷ ରାହୁଲ ଗାନ୍ଧୀ ଗ୍ରହଣ କରିଛନ୍ତି ବୋଲି ମଙ୍ଗଳବାର ଦଳ ପକ୍ଷରୁ କୁହାଯାଇଛି। ଜମ୍ମୁ-କଶ୍ମୀର ନିବାସୀ ଖାନ୍ ସମସ୍ତ ଅଭିଯୋଗକୁ ଖଣ୍ଡନ କରିଛନ୍ତି। ଦଳର ଛବି ମଳିନ ହେଉଥିବାରୁ ସେ ପଦ ଛାଡ଼ିଥିବା କହିଛନ୍ତି। ତେବେ ମହିଳା କର୍ମୀଙ୍କ ଅଭିଯୋଗ ଉପରେ ତର୍ଜମା ଲାଗି ଏକ ତିନିଜଣିଆ କମିଟି ଗଠନ ହୋଇଛି ବୋଲି ଦଳୀୟ ସୂତ୍ରରୁ ପ୍ରକାଶ।

## ଫୁର୍‌ସତ

## ବିଶ୍ୱରେ ୮୨ କୋଟି ଭୋକିଲା

**ନୂଆଦିଲ୍ଲୀ/ଜେନେଭା:** ଅକ୍ଟୋବର ୧୬ରେ ପାଳିତ ହେଉଛି ବିଶ୍ୱ ଖାଦ୍ୟ ଦିବସ। ତେବେ ୨୦୧୮ କ୍ଷୁଧା ସୂଚକାଙ୍କରେ ପ୍ରକାଶ ପାଇଛି ଯେ, ବିଶ୍ୱରେ ଏବେ ମଧ ୮୨ କୋଟି ଲୋକ ଭୋକିଲା ରହିଛନ୍ତି। ୧୧୯ ରାଷ୍ଟ୍ରକୁ ନେଇ ପ୍ରକାଶ ପାଇଥିବା ଏହି ରିପୋର୍ଟରେ ଭାରତ ୧୦୩ ତମ ସ୍ଥାନରେ ରହିଛି। କେତେକ ଅଞ୍ଚଳରେ ସାମରିକ କାର୍ଯ୍ୟାନୁଷ୍ଠାନ ପରିସ୍ଥିତିକୁ ଅଧିକ ଗମ୍ଭୀର କରିବାରେ ଲାଗିଛି ବୋଲି ରିପୋର୍ଟ ଦର୍ଶାଯାଇଛି। ସେହିପରି ପରିବର୍ତ୍ତିତ ରାଜନୈତିକ ସ୍ଥିତି ଅନେକ ଦେଶରେ ଭୋକିଲାଙ୍କ ସଂଖ୍ୟା ବଢ଼ାଉଛି ବୋଲି ଏହି ରିପୋର୍ଟରେ ପ୍ରକାଶ ପାଇଛି। ଇତିମଧ୍ୟରେ ପୃଥିବୀର ବିଭିନ୍ନ ରାଷ୍ଟ୍ରରେ ୬୮ ନିୟୁତ ଶରଣାର୍ଥୀ ଆଶ୍ରୟ ନେଇଥିବା ଏହି ରିପୋର୍ଟରେ ସୂଚିତ କରାଯାଇଛି।

**ଖାଦ୍ୟ ସୁରକ୍ଷା ଏବେ ବି ଅପହଞ୍ଚ**



## ନୂଆ ନକ୍ଷତ୍ରମଣ୍ଡଳରେ ବୃହତ୍ ଗ୍ରହ

**ଲଣ୍ଡନ:** ବୈଜ୍ଞାନିକମାନେ ଏକ ନୂଆ ନକ୍ଷତ୍ରମଣ୍ଡଳରେ ୪ଟି ବୃହତ୍ ଗ୍ରହ ଆବିଷ୍କାର କରିଛନ୍ତି। ଏଗୁଡିକର ଆକୃତି ବୃହସ୍ପତି ଓ ଶନିଗ୍ରହ ସହିତ ସମାନ। ଉକ୍ତ ନକ୍ଷତ୍ର ‘ସିଆଇ ଟାଉ’ ୫୦୦ ଆଲୋକବର୍ଷ ଦୂରତାରେ ଅବସ୍ଥିତ। ଏହା ଗାଲାକ୍ସିର ‘ନର୍ସରି’ ରିଜିୟନ୍ ମଧ୍ୟରେ ରହିଥିବା କେମ୍ବ୍ରିଜ ୟୁନିଭର୍ସିଟିର ଗବେଷକମାନେ ପ୍ରକାଶ କରିଛନ୍ତି। ଏଗୁଡିକ ନିଜସ୍ୱ ନକ୍ଷତ୍ରଠାରୁ ସର୍ବାଧିକ ଦୂରତାରେ ରହି ପରିକ୍ରମା କରୁଥିବା ପର୍ଯ୍ୟବେକ୍ଷଣରୁ ଜଣାପଡିଛି।

ଏ ସମ୍ପର୍କିତ ବିସ୍ତୃତ ଅଧୟନ ଆଷ୍ଟ୍ରୋଲୋଜିକାଲ୍ ଜର୍ନାଲ ଲେଟର୍ସରେ ପ୍ରକାଶ ପାଇଛି। ଏହି ନକ୍ଷତ୍ରମଣ୍ଡଳରେ ସବୁଠୁ ବାହ୍ୟତମ ଗ୍ରହର ଦୂରତା ନିକଟତମ ଗ୍ରହର ଦୂରତାଠାରୁ ହଜାର ଗୁଣ ଅଧିକ। ଏଭଳି ମଣ୍ଡଳ ତିଷ୍ଠି ରହିଥିବା ନେଇ ଗବେଷକମାନେ ଆଶ୍ଚର୍ଯ୍ୟ ପ୍ରକାଶ କରିଛନ୍ତି। ଉକ୍ତ ସୌରମଣ୍ଡଳର ନକ୍ଷତ୍ର ମାତ୍ର ୨ ନିୟୁତ ବର୍ଷ ତଳର। ସେଥିପାଇଁ ଏହାକୁ ଜ୍ୟୋତିର୍ବିଜ୍ଞାନ ଭାଷାରେ ‘ଟଡ୍‌ଲର’ ନାମକରଣ କରାଯାଇଛି। ଏହାର ଚତୁର୍ଦ୍ଦିଗରେ ଧୂଳି ଓ ବରଫର ଆସ୍ତରଣ ଦୃଶ୍ୟମାନ। ଏହି ପରିବେଶରେ ଗ୍ରହ, ଚନ୍ଦ୍ର, ଆଷ୍ଟରଏଡ ଏବଂ ଅନ୍ୟ ମହାକାଶୀୟ ବସ୍ତୁ ରହିଛନ୍ତି। ଏହା ବୃହସ୍ପତି ଭଳି ଗ୍ରହଗୁଡ଼ିକୁ ଆକର୍ଷଣ କରି ରଖିଛି। ଗବେଷକଙ୍କର ଏକ ଟିମ୍ ଆଟାକାମା ଲାର୍ଜ ମିଲିମିଟର/ସବ୍‌ମିଲିମିଟର ଆରେ (ଏଏଲ୍‌ଏମ୍‌ଏ) ବ୍ୟବହାର କରି ଏହି ଗ୍ରହର ସମକକ୍ଷ ଗ୍ରହଗୁଡିକୁ ଆବିଷ୍କାର କରିଛନ୍ତି। ୪ଟି ଗ୍ରହ ନିଜସ୍ୱ ନକ୍ଷତ୍ରଠାରୁ ଢ଼େର ଦୂରତାରେ ରହିଛନ୍ତି। ସବୁଠୁ ନିକଟବର୍ତ୍ତୀ ଗ୍ରହ (ହଟ୍ ଜୁପିଟର) ସୂର୍ଯ୍ୟ-ବୁଧ ମଧ୍ୟବର୍ତ୍ତୀ ଦୂରତାରେ ରହିଥିବା ବେଳେ ସବୁଠୁ ଦୂରତମ ଗ୍ରହ ସୂର୍ଯ୍ୟ-ନେପ୍‌ଚୁନ୍ ଦୂରତାର ୩ଗୁଣରୁ ଅଧିକ ଦୂରତାରେ ଅବସ୍ଥାନ କରୁଛି। ଦୁଇଟି ବାହ୍ୟଗ୍ରହ ଶନିର ବସ୍ତୁତ୍ୱ ସହ ସମାନ ହୋଇଥିବା ବେଳେ ନିକଟବର୍ତ୍ତୀ ଦୁଇ ଗ୍ରହର ବସ୍ତୁତ୍ୱ ଯଥାକ୍ରମେ ବୃହସ୍ପତିର ୧ଗୁଣ ଏବଂ ୧୦ଗୁଣ ସହିତ ସମାନ।



## ଇତିହାସର ଆଇନାରେ

### ଅକ୍ଟୋବର ୧୭ର ପ୍ରମୁଖ ଘଟଣା

୧୯୭୯ ଅକ୍ଟୋବର ୧୭ରେ ମଦର ଟେରେସାଙ୍କୁ ନୋବେଲ ଶାନ୍ତି ପୁରସ୍କାର ପ୍ରଦାନ କରାଯାଇଥିଲା। ୧୯୫୦ରେ କୋଲକାତାରେ ମଦର ଟେରେସା ଫାଉଣ୍ଡେସନ୍ ପ୍ରତିଷ୍ଠା କରି ସେ ଏଡସ୍, କୁଷ୍ଠ ଏବଂ ଯକ୍ଷ୍ମାରୋଗୀଙ୍କ ସେବାରେ ଜୀବନ ଉତ୍ସର୍ଗୀକୃତ କରିଥିଲେ।

୧୯୯୪ ଅକ୍ଟୋବର ୧୭ରେ ସେନାରେ ଦୁର୍ନୀତି ସମ୍ପର୍କିତ ଘଟଣାର ତଦନ୍ତ ବେଳେ ରୁଷିଆର ସାମ୍ବାଦିକ ଦ୍ମିତ୍ରି ଖୋଲଡୋଭଙ୍କୁ ହତ୍ୟା କରାଯାଇଥିଲା। ସେନା ପାଣ୍ଠି ଅପବ୍ୟବହାର କରାଯାଉଥିବା ନେଇ ବହୁବାର ସେ ଖବର ପ୍ରକାଶ କରିଥିଲେ। ଏହି ଘଟଣା ପରେ ତାଙ୍କ ଖବରକାଗଜର ସମ୍ପାଦକ ଅଭିଯୋଗ କରିଥିଲେ ଯେ, ତତ୍କାଳୀନ ପ୍ରତିରକ୍ଷା ମନ୍ତ୍ରୀଙ୍କ ନିର୍ଦ୍ଦେଶରେ ସେନା ଅଧିକାରୀମାନେ ହତ୍ୟା କରିଛନ୍ତି।



ମଙ୍ଗଳବାର ଅପରାହ୍ନ ୫ଟାରେ ମହାକାଶରୁ ନିଆଯାଇଥିବା ପାଣିପାଗ ଚିତ୍ର।

## କେମିତି ରହିବ ଆଜିର ପାଗ

**ରାଜ୍ୟ–** ଆସନ୍ତା ୨୪ ଘଣ୍ଟା ମଧ୍ୟରେ ଓଡ଼ିଶାରେ ପାଗ ମୁଖ୍ୟତଃ ଶୁଖିଲା ରହିବ। ଉପକୂଳବର୍ତ୍ତୀ ଅଞ୍ଚଳରେ ସକାଳେ କୁହୁଡି ହେବା ସମ୍ଭାବନା ରହିଛି।

**ସ୍ଥାନୀୟ ଅଞ୍ଚଳ–** ଭୁବନେଶ୍ୱର ଓ ଏହାର ପାର୍ଶ୍ୱବର୍ତ୍ତୀ ଅଞ୍ଚଳରେ ଆକାଶ ଆଂଶିକ ମେଘାଚ୍ଛନ୍ନ ରହିବ। ସକାଳେ କୁହୁଡି ହୋଇପାରେ। ବୁଧବାର ଏଠାରେ ସର୍ବୋଚ୍ଚ ତାପମାତ୍ରା ୩୨ ଡିଗ୍ରୀ ଏବଂ ସର୍ବନିମ୍ନ ୨୨ ଡିଗ୍ରୀ ସେଲ୍‌ସିୟସ୍ ରହିବ ବୋଲି ପୂର୍ବାନୁମାନ କରାଯାଇଛି। ମଙ୍ଗଳବାର ରାଜ୍ୟରେ ରେକର୍ଡ କରାଯାଇଥିବା ସର୍ବୋଚ୍ଚ ଓ ସର୍ବନିମ୍ନ ତାପମାତ୍ରା ପାର୍ଶ୍ୱରେ ଦିଆଗଲା।

| ସ୍ଥାନ | ସର୍ବୋଚ୍ଚ ତାପମାତ୍ରା | ସର୍ବ ନିମ୍ନ ତାପମାତ୍ରା |
|---|---|---|
| ବାଲେଶ୍ୱର | ୩୨.୪ | ୨୧.୨ |
| ଚାନ୍ଦବାଲି | ୩୨.୮ | ୨୫.୨ |
| କଟକ | ୩୨.୬ | ୨୧.୦ |
| ପାରାଦ୍ୱୀପ | ୩୧.୮ | ୨୪.୫ |
| ଭୁବନେଶ୍ୱର | ୩୩.୪ | ୨୧.୮ |
| ଗୋପାଳପୁର | ୩୪.୩ | ୨୩.୬ |
| ପୁରୀ | ୩୩.୦ | ୨୫.୦ |
| ଅନୁଗୋଳ | ୩୩.୧ | ୧୯.୦ |
| ବାରିପଦା | ୩୧.୪ | ୨୧.୦ |
| ଝାରସୁଗୁଡ଼ା | ୩୪.୬ | ୨୦.୨ |
| କେନ୍ଦୁଝର | ୩୧.୪ | ୧୮.୪ |
| ସମ୍ବଲପୁର | ୩୩.୮ | ୨୦.୮ |
| ସୁନ୍ଦରଗଡ଼ | ୩୩.୫ | --- |
| ହୀରାକୁଦ | ୩୪.୦ | ୨୧.୬ |
| ତାଳଚେର | ୩୫.୨ | ୨୦.୩ |
| ଭବାନୀପାଟଣା | ୩୧.୪ | ୧୮.୫ |
| ବଲାଙ୍ଗୀର | ୩୩.୦ | ୨୦.୬ |
| କୋରାପୁଟ | ୨୯.୦ | ୧୭.୬ |
| ଫୁଲବାଣୀ | ୩୧.୦ | ୧୫.୦ |
| ଟିଟିଲାଗଡ଼ | --- | ୧୮.୫ |
| ମାଲକାନଗିରି | ୩୩.୦ | --- |
| ସୋନପୁର | ୩୪.୨ | ୧୮.୨ |
| ଦାରିଙ୍ଗିବାଡ଼ି | ୨୮.୫ | ୧୫.୦ |
| ଢେଙ୍କାନାଳ | --- | --- |

ଡିଗ୍ରୀ ସେଲ୍‌ସିୟସ୍

## ‘ୟୋର୍ସ ଟ୍ରୁଲି’ ପାଇଁ ଖୁସି

**ନୂଆଦିଲ୍ଲୀ:** ‘ୟୋର୍ସ ଟ୍ରୁଲି’ରେ ମହେଶ ଭଟ୍ଟ, ସୋନି ରାଜଦାନ୍ ଏବଂ ପଙ୍କଜ ତ୍ରିପାଠୀଙ୍କ ସହିତ କାର୍ଯ୍ୟ କରି ବେଶ୍ ଖୁସି ଅନୁଭବ କରିଛନ୍ତି ଅଭିନେତ୍ରୀ ଆହାନା କୁମ୍ରା। ପଙ୍କଜ ତ୍ରିପାଠୀଙ୍କ ଭଳି ଅଭିନେତାଙ୍କୁ ଖୁବ୍ ପସନ୍ଦ କରେ ଏବଂ ଅଭିନୟ କ୍ଷେତ୍ରରେ ସୋନି ରାଜଦାନ୍ ଜଣେ ଚମତ୍କାର ତଥା ସ୍ୱାଗତଯୋଗ୍ୟ କଳାକାର। ଫିଲ୍ମରେ ଆମ୍ଭମାନଙ୍କର କେମିଷ୍ଟ୍ରି ବେଶ୍ ଦୃଶ୍ୟମାନ ବୋଲି ଆହାନା ପ୍ରକାଶ କରିଛନ୍ତି। ଆହାନାଙ୍କ ‘ୟୋର୍ସ ଟ୍ରୁଲି’ର ପ୍ରିମିୟର ଅକ୍ଟୋବର ୯ରେ ୨୩ତମ ବୁସାନ ଇଣ୍ଟରନ୍ୟାଶନାଲ୍ ଫିଲ୍ମ ଫେଷ୍ଟିଭାଲ୍‌ରେ ପ୍ରଦର୍ଶିତ ହୋଇଛି। ଏହାର ନିର୍ଦ୍ଦେଶନା ଦେଇଛନ୍ତି ସଞ୍ଜୟ ନାଗ। କୋରିଆରେ ପ୍ରଦର୍ଶିତ ଏହି ଫିଲ୍ମକୁ ଭରପୂର ଦର୍ଶକ ଉପଭୋଗ କରିଥିଲେ। ଫିଲ୍ମରେ ‘ମିଠି’ ଚରିତ୍ରକୁ ଆବର୍ତ୍ତ କରି ଏକ ପ୍ରେମ କାହାଣୀ ଗଢ଼ିଉଠିଛି, ଯିଏ ଜାଣେ ପ୍ରେମ ପାଇଁ ବୟସ, ପ୍ରତିପତ୍ତି ଏବଂ ସାମାଜିକ ନୀତିନିୟମ କିଛି ପ୍ରତିବନ୍ଧକ ସୃଷ୍ଟି କରେନାହିଁ। ପଛରେ କାହାରି ମଧୁର ସ୍ୱର ଯଦି ମନ ଛୁଇଁଲା ତା’ ହେଲେ ପ୍ରେମ ହେଲା। ନିଜ ଅଭିନୟ ବିଷୟରେ ଆହାନା କହନ୍ତି, କେବଳ ଗୋଟିଏ ଜିନିଷ ପାଇଁ ମୋତେ ପ୍ରସ୍ତୁତ ହେବାକୁ ପଡିଥିଲା। ତାହା ହେଉଛି ଏକ ବେଙ୍ଗଲୀ ଗୀତ। ଏହି ଗୀତ ଗାଇବାରେ ଏତେ ମଜା ଥିଲା ଯେ ମୁଁ ଏବଂ ସୋନି ଏହି ଗୀତକୁ କୌଣସି ସମୟରେ ଏବଂ କୌଣସିଠାରେ ଗୁଣୁଗୁଣଉଥିଲୁ।



ଆହାନା କୁମ୍ରା

**ଧରିତ୍ରୀର ବିଭିନ୍ନ ଅଫିସ ଓ ପ୍ରତିନିଧିଙ୍କ ଟେଲିଫୋନ ନମ୍ବର**

ଭୁବନେଶ୍ୱର-(Code.0674) 2580101(Advt.), 2549302(News), Fax No. 2549795.Dharitri, ନୂଆଦିଲ୍ଲୀ-(011)23329821, 23329822, ନୂଆଦିଲ୍ଲୀ ପ୍ରତିନିଧି-09999032822, କଟକ ଅଫିସ-(0671)2321004, 2322004, ସମ୍ବଲପୁର-(0663) 2405816, ଢେଙ୍କାନାଳ ଅଫିସ-(06762)224254, ଫୁଲବାଣୀ ଅଫିସ-(06842)253116, 9438367053, ବଲାଙ୍ଗୀର ଅଫିସ-(06652)234333, ବରଗଡ ଅଫିସ-(06646)234789, ଅନୁଗୋଳ-(06764)237556, (ତାଳଚେର-(06760)241177, ରାଉରକେଲା ଅଫିସ-(0661)2643242, ସୁନ୍ଦରଗଡ଼-9437346088, ଯାଜପୁର ଅଫିସ-8895242449, ପାରାଦୀପ-(06722)221081, ବାଲେଶ୍ୱର ଅଫିସ-(06782)240604, ବାରିପଦା ଅଫିସ-9437018073, ଭବାନୀପାଟଣା-9437153870, ରାୟଗଡା ଅଫିସ-(06856)225625, 9437090496, କୋରାପୁଟ ଅଫିସ-06852252599, ଜୟପୁର-9437182105, ନବରଙ୍ଗପୁର-9437119068, ସୋନପୁର-9438739383, ଯାଜପୁର ରୋଡ଼-(06726)265030, ଖୋର୍ଦ୍ଧା ଅଫିସ-(06755)223444, ପୁରୀ ଅଫିସ-(06752)221922, ଆସ୍କା-(06822)273440, 272144, କେନ୍ଦୁଝର-9437197395, ଜଗତ୍‌ସିଂହପୁର ଅଫିସ-(06724)224030, 8763968203, ନୟାଗଡଅଫିସ-(06753)252710, ଭଦ୍ରକଅଫିସ-(06784)242101, ନୂଆପଡ଼ାଅଫିସ-(06678)223068, ଝାରସୁଗୁଡ଼ାଅଫିସ-(06645)272799, ଦେବଗଡ-9437121562, କେନ୍ଦ୍ରାପଡ଼ାଅଫିସ-06727233825, ପାରଳାଖେମୁଣ୍ଡି-9437140002.

ଜ୍ୟୋତିଷ ବାଚସ୍ପତି ବ୍ରହ୍ମାନନ୍ଦ ପଣ୍ଡା

**ଆଦ୍ୟାଶକ୍ତିଙ୍କର ଅନ୍ୟ ନାମ ପ୍ରକୃତି। ସେ ଐଶ୍ୱର୍ଯ୍ୟ, ଯଶ, ଶ୍ରୀ, ଜ୍ଞାନ ଆଦି ଷଡ଼ ଐଶ୍ୱର୍ଯ୍ୟ (ଭଗ)ର ଅଧିକାରିଣୀ ହେତୁ ଭଗବତୀ ନାମରେ ପୂଜିତା। ସମସ୍ତ ଜୀବଙ୍କୁ ମା' ରୂପରେ ପାଳନ କରନ୍ତି ବୋଲି ସେ ଜଗଦମ୍ବା ବା ଜଗତର ମାତା। ସେହି ମାଆଙ୍କର ପୂଜା ଅବସରରେ...**

# ଦୁର୍ଗାପୂଜା ହିଁ ଶକ୍ତିପୂଜା



ସମସ୍ତ ବସ୍ତୁରେ ଶକ୍ତି ବିଦ୍ୟମାନ। ବିଭିନ୍ନ ରାସାୟନିକ, ଆଣବିକ ଆଦି କ୍ରିୟା ପ୍ରତିକ୍ରିୟା ମାଧ୍ୟମରେ ବସ୍ତୁରୁ ଶକ୍ତି ଏବଂ ଶକ୍ତିରୁ ବସ୍ତୁର ରୂପାନ୍ତର ଅହରହ ଘଟିଚାଲିଛି। ମୋଟାମୋଟି କହିଲେ ସମଗ୍ର ବିଶ୍ୱ ବ୍ରହ୍ମାଣ୍ଡ ହେଉଛି ପରସ୍ପରଠାରୁ ଅଭିନ୍ନ ବସ୍ତୁ ଓ ଶକ୍ତିର ପ୍ରୟୋଗ କ୍ଷେତ୍ର।

ଅଧ୍ୟାତ୍ମ ବିଜ୍ଞାନ ଓ ଦର୍ଶନ ମତରେ ଜୀବଜଗତ ହେଉଛି ଏହି ଚେତନଶକ୍ତି ଯୁକ୍ତ ବ୍ରହ୍ମଙ୍କର ଅଂଶବିଶେଷ। ଏହି ଚିତ୍‌ଶକ୍ତି ହେଉଛି ସୃଷ୍ଟିର ଆଦ୍ୟାଶକ୍ତି ଜଗଦମ୍ବା। ଏହି ଶକ୍ତି ଦୃଶ୍ୟ-ଅଦୃଶ୍ୟ ଭାବରେ ସର୍ବତ୍ର ବ୍ୟାପ୍ତ। ସବୁ ବସ୍ତୁ ଦେହରେ ବା ଜୀବଠାରେ ଏହି ଶକ୍ତି ବିଦ୍ୟମାନ। ବିଶ୍ୱର ସର୍ବତ୍ର ପୂଜିତ ମାତୃକା ଶକ୍ତି ସେହି ଆଦ୍ୟାଶକ୍ତି, ମହାଲକ୍ଷ୍ମୀଙ୍କର ଅଂଶ। ଦେବୀ ତ୍ରିଗୁଣାତ୍ମିକା। ସତ୍ତ୍ୱଗୁଣରେ ସେ ବୈଷ୍ଣବୀ, ରଜୋଗୁଣରେ ବ୍ରାହ୍ମୀ ଓ ତମୋଗୁଣରେ ମାହେଶ୍ୱରୀ। ଆଦି ଶଙ୍କରଙ୍କ ମତରେ ଶକ୍ତି ବିନା ଶିବ ଶବତୁଲ୍ୟ। ଶକ୍ତିଯୁକ୍ତ ହେଲେ ଶିବ କଲ୍ୟାଣକାରକ ହୁଅନ୍ତି।

ଋଗ୍‌ବେଦ ଦଶମ ମଣ୍ଡଳରେ ଆଦିଶକ୍ତି ଜଗଦମ୍ବାଙ୍କର ବର୍ଣ୍ଣନା ଅଛି। ଉପନିଷଦରେ ସେ ସଂସାରର ସୃଷ୍ଟିକର୍ତ୍ତା, ବ୍ରହ୍ମା, ବିଷ୍ଣୁ, ମହେଶ୍ୱର, ବାୟୁ, କିନ୍ନର, ଗନ୍ଧର୍ବ, ଅପ୍‌ସରା ଆଦିଙ୍କର ଜନ୍ମଦାତା, ସମସ୍ତ ପ୍ରକାର ଶକ୍ତିର ଆଧାର। ଅଣ୍ଡଜ, ସ୍ୱେଦଜ, ଜରାୟୁଜ ଓ ଉଦ୍ଭିଜମାନଙ୍କର ସେ ସୃଷ୍ଟିକର୍ତ୍ତା, ପାଳନକର୍ତ୍ତା ଓ ରକ୍ଷାକର୍ତ୍ତା। ଦେବୀ ଭାଗବତ, କାଳିକା, ବ୍ରହ୍ମବୈବର୍ତ୍ତ, ମାର୍କଣ୍ଡେୟ ଆଦି ପୁରାଣରେ ବ୍ୟାସଦେବ ବିଶଦ ଭାବରେ ଶକ୍ତିଙ୍କ ବର୍ଣ୍ଣନା କରିଛନ୍ତି।

ଆଦ୍ୟାଶକ୍ତିଙ୍କର ଅନ୍ୟ ନାମ ପ୍ରକୃତି। ସେ ଐଶ୍ୱର୍ଯ୍ୟ, ଯଶ, ଶ୍ରୀ, ଜ୍ଞାନ ଆଦି ଷଡ଼ ଐଶ୍ୱର୍ଯ୍ୟ (ଭଗ)ର ଅଧିକାରିଣୀ ହେତୁ ଭଗବତୀ ନାମରେ ପୂଜିତା। ସମସ୍ତ ଜୀବଙ୍କୁ ମା' ରୂପରେ ପାଳନ କରନ୍ତି ବୋଲି ସେ ଜଗଦମ୍ବା ବା ଜଗତର ମାତା।

ଆଦି ଶଙ୍କର, ବାଦରାୟଣ, ରାମାନୁଜ, ବଲ୍ଲଭାଚାର୍ଯ୍ୟ, ମାଧବାଚାର୍ଯ୍ୟ ଆଦି ମନୀଷୀମାନେ ସ୍ଥିର କରିଥିବା ବ୍ରହ୍ମଙ୍କର ସ୍ୱରୂପ ତଥା ଲକ୍ଷଣ ଆଦ୍ୟାଶକ୍ତିଙ୍କଠାରେ ବିଦ୍ୟମାନ ଥିବାରୁ ସେ ବିଶ୍ୱମାତା, ବିଶ୍ୱବନ୍ଦ୍ୟା ଓ ବ୍ରହ୍ମସ୍ୱରୂପିଣୀ। ମା ଭଗବତୀ ବିଶ୍ୱର ସମସ୍ତ ପ୍ରକାର ବିଦ୍ୟାର ଅଧିକାରୀ ହେତୁ ତାଙ୍କୁ ମହାବିଦ୍ୟା କୁହାଯାଏ।

ସେହି ଆଦ୍ୟାଶକ୍ତି ମା ଭଗବତୀ ପ୍ରସନ୍ନ ହେଲେ ମେଧାଋଷି, ରାଜା ସୁରଥ ଓ ସମାଧି ବୈଶ୍ୟ ପରି ଭକ୍ତମାନଙ୍କର ମନସ୍କାମନା ପୂରଣ ପାଇଁ ବର ଦିଅନ୍ତି। ଆଦ୍ୟାଶକ୍ତିଙ୍କର ଦୁଇଟି ରୂପ ଅଛି। ବ୍ରହ୍ମ ସ୍ୱରୂପିଣୀ ପରାଶକ୍ତି ଓ ଜଗତ୍ ସ୍ୱରୂପିଣୀ ଅପରା ଶକ୍ତି। ପରାଶକ୍ତି ଭକ୍ତମାନଙ୍କ ସହ ତାଦାତ୍ମ୍ୟ ସୃଷ୍ଟି କରି ମୁକ୍ତି ଓ ତତ୍ତ୍ୱଜ୍ଞାନ ଦେଇଥାନ୍ତି। ଅପରା ଶକ୍ତି ଜନ୍ମଚକ୍ର ମଧ୍ୟରେ ସଂସାରର ମାୟା-ମୋହ-ବନ୍ଧନ ଭିତରେ ସୁଖର ସ୍ୱପ୍ନ ଦେଖାଇଥାନ୍ତି। ଅବିଦ୍ୟା ଓ ଅପରାଶକ୍ତି ପ୍ରରୋଚିତ ଜୀବ କାମ, କ୍ରୋଧ, ଲୋଭ, ମୋହ, ମଦ, ମାତ୍ସର୍ଯ୍ୟ, ପରିଗ୍ରହ ଓ ବୃଥା ଅହଂକାର ସୃଷ୍ଟି କରୁଥିବା ମାୟା ମରୀଚିକା ପଛରେ ଧାବମାନ ହୋଇ ଶାଶ୍ୱତ ସୁଖ-ଶାନ୍ତିଠାରୁ ଦୂରେଇଯାଇ ବାରମ୍ବାର ଜନ୍ମ ନେଇ କଷ୍ଟ ପାଇଥାଏ। ଯେତେବେଳେ ବିଶ୍ୱରେ କାମରୂପୀ ରକ୍ତବୀର୍ଯ୍ୟ, କ୍ରୋଧରୂପୀ ମହିଷାସୁର, ଲୋଭରୂପୀ ଚଣ୍ଡ, ମୋହରୂପୀ ମୁଣ୍ଡ, ମଦରୂପୀ ଧୂମ୍ରଲୋଚନ, ମାତ୍ସର୍ଯ୍ୟରୂପୀ ମଧୁକୈଟଭ, ପରିଗ୍ରହରୂପୀ ଦୁର୍ଯ୍ୟୋଧନ ଏବଂ ଅଂହକାରରୂପୀ ରାବଣମାନଙ୍କର ଉତ୍ପାତ ଓ ଅତ୍ୟାଚାର ଅସହ୍ୟ ହୁଏ ସେତେବେଳେ ଆଦ୍ୟାଶକ୍ତି ସେମାନଙ୍କୁ ବିନାଶ କରିବା ପାଇଁ ଦଶମହାବିଦ୍ୟା ରୂପ ନେଇ ଅବତାରୀ ହୋଇଥାନ୍ତି।

ସଂସାରର ସମସ୍ତ ନାରୀ ସେହି ଆଦ୍ୟାଶକ୍ତି ମହାଲକ୍ଷ୍ମୀଙ୍କର ଅଂଶବିଶେଷ। ସେ ଗୃହରେ ଲକ୍ଷ୍ମୀ, ଭୋଗରେ ଭବାନୀ, ଯୁଦ୍ଧରେ ଦୁର୍ଗା, ପ୍ରଳୟକାଳରେ କାଳିକା ଓ ଶାସନ-ପାଳନରେ ବିଷ୍ଣୁ ଭଗବାନ ରୂପେ ବିଦ୍ୟମାନ। ନବ ଦିନାତ୍ମକ ଦୁର୍ଗାପୂଜାରେ କୁମାରୀ କନ୍ୟା ଯଥାକ୍ରମେ କୁମାରୀ, ତ୍ରିମୂର୍ତ୍ତି କଲ୍ୟାଣୀ, ରୋହିଣୀ, କାଳିକା, ଚଣ୍ଡିକା, ସାମ୍ଭବୀ, ଦୁର୍ଗା ଓ ସୁଭଦ୍ରା ରୂପେ ପୂଜିତା ହୋଇଥାନ୍ତି। ଏଣୁ ସବୁ ନାରୀଙ୍କୁ ଦେବୀ ଭଗବତୀଙ୍କର ଅଂଶରୂପେ ସମ୍ମାନ ଦେବା ହେଉଛି ଯଥାର୍ଥ ଶକ୍ତିପୂଜା। ଦୁରାଚାର ବିଘାତିନୀ ମା' ଦୁର୍ଗା ସମସ୍ତଙ୍କୁ ସଦ୍‌ବୁଦ୍ଧି ଦିଅନ୍ତୁ। ସୌଭାଗ୍ୟ, ଆରୋଗ୍ୟ, ଜୟ, ଯଶ ଦିଅନ୍ତୁ- ଏତିକି ପ୍ରାର୍ଥନା।

ମୋ-୮୨୪୯୬୯୭୯୪୪

ଯୋଗାଚାର୍ଯ୍ୟ ଡ. ରମାକାନ୍ତ କର

# ଶ୍ରୀକ୍ଷେତ୍ରରେ ତାନ୍ତ୍ରିକ ପରମ୍ପରା ଓ ଗୋଷାଣୀ ପର୍ବ



ଶ୍ରୀକ୍ଷେତ୍ର ଏକ ତନ୍ତ୍ରପୀଠ ଭାବରେ ପରିଚିତ। ଏହି କ୍ଷେତ୍ରରେ ତାନ୍ତ୍ରିକ ପରମ୍ପରା ପ୍ରଚଳନର ବହୁ ଦୃଷ୍ଟାନ୍ତ ବିଭିନ୍ନ ଶାସ୍ତ୍ରରେ ପରିଦୃଷ୍ଟ ହୁଏ। ତନ୍ତ୍ରଶାସ୍ତ୍ରରେ ଚତୁଃଷଷ୍ଠୀ ଯୋଗିନୀ, ଦଶମହାବିଦ୍ୟା, ପୁରୁଷ-ପ୍ରକୃତି ଉପାସନା, ଭୈରବ-ଭୈରବୀ ତତ୍ତ୍ୱାଦିର ବର୍ଣ୍ଣନା ରହିଛି। ଏହି ଯୋଗିନୀର ଅନ୍ୟନାମ ହେଲା ଗୋଷାଣୀ। ଏହି ଗୋଷାଣୀମାନଙ୍କ ମୃଣ୍ମୟୀ ମୂର୍ତ୍ତି ଆଶ୍ୱିନ ଶୁକ୍ଳ ୭ମୀ, ୮ମୀ ଓ ୯ମୀ ତିନିଦିନ ଷୋଡଶ ଉପଚାରରେ ପୂଜିତ ହୋଇଥାନ୍ତି। ଆଉ କେହି କେହି କୃଷ୍ଣପକ୍ଷ ଅଷ୍ଟମୀଠାରୁ ଶୁକ୍ଳପକ୍ଷ ନବମୀ ପର୍ଯ୍ୟନ୍ତ ୧୬ ଦିନ ଧରି ପୂଜା କରନ୍ତି।

ଏହି ଯୋଗିନୀମାନେ ବିଭିନ୍ନ ରୂପରେ ବିଭିନ୍ନ ନାମରେ ପୂଜିତ ହୋଇ ଏକାଦଶୀ ଦିନ ବିସର୍ଜିତ ହୁଅନ୍ତି। ଶ୍ରୀକ୍ଷେତ୍ରରେ ଏହି ପୂଜା ମଧ୍ୟ ପାରମ୍ପରିକ ରୀତିରେ ପ୍ରଚଳିତ ହୋଇଆସୁଛି। ପୁରୀରେ ଶ୍ରୀଜଗନ୍ନାଥ ମନ୍ଦିରର ସେବକମାନଙ୍କ ପରିବାରର କୁମାରୀମାନେ ଯୋଗିନୀ ବେଶ ସାଜି ନାନା ଅଳଙ୍କାରରେ ଭୂଷିତ ହୋଇ ନାରୀ ଶକ୍ତିର ବିକାଶ ନିମିତ୍ତ ବାସୁଆ ବା ବୃଷଭ ଉପାସନା କରନ୍ତି। ଏହି ପୂଜାକୁ ବଳିପୂଜା କୁହାଯାଏ ଓ ସେହି କୁମାରୀମାନଙ୍କୁ ନେତପିଲା କୁହନ୍ତି। ଯେଉଁମାନେ ବଳିପୂଜା କରନ୍ତି ସମସ୍ତେ ନେତପିଲା ସାଜନ୍ତି ନାହିଁ। କେବଳ ଯାଚ୍‌ଞା କରିଥିବା କୁମାରୀମାନେ 'ନେତପିଲା' ବେଶ ହୁଅନ୍ତି। ସମସ୍ତ କୁମାରୀ ସମବେତ ହୋଇ ମିଳିତ କଣ୍ଠରେ ବଳିପୂଜା ଗୀତ ଗାନ କରନ୍ତି- 'ବଳିରେ ବଳି ନକର କଳି କାଲି ଆଣିଦେବି ସରୁଚକୁଳି' ଇତ୍ୟାଦି। ଏହି ଗୀତକୁ ବୋଲି ଓଳି ତଳକୁ ଓ ଚାଳ ଉପରକୁ ଫୁଲ ଫୋପାଡ଼ିଥାନ୍ତି।

ଏହା ବ୍ୟତୀତ ପ୍ରତ୍ୟେକ ସାହି ଓ ଗଳିକନ୍ଦିରେ ଠାକୁରାଣୀମାନଙ୍କର ମୃଣ୍ମୟୀ ମୂର୍ତ୍ତିମାନ, ନାଗା, ହାଡ଼ିଆବଣିଆ ଭୂତ, ବୁଢ଼ାବୁଢ଼ୀ, ମହାଦେବ-ପାର୍ବତୀ ଇତ୍ୟାଦି ମୃଣ୍ମୟୀ ମୂର୍ତ୍ତି ପୂଜିତ ହୁଅନ୍ତି। ଗୃହେ ଗୃହେ ଦୁର୍ଗାପୂଜା ମହାସମାରୋହରେ ପାଳିତ ହୁଏ। ଘଣ୍ଟ ଘଣ୍ଟା, ବାଦ୍ୟ, ଶଙ୍ଖ, ହୁଳହୁଳିରେ ଚତୁର୍ଦ୍ଦିଗ ମୁଖରିତ ହୋଇଉଠେ। ପ୍ରତ୍ୟେକ ମୃଣ୍ମୟୀ ମୂର୍ତ୍ତି ଜରିଜମ୍ବୁରା, ମେଢାଦିରେ ସୁସଜ୍ଜିତ ହୋଇଥାନ୍ତି ଏବଂ ତାଙ୍କ ସମ୍ମୁଖରେ ଭକ୍ତିଭଜନ, ଓଡ଼ିଶୀ ସଙ୍ଗୀତର ଚର୍ଚ୍ଚା ସଙ୍ଗୀତ ବିଶାରଦମାନଙ୍କ ଦ୍ୱାରା କରାଯାଇଥାଏ। ଏହିପରି ସପ୍ତମୀଠାରୁ ଦଶହରା ପର୍ଯ୍ୟନ୍ତ କଟିଯାଏ। ତା' ପରଦିନ ଆସେ ଏକାଦଶୀ। ଏହି ଦିନ ଗୋଷାଣୀ ଯାତ୍ରାର ବୈଶିଷ୍ଟ୍ୟ ପରିଲକ୍ଷିତ ହୁଏ।

**ଯୋଗିନୀମାନେ ବିଭିନ୍ନ ରୂପରେ ବିଭିନ୍ନ ନାମରେ ପୂଜିତ ହୋଇ ଏକାଦଶୀ ଦିନ ବିସର୍ଜିତ ହୁଅନ୍ତି। ଶ୍ରୀକ୍ଷେତ୍ରରେ ଏହି ପୂଜା ପାରମ୍ପରିକ ରୀତିରେ ପ୍ରଚଳିତ ହୋଇଆସୁଛି।**

ଗୋଷାଣୀ ଯାତ୍ରା ଦିନ ସିଂହଦ୍ୱାର ନିକଟରେ ପ୍ରତ୍ୟେକ ଠାକୁରାଣୀଙ୍କ ପାଇଁ ଖଣ୍ଡିଏ ଖଣ୍ଡିଏ ଜାଗା ନିଆଯାଇଥାଏ। ଏହି ସ୍ଥାନରେ ପ୍ରାୟ ଦିନ ୪ଟାରୁ ରାତି ୧୦ଟା ପର୍ଯ୍ୟନ୍ତ ସମସ୍ତ ସାହି ଓ ଗଳିକନ୍ଦିରୁ ମୃଣ୍ମୟୀ ମୂର୍ତ୍ତିମାନ ଗୋଟି ଗୋଟି ହୋଇ ଆସି ସ୍ୱସ୍ୱ ଆସ୍ଥାନ ଉପରେ ଅବସ୍ଥାନ କରନ୍ତି। ପ୍ରାୟ ୧୦ଟା ସୁଦ୍ଧା ସମସ୍ତ ମୂର୍ତ୍ତି ସିଂହଦ୍ୱାର ସାମନାରେ ଧାଡ଼ି ଧାଡ଼ି ହୋଇ ବସି ସାରିଥାନ୍ତି। ଗୋଷାଣୀମାନଙ୍କ ବ୍ୟତୀତ ପ୍ରାୟ ୩ଟି ବଡ଼ନାଗା ଓ ୨ଟି ରାବଣ, ୧ଟି ବୁଢ଼ାବୁଢ଼ୀ ଆସି ସେଠାରେ ପହଞ୍ଚନ୍ତି। ବଡ଼ନାଗା ମଧ୍ୟରୁ ଗୋଟିଏ ବାଲିସାହିର, ଦ୍ୱିତୀୟଟି ହରଚଣ୍ଡୀ ସାହିର ଓ ତୃତୀୟଟି ଦୋଳମଣ୍ଡପ ସାହିର। ଏହି ନାଗାମାନଙ୍କ ମଧ୍ୟରେ ପ୍ରତିଯୋଗିତା କରାଯାଏ। ଠାକୁରାଣୀ ମୂର୍ତ୍ତି ଓ ସାଜସଜ୍ଜା ଉପରେ ମଧ୍ୟ ସ୍ୱତନ୍ତ୍ର ପୁରସ୍କାର ଦିଆଯାଏ। ମାର୍କଣ୍ଡେଶ୍ୱର ସାହିର ସମ୍ପାତି ମଧ୍ୟ ସ୍ୱତନ୍ତ୍ର ସ୍ଥାନ ଅଧିକାର କରେ। ସମୁଦାୟ ୩୦୦/୪୦୦ ମୃଣ୍ମୟୀ ମୂର୍ତ୍ତି ଏକତ୍ର ଆସି ଜମା ହୁଅନ୍ତି। ପଞ୍ଚକୋଶୀ ତଥା ବହୁ ଦୂରରୁ ଦର୍ଶକମାନେ ଆସି ସେ ସ୍ଥାନକୁ କୋଳାହଳରେ ମୁଖରିତ କରନ୍ତି। ସିଂହଦ୍ୱାରଠାରେ ୪/୫ ଘଣ୍ଟା ଅବସ୍ଥାନ କଲା ପରେ ନିଜ ନିଜ ଆସ୍ଥାନରୁ ଉଠି ପୁରୀ ସହର ନିକଟସ୍ଥ ନରେନ୍ଦ୍ର ନିକଟ ମୃଷାନଈରେ ବିସର୍ଜିତ ହୁଅନ୍ତି।

ଯୋଗ ନିକେତନ, ଗୁଡ଼ିଆ ସାହି, ପୁରୀ

## ସହରରେ ଭର୍ତ୍ତି ହୋଇଗଲେଣି ଶିଶୁ ଶ୍ରମିକ

# ପୂଜା ଭିଡ଼ରେ ହଜିଯାଉଛି ଶୈଶବର ଖୁସି

କଟକ ଅଫିସ,୧୬।୧୦

- ହୋଟେଲ, ଷ୍ଟ୍ରିଟ୍ ଫୁଡ୍ ଷ୍ଟଲ୍‌ରେ ନିୟୋଜିତ
- ଅଧିକାଂଶ ମିନାବଜାରରେ ବାହାର ରାଜ୍ୟର ଶିଶୁ
- ଛୁଟି ପାଇଁ ସରକାରୀ ସ୍ତରରେ ନିଆଯାଇପାରୁନି ପଦକ୍ଷେପ

ପୂଜାରେ ଦୁଲୁକି ଉଠୁଛି କଟକ ସହର। ହସଖୁସିରେ ଉଚ୍ଛୁଳି ପଡ଼ୁଛି ପରିବାର ଆଉ ଦୋକାନ ବଜାର। ମଉଜ, ମସ୍ତି ସହ ପୂଜା ଖୁସିରେ କଟୁଛି ପିଲାଙ୍କ ଅବସର। ସ୍କୁଲ୍ ଛୁଟି ଥିବାରୁ ପୂଜା ବୁଲାକୁ ନେଇ ସେମାନଙ୍କ ମନରେ ଖୁସି କହିଲେ ନ ସରେ। ପରିବାର ଓ ବନ୍ଧୁବାନ୍ଧବଙ୍କ ସହ ପୂଜା ବୁଲୁଛନ୍ତି। ହସଖୁସିରେ ମନଲାଖି ଜିନିଷ କିଣୁଛନ୍ତି। ହେଲେ ପୂଜା ଭିଡ଼ ଭିତରେ ଏମାନଙ୍କ ଭଳି ଅନେକ ଶିଶୁଙ୍କ ମୁହଁରୁ ଉଭେଇ ଯାଇଛି ଚେନାଏ ହସ। ହୋଟେଲ, ଷ୍ଟ୍ରିଟ୍ ଫୁଡ୍ ଷ୍ଟଲ୍, ମିନାବଜାରରେ ବିକ୍ରି ହୋଇଯାଇଛି ସେମାନଙ୍କ ଶୈଶବ। କେତେଜଣ ପୂର୍ବରୁ ଏଠାରେ ନିୟୋଜିତ ଥିବାବେଳେ ଆଉକିଛି ପୂଜା ପାଇଁ ବାହାର ବ୍ୟବସାୟୀଙ୍କ ସହ ସହରକୁ ଆସିଛନ୍ତି। ଫଳରେ ଏବେ ସହରରେ ଭର୍ତ୍ତି ହୋଇଯାଇଛନ୍ତି ଶିଶୁ ଶ୍ରମିକ। ଦୋଳମୁଣ୍ଡାଇ ଛକ ନିକଟରେ ଥିବା ମାଳମାଳ ଫାଷ୍ଟଫୁଡ୍ ଦୋକାନ ଓ ହୋଟେଲ, ଗୌରୀଶଙ୍କର ପାର୍କ ପାଖରେ ଥିବା କିଛି ଗୁପ୍‌ଚୁପ୍ ଓ ଚାଟ ଦୋକାନ, ଚଣ୍ଡୀମନ୍ଦିର ପାଖରେ କିଛି ଉଠା ଖେଳଣା ଦୋକାନ ସମେତ ସହରର ବିଭିନ୍ନ ବଜାର ଓ ରାସ୍ତାରେ ଏହି ଶିଶୁ ଶ୍ରମିକଙ୍କୁ ଦେଖିବାକୁ ମିଳୁଛି।

ତେବେ ପୂଜାରେ ପ୍ରତିବର୍ଷ ଏଭଳି ଚିତ୍ର ଦେଖିବାକୁ ମିଳୁଥିଲେ ମଧ୍ୟ ଚଳିତ ବର୍ଷ ଶ୍ରମ ବିଭାଗ କିମ୍ବା ଶିଶୁ ମଙ୍ଗଳ କମିଟି (ସିଡବ୍ଲୁସି) ପକ୍ଷରୁ କୌଣସି ପଦକ୍ଷେପ ଗ୍ରହଣ କରାଯାଇନାହିଁ। ଚାଇଲ୍ଡ ଲାଇନ ସଂଯୋଜକ ନାରାୟଣ ଶୁକ୍ଳା କହିଛନ୍ତି, ୧୪ବର୍ଷରୁ କମ୍ ବୟସର ପିଲାମାନଙ୍କୁ ବିଭିନ୍ନ କାର୍ଯ୍ୟରେ ଲଗାଇବା ଆଇନତଃ ଅପରାଧ। ଯାଞ୍ଚ ହେଲେ ତ ଦଣ୍ଡବିଧାନ ହେବ। ଯଦି ଯାଞ୍ଚରେ ଢିଲା ତେବେ ଦଣ୍ଡବିଧାନ କଥା ପ୍ରଶ୍ନ ଉଠୁଛି କେଉଁଠୁ ବୋଲି ସେ ପ୍ରଶ୍ନ କରିଛନ୍ତି। ଶିଶୁଶ୍ରମିକ ରୋକିବା ଦିଗରେ ଜିଲା ଶ୍ରମ ଅଧିକାରୀଙ୍କ ଅଧ୍ୟକ୍ଷତାରେ ହେଉଥିବା ସ୍ପେଶାଲ ଡ୍ରାଇଭର ଚେୟାରମ୍ୟାନ ହେଉଛନ୍ତି ନିଜେ ଜିଲାପାଳ। ଏ ପ୍ରସଙ୍ଗରେ ଜିଲାପାଳ ଅରବିନ୍ଦ ଅଗ୍ରୱାଲ କହିଛନ୍ତି, ଏହା ନିଶ୍ଚୟ ସମ୍ବେଦନଶୀଳ ଘଟଣା। ଏଥିପ୍ରତି ତୁରନ୍ତ ଗୁରୁତ୍ୱ ଦିଆଯିବ। ଜିଲା ଶ୍ରମ ଅଧିକାରୀ ବନମାଳୀ ମହାପାତ୍ର କହିଛନ୍ତି, ପୂଜା ଛୁଟି ଥିବାରୁ ଏହାକୁ ରୋକିବାକୁ ଯେଉଁ ସ୍ପେଶାଲ ଡ୍ରାଇଭ ଆବଶ୍ୟକ ହେଉଛି ତାହା ବର୍ତ୍ତମାନ ସମୟରେ ସମ୍ଭବ ହୋଇପାରୁନାହିଁ। ଅନ୍ୟପକ୍ଷରେ ଜିଲା ଶ୍ରମ ଅଧିକାରୀଙ୍କ ପକ୍ଷରୁ ଏ ସଂକ୍ରାନ୍ତରେ କୌଣସି ନିର୍ଦ୍ଦେଶ ଆସି ନ ଥିବାରୁ ଏଥିପ୍ରତି କୌଣସି ପଦକ୍ଷେପ ନିଆଯାଇ ପାରୁ ନ ଥିବା କହିଛନ୍ତି ଜିଲା ଶିଶୁ ସୁରକ୍ଷା ଅଧିକାରୀ ପ୍ରଗତି ମହାନ୍ତି। ତେବେ ପ୍ରଶ୍ନ ଉଠୁଛି ପୂଜା ଖୁସିର ଭିଡ଼ ଭିତରେ ମଧ୍ୟ ଆମେ ଶିଶୁ ଶ୍ରମିକ ଭଳି ଏକ ଲଜ୍ଜାଜନକ ଚିତ୍ର ବିଚ୍‌ବଜାରରେ ଦେଖିବାକୁ ପାଉଛେ। ଏହା ଆମ ସାମାଜିକ ବ୍ୟବସ୍ଥା ଉପରେ ପ୍ରଶ୍ନବାଚୀ ସୃଷ୍ଟି କରୁଥିବା କହିଛନ୍ତି ସିଡବ୍ଲୁସିର ପୂର୍ବତନ ଚେୟାରମ୍ୟାନ ବିକାଶ ମହାପାତ୍ର।



ଭୁବନେଶ୍ୱରର ଡମଣା ଦୁର୍ଗାପୂଜା କମିଟି ପକ୍ଷରୁ ନିର୍ମିତ ତୋରଣ।


ଧରିତ୍ରୀ DHARITRI CAREER APPOINTMENT
every Wednesday & Saturday

ଭୁବନେଶ୍ୱରରେ ଗ୍ରୀଲ୍ ଦୋକାନରେ କାମ କରିବା ପାଇଁ ଗ୍ରୀଲ୍ ମିସ୍ତ୍ରି, ୱେଲ୍‌ଡର ଏବଂ ହେଲ୍‌ପର ଆବଶ୍ୟକ, ରହିବା ସୁବିଧା ଅଛି। ଆକର୍ଷଣୀୟ ବେତନ। ଶୀଘ୍ର ଯୋଗାଯୋଗ-
9861123082, 9178852435

WANTED
2 Room Service Boys for Guest House and 1 Maid for House. Labella Guest House, Bhubaneswar.
9437016540

ISW TECH SOLUTIONS PVT LTD REQUIRED
40 candidates for its Domestic (Regional language preferred)/ International BPO sector for Bhubaneswar location, free fooding & good incentives.
Walk in 20th & 21st Oct. 10 A.M. to 4 P.M. at: 71/C, Jayadurga Nagar, Bomikhal, BBSR-6 (Near Lenskart Showroom)
Mob: 9692645566

ଏନ୍‌ଜିଓ ପାଇଁ ଆବଶ୍ୟକ
ଗ୍ରାମୀଣ ବ୍ଲକ୍ ସୁପରଭାଇଜର ଜିଲ୍ଲା ସ୍ତରରେ ଆବେଦନ ଆମନ୍ତ୍ରିତ, 325 ମହିଳା 220 ପୁରୁଷ, ଯୋଗ୍ୟତା ଦ୍ୱାଦଶ ଉତ୍ତୀର୍ଣ୍ଣ, ବେତନ - 29700/- ଫଣ୍ଡ + ବୋନସ। ନିଜର ଆଧାରକାର୍ଡ ଓ ଦ୍ୱାଦଶ ମାର୍କଶିଟ୍, ବାୟୋଡାଟା ପଠାନ୍ତୁ।
WhatsApp No-09598301277

ନିଃଶୁଳ୍କ ଭର୍ତ୍ତି OASIS ରେ ପୁଅ/ ଝିଅର ଆବଶ୍ୟକତା
BRANCH MANAGER -30 NOS, ASSISTANCE MANAGER - 20 NOS OFFICE EXECUTIVE - 15 NOS
Qualification - 10th to Graduation Free ନିଯୁକ୍ତି Permanent Job . (Age 18-28) ଟ୍ରେନିଂ + ରହିବା (Free) ଆୟ - 6500-8500 ଟ୍ରେନିଂ ପରେ 25000/- ରୁ 45000/-
OASIS MANAGEMENT
Plot no : 551, Samantarapur Chhak, Behind Reliance Fresh, Bhubaneswar
Ph : 9114237051, 9078415615

ଫ୍ରଣ୍ଟଲାଇନ ସେଲସ ଅଫିସର ଓ କଲେକ୍ସନ ଅଫିସର ଆବଶ୍ୟକ
ଏଲ&ଟି ଫାଇନାନ୍‌ସିଆଲ ସର୍ଭିସେସ. ଏଲ&ଟି ଗ୍ରୁପର ଏକ ଅଂଶ. ଓଡ଼ିଶାରେ ଏହାର ଅଣୁ ଋଣ ବ୍ୟବସାୟ ପାଇଁ ଅଭିଜ୍ଞ/ନବୀନ ଫ୍ରଣ୍ଟଲାଇନ ସେଲସ ଅଫିସର ଏବଂ କଲେକ୍ସନ ଅଫିସର ପଦ ପାଇଁ ୱାକ ଇନ ଇଣ୍ଟରଭ୍ୟୁ ଆୟୋଜନ କରୁଛନ୍ତି।

| | |
|---|---|
| ଯୋଗ୍ୟତା | : ସ୍ନାତକ |
| ବୟସ | : 20ରୁ 30 ବର୍ଷ |
| କାର୍ଯ୍ୟର ପ୍ରକୃତି | : ଫିଲଡ ୱାର୍କ |
| ବେତନ | : ଆକର୍ଷଣୀୟ ବେତନ ସହିତ ଶ୍ରେଷ୍ଠ ପାରିତୋଷିକ ଯୋଜନା |
| କାର୍ଯ୍ୟର ଅବସ୍ଥାନ | : ଓଡ଼ିଶା ବ୍ୟାପୀ |

ସାକ୍ଷାତକାର ଠିକଣା:
ବରଗଡ଼: ଏଲ&ଟି ଫାଇନାନ୍‌ସିଆଲ ସର୍ଭିସେସ ଲିମିଟେଡ, ବରଗଡ ରୋଟାରୀ ପବ୍ଲିକ୍ ସ୍କୁଲ୍ ପଛ, ଭାଟ୍‌ଲି ଚୌକ୍ ନିକଟ, ବରଗଡ -768 028
ଯୋଗାଯୋଗ ପାଇଁ ବ୍ୟକ୍ତି - ଶ୍ରୀଚନ୍ଦନ ମହାରଣା (9937090449)
ବଲାଙ୍ଗିର: ଏଲ&ଟି ଫାଇନାନ୍‌ସିଆଲ ସର୍ଭିସେସ ଲିମିଟେଡ, ସାː ଟିକରପଡା, ମସ୍‌ଜିଦ ଛକ, ପୋଷ୍ଟ ବଲାଙ୍ଗିର
ଯୋଗାଯୋଗ ପାଇଁ ବ୍ୟକ୍ତି - ରଘୁନାଥ ସ୍ୱାଇଁ (9658082924)
ସୋନପୁର: ଏଲ&ଟି ଫାଇନାନ୍‌ସିଆଲ ସର୍ଭିସେସ ଲିମିଟେଡ, ସୁଦାମ ଜଗଦଳ ବିବେକାନନ୍ଦ ନଗର, ଗ୍ରୀଡକୋ କଲୋନି ନିକଟ, ସୋନପୁର, (ମିନର୍ଭା ଟିଭିଏସ ସୋରୁମ ନିକଟରେ) 767 017
ଯୋଗାଯୋଗ ପାଇଁ ବ୍ୟକ୍ତି - ରିପନ ରଏ (9778049999)
ଓଡଗାଁ: ଏଲ&ଟି ଫାଇନାନ୍‌ସିଆଲ ସର୍ଭିସେସ ଲିମିଟେଡ, ପ୍ରଥମ ମହଲା, ରବିନ୍ଦ୍ର ମାର୍କେଟ୍ କମ୍ପ୍ଲେକ୍ସ, ସିନେମା ହଲ୍ ଛକ ନିକଟର ଓଡ଼ଗାଁ, ନୟାଗଡ଼, ଓଡ଼ିଶା 752 081
ଯୋଗାଯୋଗ ପାଇଁ ବ୍ୟକ୍ତି - ଶମ୍ଭୁ ସାହୁ (9386922041)
ସମ୍ବଲପୁର: ଏଲ&ଟି ଫାଇନାନ୍‌ସିଆଲ ସର୍ଭିସେସ ଲିମିଟେଡ, ତୃତୀୟ ମହଲା, ବାଲାଜୀ ବିଜନେସ୍ ସେଣ୍ଟର, ବୁଢ଼ାରାଜା, ସମ୍ବଲପୁର 768 004
ଯୋଗାଯୋଗ ପାଇଁ ବ୍ୟକ୍ତି - ସୌଭାଗ୍ୟ ପାଣି (9178740152)
କୋରାପୁଟ: ଏଲ&ଟି ଫାଇନାନ୍‌ସିଆଲ ସର୍ଭିସେସ ଲିମିଟେଡ, ଫରେଷ୍ଟ ଚେକ୍ ଗେଟ୍ ବାଟମଙ୍ଗଳା ଛକ, ଏମଏମ ରେସିଡେନ୍‌ସି ନିକଟବର୍ତ୍ତୀ, କୋରାପୁଟ।
ଯୋଗାଯୋଗ ପାଇଁ ବ୍ୟକ୍ତି - ସୂର୍ଯ୍ୟନାରାୟଣ ସାହୁ - (9078708644)
କଳାହାଣ୍ଡି: ଏଲ&ଟି ଫାଇନାନ୍‌ସିଆଲ ସର୍ଭିସେସ ଲିମିଟେଡ, ପ୍ଲଟ ନମ୍ବର 109, ପ୍ରଥମ ମହଲା ନାକଟିଗୁଡା ଚୌକ, ପୁରୁଣା ଆୟକର କାର୍ଯ୍ୟାଳୟ ନିକଟ, ଭବାନୀପାଟଣା, ଜିଲ୍ଲା: କଳାହାଣ୍ଡି
ଯୋଗାଯୋଗ ପାଇଁ ବ୍ୟକ୍ତି - ମନୋଜ କୁମାର ବଡତିଆ (9937429185)
ଢେଙ୍କାନାଳ: ଏଲ&ଟି ଫାଇନାନ୍‌ସିଆଲ ସର୍ଭିସେସ ଲିମିଟେଡ, ମାର୍ଫତ ବିଷ୍ଣୁ ପ୍ରସାଦ କର, କୁଞ୍ଜକାନ୍ତ, ରେବଣ୍ଡ କୋଟିଂ ଲେନ୍, ଢେଙ୍କାନାଳ, ଓଡ଼ିଶା 759 001
ଯୋଗାଯୋଗ ପାଇଁ ବ୍ୟକ୍ତି - ସତ୍ୟବ୍ରତ ବିଶ୍ୱାଳ (9777457631)
ଆଗ୍ରହୀ ପ୍ରାର୍ଥୀମାନଙ୍କୁ **13, 14 ଏବଂ 15, 16, 17, 18 ଅକଟୋବର, 2018** ରେ ସେମାନଙ୍କର ରିଜ୍ୟୁମ, ଦୁଇଟି ପାସପୋର୍ଟ ସାଇଜ ଫଟୋଗ୍ରାଫ, ପ୍ୟାନ କାର୍ଡ, ଠିକଣା ପ୍ରମାଣ ଏବଂ ଦଶମ, ଦ୍ୱାଦଶ ଓ ସ୍ନାତକ ମାର୍କସିଟ ସାଙ୍ଗରେ ନେଇ ଦିନ 10ଟାରୁ ଅପରାହ୍ନ 4ଟା ମଧ୍ୟରେ ଉପରୋକ୍ତ ସ୍ଥାନକୁ ଆସିବା ପାଇଁ ଅନୁରୋଧ କରାଯାଉଛି। **ଦୁଇ ଚକିଆ ଯାନ, ଡ୍ରାଇଭିଂ ଲାଇସେନସ ଏବଂ ସ୍ମାର୍ଟ ଫୋନ ଥିବା ପୁରୁଷ ପ୍ରାର୍ଥୀମାନଙ୍କୁ ଅଗ୍ରାଧିକାର ଦିଆଯିବ।**
www.ltfs.com
CIN: U65910WB1993FLC060810
L&T Financial Services

See CAREER APPOINTMENT on every Wednesday & Saturday

ସବୁ ଏୟାର ପୋର୍ଟ ହେତୁ ଡାଇରେକ୍ଟ ଭର୍ତ୍ତି ପକ୍କା ଜଏନିଂ। ଶାସକୀୟ, ଅର୍ଦ୍ଧଶାସକୀୟ, ଅପାଠୁଆରୁ ଗ୍ରାଜୁଏଟ 45,500/- ରୁ 85,500/-। ଗ୍ରାଉଣ୍ଡ ଷ୍ଟାଫ, ସୁପରଭାଇଜର, ଏୟାରହୋଷ୍ଟେସ୍, ଲୋଡର, ହେଲପର, ଡ୍ରାଇଭର। ରହିବା + ଖାଇବା + ବୀମା
CONSULTANT
09319634873

ଆବଶ୍ୟକ
Bhubaneswar, Cuttack, Berhampur, Rourkela ଏବଂ Balasore ପାଇଁ Office Staff ଆବଶ୍ୟକ। ଯୋଗ୍ୟତା: 10th/ above. Monthly Salary upto Rs.25000/-.
Contact: 9938676412

ସୁବର୍ଣ୍ଣ ଅବସର "ଭୁବନେଶ୍ୱର"
ବାଇକ ଚାଳକ ପାଇଁ ଚାକିରି
(ପାର୍ଟ ଟାଇମ ଆଉ ଫୁଲ ଟାଇମ ଚାକିରି ଉପଲବ୍ଧ)
Rs. 18000/- ପର୍ଯ୍ୟନ୍ତ ପ୍ରତି ମାସ କମାନ୍ତୁ
ଆବଶ୍ୟକ: Bike / Scooter, RC, DL ଆଉ Android ମୋବାଇଲ
Call: 01139589422
Plot No. 40, Lane: L-4, Near ITER College, Jagmohan Nagar, Bhubaneswar - 751030
(Only for Bhubaneswar)

OFFICIALLY JOB
ଯୋଗ୍ୟତା: ଦଶମ ପାସ୍/ଫେଲ୍, ବୟସ: (18-35) yrs. Monthly Salary upto Rs.25000/-.
Contact Immediately: Mob: 8763257042

- Operation Exe. (M) : 2 Nos Qua.: Matric / Under Matric
- Relationship Mgr. (F): 5 Nos Qua.: Graduate and above
- Front Office Exe. (F) : 1 No Qua.: Graduate with Computer Knowledge

Salary Negotiable. BBSR based candidates will be given preference
For 1st & 2nd Post 2 Wheeler is a must
Walk-in with CV to :
Jeevan Pradeep
71, Bapuji Nagar, Bhubaneswar
Contact : 0674 - 2598909

ଧରିତ୍ରୀ DHARITRI
ଆବଶ୍ୟକ କରୁଛି
ଖବରଦାତା (ବିଜ୍‌ନେସ୍ ଡେସ୍କ)
- ପ୍ରାର୍ଥୀଙ୍କର ସମ୍ପୃକ୍ତ କ୍ଷେତ୍ରରେ ଅତିକମ୍‌ରେ ୩ ବର୍ଷର ଅଭିଜ୍ଞତା ଥିବ।
- ପ୍ରାର୍ଥୀ ରାଜ୍ୟର ଯେକୌଣସି ଜିଲାରେ କାର୍ଯ୍ୟ କରିବା ପାଇଁ ଇଚ୍ଛୁକ ଥିବେ।

ଅଭିଜ୍ଞତା ଓ ଦକ୍ଷତା ଅନୁଯାୟୀ ଦରମା ଧାର୍ଯ୍ୟ ହେବ।
Apply immediately to
Email: recruitment@dharitri.com

MCL Mahanadi Coalfields Limited
(A Subsidiary of Coal India Limited)
Jagruti Vihar, Burla-768020, Dist-Sambalpur, Odisha
Ph.(EPABX):0663-2542461 to 469, Website: www.mahanadicoal.in
REQUIRES SECRETARY-CUM-ADMN. NODAL OFFICER FOR CLAIMS COMMISSION, BHUBANESWAR
Applications with complete bio-data are invited from **intending retired IAS Officers** in the rank of Selection Grade / Super Time Scale having field experience as Collector, ADM in the district conversant with land acquisition, consolidation, tenancy and other related revenue laws for their selection to be engaged as Secretary-cum-Admn. Nodal Officer in the Claims Commission set up by the Hon'ble Supreme Court of India vide order dated 19.07.2010 passed in SLP(C) No. 6933 of 2007 for supervision of matters relating to disbursement of compensation to the land losers and other affected persons of Basundhara Area, Sundargarh and to look after the administrative matter of the Office of the Claims Commission at a **monthly consolidated remuneration of Rs.60,000/- besides conveyance allowance of Rs.12,000/-** within 15 days from the date of advertisement. The engagement will co-terminate with the Commission. Further, the engagement is purely temporary and terminable at any time giving one month prior notice. Interested persons may send their applications to the General Manager (P-Coordination) in the following address within 15 days of publication of this advertisement.
Address
General Manager (P-Coordination)
Mahanadi Coalfields Ltd.
P.O : Jagriti Vihar, Burla
Dist : Sambalpur, Odisha-768 020
R-4852

ନୋଟିସ୍: ନିଯୁକ୍ତି ଓ କ୍ୟାରିୟର ପୃଷ୍ଠାରେ ଅନେକ ନିଯୁକ୍ତି ସମ୍ବନ୍ଧୀୟ ବିଜ୍ଞାପନ ପ୍ରକାଶ ପାଉଛି। ସମସ୍ତ ବିଜ୍ଞାପନ ବା ବିଜ୍ଞାପନଦାତାଙ୍କ ସତ୍ୟାସତ୍ୟ ଅନୁସନ୍ଧାନ କରିବା ଆମ ପକ୍ଷରେ ସମ୍ଭବପର ନୁହେଁ। ତେଣୁ ଯେଉଁ ବିଜ୍ଞାପନକୁ ଦେଖି ଆପଣ ଆବେଦନ କରୁଛନ୍ତି ବା ପରବର୍ତ୍ତୀ ସମୟରେ କୌଣସି ସମ୍ପର୍କ ସ୍ଥାପନ କରୁଛନ୍ତି ତାହା କରିବା ବେଳେ ନିଜର ବିବେକ, ବୁଦ୍ଧି ଖଟାଇ କରନ୍ତୁ। ବିଜ୍ଞାପନକାରୀ କମ୍ପାନୀ ପକ୍ଷରୁ ଅର୍ଥ ଦାବି କରାଗଲେ ତାହା ଦେବା ପୂର୍ବରୁ ନିଜ ସ୍ତରରେ ଅନୁସନ୍ଧାନ କରନ୍ତୁ। କୌଣସି ଅର୍ଥ ନେଣଦେଣ ପାଇଁ 'ଧରିତ୍ରୀ' ଦାୟୀ ରହିବ ନାହିଁ।

| Dollar | Sensex | Nifty | Gold | Silver |
|---|---|---|---|---|
| 73.48 (35) | 297.38 35,162.48 | 72.25 10,584.75 | ₹70 32,180.00 | ₹50 39,700.00 |



ଆଗାମୀ ୩ ଦଶନ୍ଧି ପର୍ଯ୍ୟନ୍ତ ଦେଶର ରପ୍ତାନିରେ ବାର୍ଷିକ ୯ରୁ ୧୦% ଅଭିବୃଦ୍ଧିର ଆବଶ୍ୟକତା ରହିଛି।
– ଅମିତାଭ୍ କାନ୍ତ, ସିଇଓ, ନୀତି ଆୟୋଗ



ଡିଜିଟାଲ ଡାଟା ଏବଂ ରାଇଟ ଟୁ ପ୍ରିଭେସି ଉପରେ ସର୍ବୋଚ୍ଚ ନ୍ୟାୟାଳୟ ଶୁଣାଣି କରି ସାରିଥିବା ବେଳେ ଡାଟାର ସ୍ଥାନୀୟକରଣର ତର୍କବିତର୍କ ବନ୍ଦ ହେବା ଉଚିତ।
– ଟି.ଭି.ମୋହନ ଦାସ୍ ପାଇ, ପୂର୍ବତନ ସିଏଫଓ, ଇନ୍‌ଫୋସିସ୍

## ସଂକ୍ଷେପରେ

### ଜିପିଏଫ୍ ସୁଧ ହାର ୮%କୁ ବୃଦ୍ଧି

**ନୂଆଦିଲ୍ଲୀ,୧୬-୧୦:** କେନ୍ଦ୍ର ସରକାର ଅକ୍ଟୋବର-ଡିସେମ୍ବର ତ୍ରୈମାସ ଲାଗି ଜେନେରାଲ ପ୍ରୋଭିଡେଣ୍ଟ ଫଣ୍ଡ(ଜିପିଏଫ୍) ଏବଂ ଏଭଳି ଅନ୍ୟ ଯୋଜନାର ସୁଧ ହାର ୮%କୁ ବୃଦ୍ଧି କରିଛନ୍ତି। ଏଥିପୂର୍ବର ତ୍ରୈମାସ(ଜୁଲାଇ-ସେପ୍ଟେମ୍ବର)ରେ ଜିପିଏଫ୍‌ର ସୁଧ ହାର ୭.୬% ଥିଲା। ସ୍ଥାୟୀ ଆୟ ଲାଗି ଏଭଳି ଯୋଜନାରେ ନିବେଶ କରୁଥିବା ବ୍ୟକ୍ତିବିଶେଷ ଦୀର୍ଘଦିନ ହେଲା ସୁଧ ହାର ବୃଦ୍ଧି ପାଇବା ଅପେକ୍ଷାରେ ଥିଲେ। ଗତ ଦୁଇଟି ତ୍ରୈମାସରେ ସୁଧ ହାର ସ୍ଥିର ରହିଥିଲା। ଏଥିପୂର୍ବରୁ ଚଳିତ ବର୍ଷର ଜାନୁଆରୀ-ମାର୍ଚ୍ଚ ତ୍ରୈମାସରେ ସୁଧ ହାରକୁ କମାଇ ଦିଆଯାଇଥିଲା।

### ଶୀର୍ଷ ୧୦୦ ବ୍ୟାଙ୍କ ଠକେଇ ତଦନ୍ତକାରୀ ସଂସ୍ଥାକୁ ରିପୋର୍ଟ ଦେଲେ ସିଭିସି

**ନୂଆଦିଲ୍ଲୀ,୧୬-୧୦:** ଦେଶରେ ହୋଇଥିବା ୧୦୦ଟି ଶୀର୍ଷ ବ୍ୟାଙ୍କ ଠକେଇର ବିଶ୍ଳେଷଣ କରି ମୁଖ୍ୟ ଭିଜିଲାନ୍ସ କମିଶନର(ସିଭିସି) ପ୍ରଥମଥର ଏହାର ରିପୋର୍ଟ ରିଜର୍ଭ ବ୍ୟାଙ୍କ, ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ(ଇଡି) ଏବଂ ସିବିଆଇକୁ ହସ୍ତାନ୍ତର କରିଛନ୍ତି। ଭିଜିଲାନ୍ସ କମିଶନର ଟି.ଏମ୍ ଭାସିନ ମଙ୍ଗଳବାର ଏ ସମ୍ପର୍କରେ ସୂଚନା ଦେଇ କହିଛନ୍ତି ଯେ, ସିଭିସି ବ୍ୟାଙ୍କ ଠକେଇର କାର୍ଯ୍ୟଧାରା, ଠକେଇର ପରିମାଣ, ଋଣଦାତାଙ୍କ ସୂଚନା, ଠକେଇର ପ୍ରକାରଭେଦ, ବ୍ୟାଙ୍କିଙ୍ଗ ସେବାରେ ରହିଥିବା ତ୍ରୁଟି, ଏହାକୁ ସୁଧାରିବାର ଉପାୟ ଆଦି ସମ୍ପର୍କରେ ବିଶ୍ଳେଷଣାତ୍ମକ ରିପୋର୍ଟ ଉକ୍ତ ୩ ସଂସ୍ଥାକୁ ଦିଆଯାଇଛି। ଜେମ୍ସ ଆଣ୍ଡ୍ ଜୁଏଲେରି, ମାନୁଫାକଚରିଂ ଏବଂ ଉଦ୍ୟୋଗ, କୃଷି, ମିଡିଆ, ଆଭିଏଶନ, ସେବା ଏବଂ ପ୍ରକଳ୍ପ, ଚେକ୍ ପ୍ରଦାନ, ଟ୍ରେଡିଂ, ଆଇଟି, ରପ୍ତାନି, ସ୍ଥାୟୀ ଜମା, ଡିମାଣ୍ଡ ଲୋନ୍ ଏବଂ ଲେଟର ଅଫ୍ କମ୍ଫର୍ଟ ଆଦି ୧୩ଟି ସେକ୍ଟରରେ ହୋଇଥିବା ବ୍ୟାଙ୍କ ଠକେଇର ବିଶ୍ଳେଷଣ କରାଯାଇଛି।

### ପଳାତକ ଶିଳ୍ପପତିଙ୍କୁ ଇଣ୍ଡୋନେସିଆରୁ ପ୍ରତ୍ୟର୍ପଣ

ନୂଆଦିଲ୍ଲୀ,୧୬-୧୦: ସାତଟି ବ୍ୟାଙ୍କରୁ ପ୍ରାୟ ୪୦ କୋଟି ଟଙ୍କା ଠକି ବିଦେଶ ପଳାଇଥିବା ଶିଳ୍ପପତି ବିନୟ ମିତ୍ତଲଙ୍କୁ ଇଣ୍ଡୋନେସିଆରୁ ଭାରତକୁ ପ୍ରତ୍ୟର୍ପଣ କରାଯାଇଛି। ବିଜୟ ମାଲ୍ୟା, ନୀତିନ ସନ୍ଦେଶରା, ନୀରବ ମୋଦି, ମେହୁଲ ଚୋକ୍ସି, ଯତିନ ମେହେଟ୍ଟା ଭଳି ବଡ଼ ଆର୍ଥିକ ଅପରାଧୀଙ୍କ ତାଲିକାରେ ମିତ୍ତଲଙ୍କୁ ସାମିଲ କରାଯାଇଥିଲା। କର୍ପୋରେଶନ ବ୍ୟାଙ୍କ ଏବଂ ପଞ୍ଜାବ ନ୍ୟାଶନାଲ ବ୍ୟାଙ୍କର ଅଭିଯୋଗ ଭିତ୍ତିରେ ସିବିଆଇ ୨୦୧୪ ଓ ୨୦୧୬ରେ ମିତ୍ତଲଙ୍କ ବିରୋଧରେ ମାମଲା ଦାଏର କରିଥିଲେ। ଅଦାଲତ ତାଙ୍କୁ ପଳାତକ ଘୋଷଣା କରିବା ପରେ ତାଙ୍କ ବିରୋଧରେ ରେଡ୍‌କର୍ନର ନୋଟିସ ଜାରି କରାଯାଇଥିଲା। ବହୁ ଦିନ ଧରି ଖୋଜାଖୋଜି ପରେ ସେ ଇଣ୍ଡୋନେସିଆର ବାଲି ଠାରେ ପରିବାର ସହ ରହୁଥିବା ଜଣାପଡିଥିଲା। ଏହାପରେ ତାଙ୍କୁ ପ୍ରତ୍ୟର୍ପଣ ଲାଗି ଭାରତ ପକ୍ଷରୁ ଉଦ୍ୟମ ଆରମ୍ଭ ହୋଇଥିଲା।

### ଫୋର୍ବସ୍ ତାଲିକା: ୨୨ତମ ସ୍ଥାନରେ ଏଲ୍‌ଆଣ୍ଡ୍‌ଟି

**ନୂଆଦିଲ୍ଲୀ,୧୬-୧୦:** ଇଞ୍ଜିନିୟରିଂ ଓ ନିର୍ମାଣ କ୍ଷେତ୍ରରେ ଦେଶର ଅନ୍ୟତମ ଅଗ୍ରଣୀ କମ୍ପାନୀ ଲାର୍ସେନ ଆଣ୍ଡ୍ ଟବ୍ରୋ(ଏଲ୍‌ଆଣ୍ଡ୍‌ଟି) ଫୋର୍ବସ୍‌ର ୨୦୦୦ ନିଯୁକ୍ତିଦାତା ତାଲିକାରେ ଶୀର୍ଷ ୨୫ କମ୍ପାନୀ ତାଲିକାରେ ସ୍ଥାନ ପାଇଛି। ଏହି ତାଲିକାରେ ଗୁଗୁଲ୍‌ର ମୂଳ କମ୍ପାନୀ ଆଲ୍‌ଫାବେଟ୍ ଶୀର୍ଷରେ ରହିଛି। ଏଲ୍‌ଆଣ୍ଡ୍‌ଟି ୨୨ତମ ସ୍ଥାନରେ ରହିଥିଲେ ହେଁ ୪ଟି ଭାରତୀୟ କମ୍ପାନୀ ଶୀର୍ଷ ୧୦୦ କମ୍ପାନୀ ମଧ୍ୟରେ ରହିଛନ୍ତି। ଅନ୍ୟ ତିନୋଟି କମ୍ପାନୀ ହେଲେ ମହିନ୍ଦ୍ରା ଆଣ୍ଡ୍ ମହିନ୍ଦ୍ରା(୫୫ତମ), ଗ୍ରାସିମ ଇଣ୍ଡଷ୍ଟ୍ରିଜ(୫୯ତମ), ଏଚ୍‌ଡିଏଫ୍‌ସି (୯୧ତମ)। ଏହାଛଡ଼ା ମୋଟ୍ ୨୪ଟି ଘରୋଇ କମ୍ପାନୀ ଫୋର୍ବସ୍ ତାଲିକାରେ ସ୍ଥାନ ପାଇଛନ୍ତି।

## ଚିନ୍ତାରେ ଏନ୍‌ଡିଏ ସରକାର

# ବଜେଟ ବିଗାଡ଼ିବ ଶସ୍ତା ଖାଦ୍ୟଶସ୍ୟ

ନୂଆଦିଲ୍ଲୀ,୧୬-୧୦

- ବଜାର ଦର କମିଲେ ସରକାର ଚାଷୀଙ୍କୁ କ୍ଷତିପୂରଣ ଦେବେ
- ବିତ୍ତୀୟ ନିଅଣ୍ଟ ବଢ଼ିଯିବ
- ସରକାରଙ୍କ ଉପରେ ଅତିରିକ୍ତ ୧୫ ହଜାର କୋଟିର ବୋଝ ବଢ଼ିବ



କେନ୍ଦ୍ର ହେଉ ଅଥବା ରାଜ୍ୟ ସରକାର ସମସ୍ତେ ଚାହାନ୍ତି ଲୋକଙ୍କୁ ଶସ୍ତା ଖାଦ୍ୟଶସ୍ୟ ମିଳୁ। କମ୍ ମୁଦ୍ରାସ୍ଫୀତି ହାର ସରକାରଙ୍କ ଆର୍ଥିକ ପରିଚାଳନାର ସଫଳତା ଦର୍ଶାଇଥାଏ। ନିର୍ବାଚନ ଜିତିବାର ଏହା ମୂଳ ଚାବି ହୋଇଥିଲେ ହେଁ ବର୍ତ୍ତମାନର ଭାଜପା ନେତୃତ୍ୱାଧୀନ କେନ୍ଦ୍ରର ଏନ୍‌ଡିଏ ସରକାର ପାଇଁ ଶସ୍ତା ଖାଦ୍ୟଶସ୍ୟ ମୁଣ୍ଡବିନ୍ଧାର କାରଣ ହୋଇଛି। ଏହା ସରକାରଙ୍କ ବଜେଟ ଲକ୍ଷ୍ୟକୁ ବିଗାଡିବାକୁ ଯାଉଛି। ଷ୍ଟେଟ୍ ବ୍ୟାଙ୍କ ଅଫ୍ ଇଣ୍ଡିଆର ମୁଖ୍ୟ ଅର୍ଥନୈତିକ ଉପଦେଷ୍ଟା ସୌମ୍ୟକାନ୍ତି ଘୋଷଙ୍କ ବକ୍ତବ୍ୟକୁ ଉଦ୍ଧାର କରି ବ୍ଲୁମ୍‌ବର୍ଗରେ ଏକ ରିପୋର୍ଟ ପ୍ରକାଶ ପାଇଛି। ଘୋଷ କହିଛନ୍ତି ଯେ, ଦେଶର ଚାଷୀକୁଳର ଆୟକୁ ୨୦୨୨ ସୁଦ୍ଧା ଡବଲ୍ କରିବା ଲାଗି କେନ୍ଦ୍ର ସରକାର ଲକ୍ଷ୍ୟ ରଖିଛନ୍ତି। ଏହି ପରିପ୍ରେକ୍ଷୀରେ ଅଧିକ ଉତ୍ପାଦନ ଯୋଗୁ ଖାଦ୍ୟଶସ୍ୟ ଦାମ୍ ସର୍ବନିମ୍ନ ସହାୟକ ମୂଲ୍ୟ(ଏମ୍‌ଏସ୍‌ପି)ରୁ କମିଗଲେ ସରକାର ଚାଷୀଙ୍କୁ କ୍ଷତିପୂରଣ ଦେବାକୁ ବାଧ ହେବେ। ୨୦୧୯ ନିର୍ବାଚନୀ ବର୍ଷ ହେବାକୁ ଯାଉଥିବାରୁ କେନ୍ଦ୍ର ସରକାର ସେମାନଙ୍କୁ ଅସନ୍ତୁଷ୍ଟ କରିବାକୁ ଚାହିଁବେ ନାହିଁ।

ସୂଚନାଥାଉ କି, ଜୁଲାଇରେ ସରକାର ତୁଳା, ସୋୟାବିନ,ଧାନ ଓ ଗହମ ଆଦିର ସର୍ବନିମ୍ନ ସହାୟକ ମୂଲ୍ୟ ବଢ଼ାଇଥିଲେ। ଏହାଦ୍ୱାରା ଚାଷୀମାନେ ସେମାନଙ୍କ ଉତ୍ପାଦନ ଖର୍ଚ୍ଚରୁ ଅତିକମ୍‌ରେ ୫୦ ପ୍ରତିଶତରୁ ଅଧିକ ଲାଭ ପାଇପାରିବେ, ଏହା ଲକ୍ଷ୍ୟ ଥିଲା। ଏହାର ଅର୍ଥ ଅଧିକ ଉତ୍ପାଦନ କ୍ଷେତ୍ରରେ ଚାଷୀମାନଙ୍କୁ ଅଭାବୀ ବିକ୍ରିରୁ ରକ୍ଷା କରିବା ଲାଗି ସରକାର ନିର୍ଦ୍ଧାରିତ ଦରରେ ସେମାନଙ୍କଠାରୁ ଖାଦ୍ୟଶସ୍ୟ କିଣିବାକୁ ବାଧ ହେବେ। ଏହି କାରଣରୁ କେନ୍ଦ୍ର ସରକାରଙ୍କୁ ୧୫ ହଜାର କୋଟି ଟଙ୍କାର ଅତିରିକ୍ତ ବୋଝ ବୋହିବାକୁ ପଡିବ ବୋଲି କେନ୍ଦ୍ର ଗୃହମନ୍ତ୍ରୀ ରାଜନାଥ ସିଂ ଜୁଲାଇରେ କହିଥିଲେ। ଅନ୍ୟପକ୍ଷରେ ସରକାର ଚାହୁଁଛନ୍ତି ବିତ୍ତୀୟ ନିଅଣ୍ଟ ପରିମାଣ ଜିଡିପିର ୩.୩% ମଧ୍ୟରେ ସୀମିତ ରହୁ। ଏହି କାରଣରୁ ୨୦୧୯ ନିର୍ବାଚନୀ ବର୍ଷ ପରିପ୍ରେକ୍ଷୀରେ ଲକ୍ଷ୍ୟ ହାସଲ ସମ୍ଭବ ହୋଇ ନ ପାରେ। ସେପ୍ଟେମ୍ବରରେ ଦେଶର ଖାଦ୍ୟଶସ୍ୟ ମୁଦ୍ରାସ୍ଫୀତି ୦.୫%କୁ ହ୍ରାସ ପାଇଛି, ଯାହାକି ଏପ୍ରିଲରେ ୨.୮% ଥିଲା। ଏହାକୁ ଦୃଷ୍ଟିରେ ରଖି ରିଜର୍ଭ ବ୍ୟାଙ୍କ ଚଳିତ ଆର୍ଥିକ ବର୍ଷରେ ଦେଶର ମୁଦ୍ରାସ୍ଫୀତି ୪% ଆଖପାଖରେ ରହିବ ବୋଲି ଅନୁମାନ କରିଛି। ସହର ଅପେକ୍ଷା ଖାଦ୍ୟଶସ୍ୟ ମୂଲ୍ୟ ଗ୍ରାମାଞ୍ଚଳରେ ଅଧିକ ହ୍ରାସ ପାଇବା ସରକାରଙ୍କ ମୁଣ୍ଡବ୍ୟଥା ବଢ଼ାଇବ ବୋଲି ଘୋଷ କହିଛନ୍ତି। ଚାଷୀକୁଳକୁ କେତେ ପରିମାଣ କ୍ଷତିପୂରଣ ଦିଆଯିବ ଯାହାଦ୍ୱାରା ସେମାନେ ୫୦% ଲାଭ ପାଇବେ ସେନେଇ କେନ୍ଦ୍ର ୩ଟି ମାର୍ଗ ସୂଚାଇଛି। ପ୍ରଥମ ମାର୍ଗ ଅନ୍ତର୍ଗତରେ ଦର ସହାୟକ ଯୋଜନାରେ ସରକାରୀ ଏଜେନ୍ସିଗୁଡିକ ରାଜ୍ୟ ସରକାରଙ୍କ ସହାୟତାରେ ଡାଲି, ତୈଳବୀଜ ଜାତୀୟ, ଗହମ ଏବଂ ଧାନ ଆଦିକୁ କିଣିବେ। ଏହି କିଣା ବାବଦରେ ହୋଇଥିବା କ୍ଷତିର ବୋଝ କେନ୍ଦ୍ର ସରକାର ବହନ କରିବେ। ଦ୍ୱିତୀୟତଃ କେବଳ ତୈଳବୀଜ ପାଇଁ ମୂଲ୍ୟାନ୍ତର ପଦ୍ଧତିର ବିଚାର କରାଯିବ। ଏହି ପଦ୍ଧତିରେ ସର୍ବନିମ୍ନ ସହାୟକ ମୂଲ୍ୟ ଏବଂ ବଜାର ମୂଲ୍ୟ ମଧ୍ୟରେ ଥିବା ପାର୍ଥକ୍ୟକୁ ସରକାର କ୍ଷତିଭରଣା ଆକାରରେ ଦେବେ। କିଛି ଫସଲ କିଣିବା ଲାଗି ଘରୋଇ କମ୍ପାନୀଙ୍କୁ ଅନୁମତି ଦିଆଯିବ। ତୃତୀୟତଃ ଧାନ,ଗହମ,ତୁଳା ସହିତ ଅନ୍ୟାନ୍ୟ ଶସ୍ୟର କ୍ରୟ ଲାଗି ସରକାର ପୂର୍ବର ଧାରା ଜାରି ରଖିବେ। ବ୍ୟାପକ ହାରରେ ଖାଦ୍ୟଶସ୍ୟ କିଣା ଯୋଗୁ ସରକାରଙ୍କ ଉପରେ ଅତିରିକ୍ତ ଆର୍ଥିକ ବୋଝ ବଢ଼ିବ ଏବଂ ବଜେଟ ଲକ୍ଷ୍ୟ ପୂରଣ ହୋଇପାରିବନି ବୋଲି ପୂର୍ବତନ ଫାର୍ମ ସଚିବ ତଥା ଇଣ୍ଡିଆନ କାଉନସିଲ ଫର୍ ରିସର୍ଚ୍ଚ ଅନ୍ ଇଣ୍ଟରନ୍ୟାଶନାଲ ଇକନୋମିକ ରିଲେସନ୍ସର ମୁଖ୍ୟ ସାଇରାଜ ହୁସେନ ଚେତାଇ ଦେଇଛନ୍ତି। ଏହାଦ୍ୱାରା ବଜାରରେ ମୂଲ୍ୟ ପ୍ରଭାବିତ ହେବ ବୋଲି ସେ କହିଛନ୍ତି। କ୍ଷତିପୂରଣ ଦେବା ବଦଳରେ ଖାଦ୍ୟଶସ୍ୟର ଦର କାହିଁକି କମୁଛି, ସରକାର ଏହାର ଯାଞ୍ଚ କରିବା ଉଚିତ୍ ବୋଲି ସେ ମତ ଦେଇଛନ୍ତି।

## ରିଲାଏନ୍ସ ଜୁଏଲ୍ସର ପାର୍ବଣ ଅଫର

ଭୁବନେଶ୍ୱର,୧୬-୧୦



ରିଲାଏନ୍ସ ଜୁଏଲ୍ସ ପକ୍ଷରୁ ପାର୍ବଣ ଧମାକା ଅଫର ସମ୍ପର୍କରେ ଘୋଷଣା କରାଯାଇଛି। ୧୨ ଅକ୍ଟୋବରଠାରୁ ୧୧ ନଭେମ୍ବର ଯାଏ ଏହି ଅଫରର ଲାଭ ଗ୍ରାହକ ଉଠାଇ ପାରିବେ। ଏହି ସମୟରେ ୭୫,୦୦୦ ଟଙ୍କାରୁ ଅଧିକ ଦାମ୍‌ର ସୁନା ଗହଣା କ୍ରୟ ଉପରେ ଗଢ଼ାମୂଲ୍ୟରେ ଫ୍ଲାଟ ୫୦% ରିହାତି ଉପଲବ୍ଧ। ଅପରପକ୍ଷରେ ୭୫,୦୦୦ ଟଙ୍କାରୁ ଅଧିକ ଦାମ୍‌ର ହୀରା ଗହଣା କ୍ରୟରେ ଫ୍ଲାଟ ଜିରୋ ମେକିଂ ଚାର୍ଜ ସୁବିଧା ଦିଆଯାଉଛି। ପୁରୁଣା ଗହଣା ବଦଳାଇଲେ ସମ୍ପୂର୍ଣ୍ଣ ରିଟର୍ନ ଭାଲ୍ୟୁ ଏବଂ ମାଗଣା ଗହଣା ବୀମା ସୁବିଧା ଦିଆଯାଉଛି। ଫେଷ୍ଟିଭ ସପିଂ ତଥା ଗିଫ୍ଟ ଲାଗି ରିଲାଏନ୍ସ ଏକ ୱାନଷ୍ଟପ ସଲ୍ୟୁଶନ ଭାବେ କାର୍ଯ୍ୟ କରୁଛି। ଗ୍ରାହକଙ୍କୁ ଗୁଣବତ୍ତା ବିଶିଷ୍ଟ ସେବା ଯୋଗାଣ ନେଇ କମ୍ପାନୀ କାର୍ଯ୍ୟ କରୁଛି। ସ୍ୱତନ୍ତ୍ର ଅଫର ଏବଂ ସେବା ଯୋଗାଣ ଦ୍ୱାରା ଗ୍ରାହକଙ୍କ ପାର୍ବଣ ପାଳନର ଅବସର ପ୍ରଦାନ କରୁଛୁ ବୋଲି ରିଲାଏନ୍ସ ଜୁଏଲ୍ସର ସିଇଓ ସୁନିଲ ନାୟକ ସୂଚନା ଦେଇଛନ୍ତି।

## ଓଡ଼ିଶାରେ ଆଇଡି ବ୍ରାଣ୍ଡର ପୁନଃ ପ୍ରବେଶ

ଭୁବନେଶ୍ୱର,୧୬-୧୦




ପ୍ରମୁଖ ସୁ' ବ୍ରାଣ୍ଡ ଆଇଡି ଓଡିଶାରେ ଏହାର ସ୍ଥିତି ଦୃଢୀକରଣ ପଦକ୍ଷେପ ଅନ୍ତର୍ଗତ ବଜାରରେ ପୁନଃ ପ୍ରବେଶ କରିଛି। ସାରା ରାଜ୍ୟରେ ଏହି ବ୍ରାଣ୍ଡ ଡିଲର ତଥା ଗ୍ରାହକଙ୍କଠାରୁ ଭଲ ରେସପନ୍ସ ପାଇବ ବୋଲି କମ୍ପାନୀ ଆଶାବାଦୀ ରହିଛି। ଓଡିଶା ପାଇଁ କମ୍ପାନୀ ଏହାର ବିତରଣକାରୀ ଭାବେ ରାମଜୀ ଏଣ୍ଟରପ୍ରାଇଜେସର ସଞ୍ଜୟ ଲୋହିଆଙ୍କ ସହ ଯୋଡି ହୋଇଛି। ଆଇଡିର ନୂଆ କଲେକ୍ସନଗୁଡିକ ଆକର୍ଷକ ହୋଇଥିବା କମ୍ପାନୀ ପ୍ରକାଶ କରିଛି। କମ୍ପାନୀର ନୂଆ ଏଡ୍‌ବ୍ଲୁ-୧୮ କଲେକ୍ସନ ବର୍ତ୍ତମାନ ସାରା ଦେଶରେ ସପରଷ୍ଟପ, ଲାଇଫ ଷ୍ଟାଇଲ, ସେଣ୍ଟ୍ରାଲ, ମେଟ୍ରୋ, ମୋଚି, ରିଲାଏନ୍ସ, ପାଣ୍ଟାଲୁନ ଭଳି ପ୍ରମୁଖ ଷ୍ଟୋରଗୁଡିକରେ ଉପଲବ୍ଧ ହେଉଛି। ପ୍ରଡକ୍ଟ ଡିଜାଇନ, ଉତ୍ପାଦନ ବୃଦ୍ଧି, ବିତରଣ ନେଟ୍‌ୱର୍କରେ ଉନ୍ନତିକରଣ ନେଇ କାର୍ଯ୍ୟ କରୁଛୁ ବୋଲି କମ୍ପାନୀର ପ୍ରତିଷ୍ଠାତା ଇନ୍ଦର୍‌ଦେବ ଏସ୍.ମୁସାଫିର ସୂଚନା ଦେଇଛନ୍ତି। ବ୍ରାଣ୍ଡର ଉପସ୍ଥିତିକୁ ଦୃଢ଼ କରିବାକୁ ବିଭିନ୍ନ ପଦକ୍ଷେପ ନେଉଛୁ ବୋଲି ସେ ସୂଚନା ଦେଇଛନ୍ତି। ଚାହିଦାକୁ ଧ୍ୟାନରେ ରଖାଯାଇଥିବା କମ୍ପାନୀର ବ୍ରାଣ୍ଡ ମୁଖ୍ୟ ଯୋଗେଶ ଖୁଲ୍‌ବେ ସୂଚନା ଦେଇଛନ୍ତି।




ହ୍ୟୁଣ୍ଡାଇ ମୋଟର ଇଣ୍ଡିଆ ଲିମିଟେଡ୍ ପକ୍ଷରୁ ବଜାରକୁ ଆସିଛି ନୂଆ ସାଣ୍ଟ୍ରୋ। ଏହା ସମ୍ପର୍କରେ ଗ୍ରାହକଙ୍କୁ ଜଣାଇବା ଲାଗି କମ୍ପାନୀ ପକ୍ଷରୁ ଓଡିଶାରେ ଡିଜିଟାଲ ଫ୍ଲୋଟ୍ ଆକ୍ଟିଭିଟି ଚଳିତ ମାସ ୧୨ରୁ ୧୮ ତାରିଖ ମଧ୍ୟରେ ହାତକୁ ନିଆଯାଇଛି। ଏହା ୩ ମାସ ମଧ୍ୟରେ ରାଜ୍ୟର ସମସ୍ତ ଜିଲାକୁ ପରିକ୍ରମା କରିବ।

## ନବୀନ ଜିନ୍ଦଲଙ୍କୁ ବିଦେଶ ଯିବାକୁ ଅନୁମତି

**ନୂଆଦିଲ୍ଲୀ,୧୬-୧୦:** ବରିଷ୍ଠ କଂଗ୍ରେସ ଏମ୍‌ପି ତଥା ଜିନ୍ଦଲ ଗ୍ରୁପ୍ ଅଫ୍ କମ୍ପାନୀ ମାଲିକ ନବୀନ ଜିନ୍ଦଲଙ୍କୁ କୋଇଲ ଦୁର୍ନୀତି ମାମଲାରେ ସ୍ଥାନୀୟ ସ୍ୱତନ୍ତ୍ର ଅଦାଲତ ବିଦେଶ ଯିବାକୁ ଅନୁମତି ପ୍ରଦାନ କରିଛନ୍ତି। ସ୍ୱତନ୍ତ୍ର ବିଚାରପତି ଭରତ ପରାଶର ଜିନ୍ଦଲଙ୍କୁ ଅକ୍ଟୋବର ୧୫ରୁ ୧୯ ତାରିଖ ଯାଏ ଜାପାନ ଗସ୍ତରେ ଯିବାକୁ ଅନୁମତି ଦେଇଛନ୍ତି। ତେବେ ସରକାରୀ ଓକିଲ ଏହାକୁ ବିରୋଧ କରିବାରୁ ଅଦାଲତ ଏନେଇ କେତେକ ସର୍ତ୍ତାରୋପ କରିଛନ୍ତି। ସେ ବିଦେଶ ଗସ୍ତରେ କେଉଁ ସ୍ଥାନକୁ ଯାଇଥିଲେ ସେ ସମ୍ପର୍କରେ ତଦନ୍ତକାରୀ ସଂସ୍ଥାକୁ ୭ ଦିନ ମଧ୍ୟରେ ସୂଚନା ଦେବାକୁ ଅଦାଲତ ଜିନ୍ଦଲଙ୍କୁ ନିର୍ଦ୍ଦେଶ ଦେଇଛନ୍ତି।

## ଡ୍ୟୁକ୍‌ର ନୂଆ କଲେକ୍ସନ

ଭୁବନେଶ୍ୱର,୧୬-୧୦

ପ୍ରମୁଖ ଫ୍ୟାଶନ ବ୍ରାଣ୍ଡ ଡ୍ୟୁକ୍ ପକ୍ଷରୁ ନୂଆ ଶରତ-ଶୀତ କଲେକ୍ସନ ବଜାରକୁ ଆସିଛି। ଯୁବବର୍ଗଙ୍କୁ ଧ୍ୟାନରେ ରଖି କମ୍ପାନୀ ଏଭଳି ପଦକ୍ଷେପ ଗ୍ରହଣ କରିଛି। ଗ୍ଲୋବାଲ ଟ୍ରେଣ୍ଡକୁ ନଜରରେ ରଖି କମ୍ପାନୀ ପୁରୁଷ, ମହିଳା ଏବଂ ଶିଶୁଙ୍କ ଲାଗି ନୂଆ କଲେକ୍ସନ ଆଣିଛି। ଏହା ମଧ୍ୟରେ ଉଲେନ ଟପ୍ସ, ସ୍ୱେଟର, ସ୍ୱିଟ ସାର୍ଟ, ଜ୍ୟାକେଟ, ଥର୍ମାଲ୍ସ, ଟ୍ରାକ୍ ସୁଟ ଏବଂ ଫୁଟୱେର ରହିଛି। ଯୁବବର୍ଗଙ୍କୁ ଧ୍ୟାନରେ ରଖି ଟ୍ରେଣ୍ଡି ତଥା ଷ୍ଟାଇଲିସ ରେଞ୍ଜର ପୋଷାକ ପତ୍ର ପ୍ରଦାନ ଲାଗି ଏଭଳି କଲେକ୍ସନ ଆସିଥିବା ଡ୍ୟୁକ୍ ଫ୍ୟାସନ୍ସ ଲିମିଟେଡର ନିର୍ଦ୍ଦେଶକ କୁନ୍ତଲ ରାଜ ଜୈନ ସୂଚନା ଦେଇଛନ୍ତି।

## ଅଶୋଧିତ ତେଲ ଦର ବୃଦ୍ଧିର କାରଣ ବୁଝାଇଲେ ଧର୍ମେନ୍ଦ୍ର

ନୂଆଦିଲ୍ଲୀ,୧୬-୧୦



ଅନ୍ତର୍ଜାତୀୟ ବଜାରରେ ଅଶୋଧିତ ତେଲ ଦାମ୍ କାହିଁକି ବଢୁଛି ସେ ନେଇ କେନ୍ଦ୍ର ପେଟ୍ରୋଲିୟମ ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ବୁଝାଇଛନ୍ତି। ସେ କହିଛନ୍ତି ଯେ, ଆସନ୍ତା ନଭେମ୍ବରରେ ଇରାନ ବିରୋଧରେ ଆମେରିକାର କଟକଣା ସମ୍ପୂର୍ଣ୍ଣ ରୂପେ ଲାଗୁ ହୋଇଯିବ। ଏହି କାରଣରୁ ଅଶୋଧିତ ତୈଳ ଦାମ୍ ବଢୁଛି। ବାସ୍ତବରେ ଉତ୍ପାଦନ ହ୍ରାସ ଭୟ ହିଁ ଏକମାତ୍ର କାରଣ। ଇରାନରୁ ତେଲ କିଣିବା ନେଇ କଟକଣା କୋହଳ କରିବାକୁ ଆମେରିକାକୁ ଭାରତ ଅନୁରୋଧ କରିଛି କି ବୋଲି ପ୍ରଶ୍ନର ଉତ୍ତର ଏଡ଼ାଇ ପ୍ରଧାନ କହିଛନ୍ତି ଯେ, ନଭେମ୍ବର ପରେ ପାରସ୍ୟ ଉପସାଗରରୁ ତେଲ କିଣା ନେଇ ଭାରତ ତା'ର ମତାମତ ପୂର୍ବରୁ ରଖିସାରିଛି। ଏନେଇ ବାରମ୍ବାର କହିବାର ଆବଶ୍ୟକତା ନାହିଁ। ଇତିପୂର୍ବରୁ ସେ କହିଥିଲେ ଯେ, ନଭେମ୍ବରରେ ଭାରତୀ ଦୁଇଟି ତୈଳ ବିପଣନ କମ୍ପାନୀ ଇରାନରୁ ତେଲ କିଣିବ। ସେ କହିଛନ୍ତି ଯେ, ଅନ୍ତର୍ଜାତୀୟ ବଜାରରେ ଅଶୋଧିତ ତେଲର ଅଭାବ ନାହିଁ। ତେବେ ଭୂ-ରାଜନୈତିକ ଅସ୍ଥିରତା କାରଣରୁ ଭୟର ବାତାବରଣ ଖେଳିଯାଇଛି। ଏହା ହିଁ ଏବେ ସମସ୍ତଙ୍କ ପାଇଁ ପ୍ରାରମ୍ଭିକ ଚ୍ୟାଲେଞ୍ଜ। ଇଣ୍ଡିଆ ଏନର୍ଜି ଫୋରମ୍‌ର ବୈଠକରେ ଯୋଗଦେବାକୁ ଆସିବା ଅବସରରେ ଏଠାରେ ଖବରଦାତାଙ୍କ ସହ ସେ ଆଲୋଚନା କରୁଥିଲେ। ସେ କହିଛନ୍ତି ଯେ, ଇରାନ ବିରୋଧରେ କଟକଣା ଲାଗୁ ହେବ ବୋଲି ଯେଉଁ ଦିନ ସୂଚନା ମିଳିଲା ସେହିଦିନଠାରୁ ଭାରତ ନିଶ୍ଚିତ ଥିଲା ଯେ ଦେଶ ପାଇଁ ଅଶୋଧିତ ତେଲର ଅଭାବ ହେବନି।

## ଓଟିପି ଜରିଆରେ ଆକାଉଣ୍ଟରୁ ଗାଏବ ହୋଇଯାଉଛି ଟଙ୍କା

ନୂଆଦିଲ୍ଲୀ,୧୬-୧୦

ବ୍ୟାଙ୍କ କାରବାରକୁ ସୁରକ୍ଷିତ ରଖିବା ଲାଗି ୱାନ୍ ଟାଇମ ପାସ୍‌ୱାର୍ଡ (ଓଟିପି)କୁ ସୁରକ୍ଷିତ ବୋଲି କୁହାଯାଉଥିଲେ ହେଁ ବାସ୍ତବରେ ଏଭଳି ଧାରଣା ଭୁଲ୍ ପ୍ରମାଣିତ ହୋଇଛି। ବହୁ ଅପରାଧୀ ଏହାକୁ ଅସ୍ତ୍ର କରି ଗ୍ରାହକଙ୍କ ବ୍ୟାଙ୍କ ଆକାଉଣ୍ଟରୁ ଟଙ୍କା ଗାଏବ କରି ନେଉଥିବାବେଳେ ଗ୍ରାହକ ଜାଣିପାରୁନାହାନ୍ତି। ପେସାଦାର ହ୍ୟାକରଙ୍କ ସହାୟତାରେ ମୋବାଇଲ ଫୋନକୁ ହ୍ୟାକ୍ କରି ଓଟିପିକୁ ଚୋରାଇ ଆକାଉଣ୍ଟରୁ ଟଙ୍କା ଗାଏବ୍ କରୁଛନ୍ତି। ଏହାଛଡା ସେମାନେ ନକଲି ଗ୍ରାହକ ସାଜି ବ୍ୟାଙ୍କରେ ପହଞ୍ଚି ଟାର୍ଗେଟ ଗ୍ରାହକଙ୍କ ପଞ୍ଜୀକୃତ ମୋବାଇଲ ନମ୍ବର ବଦଳାଇ ଦେଉଛନ୍ତି। ଏଭଳି ପ୍ରକ୍ରିୟାରେ ସମ୍ପୃକ୍ତ ବ୍ୟାଙ୍କର କର୍ମଚାରୀ ମଧ୍ୟ ସାମିଲ ଥିବା ଜଣାପଡ଼ିଛି। ଫଳରେ ସେମାନେ ନୂଆ ନମ୍ବର ମାଧ୍ୟମରେ ଆଉ ଏକ ଓଟିପି ହାସଲ କରୁଛନ୍ତି। ଦିଲ୍ଲୀର ଜନକପୁରୀ ଅଞ୍ଚଳର ଜଣେ ନିବାସୀଙ୍କ ବ୍ୟାଙ୍କ ଆକାଉଣ୍ଟରୁ ୧୧.୫ ଲକ୍ଷ ଟଙ୍କା ଅଚାନକ ଗାଏବ ହୋଇଯିବା ଘଟଣା ଜଣାପଡିବା ପରେ ଏଭଳି ଓଟିପି ଗ୍ୟାଙ୍ଗ୍ ସକ୍ରିୟ ଥିବା ଜଣାପଡିଥିଲା। ଆଉ ଏକ ବାଟ ହେଲା, ଅପରାଧୀମାନେ ନିଜକୁ ମୋବାଇଲ ଗ୍ରାହକ ସାଜି ଟେଲିକମ୍ ଅପରେଟରଙ୍କ ଠାରୁ ନମ୍ବର ବଦଳାଇ ନୂଆ ଓଟିପି ସଂଗ୍ରହ କରୁଛନ୍ତି।


नालको NALCO
National Aluminium Company Limited
(A Government of India Enterprise)
Smelter Plant, Nalco Nagar, Angul-759145, Odisha, India
CIN : L27203OR1981GOI000920
A NAVRATNA COMPANY

**NOTICE INVITING TENDERS**

Online tenders are being invited from experienced bidders on OPEN / Two- part (E-tender) mode for the following jobs at NALCO, Smelter Plant at Angul, Odisha :

1- NIT No. OMC-4919
Name of the work: Unloading and Feeding of CPCoke in Smelter Plant.

2- NIT No. OMC-4926
Name of the work: Sanitary & Conservancy Work at Nalco Hospital.

3- NIT No. OMC-4930
Name of the work: Catering & Housekeeping of Nalco Atithi Niwas (NAN) in Nalconagar Township.

AGM (Mech.)-T&C

4- E-Tender No. SMLT/408/3000005465 Dt. 28/09/2018, Tender ID: 2018_NALCO_389090_1
Name of the work: Bids invited from Indian Manufacturers for Manufacture & Supply of 86 nos. Riser Damper for Anode Baking Furnace-I. The last date & time for bid submission: 05.11.2018, 10.00 AM.

DGM (Materials)-Smelter

For details of NITs like contract period, EMD, Date and time of E-submission, Part-I Bid Opening, Modification/ Amendments (if any) please log in to www.nalcoindia.com & http://eprocure.gov.in



## ପୌର ପରିଷଦ, ବେଲପାହାଡ଼

ଶ୍ରୀ ଶ୍ରୀ ଦୁର୍ଗା ପୂଜା ଅବସରରେ ବେଲପାହାଡ଼ ପୌର ପରିଷଦ ତରଫରୁ ସମସ୍ତ ଜନସାଧାରଣଙ୍କୁ ହାର୍ଦ୍ଦିକ ଅଭିନନ୍ଦନ ଓ ଶୁଭେଚ୍ଛା। ଜଗତ୍‌ଜନନୀ ମାଁ ଦୁର୍ଗାଙ୍କ ଆଶୀର୍ବାଦରୁ ସମସ୍ତଙ୍କ ଜୀବନ ସୁଖ ଶାନ୍ତିରେ ପରିପୂର୍ଣ୍ଣ ହେଉ ଏହା ହିଁ ମା'ଙ୍କ ନିକଟରେ ପ୍ରାର୍ଥନା।

**ପୌରବାସୀଙ୍କୁ ନିବେଦନ:**

- ପୌର ପରିଷଦର ଦେୟ ଯଥା ସମୟରେ ପୈଠ କରନ୍ତୁ।
- ସର୍ବସାଧାରଣ ରାସ୍ତା ଏବଂ ନାଳ ଉପରେ ନିର୍ମାଣ ସାମଗ୍ରୀ ଯଥା: ଇଟା, ବାଲି ରଖି ରାସ୍ତା ଓ ନାଳ ଅବରୋଧ କରନ୍ତୁ ନାହିଁ।
- ଗୃହପାଳିତ ପଶୁମାନଙ୍କୁ ରାସ୍ତା ଉପରେ ଏଣେତେଣେ ବୁଲିବାକୁ ଛାଡ଼ନ୍ତୁ ନାହିଁ।
- ପୌର ପରିଷଦର ସମ୍ପତ୍ତି ଆପଣଙ୍କ ସମ୍ପତ୍ତି, ଏଣୁ ଏହାର ସୁରକ୍ଷା କରନ୍ତୁ।

| ଶ୍ରୀ ଲୋକନାଥ କୁମାର ତିୱାରୀ | ଶ୍ରୀମତୀ ଅନୁପମା ଭଏଁସା | ଶ୍ରୀ ପର୍ଶୁରାମ ସାହୁ |
|---|---|---|
| କାର୍ଯ୍ୟନିର୍ବାହୀ ଅଧିକାରୀ | ଉପାଧ୍ୟକ୍ଷା | ଅଧ୍ୟକ୍ଷ |
| ପୌର ପରିଷଦ, | ଏବଂ ପରିଷଦର ସମସ୍ତ | ପୌର ପରିଷଦ, |
| ବେଲପାହାଡ଼ | ସଭ୍ୟ/ସଭ୍ୟା ବୃନ୍ଦ | ବେଲପାହାଡ଼ |



ଏୟାରପୋର୍ଟ ଅଥରିଟି ଅଫ୍ ଇଣ୍ଡିଆ
AIRPORTS AUTHORITY OF INDIA

ଇ-ଟେଣ୍ଡର ନୋଟିସ୍

ଏୟାରପୋର୍ଟ ଅଥରିଟି ଅଫ୍ ଇଣ୍ଡିଆର ଅଧ୍ୟକ୍ଷଙ୍କ ତରଫରୁ ଏୟାରପୋର୍ଟ ନିର୍ଦ୍ଦେଶକ **'ବିଜୁ ପଟ୍ଟନାୟକ ଇଣ୍ଟରନ୍ୟାସନାଲ ଏୟାରପୋର୍ଟ, ଭୁବନେଶ୍ୱର'**ରେ **SITC ଅଫ୍ ଅପ୍‌ଟିକାଲ ଫାଇବର କମ୍ୟୁନିକେସନ ନେଟୱାର୍କ** ପାଇଁ ଇ-ଟେଣ୍ଡର ଆମନ୍ତ୍ରିତ କରୁଛନ୍ତି। ଆକ୍ଳନ ଖର୍ଚ୍ଚ: **ଟ. 1,44,67,465.00** (ଜିଏସ୍‌ଟି/ଜିଏସ୍‌ଟି କୁ ବାଦ ଦେଇ)। ଟେଣ୍ଡର ଆଇଡି ନଂ. **2018_AAI_16562**। ସିପିପି ପୋର୍ଟାଲରେ ଟେଣ୍ଡର ଦାଖଲର ଅନ୍ତିମ ତାରିଖ **29.10.2018 ସମୟ ଦିନ 3 ଟା** ପର୍ଯ୍ୟନ୍ତ। ଅଧିକ ବିବରଣୀ ନିମନ୍ତେ ଲଗ୍ ଅନ କରନ୍ତୁ **www.aai.aero** କିମ୍ବା **https://etenders.gov.in/eprocure/app**ରୋ ଏ ସମ୍ବନ୍ଧରେ ଅଧିକ ସ୍ପଷ୍ଟିକରଣ/ଭ୍ରମ ସଂଶୋଧନ, ଯଦି କିଛି ଥାଏ, କେବଳ **https://etenders.gov.in/eprocure/app** ରେ ଅପଲୋଡ କରାଯିବ।



idco Your power to grow | ODISHA NEW OPPORTUNITIES
ODISHA INDUSTRIAL INFRASTRUCTURE DEVELOPMENT CORPORATION
(A Government of Odisha Undertaking)
IDCO Towers, Janpath, Bhubaneswar - 751022

OFFICE OF THE CHIEF GENERAL MANAGER (CIVIL) IDCO, IDCO TOWER, BHUBANESWAR.
Tender Call Notice No. Civil/EST-46/2018-19/20932 Dt. 11.10.2018

**NOTICE INVITING TENDER UNDER NATIONAL COMPETITIVE BIDDING THROUGH e-Procurement**

**Name of the Work:** Construction of Sport Complex at Burla, Sambalpur (Phase-1).

| Procurement Officer | Bid Identification No. | Period of Completion | Value of Work | Availability of Tender on-Line for Bidding From | To |
|---|---|---|---|---|---|
| 1 | 2 | 3 | 4 | 5 | 6 |
| CGM (Civil), IDCO, IDCO Towers, Janpath, Bhubaneswar | Bid ID. No. Civil - EST-46 /2018-19 | 11 (Eleven) Calendar Months | Rs.13,14,98,613/- | 18.00 Hours of 22.10.2018 | 17.00 Hours of 12.11.2018 |

Further details can be seen from the e-procurement portal. **www.tendersodisha.gov.in.** Corrigendum or Addendum if any will not be published in newspapers and can be seen in **e-procurement portal** as well as in **IDCO website.**

Sd/-
Chief General Manager (Civil) (I/C)
IDCO, Bhubaneswar



C.D.A.
CUTTACK DEVELOPMENT AUTHORITY
ARUNODAYA BHAWAN, LINK ROAD, CUTTACK - 12 (ORISSA)

Government of Odisha "e" procurement Notice
Bid Identification No. - EM/CDA/Cuttack - 07 / 2018-19

1. **Nature** of Work : Civil & Sewerage works
2. No. of work : 1 No. Civil and Sewerage in NIT
3. Estimated Cost : Rs.1,56,32,000.00
4. Tender Paper Cost : 1 No. tender Rs.10,000.00
5. Class of Contractor : B & A Class
6. Available of bid document : From 10.00 A.M of 23.10.2018 to 4.00 PM of 08.11.2018
7. Date of opening of Bid : Dt.14.11.2018 at 12.30 PM
8. The Bidders have to participate in ONLINE bidding only. Further details can be seen from the website : https://tenderodisha.gov.in. Any addendum/ corrigendum / cancellation of tender can also be seen in the said website :

Sd/-
Engineer Member
Cuttack Development Authority, Cuttack



idco Your power to grow | ODISHA NEW OPPORTUNITIES
ODISHA INDUSTRIAL INFRASTRUCTURE DEVELOPMENT CORPORATION
(A Government of Odisha Undertaking)
IDCO Towers, Janpath, Bhubaneswar - 751022

Tender Call Notice No.: IDCO/BCD-II/Civil/Estm/D-1030/04/2018-19/1309 Date: 11.10.2018

**TENDER CALL NOTICE**

| | |
|---|---|
| Name of the Work | Construction of Boundary wall 160Mtr length over Plot No-50 near Utkal Bipanna Sahayata Samiti in Mancheswar I/E, Bhubaneswar. |
| Estimated Cost of the Work | Rs. 21,24,000/- |
| Period of Completion | 45 (Fourty Five) days |
| EMD Amount | Rs.21,240/- |
| Cost of Bid Document | Rs. 6000.00 + 18% (GST)= Rs. 7080.00 |
| Date of Availability of Tender | 11.00 Hrs of 22.10.2018 to 16.00 Hrs of 27.10.2018 |
| Last Date of Submission of Tender | Before 16.00 Hrs of 31.10.2018 |
| Date of Opening of Tender | 11.30 Hrs of Date 02.11.2018 |
| Procurement Officer | Divisional Head, (BCD-II), IDCO, Bhubaneswar |

Further details can be seen from the IDCO website **www.idco.in** or, contact Er. Sukumari Singh, A.E.E (Civil) at Telephone 0674-2542780 during office hours.

Sd/-
Divisional Head, BCD-II Division, IDCO

> ମୁଁ ଏପର୍ଯ୍ୟନ୍ତ ମୋ ପ୍ରଦର୍ଶନରେ ସନ୍ତୁଷ୍ଟ ନୁହେଁ। ବିଶ୍ୱର ଜଣେ ଶ୍ରେଷ୍ଠ ଖେଳାଳି ହେବାକୁ ଲକ୍ଷ୍ୟ ରଖିଛି ।
>
> –ପୃଥ୍ୱୀ ଶ', ଭାରତୀୟ ଯୁବ ବ୍ୟାଟ୍ସମ୍ୟାନ



> ମୁଁ ସବୁବେଳେ ସଚ୍ଚୋଟପଣିଆ ଓ ସ୍ୱଚ୍ଛତା ବଜାୟ ରଖିଆସିଛି। ମୋ ବିରୋଧରେ ଦୁର୍ନୀତି ଅଭିଯୋଗ ଭିତ୍ତିହୀନ ।
>
> –ସନତ୍ ଜୟସୁରିୟା, ଶ୍ରୀଲଙ୍କା କ୍ରିକେଟ କିମ୍ବଦନ୍ତୀ



## ସଂକ୍ଷେପରେ

### ଭିନୁ ମଙ୍କଡ ଟ୍ରଫି: ବିହାର, ଉତ୍ତରାଖଣ୍ଡ, ନାଗାଲାଣ୍ଡ ବିଜୟୀ

**ଭୁବନେଶ୍ୱର, ୧୬।୧୦ (ସ୍ପୋର୍ଟ୍ସ ବ୍ୟୁରୋ):** ୧୯ ବର୍ଷରୁ କମ୍ ଭିନୁ ମଙ୍କଡ ଟ୍ରଫିରେ ମଙ୍ଗଳବାର ଅନୁଷ୍ଠିତ ମ୍ୟାଚ୍‌ଗୁଡିକରେ ବିହାର, ଉତ୍ତରାଖଣ୍ଡ ଓ ନାଗାଲାଣ୍ଡ ବିଜୟ ହାସଲ କରିଛନ୍ତି। କିଟ୍ କ୍ରିକେଟ ଷ୍ଟାଡିୟମରେ ଖେଳାଯାଇଥିବା ମ୍ୟାଚ୍‌ରେ ବିହାର ୨୭୭ ରନରେ ସିକ୍କିମ୍‌କୁ ହରାଇଛି। ଟସ୍ ଜିତି ପ୍ରଥମେ ବ୍ୟାଟିଂକରି ବିହାର ପୀୟୁଷ କୁମାରଙ୍କ ୧୪୫ ରନର ଶତକୀୟ ପାଳି ବଳରେ ୫୦ ଓଭରରେ ୨ ଉଇକେଟ ହରାଇ ୩୫୪ ରନ ସଂଗ୍ରହ କରିଥିଲା। ଜବାବରେ ସିକ୍କିମ ୮ ଉଇକେଟ ହରାଇ ୭୭ ରନରେ ସୀମିତ ରହି ପରାସ୍ତ ହୋଇଥିଲା। ସେହିପରି ରେଲୱେ ଷ୍ଟାଡିୟମରେ ଉତ୍ତରାଖଣ୍ଡ ୧୧୬ ରନରେ ମେଘାଳୟକୁ ହରାଇଛି। ଟସ୍ ଜିତି ପ୍ରଥମେ ବ୍ୟାଟିଂ କରି ଉତ୍ତରାଖଣ୍ଡ ୫୦ ଓଭରରେ ୭ ଉଇକେଟ ହରାଇ ୨୫୫ ରନ ସଂଗ୍ରହ କରିଥିଲା। ଜବାବରେ ମେଘାଳୟ ୪୪.୫ ଓଭରରେ ୧୩୯ ରନ କରି ଅଲଆଉଟ ହୋଇ ପରାସ୍ତ ହୋଇଛି। ଅପରପକ୍ଷେ ବିକାଶ ଗ୍ରାଉଣ୍ଡରେ ଖେଳାଯାଇଥିବା ମ୍ୟାଚ୍‌ରେ ନାଗାଲାଣ୍ଡ ୫ ଉଇକେଟରେ ମଣିପୁରକୁ ହରାଇଛି। ଟସ୍ ଜିତି ମଣିପୁର ପ୍ରଥମେ ବ୍ୟାଟିଂକରି ୪୫.୩ ଓଭରରେ ୧୪୯ ରନ କରି ଅଲଆଉଟ ହୋଇଥିଲା। ଜବାବରେ ନାଗାଲାଣ୍ଡ ୩୭.୫ ଓଭରରେ ୫ ଉଇକେଟ ହରାଇ ବିଜୟ ଲକ୍ଷ୍ୟ ହାସଲ କରିନେଇଥିଲା।

### ସାଇ କୋଚ୍‌ଙ୍କ ଆତ୍ମହତ୍ୟା

**ବେଙ୍ଗାଲୁରୁ, ୧୬।୧୦:** ସ୍ଥାନୀୟ ସ୍ପୋର୍ଟ୍ସ ଅଥରିଟି ଅଫ୍ ଇଣ୍ଡିଆ (ସାଇ) କେନ୍ଦ୍ରରେ ୧୩ ବର୍ଷୀୟ ବାଳିକା ଆଥ୍‌ଲେଟଙ୍କୁ ଦୁର୍ବ୍ୟବହାର କରି ବିତାଡ଼ିତ ହୋଇଥିବା ସିନିୟର କବାଡ଼ି କୋଚ୍ ରୁଦ୍ରାପ୍ପା ଭି ହୋସାମାନି ଆତ୍ମହତ୍ୟା କରିଛନ୍ତି। ପୋଲିସ ତାଙ୍କ ମୃତଦେହକୁ ସୋମବାର ଠାବ କରି ବ୍ୟବଚ୍ଛେଦ ପାଇଁ ପଠାଇଛି। ସାଇ କେନ୍ଦ୍ରଠାରେ କାର୍ଯ୍ୟରତ ୫୯ ବର୍ଷୀୟ କୋଚ୍‌ଙ୍କୁ ଗତ ସପ୍ତାହରେ ତଦନ୍ତ କରାଯିବା ପରେ ବିଦା କରାଯାଇଥିଲା। ସେ ରବିବାର ଦାବାନାଗେରେସ୍ଥିତ ହରିହର ସହରରେ ଏକ ହୋଟେଲରେ ରୁମ ନେଇଥିଲେ। ମାତ୍ର ରୁମକୁ ଯିବା ପରେ ସେ ଆଉ ବାହାରକୁ ଆସି ନ ଥିଲେ। ଏହାକୁ ସନ୍ଦେହ କରି ହୋଟେଲ ମ୍ୟାନେଜର ପୋଲିସ ଡକାଇଥିଲେ। ଉକ୍ତ ରୁମରୁ ମିଳିଥିବା ସୁଇସାଇଡ୍ ନୋଟରେ ଲେଖା ରହିଛି "ମୋତେ ଅସହ୍ୟ ହେବାରୁ ମୁଁ ଚରମ ନିଷ୍ପତ୍ତି ନେବାକୁ ବାଧ ହୋଇଛି। ମୋତେ କ୍ଷମା କରିଦିଅ"। ପୋଷ୍ଟମର୍ଟମ ପରେ ହୋସାମାନିଙ୍କ ମୃତଦେହକୁ ତାଙ୍କ ପରିବାରକୁ ହସ୍ତାନ୍ତର କରି ଦିଆଯାଇଛି। ଘଟଣାଟି ଗତ ୯ ତାରିଖରେ ସାଇ କେନ୍ଦ୍ର ସ୍ଥିତ କବାଡି ଏରିନା ନିକଟରେ ଥିବା ବାଳିକାଙ୍କ ଡ୍ରେସିଂ ରୁମ୍‌ରେ ଘଟିଥିଲା। ଏ ସମ୍ପର୍କରେ ବାଳିକା ତାଙ୍କ ପରିବାରକୁ ଜଣାଇଥିଲେ। ପରେ ୧୦ ତାରିଖରେ ଏ ନେଇ ତଦନ୍ତ ନିର୍ଦ୍ଦେଶ ଦିଆଯାଇଥିଲା। ଏଥିରେ ଦୋଷୀ ପ୍ରମାଣିତ ହୋଇ ସେ ସାଇରୁ ବିଦା ହୋଇଥିଲେ।

### ଦିନିକିଆ କ୍ରିକେଟରେ ଅବିଶ୍ୱସନୀୟ ସ୍କୋର

**ଆଡିଲେଡ୍, ୧୬।୧୦:** ଦିନିକିଆ କ୍ରିକେଟରେ ସୋମବାର ଏକ ଅବିଶ୍ୱସନୀୟ ଦଳଗତ ସ୍କୋର ଦେଖିବାକୁ ମିଳିଛି। ଅଷ୍ଟ୍ରେଲିଆର ଏକ ମହିଳା ଦଳ ୫୦ ଓଭରରେ ୩ ଉଇକେଟ ହରାଇ ୫୯୬ ରନ୍ କରିଛି। ଏହା ଦିନିକିଆ କ୍ରିକେଟ ଇତିହାସରେ ସର୍ବାଧିକ ଦଳଗତ ସ୍କୋର। ଏହାପରେ ପ୍ରତିପକ୍ଷ ଦଳକୁ ମାତ୍ର ୨୫ ରନ୍‌ରେ ଅଲ୍‌ଆଉଟ୍ କରି ୫୭୧ ରନ୍‌ର ଦିନିକିଆ ଇତିହାସର ସର୍ବବୃହତ୍ ବ୍ୟବଧାନର ବିଜୟ ଲାଭ କରିଛି। ସୋମବାର ଏସ୍‌ଏସିଏ ପିସି ଷ୍ଟେଟ୍ ୱାଇଡ ସୁପର ଓମେନ ପ୍ରଥମ ଶ୍ରେଣୀ ଟୁର୍ନାମେଣ୍ଟରେ ନର୍ଦର୍ନ ଡିଷ୍ଟ୍ରିକ୍ଟ ଓ ପୋର୍ଟ ଆଡିଲେଡ୍ ମଧ୍ୟରେ ମ୍ୟାଚ୍ ଖେଳାଯାଇଥିଲା। ନର୍ଦର୍ନ ଡିଷ୍ଟ୍ରିକ୍ଟ ପକ୍ଷରୁ ଟେଗାନ ମାକଫାର୍ଲିନ, ସାମ ବେଟ୍ସ, ତାବିଥା ସାବିଲେ ଓ ଡାର୍ସି ବ୍ରାଉନ ଶତକ ମାରିଥିଲେ।

■ ଗୁରୁକୁଳ ଜୁନିୟର ଟେନିସ ଉଦ୍‌ଯାପିତ

# ରାହୁଲ ବେହେରାଙ୍କୁ ଦ୍ୱିମୁକୁଟ

**ଭୁବନେଶ୍ୱର, ୧୬।୧୦(କ୍ରୀଡ଼ା ପ୍ରତିନିଧି)**



ଅତିଥିଙ୍କ ଗହଣରେ ଟ୍ରଫି ଓ ସାର୍ଟିଫିକେଟ୍ ସହ କୃତୀ ପ୍ରତିଯୋଗୀ।

ମେଣ୍ଢାଶାଳସ୍ଥିତ ଗୁରୁକୁଳ ରିସର୍ଟରେ ମଙ୍ଗଳବାର ଜୁନିୟର ଟେନିସ ଚାମ୍ପିୟନଶିପ୍ ଉଦ୍‌ଯାପିତ ହୋଇଛି। ୧୬ ବର୍ଷରୁ କମ୍ ବାଳକ ବର୍ଗରେ ରାହୁଲ ବେହେରା ଉଭୟ ସିଙ୍ଗଲ୍ସ ଓ ଡବଲ୍ସ ଟାଇଟଲ ଜିତି ଦ୍ୱିମୁକୁଟ ହାସଲ କରିଛନ୍ତି। ୧୬ ବର୍ଷରୁ କମ୍ ବାଳିକା ସିଙ୍ଗଲ୍ସ ଫାଇନାଲରେ ରିୟା ମର୍ଦ୍ଦରାଜ ୯–୧ରେ ଆକୃତିଙ୍କୁ ଏବଂ ତୀବ୍ର ସଂଘର୍ଷପୂର୍ଣ୍ଣ ବାଳକ ସିଙ୍ଗଲ୍ସରେ ରାହୁଲ ବେହେରା ୯–୮(ଟାଇବ୍ରେକ୍ ୭–୫)ରେ ସଂଗ୍ରାମ କୁମାର ପାତ୍ରଙ୍କୁ ହରାଇ ଚାମ୍ପିୟନ ହୋଇଛନ୍ତି। ରାହୁଲ ଏକଦା ୧–୬ରେ ପଛୁଆ ଥିଲେ ହେଁ ସଫଳ ପ୍ରତ୍ୟାବର୍ତ୍ତନ କରି ବିଜୟ ହାସଲ କରିଥିଲେ। ବାଳକ ଡବଲ୍ସରେ ରାହୁଲ ବେହେରା ଓ ଏସ. ପାତ୍ର ଯୋଡ଼ି ୮–୪ରେ ବି.ବେହେରା ଓ ଏ.ମହାପାତ୍ରଙ୍କୁ ହରାଇ ଟାଇଟଲ ହାସଲ କରିଛନ୍ତି। ୧୨ ବର୍ଷରୁ କମ୍ ବାଳକ ବର୍ଗର ଫାଇନାଲରେ ଲଳିତ ଟୁଡୁ ୯–୧ରେ ଅକ୍ଷତ ବେଉରିଆଙ୍କୁ ଏବଂ ବାଳିକାରେ ଆହାନ ୯–୨ରେ ଏନ.ବୈଷ୍ଣବୀଙ୍କୁ ହରାଇ ଚାମ୍ପିୟନ ହୋଇଛନ୍ତି। ବାଳକ ଡବଲ୍ସରେ ଶୁଭ୍ରନିଲ ବର୍ମନ ଓ ଆଦିତ୍ୟ ଜାଡନ ଯୋଡ଼ି ୮–୫ରେ କମଲେଶ୍ ରଥ ଓ ଅଙ୍କିତ ସାହୁଙ୍କୁ ହରାଇ ଟାଇଟଲ ହାସଲ କରିଛନ୍ତି।

୧୨ ବର୍ଷରୁ କମ୍ ବର୍ଗର ଚାମ୍ପିୟନ ଓ ରନର୍ସଅପ୍‌ଙ୍କୁ ଯଥାକ୍ରମେ ୧୫୦୦ ଓ ୧୦୦୦ଟଙ୍କା ଲେଖାଏ ଏବଂ ଦୁଇ ପରାଜିତ ସେମିଫାଇନାଲିଷ୍ଟଙ୍କୁ ୫୦୦ଟଙ୍କା ଲେଖାଏ ଦିଆଯାଇଥିଲା। ସେହିପରି ୧୬ ବର୍ଷରୁ କମ୍ ବର୍ଗର ଚାମ୍ପିୟନ ଓ ରନର୍ସଅପ୍‌ଙ୍କୁ ଯଥାକ୍ରମେ ୨୦୦୦ ଓ ୧୫୦୦ଟଙ୍କା ଲେଖାଏ ଏବଂ ଦୁଇ ପରାଜିତ ସେମିଫାଇନାଲିଷ୍ଟଙ୍କୁ ୫୦୦ଟଙ୍କା ଲେଖାଏ ପ୍ରଦାନ କରାଯାଇଥିଲା। ଡବଲ୍ସରେ ଚାମ୍ପିୟନଙ୍କୁ ୨୦୦୦ ଓ ରନର୍ସଅପ୍‌ଙ୍କୁ ୧୦୦୦ଟଙ୍କା ଦିଆଯାଇ ସମ୍ମାନିତ କରାଯାଇଥିଲା। ବିଶିଷ୍ଟ ହୃଦ୍‌ରୋଗ ବିଶେଷଜ୍ଞ ଡ. ପ୍ରତାପ କୁମାର ପ୍ରଧାନ ଅତିଥିଭାବେ ଯୋଗଦେଇ ପୁରସ୍କାର ପ୍ରଦାନ କରିଥିଲେ। ଜେ.କେ. କଲେଜ ଅଫ୍ ବ୍ୟାଙ୍କିଙ୍ଗ୍‌ର ନିର୍ଦ୍ଦେଶକ ଜିତେନ କୁମାର ନାଥ, ଗୁରୁକୁଳ ଟେନିସ ଏକାଡେମୀର ନିର୍ଦ୍ଦେଶକ ସନ୍ତୋଷ କୁମାର ମଲିକ ଏବଂ ରାଜ୍ୟର ନମ୍ବରୱାନ ଟେନିସ ଖେଳାଳି ଚିନ୍ମୟ ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ।

# ଦ୍ୱିତୀୟ ଟେଷ୍ଟ: ପାକିସ୍ତାନ ୨୮୨ରେ ଅଲଆଉଟ୍

**ଆବୁଧାବି, ୧୬।୧୦ (ଏଏଫପି)**

ସ୍ଥାନୀୟ ଶେଖ ଜାୟେଦ ଷ୍ଟାଡିୟମରେ ପାକିସ୍ତାନ ଓ ଓ୍ୱେଷ୍ଟଇଣ୍ଡିଜ ମଧ୍ୟରେ ଦ୍ୱିତୀୟ ଟେଷ୍ଟ ମ୍ୟାଚ ଆରମ୍ଭ ହୋଇଛି। ଟସ୍ ଜିତି ପାକିସ୍ତାନ ପ୍ରଥମ ଇନିଂସରେ ଓପନର ଫକାର ଜମାନ ଓ ଅଧିନାୟକ ସର୍ଫରାଜ ଅହମ୍ମଦଙ୍କ ଅର୍ଦ୍ଧଶତକୀୟ ପାଳି ସହ ୮୧ ଓଭରରେ ୨୮୨ ରନ କରି ଅଲଆଉଟ ହୋଇଛି। ଜବାବରେ ପ୍ରଥମ ଇନିଂସ ଆରମ୍ଭ କରି ଅଷ୍ଟ୍ରେଲିଆ ପ୍ରଥମ ଦିନ ଖେଳ ଶେଷସୁଦ୍ଧା ପ୍ରାରମ୍ଭିକ ବିପର୍ଯ୍ୟୟର ସମ୍ମୁଖୀନ ହୋଇ ୭ ଓଭରରେ ଦୁଇ ଉଇକେଟ ହରାଇ ୨୦ ରନ ସଂଗ୍ରହ କରିଛି। ୮ ଉଇକେଟ ହାତରେ ଥାଇ ଅଷ୍ଟ୍ରେଲିଆ ୨୬୨ ରନ ପଛରେ ରହିଛି। ଷ୍ଟମ୍ପ ଅପସାରଣ ବେଳକୁ ଓପନର ଅରୋନ ଫିଞ୍ଚ୍ ୧୩ ରନ କରି ଅପରାଜିତ ରହିଛନ୍ତି। ପ୍ରଥମ ଟେଷ୍ଟରେ ଦମ୍‌ଦାର ପ୍ରଦର୍ଶନ କରିଥିବା ତାରକା ଓପନର ଉସ୍‌ମାନ ଖ୍ୱାଜା ୩ ଓ ପିଟର ସିଡଲ ୪ ରନ କରି ମହମ୍ମଦ ଆବାସଙ୍କ ଦ୍ୱାରା ଆଉଟ ହୋଇ ପ୍ୟାଭିଲିୟନ ଫେରିଛନ୍ତି।

ପାକିସ୍ତାନ ପକ୍ଷରୁ ଜମାନ ଓ ସର୍ଫରାଜ ୯୪ ରନର ପାଳି ଖେଳି ଆଉଟ ହେବା ସହ ଶତକ ହାସଲରୁ ବଞ୍ଚିତ ହୋଇଥିଲେ। ପାକିସ୍ତାନ ମିଡଲ ଅର୍ଡରର ବିପର୍ଯ୍ୟୟ ଘଟିଥିଲା। ତେବେ ଟେଲଏଣ୍ଡରମାନେ ଲଢୁଆ ପ୍ରଦର୍ଶନ କରିଥିଲେ। ୟାସିର ଶାହ ୨୮, ଅଖାର ଅଲୀ ୧୫, ବିଲାଲ ଆସିଫ ୧୨, ଆବାସ ୧୦ ରନ କରି ଆଉଟ ହୋଇଥିବା ବେଳେ ମୀର ହମଜା ୪ ରନ କରି ଅପରାଜିତ ରହିଥିଲେ। ହାରିଶ ସୋହେଲ, ଆସାଦ ସାଫିକ ଓ ବାବର ଆଜମ ଖାତା ଖେଳିବା ପୂର୍ବରୁ ଆଉଟ ହୋଇଥିଲେ। ମହମ୍ମଦ ହାଫିଜ୍ ୪ ରନ କରି ପ୍ରଥମେ ଆଉଟ ହୋଇଥିଲେ। ବୋଲିଂରେ ଅଷ୍ଟ୍ରେଲିଆ ତରଫରୁ ଅଭିଜ୍ଞ ସ୍ପିନର ନାଥନ ଲିୟନ ସର୍ବାଧିକ ୪, ମାର୍ନସ ଲାବୁସଚାଗ୍ନେ ୩, ମିଚେଲ ଷ୍ଟାର୍କ ୨ ଓ ମିଚେଲ ମାର୍ଶ ଗୋଟିଏ ଉଇକେଟ ଅକ୍ତିଆର କରିଥିଲେ।

### ସଂକ୍ଷିପ୍ତ ସ୍କୋର

ପାକିସ୍ତାନ ପ୍ରଥମ ଇନିଂସ– ୮୧ ଓଭରରେ ୨୮୨ (ଜମାନ– ୯୪, ସର୍ଫରାଜ– ୯୪, ୟାସିର– ୨୮, ଲିୟନ– ୪/୭୮, ଲାବୁସଚାଗ୍ନେ– ୩/୪୫, ଷ୍ଟାର୍କ– ୨/୩୭)। ଅଷ୍ଟ୍ରେଲିଆ ପ୍ରଥମ ଇନିଂସ: ୭ ଓଭରରେ ୨୦/୨ (ଫିଞ୍ଚ୍– ୧୩*, ଆବାସ– ୨/୯)।

# ଦ୍ୱିତୀୟ ରାଉଣ୍ଡରେ ସାଇନା, ସିନ୍ଧୁଙ୍କ ବିଦାୟ

**ଓଡେନସେ (ଡେନମାର୍କ), ୧୬।୧୦(ପି.ଟି.)**

ଏଠାରେ ଅନୁଷ୍ଠିତ ଡେନମାର୍କ ଓପନ୍ ବ୍ୟାଡ୍‌ମିଣ୍ଟନ ପ୍ରତିଯୋଗିତାର ପ୍ରଥମ ରାଉଣ୍ଡରେ ଭାରତୀୟ ସଟ୍‌ଲରଙ୍କୁ ମିଶ୍ରିତ ସଫଳତା ମିଳିଛି। ମହିଳା ସିଙ୍ଗଲ୍ସରେ ସାଇନା ନେହ୍ୱାଲ ଦ୍ୱିତୀୟ ରାଉଣ୍ଡରେ ପ୍ରବେଶ କରିଥିବାବେଳେ ପି.ଭି. ସିନ୍ଧୁ ପରାଜୟ ସହ ଅଭିଯାନ ଶେଷ କରିଛନ୍ତି। ସାଇନା ଏକ ସଂଘର୍ଷପୂର୍ଣ୍ଣ ମୁକାବିଲାରେ ୨୦–୨୨, ୨୧–୧୭, ୨୪–୨୨ ଗେମ୍‌ରେ ହଂକଂର ୟିଚେଉଙ୍ଗଙ୍କୁ ପରାସ୍ତ କରିଛନ୍ତି। ଏହି ମ୍ୟାଚ୍‌ର ପ୍ରଥମ ଗେମ୍‌କୁ ସାଇନା ହାରିଯାଇଥିଲେ ମଧ୍ୟ ପରବର୍ତ୍ତୀ ଦୁଇ ଗେମ୍‌କୁ ଜିତି ୨ୟ ରାଉଣ୍ଡରେ ସ୍ଥାନ ପକ୍କା କରିନେଇଛନ୍ତି। ଏହି ମ୍ୟାଚ୍‌ଟି ଜିତିବାକୁ ସାଇନାଙ୍କୁ ଏକ ଘଣ୍ଟା ୨୧ ମିନିଟ୍ ସମୟ ଲାଗିଥିଲା। ଅପରପକ୍ଷରେ ମଙ୍ଗଳବାର ଖେଳାଯାଇଥିବା ମହିଳା ସିଙ୍ଗଲ୍ସର ଅନ୍ୟ ଏକ ମ୍ୟାଚ୍‌ରେ କିନ୍ତୁ ୩ୟ ସିଡ୍ ସିନ୍ଧୁଙ୍କୁ ପରାଜୟର ସାମ୍ନା କରିବାକୁ ପଡ଼ିଛି। ସିନ୍ଧୁ ୫୬ ମିନିଟ୍ ଧରି ଲଢ଼େଇ

**ଡେନମାର୍କ ଓପନ୍**

କରିଥିଲେ ମଧ୍ୟ ୧୭–୨୧, ୨୧–୧୬, ୧୮–୨୧ ଗେମ୍‌ରେ ଆମେରିକାର ବେଇୱେନ ଝାଙ୍ଗଙ୍କ ନିକଟରୁ ହାରିଯାଇଛନ୍ତି। ଝାଙ୍ଗ୍ ଏଥିସହ ଲଗାତର ୩ୟଥର ପାଇଁ ସିନ୍ଧୁଙ୍କ ବିପକ୍ଷରେ ବିଜୟ ଲାଭ କରିଛନ୍ତି। ଶେଷଥର ପାଇଁ ଉଭୟ ଗତ ଫେବ୍ରୁୟାରୀରେ ଇଣ୍ଡିଆନ୍ ଓପନ୍‌ରେ ପରସ୍ପରକୁ ଭେଟିଥିଲେ।

# ଭାରତ–ଚାଇନା ଚେସ୍ ସମ୍ମିଳନୀ ଆରମ୍ଭ



ଭାରତ–ଚାଇନା ଚେସ୍ ସମ୍ମିଳନୀରେ ଭାଗ ନେଇଥିବା ଖେଳାଳିମାନେ ଅତିଥିଙ୍କ ସହ।

**ଭୁବନେଶ୍ୱର, ୧୬।୧୦(କ୍ରୀଡ଼ା ପ୍ରତିନିଧି)**

ଭାରତ–ଚାଇନା ଚେସ୍ ସମ୍ମିଳନୀର ତୃତୀୟ ସଂସ୍କରଣ ମଙ୍ଗଳବାର କିଟ୍ ବିଶ୍ୱବିଦ୍ୟାଳୟର ଚେସ୍ ହଲ୍‌ରେ ଆରମ୍ଭ ହୋଇଛି। ୧୦ ଲକ୍ଷ ଟଙ୍କା ପୁରସ୍କାର ରାଶି ବିଶିଷ୍ଟ ଏହି ପ୍ରତିଯୋଗିତାରେ ଉଭୟ ଭାରତ ଓ ଚାଇନାର ଶୀର୍ଷସ୍ଥାନୀୟ ୪ ଜଣ ଲେଖାଏ ଗ୍ରାଣ୍ଡମାଷ୍ଟର ଅଂଗ୍ରହଣ କରିଛନ୍ତି। ସେମାନେ ହେଲେ ଭାରତୀୟ ଗ୍ରାଣ୍ଡମାଷ୍ଟର ଆର୍ଯ୍ୟନ ଚୋପ୍ରା(୨୫୪୧ ରେଟିଂ), ଶ୍ରୀନାଥ ନାରାୟଣ (୨୫୬୫), ଅରବିନ୍ଦ ଚିଦାମ୍ବରମ (୨୫୭୮) ଓ ମୁରଲୀ କାର୍ତ୍ତିକେୟନ (୨୬୦୫) ଏବଂ ଚାଇନାର ଲୁ ଶାଙ୍ଗଲେଇ (୨୬୩୫), ଜୁ ଜିଆଙ୍ଗୟୁ (୨୫୮୬), ବାଇ ଜିନ୍‌ଶି (୨୫୫୬) ଓ ଜୁ ୟିନ୍‌ଗ୍ଲୁନ୍ (୨୫୩୩)। ଓଡ଼ିଶା ସ୍ପୋର୍ଟ୍ସ ଜର୍ନାଲିଷ୍ଟ ଆସୋସିଏଶନ(ଓସ୍‌ଜା) ସମ୍ପାଦକ ସନାତନ ପାଣୀ ମୁଖ୍ୟ ଅତିଥିଭାବେ ଯୋଗଦେଇ ପ୍ରତିଯୋଗିତାକୁ ଉଦ୍‌ଘାଟନ କରିଥିଲେ। କିଟ୍ ଓ କିସ୍‌ର କ୍ରୀଡ଼ା ନିର୍ଦ୍ଦେଶକ ଡ. ଗଗନେନ୍ଦୁ ଦାଶ, ଅଲ୍‌ଓଡ଼ିଶା ଚେସ୍ ଆସୋସିଏଶନ ସଭାପତି ଅନ୍ତର୍ଜାତୀୟ ମାଷ୍ଟର ଶେଖର ଚନ୍ଦ୍ର ସାହୁ, ଉପସଭାପତି ରଞ୍ଜନ ମହାନ୍ତି, ସମ୍ପାଦକ କୃଷ୍ଣ କୁମାର ଶର୍ମା ପ୍ରମୁଖ ଉପସ୍ଥିତ ଥିଲେ। କିଟ୍ ଓ କିସ୍‌ର ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତ ଖେଳାଳିମାନଙ୍କୁ ସ୍ୱାଗତ କରିବା ସହ ଟୁର୍ନାମେଣ୍ଟରେ ଭଲ ପ୍ରଦର୍ଶନ ପାଇଁ ଶୁଭେଚ୍ଛା ଜଣାଇଥିଲେ।

# ଦୀପକଙ୍କ ଶତକ: ଭାରତ ବିଜୟୀ




ମ୍ୟାନ୍ ଅଫ୍ ଦି ମ୍ୟାଚ୍ ଦୀପକ ମଲିକ ।

**ଭୁବନେଶ୍ୱର, ୧୬।୧୦(କ୍ରୀଡ଼ା ପ୍ରତିନିଧି)**

**ଦୃଷ୍ଟିହୀନ ଟି୨୦ କ୍ରିକେଟ ସିରିଜ**

ମୁମ୍ବାଇରେ ମଙ୍ଗଳବାର ଅନୁଷ୍ଠିତ ଦୃଷ୍ଟିହୀନ ଟି୨୦ କ୍ରିକେଟ ସିରିଜର ଦ୍ୱିତୀୟ ମ୍ୟାଚରେ ଭାରତ ୩୪ ରନରେ ଶ୍ରୀଲଙ୍କାକୁ ପରାସ୍ତ କରିଛି। ଏଥିସହିତ ଭାରତ ୨–୦ରେ ସିରିଜ ଅଗ୍ରଣୀଲାଭ କରିଛି। ଦୀପକ ମଲିକଙ୍କ ଶତକ ସହାୟତାରେ ଭାରତ ୨୦ ଓଭରରେ ୨ ଉଇକେଟ ହରାଇ ୨୩୬ ରନ କରିଥିବାବେଳେ ଶ୍ରୀଲଙ୍କା ୨୦ ଓଭରରେ ୯ ଉଇକେଟ ହରାଇ ୨୦୨ ରନ କରିବାକୁ ସକ୍ଷମ ହୋଇଥିଲା। ଦୀପକ ମ୍ୟାନ ଅଫ ଦି ମ୍ୟାଚ ବିବେଚିତ ହୋଇଥିଲେ। **ସଂକ୍ଷିପ୍ତ ସ୍କୋର:** ଭାରତ ୨୦ ଓଭରରେ ୨୩୬/୬(ଦୀପକ–୧୦୬*, ସୁନୀଲ ରମେଶ–୬୬, ଆର.ଭେଙ୍କଟେଶ୍ୱର–୪୭)। ଶ୍ରୀଲଙ୍କା ୨୦ ଓଭରରେ ୨୦୨/୯(କେ.ସିଲ୍‌ଭା–୬୦, ଅଜୟ ରେଡ୍ଡୀ–୨/୧୮, ସୁନୀଲ ରମେଶ–୨/୨୦)।


**JAWAHAR NAVODAYA VIDYALAYA, KHATIGUDA, DIST-NABARANGPUR (ODISHA)**

**WALK-IN-INTERVIEW FOR APPOINTMENT OF TEACHER ON CONTRACT BASIS DT. 16.10.2018**

Jawahar Navodaya Vidyalaya, Khatiguda, Dist-Nabarangpur Odisha (residential co-educational Vidyalaya) invites eligible candidates to attend the Walk-in-interview for appointment of 01 (one) Post of PGT (Mathematics) purely on contract basis for the academic session 2018-19 scheduled to be conducted in the Jawahar Navodaya Vidyalaya, Khatiguda on 5th November, 2018 at 10.00 A.M.

**REMUNERATION OFFERED:** Rs. 27500/- P.M.

**UPPER AGE LIMIT:** 60 YEARS AS ON 30.09.2017.

**ELIGIBILITY CRITERIA:** Two years Integrated Post Graduate M.Sc. Course from Regional College of Education of NCERT in the subject of Mathematics with at least 50% marks in aggregate.

OR

Master's Degree from a recognized University with at least 50% marks in agreegate in the subject of Mathematics and (a) B.Ed. or equivalent qualification from a recognized University (b) Proficiency in Teaching in Hindi and English.

The candidates are advised to bring one set self attested testimonials alongwith original in support of his/her age, qualification, experience, scholastic/non-scholastic achievements etc., one passport size photographs. No travelling expenses will be paid to candidate for appearing before the Appointment Committee. Please not that, attending the walk-in-interview does not confer any right to the candidate for appointment.

**Sd./- Principal**
**J.N.V., Khatiguda, Dist-Nabarangpur**

**ROURKELA SMART CITY LTD**
**Udit Nagar, Rourkela - 769012, Odisha**
**Notice No. 604/ 2018** **Dt.15.10.2018**

**Tender Quotation Call Notice**

Chief Executive Officer, Rourkela Smart City Ltd. (RSCL) invites sealed tenders from reputed Companies / OEMs/Authorized Dealer / Contractor having HT / MV license for supply, installation and commissioning of 125 KVA D.G. set of reputed Brand like Kirloskar / Mahindra or equivalent make. The details of BOQ and other terms & conditions are available at RMC website i.e. **www.rmc.nic.in**. The last date of receipt of tender is **27th October 2018**.

**Sd./- Chief Executive Officer, RSCL**

618-A
**GOVT. OF ODISHA**
**OFFICE OF THE EXECUTIVE ENGINEER**
**MAHANADI BARRAGE DIVISION, CUTTACK**
Phone No. 0671–2440118, Email– eembarragedivnctc@gmail.com

**'e'-Procurement Notice No.EEMBD-10/2018-19**

1. Name of work : "Improvement to Road on left bank of PLBC from RD7.00km. to 7.35km. under MCII Project for the year 2019-20".
2. Total No. of works : 08 (Eight) Nos. of works.
3. Estimated Cost : Varies from Rs.9.41 lakhs to Rs.39.64 lakhs
4. Mode of Payment of EMD (Bid Security) & Bid Cost : The bidder shall transfer the required amount of EMD (Bid Security) and cost of Bid by online through electronic payment as per Govt. of Odisha WDOM No.17254/W dtd.05.12.2017 as mentioned in DTCN.
5. Period of completion : 06 (six) Calendar Month.
6. Other details as follows :
(i) Procurement Officer : Executive Engineer, Mahanadi Barrage Division, Cuttack.
(ii) Availability of Tender online for Bidding : 25.10.2018 from 10.00 AM to 05.11.2018 upto 5.00 PM
(iii) Date & time of opening of Bid through Online : On 06.11.2018 at 11.00 AM in the Office of the Executive Engineer, Mahanadi Barrage Division, Cuttack.
(iv) Date of Transparent Lottery to be Conducted (if required) : On 12.11.2018 at 11.00 AM in the office Chamber of the Executive Engineer, Mahanadi Barrage Division, Cuttack.

Further details can be seen from the Govt. website www.tendersodisha.gov.in.

32165/11/0008/1819 *Sd./- Executive Engineer, Mahanadi Barrage Division, Cuttack*

**GOVERNMENT OF ORISSA, DEPARTMENT OF WATER RESOURCES**
**Office of the Executive Engineer, Balasore Minor Irrigation Division**
**'e' Procurement Notice No.M.I-E-08/18-19 dated: 12.10.2018 (Online)** 616-A
www.mibalasore@yahoo.co.in, 06782-262146

1. Name of the work : Improvement to Minor Irrigation Projects at different Places of Balasore District.
2. No. of Works : 4 Nos .
3. Estimated Cost : Varies from Rs.80.11 Lakhs to Rs.88.49 lakhs (approximately)
4. Class of Contractor : "A" & "B" Class.
5. Period of Completion : 03 (Three) Calendar months (90 days)
6. Other details are as follows:-

| Bid inviting authority | Bid Identification No. | No. of Works | Availability of tender online for bidding | | Last date of receipt of original Affidavit towards authenticity of the documents | Date & time of opening of tender | Date & Time of Transparent Lottery if necessary |
|---|---|---|---|---|---|---|---|
| | | | From | To | | | |
| Executive Engineer, M.I Division, Balasore | M.I-E-08/ 2018-19 | 04 Nos. | 29.10.2018 at 11.00AM | 09.11.2018 upto 5.00PM | 13.11.2018 upto 5.00 PM in the box located at M.I Division Office, Balasore. | 14.11.2018 at 11.00AM | 22.11.2018 at 11.00 AM |

Further details can be seen from the Govt. website www.tendersodisha.gov.in

32014/11/0017/1819 *Sd./- Executive Engineer, Minor Irrigation Division, Balasore*

0602-A
**GOVT. OF ODISHA**
**OFFICE OF THE ENGINEER-IN-CHIEF, WATER RESOURCES, ODISHA, BHUBANESWAR**
**'e' Procurement Notice No.CELMB 48 OF 2018-19**

1. Name of the work : Construction of bridge over Gobkund cut at its off taking point near village Gobkund under NABARD Assistance RIDF-XXIV.
2. Amount put to Tender : Rs.17,11,40,552.00
3. Bid Document Cost : Rs.10, 000.00 (online)
4. E.M.D. : Rs.17,11,500.00 (online)
5. Class of Contractor : Super Class
6. Period of Completion : 24 calendar months (730 Days)
7. Other details are as follows.

| Procurement Officer | Bid Identification No. | Availability of Tender Online for bidding | | Date of Opening of Technical Bid (Cover-I) |
|---|---|---|---|---|
| | | From | To | |
| Chief Engineer FC & Basin Manager, LMB, Bhubaneswar | CELMB PID 01 OF 2018-19 | 20.10.2018 10.00hrs | 09.11.2018 17.00hrs | 12.11.2018 11.00hrs |

8. e-mail Id : celmbbbsr@yahoo.co.in

Further detail conditions can be seen from the Govt. website www.tendersorissa.gov.in

32252/11/0061/1819 *Sd./- Chief Engineer FC & Basin Manager, Lower Mahanadi Basin*




# ରେସ୍ ୱାକ୍‌ରେ ପନୱାରଙ୍କୁ ରୌପ୍ୟ

ବୁଏନ୍ସ ଏୟାର୍ସ,୧୬।୧୦ (ପି.ଟି.)

ସୂରଜ ପନୱାର ଚଳିତ ୟୁଥ ଅଲିମ୍ପିକ୍ସର ୫,୦୦୦ ମିଟର ରେସ୍ ୱାକ୍ ଇଭେଣ୍ଟରେ ରୌପ୍ୟ ପଦକ ଜିତି ଆଥ୍‌ଲେଟିକ୍ସରେ ଭାରତର ପଦକ ଖାତା ଖୋଲିଛନ୍ତି। ପନୱାର ୨ୟ ପର୍ଯ୍ୟାୟରେ ୨୦ ମିନିଟ୍ ୩୫.୮୭ ସେକେଣ୍ଡ ଟାଇମିଂ ହାସଲ କରି ମୋଟ ଉପରେ ୨ୟ ସ୍ଥାନ ଅଧିକାର କରିଥିଲେ। ନୂତନ ଫର୍ମାଟରେ ଟ୍ରାକ ଓ ଫିଲ୍ଡ ଇଭେଣ୍ଟରେ ଫାଇନାଲ ଖେଳାଯାଏ ନାହିଁ। ଏହା ପରିବର୍ତ୍ତେ ପ୍ରତ୍ୟେକ ଇଭେଣ୍ଟକୁ ଦୁଇ ଥର ଅନୁଷ୍ଠିତ କରାଯାଉଛି। ଉଭୟ ରେସ୍‌ର ଫଳାଫଳକୁ ନେଇ ପଦକ ତାଲିକା ଧାର୍ଯ୍ୟ କରାଯାଉଛି। ୧୭ବର୍ଷୀୟ ପନୱାର ପ୍ରଥମ ରେସ୍‌କୁ ୨୦ ମିନିଟ ୨୩.୩୦ ସେକେଣ୍ଡ ଟାଇମିଂରେ ଶେଷକରି ୨ୟ ସ୍ଥାନରେ ରହିଥିଲେ। ସେ ଉଭୟ ରେସ୍‌କୁ ଶେଷ କରିବା ପାଇଁ ମୋଟ ୪୦.୫୯.୧୭ ସେକେଣ୍ଡ ଟାଇମ ନେଇଥିଲେ। ଚଳିତ ପ୍ରତିଯୋଗିତାର ଫିଲ୍ଡ ଓ ଟ୍ରାକ ଇଭେଣ୍ଟରେ ଏହା ପ୍ରଥମ ଏବଂ ମୋଟ ଉପରେ ୩ୟ ପଦକ। ଏଥିପୂର୍ବରୁ ୨୦୧୦ ସଂସ୍କରଣରେ ପୁରୁଷ (ଡିସ୍‌କସ୍ ଥ୍ରୋ) ଓ ଦୁର୍ଗେଶ କୁମାର (ପୁରୁଷ ୪୦୦ ମି. ବାଧାଦୌଡ଼) ରୌପ୍ୟ ପଦକ ଜିତିଥିଲେ। ୫୦୦୦ ୱାକ ଇଭେଣ୍ଟରେ ଇକ୍ୱାଡର ୱାକର ପାଟିନ ଓସ୍କାର ସ୍ୱର୍ଣ୍ଣ ପଦକ ଜିତିଛନ୍ତି। ସେ ଉଭୟ ରେସ୍‌କୁ ୪୦:୫୧.୮୬ ସେକେଣ୍ଡରେ ଶେଷ କରିଥିଲେ। ଇଭେଣ୍ଟରେ ରିକୋର ଜାନ ମୋରେଉ ୩ୟ ସ୍ଥାନରେ ରହି ବ୍ରୋଞ୍ଜ ପଦକ ଜିତିଛନ୍ତି।


ପଦକ ସହ ସୂରଜ ପନୱାର।

# ଉମେଶଙ୍କ ପ୍ରତ୍ୟାବର୍ତ୍ତନ

ନୂଆଦିଲ୍ଲୀ,୧୬।୧୦(ପି.ଟି.)

ଦ୍ରୁତ ବୋଲର ଉମେଶ ଯାଦବ ଦିନିକିଆ ଦଳକୁ ପ୍ରତ୍ୟାବର୍ତ୍ତନ କରିଛନ୍ତି। ୱେଷ୍ଟଇଣ୍ଡିଜ୍ ବିପକ୍ଷ ଦ୍ୱିତୀୟ ତଥା ଅନ୍ତିମ ଟେଷ୍ଟ ମ୍ୟାଚ୍‌ରେ ୧୦ ଉଇକେଟ ସଫଳତା ପାଇବା ପରେ ତାଙ୍କୁ ଦିନିକିଆ ଦଳରେ ସ୍ଥାନ ମିଳିଛି। ଆହତ ହୋଇଥିବା ଦ୍ରୁତ ବୋଲର ଶାର୍ଦ୍ଦୁଳ ଠାକୁରଙ୍କ ବଦଳରେ ତାଙ୍କୁ ଏହି ସୁଯୋଗ ମିଳିଛି। ଆଗକୁ ଖେଳାଯିବାକୁ ଥିବା ୫ ମ୍ୟାଚ ବିଶିଷ୍ଟ ଦିନିକିଆ ସିରିଜର ପ୍ରଥମ ଦୁଇଟି ମ୍ୟାଚ୍ ପାଇଁ ଚୟନକର୍ତ୍ତାମାନେ ଦଳ ଘୋଷଣା କରିଥିଲେ। ତେବେ ଆହତ ହେବାରୁ ଠାକୁର ପୂରା ସିରିଜରୁ ବାଦ ପଡିଛନ୍ତି।

ହାଇଦ୍ରାବାଦରେ ଅନୁଷ୍ଠିତ ଦ୍ୱିତୀୟ ଟେଷ୍ଟ ମ୍ୟାଚ୍‌ରେ ଠାକୁର ପଦାର୍ପଣ କରିଥିଲେ ମଧ୍ୟ ଏହା ତାଙ୍କ ପାଇଁ ଏକ ଦୁଃସ୍ୱପ୍ନ ସାବ୍ୟସ୍ତ ହୋଇଥିଲା। ମାତ୍ର ୧୦ଟି ବଲ ପକାଇବା ପରେ ସେ ଗ୍ରୋନ୍ ଇଞ୍ଜୁରୀର ଶିକାର ହୋଇଥିଲେ। ଫଳରେ ଟେଷ୍ଟରେ ପଦାର୍ପଣ କରିବା ପୂର୍ବରୁ ସେ ସମ୍ପୂର୍ଣ୍ଣ ଫିଟ୍ ନ ଥିଲେ ବୋଲି କୁହାଯାଉଛି।

ହାଇଦ୍ରାବାଦ ଟେଷ୍ଟରେ ଉମେଶ ପ୍ରଥମ ଇନିଂସରେ ୮୮ ରନ ବିନିମୟରେ ୬ ଓ ଦ୍ୱିତୀୟ ଇନିଂସରେ ୪୫ ରନ ବିନିମୟରେ ୪ ଉଇକେଟ ଅକ୍ତିଆର କରିଥିଲେ। ଏପର୍ଯ୍ୟନ୍ତ ସେ ୭୩ଟି ଦିନିକିଆ ଖେଳି ୧୦୫ଟି ଉଇକେଟ ହାସଲ କରିଛନ୍ତି। ଶେଷଥର ପାଇଁ ସେ ଲର୍ଡ୍ସରେ ଗତ ଜୁଲାଇରେ ଇଂଲଣ୍ଡ ବିପକ୍ଷରେ ଦିନିକିଆ ଖେଳିଥିଲେ।

## ଭାରତୀୟ ଦଳ

### ପ୍ରଥମ ଦୁଇଟି ଦିନିକିଆ

ବିରାଟ କୋହଲି (ଅଧିନାୟକ), ରୋହିତ ଶର୍ମା (ଉପଅଧିନାୟକ), ଶିଖର ଧାୱନ, ଲୋକେଶ ରାହୁଲ, ଅମ୍ବାତି ରାୟୁଡୁ, ମନୀଷ ପାଣ୍ଡେ, ମହେନ୍ଦ୍ର ସିଂ ଧୋନୀ (ଉଇକେଟକିପର), ରିଷଭ ପନ୍ତ, ରବୀନ୍ଦ୍ର ଜାଡେଜା, ଯୁଜବେନ୍ଦ୍ର ଚହଲ, କୁଲଦୀପ ଯାଦବ, ମହମ୍ମଦ ସାମି, ଖଲିଲ ଅହମ୍ମଦ ଓ ଉମେଶ ଯାଦବ।


କୋଚ୍ ରବି ଶାସ୍ତ୍ରୀଙ୍କ ସହ ଉମେଶ ଯାଦବ।

# ୮ ଫୁଟର ହକି ବିଶ୍ୱକପ୍ ଟ୍ରଫି ପ୍ରତିକୃତି ଉନ୍ମୋଚିତ




ହକି ବିଶ୍ୱକପ୍ ଆରମ୍ଭ ହେବାକୁ ଆଉ ମାତ୍ର କେତେ ସପ୍ତାହ ବାକିଥିବା ବେଳେ ରାଜଧାନୀ ଭୁବନେଶ୍ୱରରେ ହକିକୁ ନେଇ କ୍ରେଜ୍ ବଢିବାରେ ଲାଗିଛି। ମଙ୍ଗଳବାର ସ୍ଥାନୀୟ ୟୁନିଟ-୨ ମାର୍କେଟ ବିଲ୍ଡିଂରେ ୮ ଫୁଟ ଉଚ୍ଚତା ବିଶିଷ୍ଟ ଏକ ବିଶ୍ୱକପ୍ ଟ୍ରଫି ଉନ୍ମୋଚିତ ହୋଇଛି। ଭୁବନେଶ୍ୱର ମେୟର ଅନନ୍ତ ନାରାୟଣ ଜେନା ଏହି ବିଶାଳକାୟ ଟ୍ରଫିକୁ ଉନ୍ମୋଚିତ କରିଥିଲେ। ବିଶ୍ୱକପ୍ ଆରମ୍ଭ ହେବା ପର୍ଯ୍ୟନ୍ତ ଅର୍ଥାତ୍ ନଭେମ୍ବର ୨୮ ତାରିଖ ପର୍ଯ୍ୟନ୍ତ ପ୍ରଶଂସକମାନେ ଏହି ଟ୍ରଫିକୁ ପାଖରୁ ଦେଖିବାର ସୁଯୋଗ ହାସଲ କରିବେ।

ଏହାକୁ ବାଦ୍ ଦେଲେ ବିଶ୍ୱକପ୍‌ର ଆହୁରି ୬ଟି ଛୋଟ ପ୍ରତିକୃତି ସହରର ବିଭିନ୍ନ ଭାଗରେ ରଖାଯାଇଛି। ବିଶ୍ୱକପ୍ ନଭେମ୍ବର ୨୮ରୁ ଆରମ୍ଭ ହୋଇ ଡିସେମ୍ବର ୧୬ ତାରିଖରେ ଶେଷ ହେବ। କଳିଙ୍ଗ ଷ୍ଟାଡିୟମ ଭିତରେ ନିର୍ମାଣ କରାଯାଇଥିବା ଫ୍ୟାନ ଭିଲେଜରେ ଏହି ବିଶାଳକାୟ ଟ୍ରଫିକୁ ରଖାଯିବ। ତେବେ ସେ ପର୍ଯ୍ୟନ୍ତ ପ୍ରଶଂସକମାନେ ମାର୍କେଟ ବିଲ୍ଡିଂରେ ଏହାକୁ ପାଖରୁ ଦେଖିବା ସହ ଫଟୋ ଉଠାଇ ସେଲ୍‌ଫି ନେଇପାରିବେ। ପ୍ରଶଂସକ ତଥା ସର୍ବସାଧାରଣଙ୍କ ଦର୍ଶନ ନିମନ୍ତେ ଏହି ଟ୍ରଫି ଉନ୍ମୋଚନ କରି ମୁଁ ବେଶ୍ ଖୁସି ବୋଲି ଅନନ୍ତ କହିଛନ୍ତି। ଏଥିପାଇଁ ସେ ଭୁବନେଶ୍ୱର ମ୍ୟୁନିସିପାଲ କର୍ପୋରେଶନ (ବିଏମ୍‌ସି), ମାର୍କେଟ ବିଲ୍ଡିଂ ଆସୋସିଏଶନ ଓ ରାଜ୍ୟ କ୍ରୀଡ଼ା ବିଭାଗକୁ କୁ ଧନ୍ୟବାଦ ଜଣାଇଛନ୍ତି। ଭାରତ ପ୍ରକୃତ ଟ୍ରଫି ଜିତିବ ବୋଲି ଓ ଏହାକୁ ଆମେ ଦେଶର ରଖିବୁ ବୋଲି ସେ ଆଶା ପ୍ରକାଶ କରିଛନ୍ତି।

ହକି ବିଶ୍ୱକପ୍‌ର ସଫଳ ଆୟୋଜନ ପାଇଁ ଓଡ଼ିଶା ସରକାର ସବୁମତେ ଚେଷ୍ଟିତ ରହିଛନ୍ତି। ଏଥିପାଇଁ ବିଶ୍ୱସ୍ତରୀୟ ଆନୁଷଙ୍ଗିକ ସୁବିଧାସୁଯୋଗ ଯୋଗାଇଦେବାକୁ ସରକାର ପ୍ରତିଶ୍ରୁତି ବଦ୍ଧ ରହିଛନ୍ତି।







# ପଲିପ୍ରପ୍ଲିନ ପ୍ରକଳ୍ପରେ ଅଗ୍ନିକାଣ୍ଡ ଚର୍ଚ୍ଚା

**ତୈଳ ବିଶୋଧନାଗାର**

- ଛୋଟ ଧରଣର ଦୁର୍ଘଟଣା ବୋଲି କହିଲେ ଅଧିକାରୀ
- ୪୦ ମିନିଟ୍ ଧରି ନିଆଁ ଜଳିଥିବା ଶ୍ରମିକଙ୍କ ସୂଚନା

ପାରାଦୀପ,୧୬।୧୦(ସ୍ୱ.ପ୍ର.)

ପାରାଦୀପ ତୈଳ ବିଶୋଧନାଗାର ପରିସର ନୂତନ ପ୍ରକଳ୍ପ ପଲିପ୍ରପ୍ଲିନ ଅଞ୍ଚଳରେ ମଙ୍ଗଳବାର ସନ୍ଧ୍ୟାରେ ଅଗ୍ନିକାଣ୍ଡ ଘଟିଥିବା ଚର୍ଚ୍ଚା ହେଉଛି। ଦମକଳ ଗାଡି ସେଠାକୁ ଯାଇଥିବାବେଳେ ନିର୍ବାହୀ ନିର୍ଦ୍ଦେଶକ ଘଟଣାସ୍ଥଳକୁ ଯାଇଥିବାରୁ ଘଟଣାରେ ସତ୍ୟତା ଥିବା ସୂଚନା ମିଳିଛି। ଉକ୍ତ ଘଟଣାକୁ ବିଶୋଧନାଗାର କର୍ତ୍ତୃପକ୍ଷ ଛୋଟଧରଣ କହିବା ସହ ସ୍ୱାଭାବିକ ବୋଲି ଦର୍ଶାଇଛନ୍ତି। ସୂଚନା ମୁତାବକ ସନ୍ଧ୍ୟାରେ ଅଗ୍ନିକାଣ୍ଡ ହେବା ପରେ ଘଟଣାସ୍ଥଳକୁ ଏକାଧିକ ଦମକଳ ଗାଡି ଯାଇଥିଲା। ଏପରିକି ସେଠାରେ କାମ କରୁଥିବା ଶ୍ରମିକମାନଙ୍କୁ ବାହାର କରିଦିଆଯାଇଥିଲା। ନିଆଁ ଆୟତ୍ତ ହେବା ପରେ ନିର୍ବାହୀ ନିର୍ଦ୍ଦେଶକ ଜିଏସ୍ ସିଂ ଘଟଣାସ୍ଥଳକୁ ଯାଇ ଅନୁଧ୍ୟାନ କରିଥିଲେ। ସୂଚନାଯୋଗ୍ୟ, ୨୦୧୬ ଫେବୃୟାରୀ ୨ରେ ଏଭଳି ଏକ ଅଗ୍ନିକାଣ୍ଡ ଘଟିଥିଲା। ସେତେବେଳ ଅଗ୍ନିକାଣ୍ଡର ଫଟୋ ଓ ଭିଡ଼ିଓ ସ୍ଥାନୀୟ ଶ୍ରମିକ ଓ କର୍ମଚାରୀଙ୍କ ଜରିଆରେ ବାହାରକୁ ଆସିଯାଇଥିଲା। ପ୍ରଧାନମନ୍ତ୍ରୀଙ୍କ ଗସ୍ତ ପୂର୍ବରୁ ତାହା ଘଟିଥିବାରୁ ବିଶୋଧନାଗାର କର୍ତ୍ତୃପକ୍ଷ ଅଡୁଆରେ ପଡିଥିଲେ। ସେବେଠାରୁ ବିଶୋଧନାଗାର ପରିସରକୁ ମୋବାଇଲ ଫୋନ୍ ନିଷେଧ କରାଯାଇଛି। ଏବେ ଯାହା କିଛି ଦୁର୍ଘଟଣା ଘଟିବ ବାହାରକୁ ଦୃଶ୍ୟମାନ ହେଲେ ଯାଇ ଜଣାପଡିବ। ମଙ୍ଗଳବାର ଅଗ୍ନିକାଣ୍ଡ ସମ୍ପର୍କରେ କମ୍ପାନୀର ମାନବ ସମ୍ବଳ ଅଧିକାରୀ ମଞ୍ଜୁ ସିଂ କହିଛନ୍ତି ଯେ ସେଭଳି କିଛି ଦୁର୍ଘଟଣା ଘଟିନାହିଁ। ନିର୍ମାଣାଧୀନ ପ୍ରକଳ୍ପରେ କ୍ଷଣିକ ପାଇଁ ସାମାନ୍ୟ ତ୍ରୁଟି ଦେଖାଯାଇଥିଲା। ଏହାକୁ ତୁରନ୍ତ ନିୟନ୍ତ୍ରଣ କରାଯାଇଥିଲା ବୋଲି ସେ କହିଛନ୍ତି। ଅନ୍ୟପକ୍ଷରେ ସେଠାରେ କାମ କରୁଥିବା ଜଣେ ଶ୍ରମିକ କହିଛନ୍ତି ଯେ ପ୍ରାୟ ୪୦ ମିନିଟ୍ ପର୍ଯ୍ୟନ୍ତ ନିଆଁ ଜଳିଥିଲା।











3-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ-ତଥାଗତ ସତପଥୀ




■ ଭୋଟର ତାଲିକା ସଂଶୋଧନ ଅଗ୍ରଗତି ନୈରାଶ୍ୟଜନକ

# ଆଗେଇ ପାରୁନି ଏନ୍‌ଭିଏସ୍‌ପି ପଞ୍ଜୀକରଣ

**ସମୀକ୍ଷା ବୈଠକରେ ଅସନ୍ତୋଷ ପ୍ରକାଶ କଲେ ଜିଲାପାଳ**



**ଯାଜପୁର ଅଫିସ,୧୬।୧୦**
ଭୋଟର ତାଲିକା ସଂଶୋଧନ କାର୍ଯ୍ୟକ୍ରମ ସନ୍ତୋଷଜନକ ହୋଇପାରି ନାହିଁ । ଦାୟିତ୍ୱ ନେଇଥିବା ଭେଣ୍ଡର କାର୍ଯ୍ୟରେ ଶିଥିଳତା ପ୍ରକାଶ କରୁଥିବାରୁ ଜିଲାପାଳ ଅସନ୍ତୋଷ ପ୍ରକାଶ କରିବା ସହ ଅଧିକ ମାନବସମ୍ବଳ ଉପଯୋଗ କରି ଯଥାଶୀଘ୍ର ଏହି ତାଲିକାକୁ ପୂର୍ଣ୍ଣାଙ୍ଗ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ମଙ୍ଗଳବାର ଜିଲାପାଳଙ୍କ ଆବାସିକ କାର୍ଯ୍ୟାଳୟଠାରେ ଜିଲାପାଳ ରଞ୍ଜନ କୁମାର ଦାସଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଭୋଟର ତାଲିକା ସଂଶୋଧନର ସ୍ୱତନ୍ତ୍ର କାର୍ଯ୍ୟକ୍ରମର ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଥିଲା। ସେପ୍ଟେମ୍ବର ପହିଲାରୁ ଆରମ୍ଭ ହୋଇଥିବା ଭୋଟର ତାଲିକାର ସଂଶୋଧନ କାର୍ଯ୍ୟକ୍ରମ ଅକ୍ଟୋବର ୩୧ ତାରିଖ ପର୍ଯ୍ୟନ୍ତ ଚାଲୁ ରହିବ । ଆସନ୍ତା ୨୮ ତାରିଖରେ ସ୍ୱତନ୍ତ୍ର ଅଭିଯାନ ଦିବସ ଭାବେ ପ୍ରତ୍ୟେକ ବୁଥରେ ସଂଶୋଧନ କାର୍ଯ୍ୟ ଜାରି ରହିବ। ୧୮ ବର୍ଷରୁ ଊର୍ଦ୍ଧ୍ୱ ପ୍ରତ୍ୟେକ ବ୍ୟକ୍ତି ଜଣେ ଜଣେ ସାବାଳକ ଓ ସେମାନଙ୍କ ନାମ ଭୋଟର ତାଲିକାରେ ରହିବା ଜରୁରୀ। କେବଳ ମତଦାନ ନୁହେଁ ସମସ୍ତ କାର୍ଯ୍ୟରେ ଭୋଟର ପରିଚୟ ପତ୍ରର ବ୍ୟାପକ ବ୍ୟବହାର ହେଉଥିବାରୁ ପ୍ରତ୍ୟେକ ଭୋଟର ନିଜର ନାମ ତାଲିକାକୁ ସାମିଲ କରିବାକୁ ଜିଲାପାଳ ଦାସ ଆହ୍ୱାନ ଦେଇଥିଲେ। ସେହିପରି ଯୋଗ, ବାଦ, ସଂଶୋଧନ ଓ ସ୍ଥାନାନ୍ତର ଫର୍ମଗୁଡିକୁ ପାଇବା ପରେ ତାହାର ଯାଞ୍ଚ କରି ତୁରନ୍ତ ସଂପୃକ୍ତ ଭେଣ୍ଡରଙ୍କୁ ପ୍ରଦାନ କରିବାକୁ ଜିଲାପାଳ ସମସ୍ତ ଏଇଆରଓମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଏଠାରେ ଉଲ୍ଲେଖଯୋଗ୍ୟ ଯେ, ଜିଲାର ଶତାଧିକ ସାବାଳକ ଭୋଟର ପରିଚୟ ପତ୍ର ପାଇବାରୁ ବଞ୍ଚିତ ରହିଛନ୍ତି। ଉପଯୁକ୍ତ ସର୍ଭେ ଏବଂ ଦାୟିତ୍ୱରେ ଥିବା କର୍ମଚାରୀଙ୍କ ଆନ୍ତରିକତା ଅଭାବରୁ ଏହି ମହତ କାର୍ଯ୍ୟ ସମ୍ପନ୍ନ ହୋଇ ପାରୁନାହିଁ। ନ୍ୟାଶନାଲ ଭୋଟର ସର୍ଭିସ ପୋର୍ଟାଲ(ଏନ୍‌ଭିଏସପି)ରେ ଅନ୍‌ଲାଇନ ପଞ୍ଜିକୃତ କରିବା ମାସେ ବିତିଯାଇଥିଲେ ବି ତାହାର ଅଗ୍ରଗତି ନୈରାଶ୍ୟଜନକ ରହିଛି। ଏହି ବୈଠକରେ ଅତିରିକ୍ତ ଜିଲାପାଳ ମିହିର ପ୍ରସାଦ ମହାନ୍ତି, ଉପଜିଲାପାଳ ନାରାୟଣଚନ୍ଦ୍ର ଧଳ, ନିର୍ବାଚନ ଡେପୁଟି କଲେକ୍ଟର କାଜଲ ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ।

# ଅବକାରୀ ବିଭାଗ ଚଢାଉ, ୨ ଅଭିଯୁକ୍ତ କୋର୍ଟ ଚାଲାଣ

**ରସୁଲପୁର,୧୬।୧୦(ଡି.ଏନ୍.ଏ.)**
ରସୁଲପୁର ବ୍ଲକ ଅଞ୍ଚଳର ନରସିଂହପୁର ଓ କଲଣ ପଞ୍ଚାୟତର ଦୁଇଟି ସ୍ଥାନରେ ମଙ୍ଗଳବାର ଯାଜପୁର ଓ ଧର୍ମଶାଳା ଅବକାରୀ ବିଭାଗ ପକ୍ଷରୁ ମିଳିତ ଭାବରେ ଚଢାଉ କରାଯାଇଥିଲା। ଚଢ଼ାଉବେଳେ ୪୦ଲିଟର ଦେଶୀ ଓ ବିଦେଶୀ ମଦ ଜବତ କରାଯିବା ସହ ଚୋରା ମଦ କାରବାରରେ ସମ୍ପୃକ୍ତ ୨ଜଣ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟ ଚାଲାଣ କରାଯାଇଛି। ପାର୍ବଣ ସମୟରେ ଗାଁ ଗଣ୍ଡାରେ ବେଆଇନ ମଦ ବ୍ୟବସାୟୀମାନେ ସକ୍ରୀୟ ହୋଇଛନ୍ତି। କେତେକ ସ୍ଥାନରେ ବେଆଇନ ମଦ କାରବାର ଚାଲିଥିବା ନେଇ ଅବକାରୀ ବିଭାଗ ନିକଟରେ ଖବର ମିଳିବା ପରେ ଅବକାରୀ ଆରକ୍ଷୀ ଅଧିକ୍ଷକ ରଜତ କୁମାର ପ୍ରହରାଜଙ୍କ ନିର୍ଦ୍ଦେଶକ୍ରମେ ୨ଟି ସ୍ଥାନରେ ଚଢ଼ାଉ କରାଯାଇଥିଲା। ନରସିଂହପୁର ପଞ୍ଚାୟତର କଚେରୀ ପଡିଆ ନିକଟସ୍ଥ ଚୋରା ମଦ ବ୍ୟବସାୟୀ ପ୍ରଦୀପ୍ତ ପୃଷ୍ଟିଙ୍କ ଘର ଉପରେ ଚଢାଉ କରି ୩୧.୫୦୦ଲିଟର ବିଅର ଓ ୩ଲିଟର ବିଦେଶୀ ମଦ ଜବତ କରିଥିଲେ । ପରେ କଲଣ ପଞ୍ଚାୟତର ନୂଆହାଟ ଗ୍ରାମର ପ୍ରତାପ ମଲିକଙ୍କ ଘର ଉପରେ ଚଢାଉ କରି ୬ଲିଟର ହାତରନ୍ଧା ମହୁଲୀ ମଦ ଜବତ କରିଥିଲେ। ଉଭୟ ବ୍ୟବସାୟୀଙ୍କୁ କୁ ଗିରଫ କରି କୋର୍ଟ ଚାଲାଣ କରାଯାଇଛି ।

# ବର୍ଷାଜଳରେ ପଡ଼ି ୪ ବର୍ଷର ଶିଶୁ ମୃତ

**ବିଞ୍ଝାରପୁର,୧୬।୧୦(ଡି.ଏନ.ଏ)**
ଜମି ରହିଥିବା ବର୍ଷାଜଳରେ ପଡ଼ି ଜଣେ ୪ ବର୍ଷର ଶିଶୁ ମୃତ୍ୟୁ ବରଣ କରିବା ସମଗ୍ର ବିଞ୍ଝାରପୁର ଅଞ୍ଚଳରେ ଶୋକର ଛାୟା ଖେଳି ଯାଇଛି। ପ୍ରକାଶ ଯେ, ସୁପର ସାଇକ୍ଲୋନ ତିତ୍‌ଲି ପ୍ରଭାବରେ ଲଗାଣ ବର୍ଷା ଯୋଗୁ ବିଞ୍ଝାରପୁର ଅଞ୍ଚଳରେ ଗଳିକନ୍ଦି ଜଳମୟ ହୋଇ ଥିଲା । କପିଳା ପଞ୍ଚାୟତ ମଙ୍ଗଳବାର ପୂର୍ବାହ୍ନରେ କପିଳା ଗ୍ରାମର ପ୍ରଦୀପ ମଲ୍ଲିକଙ୍କ ୪ବର୍ଷର ପୁତ୍ର କନ ମଲ୍ଲିକ(୪)ଘର ଅଗଣାରେ ଖେଳୁଥିବା ବେଳେ ନିକଟରେ ଜମି ରହିଥିବା ବର୍ଷାଜଳରେ ପଡି ଯାଇଥିଲା। ପରିବାର ଲୋକ ବହୁ ଖୋଜାଖୋଜି କରିବା ପରେ ଶେଷରେ ଜମି ରହିଥିବା ବର୍ଷାଜଳରେ ଶିଶୁପତ୍ରର ମୃତ ଦେହ ଠାବ କରିଥିଲେ। ଏହି ଘଟଣାପରେ ସମଗ୍ର କପିଳା ଅଞ୍ଚଳରେ ଶୋକର ଛାୟା ଖେଳି ଯାଇଛି । ଖବର ପାଇ ସ୍ଥାନୀୟ ତହସିଲଦାର ଘଟଣା ସ୍ଥଳରେ ପହଞ୍ଚି ଶୋକ ସନ୍ତପ୍ତ ପରିବାରକୁ ଆଶ୍ୱାସନା ସହ ସରକାରୀ ସହାୟତା ଦେବାକୁ ପ୍ରତିଶ୍ରୁତି ଦେଇଛନ୍ତି।






## ସଂକ୍ଷେପରେ

### ମଦ ଜବତ, ମହିଳା ଗିରଫ

**କଳିଙ୍ଗନଗର, ୧୬।୧୦(ଡି.ଏନ୍.ଏ.):** କଳିଙ୍ଗନଗର ଥାନା ପୋଲିସ ମଙ୍ଗଳବାର ଚଢ଼ଉ କରି ଚୋରା ଦେଶୀ ମଦ କାରବାରରେ ସମ୍ପୃକ୍ତଥିବା ଜଣେ ମହିଳାଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି । ଗିରଫ ମହିଳା ଜଣଙ୍କ ସ୍ଥାନୀୟ ଡୁବୁରି ହାଟର ଶରସ୍ୱତୀ ବେହେରା (୪୫)। ସୋମବାର ଚଢ଼ାଉବେଳେ ଶରସ୍ୱତୀଙ୍କ ଘରୁ ୧୨ଲିଟର ଦେଶୀ ମଦ ଜବତ କରାଯାଇଥିଲା। ହେଲେ ଶରସ୍ୱତି ପୋଲିସ କବଳରୁ ଖସି ଫେରାର ହୋଇଯାଇଥିଲେ। ମଙ୍ଗଳବାର ଘରେ ଥିବା ନେଇ ଖବର ପାଇ ଡୁବୁରି ପୋଲିସ ତାଙ୍କୁ ଗିରଫ କରିଥିଲା। ଏ ନେଇ ପୋଲିସ ଏକ ମାମଲା (୧୪୯/୧୮) ରଜୁ କରି କୋର୍ଟ ଚାଲାଣ କରିଛି ।

### ଚାହାଣି ପୁରସ୍କାର ଘୋଷଣା

**ଧର୍ମଶାଳା, ୧୬।୧୦(ଡି.ଏନ୍.ଏ.):** ଧର୍ମଶାଳା ଅଞ୍ଚଳରୁ ପ୍ରକାଶ ପ୍ରକାଶିତ ସାହିତ୍ୟ ପତ୍ରିକା ଚାହାଣି ପକ୍ଷରୁ ଚଳିତ ବର୍ଷର ଚାହାଣି ସାହିତ୍ୟ ପୁରସ୍କାର ୨୦୧୮ ଗୋକର୍ଣ୍ଣିକା ସାହିତ୍ୟ ସମାଜ ସଭାପତି ରମାକାନ୍ତ ଜେନାଙ୍କ ଓ ଚାହାଣୀ ସମ୍ମାନ ୨୦୧୮ ଯାଜପୁର ଜିଲା ଟିଭି ପ୍ରତିନିଧି ଗୁଲାମ ଗସଙ୍କୁ ପ୍ରଦାନ କରାଯିବ। ଏ ନେଇ ସମ୍ପାଦକ ଚନ୍ଦ୍ରକାନ୍ତ ମହାନ୍ତି ଏକ ପ୍ରେସ ବିଜ୍ଞପ୍ତିରେ ଜଣାଇଛନ୍ତି। ଆସନ୍ତା ୨୧ ତାରିଖରେ ଚାହାଣି ପୂଜାସଂଖ୍ୟା ଉନ୍ମୋଚନ ଉତ୍ସବ ଅବସରରେ କାଏମାସ୍ଥିତ ଲାଲବାହାଦୁର ହାଇସ୍କୁଲ ପରିସରରେ ଏହି ପୁରସ୍କାର ଓ ସମ୍ମାନ ପ୍ରଦାନ କରାଯିବ । ଏଥିରେ ଶ୍ରମିକନେତା ଓ ଗ୍ରନ୍ଥକାର ମାୟାଧର ନାୟକ ଉଦ୍‌ଘାଟକ, ସାହିତ୍ୟିକ ନୃସିଂହ ଷଡ଼ଙ୍ଗୀ ମୁଖ୍ୟଅତିଥି, ପ୍ରାବନ୍ଧିକ ମନୋରଞ୍ଜନ ମହାନ୍ତି ସମ୍ମାନିତ ଅତିଥି ଓ ମୁଖ୍ୟବକ୍ତା ଭାବେ ଅଧ୍ୟାପକ ଦାମୋଦର ବେହେରା ଯୋଗଦେବାର କାର୍ଯ୍ୟକ୍ରମ ରହିଛି। ଉକ୍ତ ସଭାରେ ପଣ୍ଡିତ ବ୍ରଜକିଶୋର ଦାଶ ସଭାପତିତ୍ୱ କରିବେ ବୋଲି ସମ୍ପାଦକ ମହାନ୍ତି ସୂଚନା ଦେଇଛନ୍ତି।

## ■ ଲୋପ ପାଇବାକୁ ବସିଲେଣି ସୁକିନ୍ଦାର ଆଦିମ ଅଧିବାସୀ

# ପ୍ରଶାସନର ନଜର ଆଢୁଆଳରେ ମହ୍ଲାର ସମ୍ପ୍ରଦାୟ

**କାଳିଆପାଣି, ୧୬।୧୦(ଡି.ଏନ୍.ଏ.)**



■ ୧୯୫୭ରେ ୨ ଶହ ପରିବାର ବସବାସ କରିଥିଲେ।
■ କାଟେ ପୂର୍ତ୍ତି ଟାଟା କମ୍ପାନୀକୁ ଅଞ୍ଚଳରେ କ୍ରୋମାଇଟ ଗଚ୍ଛିତ ନେଇ ଜଣାଇଥିଲେ।
■ ବିଭିନ୍ନ ରୋଗରେ ପୀଡ଼ିତ ହୋଇ ମୃତ୍ୟୁବରଣ କରୁଛନ୍ତି।

ସୁକିନ୍ଦା ଅଞ୍ଚଳର ଭୂମିପୁତ୍ରଭାବେ ପରିଚିତ ଆଦିମ ମହ୍ଲାର ଅଧିବାସୀ ଏବେ ପ୍ରଶାସନର ନଜର ଆଢୁଆଳରେ ରହିଯାଇଛନ୍ତି। ସଭ୍ୟ ସମାଜରୁ ଦୂରରେ ରହୁଥିବାରୁ ମୌଳିକ ସୁବିଧାରୁ ବଞ୍ଚିତ ହେଉଛନ୍ତି। ଖଣି ଉତ୍ତୋଳନ କାର୍ଯ୍ୟତ୍ୱରିତ ବେଗରେ ଚାଲିଥିବାବେଳେ ମହ୍ଲାରମାନେ ଭିଟାମାଟି ଛାଡ଼ି ଜଙ୍ଗଲ ମଧ୍ୟକୁ ଯିବାକୁ ବାଧ ହୋଇଛନ୍ତି। ପରିବର୍ତ୍ତିତ ସମାଜରେ ଖାଇବାକୁ ନ ପାଇ ବିଭିନ୍ନ ରୋଗରେ ପିଡୀତ ହୋଇ ମତ୍ୟୁବରଣ କରୁଛନ୍ତି। ଫଳରେ ଏମାନଙ୍କ ବଂଶ ଏବେ ଲୋପ ପାଇବାରେ ବସିଛି। ୧୯୫୭ରେ ଅଞ୍ଚଳରେ ୨ ଶହ ପରିବାର ବସବାସ କରିଥିବାବେଳେ ୧୦ ପରିବାର ବସବାସ କରୁଛନ୍ତି। କିଛି ଦିନତଳେ ଅଜଣା ରୋଗରେ ପୀଡିତ ହୋଇ କେତେଜଣ ମହ୍ଲାରଙ୍କ ମୃତ୍ୟୁ ହୋଇଥିବା ଜଣାପଡିଛି। ଜୁଆଙ୍ଗ ଜନଜାତିଙ୍କ ବିକାଶ ନେଇ ସରାକର ବହୁ ଯୋଜନା କରୁଥିବାବେଳେ ବିଲୁପ୍ତପ୍ରାୟ ମହ୍ଲାରଙ୍କ ଜୀବନୀ ଶୈଳୀରେ ଉନ୍ନତି ଆଣିବା ପାଇଁ ସାଧାରଣରେ ଦାବି ଜୋର ଧରିଛି।

୧୯୫୭ ମସିହାରେ ଢେଙ୍କାନାଳ ଜିଲା ଭୁବନ ବ୍ଲକ ଅନ୍ତର୍ଗତ ବଡ଼କାଠିଆ ଗ୍ରାମର କାଟେ ପୂର୍ତ୍ତି ନାମକ ଜଣେ ଆଦିମ ଅଧିବାସୀ ଟାଟା କମ୍ପାନୀକୁ ଅଞ୍ଚଳରେ କ୍ରୋମାଇଟ ଗଚ୍ଛିତ ରହିଥିବା ତଥ୍ୟ ଦେଇଥିଲେ। ପରେ କେନ୍ଦ୍ର ସରକାରଙ୍କ ଭୂତତ୍ତ୍ୱବିତ୍‌ମାନେ ପହଞ୍ଚି ତଥ୍ୟ ସଂଗ୍ରହ କରିଥିଲେ। ଘଞ୍ଚ ଜଙ୍ଗଲ ରହିଥିବାରୁ ହିଂସ୍ର ଜୀବଜନ୍ତୁଙ୍କ ଭୟରେ ଭୂତତ୍ତ୍ୱବିତ୍ ଦଳ ଅନ୍ୟ କୌଣସି ସ୍ଥାନରେ ରହିବା ଅପେକ୍ଷା ମହ୍ଲାର ଜନଜାତିଙ୍କ ପାଖରେ ବସବାସ କରିଥିଲେ। ୨୦୦ରୁ ଉର୍ଦ୍ଧ ମହ୍ଲାର ପରିବାର ରାଁସୋଲ ପଞ୍ଚାୟତ ଅନ୍ତର୍ଗତ ଟାଟା କମ୍ପାନୀ ଗେଟ ନିକଟରେ ବସବାସ କରି ରହୁଥିବାବେଳେ ଏମ୍ଏସି କ୍ୟାମ୍ପରେ ଦିନକୁ ଦିନ ବିଭିନ୍ନ ଅଣ ଓଡ଼ିଆ ପଦାଧିକାରୀ ସହ କର୍ମଚାରୀଙ୍କ ସଂଖ୍ୟା ବଢ଼ିବାରେ ଲାଗିଥିଲା। ଏମ୍ଏସି ଭୂତତ୍ତ୍ୱବିତ୍‌ମାନେ କ୍ରୋମାଇଟ ସନ୍ଧାନ କରି ଫେରିବା ପରେ ଟାଟା କମ୍ପାନୀର କାଳିଆପାଣି ଅଞ୍ଚଳରେ ଖଣି ଖୋଳିବା ଆରମ୍ଭ କରିଥିଲେ। ଖଣି ଖୋଳା ଆରାମ୍ଭ ପରେ ଆଦିମକାଳରୁ ବସବାସ କରୁଥିବା ୨ ଶହରୁଉର୍ଦ୍ଧ୍ୱ ମହ୍ଲାର ପରିବାରଙ୍କ ଜୀବନ ଜୀବିକା ଉପରେ ପ୍ରଭାବ ପକାଇଥିଲା। ଜଙ୍ଗଲରେ ରହୁଥିବା ଜଙ୍ଗଲି ଜନ୍ତୁ ମାଙ୍କଡ଼, କୋକିଶିଆଳ, ଠେକୁଆ ପରି ବନ୍ୟଜନ୍ତୁଙ୍କୁ ଶିକାର କରି ଜୀବନ ବିତାଉଥିଲେ। ହେଲେ ସମୟକ୍ରମେ ଖଣି ଚାଲିବା ଫଳରେ ଲୋକମାନଙ୍କ ସଂଖ୍ୟା ବଢ଼ିବା ଯୋଗୁ ଜଙ୍ଗଲୀ ଜୀବଜନ୍ତ ଶିକାର କରିବା ଅସମ୍ଭବ ହୋଇପଡ଼ିଥିଲା । ଟାଟା କମ୍ପାନୀ ଖଣି ଗେଟ ସାମ୍ନାରେ ରହୁଥିବା ଏହି ଅଧିବାସୀ ଧୀରେଧୀରେ ଖଣି ଅଞ୍ଚଳ ଛାଡ଼ି ବଣ ପାହାଡ଼ଘେରା ଚିଙ୍ଗୁଡ଼ିପାଳ ପଞ୍ଚାୟତର ପାହାଡ଼ ଉପର ରଗଦା ଗ୍ରାମ ଉପରେ ପରିବାର ସହ ବସବାସ କରିବାକୁ ଆରମ୍ଭ କରିଥିଲେ। ସଭ୍ୟ ସମାଜଠାରୁ ଦୂରରେ ରହୁଥିବା ଏହି ଅଧୀବାସୀ ଏବେ ଅବହେଳିତ ଜୀବନ ବିତାଉଛନ୍ତି। ପରିବର୍ତ୍ତିତ ସମାଜ ସହିତ ଖାପ ଖୁଆଇ ନ ପାରିବା ଫଳରେ ଏମାନଙ୍କ ବଂଶ ଏବେ ଲୋପ ପାଇବାକୁ ବସିଛି । ସରାକାରୀ ଯୋଜନାରୁ ବଞ୍ଚିତ ଅଧିବାସୀ ବିଭିନ୍ନ ବହୁ ରୋଗରେ ପିଡୀତ ହୋଇ ମୃତ୍ୟୁବରଣ କରୁଛନ୍ତି। ରଗଦା ଜଙ୍ଗଲରେ ରହୁଥିବା ମହ୍ଲାର ଅଧିବାସୀ ଏବେ ଖଣିଭରା କାଳିଆପାଣି ଅଞ୍ଚଳରୁ ବିତାଡ଼ିତ ହୋଇ ମାଟିଖାଟି ଘରେ ବସବାସ କରୁଥିବାବେଳେ ଏବେ ବି ବଣ୍ୟଜନ୍ତୁ ଶିକାର କରି ଜୀବନ ବିତାଉଛନ୍ତି। ୨୦୧୬ରେ ଅପପୁଷ୍ଟି ଓ ରକ୍ତହିନତାର ଶିକାର ହୋଇ ୨୩ ଜଣ ଜୁଆଙ୍ଗ ଜନଜାତି ଶିଶୁଙ୍କ ମୃତ୍ୟୁ ଖବର ସାମ୍ନାକୁ ଆସିଥିଲା। ପରେ କେନ୍ଦ୍ର ସରକାର ଓ ରାଜ୍ୟ ସରକାର ଜୁଆଙ୍ଗଙ୍କ ବିକାଶ ନେଇ ବିଭିନ୍ନ ପଦକ୍ଷେପ ଗ୍ରହଣ କରିଛନ୍ତି। ଅପରପଟେ ସୁକିନ୍ଦା ଭିଟାମାଟିରେ ବହୁ ବର୍ଷ ଧରି ସ୍ଥାୟୀ ବସବାସ କରୁଥିଲେ। ଏ ନେଇ ବିଡ଼ିଓ ମଣିପ୍ରସାଦ ମିଶ୍ରଙ୍କୁ ଯୋଗାଯୋଗ କରିବାରୁ ସେ ଏ ଦିଗରେ କୌଣସି ମତାମତ ଦେଇ ନ ଥିଲେ। ପଞ୍ଚାୟତ ଭିଏଲ୍‌ଡବ୍ଲ୍ୟୁ ଗୌରହରି ବେହେରାଙ୍କୁ ପଚାରିବାରୁ ତାଙ୍କ ନିକଟରେ ଏ ନେଇ ଠିକ୍ ଖବର ନ ଥିବା ପ୍ରକାଶ କରିଛନ୍ତି ।

## ଡୁବୁରୀରେ ଶାରଦୀୟ ଦୁର୍ଗାପୂଜା



ଡୁବୁରୀ ହାଟଛକସ୍ଥିତ ସାର୍ବଜନୀନ ଦୁର୍ଗାପୂଜା ମଣ୍ଡପ।

**ଡୁବୁରୀ, ୧୬।୧୦(ଡି.ଏନ୍.ଏ.)**

ଡୁବୁରୀ ଅଞ୍ଚଳରେ ଶାରଦୀୟ ଦୁର୍ଗାପୂଜା ଜାକଜକମରେ ଆରମ୍ଭ ହୋଇଛି। ଅଞ୍ଚଳର ବିଭିନ୍ନ ପୂଜା ମଣ୍ଡପରେ ସୋମବାରଠାରୁ ଷଷ୍ଠୀ ପୂଜା ଆରମ୍ଭ କରାଯାଇ ଯଥା ରୀତିନୀତି ଅନୁଯାୟୀ ପୂଜା କରାଯାଉଛି । ଡୁବୁରୀ ହାଟ ଛକରେ ସାର୍ବଜନୀନ ଦୁର୍ଗାପୂଜା କମିଟି ଆନୁକୂଲ୍ୟରେ ପ୍ରତିବର୍ଷ ପରି ଚଳିତ ବର୍ଷ ଦୁର୍ଗାପୂଜା ଉତ୍ସବ ପାଳିତ ହୋଇଛି। ସମଗ୍ର ହାଟ ଛକକୁ ଆଲୋକୀକରଣ କରାଯିବା ସହ ସୁସଜ୍ଜିତ ତ୍ୱରଣରେ ଆକର୍ଷଣୀୟ କରାଯାଇଛି । ପ୍ରତ୍ୟେକ ସନ୍ଧ୍ୟାରେ ବିଭିନ୍ନ ସଂସ୍କୃତିକ ଓ ଆଧାତ୍ମିକ କାର୍ଯ୍ୟକ୍ରମ ଆୟୋଜିତ ହେଉଛି । ମଙ୍ଗଳବାର ଯଥା ରିତୀନିତୀ ଅନୁଯାୟୀ ଅଭିଜ୍ଞ ବ୍ରାହ୍ମଣ ଓ ପଣ୍ଡିତଙ୍କ ଦ୍ୱାରା ପୂଜା ପାଠ କରାଯାଇଛି । ଦଶମୀରେ ପୂର୍ବ ନିର୍ଦ୍ଧାରିତ କାର୍ଯ୍ୟକ୍ରମ ଅନୁଯାୟୀ ରାବଣ ପୋଡି ଉତ୍ସବ ଆୟୋଜିତ ହେବ ବୋଲି ପୂଜା କମିଟିର ଆବାହକ ସଞ୍ଜୟ ପାତ୍ର ସୂଚନା ଦେଇଛନ୍ତି । ଏଥିସହ ୨୨ ଓ ୨୩ ତାରିଖ ଦୁଇଦିନ ଧରି କପିଳେଶ୍ୱର ନାଟ୍ୟ ସଂସ୍ଥା ଦ୍ୱାରା ଦୁଇଟି ସାମାଜିକ ନାଟକ ମଞ୍ଚସ୍ଥ କରାଯିବାର କାର୍ଯ୍ୟକ୍ରମ ରହିଛି । ମା' ଙ୍କୁ ଦର୍ଶନ ପାଇଁ କମିଟି ପକ୍ଷରୁ ବିଶେଷ ଧ୍ୟାନ ଦିଆଯାଇଥିବା ସଭାପତି ବିଶ୍ୱଜିତ ଦାସ, ସମ୍ପାଦକ ବିଷ୍ଣୁ ରଞ୍ଜନ ଦାସ, ଜୟନ୍ତ ରାଉତ, ରମାକାନ୍ତ ରାଉତ, ଅଜୟ ସାହୁ, ଗୌତମ ଦାସ, ନୀଳ ଜେନା, ଶତ୍ରୁଘ୍ନ ସାହୁ, ସିଦ୍ଧେଶ୍ୱର ସାହୁ ପ୍ରମୁଖ ପ୍ରକାଶ କରିଛନ୍ତି ।

## କ୍ରିକେଟ ଟୁର୍ନାମେଣ୍ଟ ପାଇଁ ପ୍ରସ୍ତୁତି ବୈଠକ

**ଛତିଆ,୧୬।୧୦(ଡିଏନ୍ଏ)**

ଛତିଆସ୍ଥିତ ଅମରାବତୀ ମଠ ପରିସରରେ ମଙ୍ଗଳବାର ପ୍ରଥମ ବାର୍ଷିକ ଗିରିଧାରୀ, ମନ୍ମଥ ସ୍ମାରକୀ କ୍ରିକେଟ୍ ଟୁର୍ନାମେଣ୍ଟ ପାଇଁ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ପାଟଣା କ୍ରିକେଟ୍ କ୍ଲବ୍, ଛତିଆର ମୁଖ୍ୟ ଉପଦେଷ୍ଟା ହୃଷୀକେଶ ନାଥ ଅଧକ୍ଷତା କରିଥିଲେ । ଶୃଙ୍ଖଳାର ସହ ଟୁର୍ନାମେଣ୍ଟ ପରିଚାଳନା ପାଇଁ ବୈଠକରେ ଆଲୋଚନା ହୋଇଥିଲା । ଆସନ୍ତା ୨୭ ତାରିଖରେ ଟୁର୍ନାମେଣ୍ଟ ଆରମ୍ଭ ହେବ ବୋଲି ବୈଠକରେ ସ୍ଥିର କରାଯାଇଥିଲା। ନରେନ୍ଦ୍ର ନାୟକ, ସୁଧୀର ସାହୁ, ଚନ୍ଦନ ରାଉଳ, ସତ୍ୟଜିତ୍ ପାତ୍ର, ଦୀପକ୍ ସାହୁ, ଚନ୍ଦନ ସିଂ, ରଞ୍ଜନ ବେହେରା, ଦିପମ୍ ପ୍ରିତମ୍, ସୁକାନ୍ତ ପ୍ରଧାନଙ୍କ ସମେତ ପାଟଣା କ୍ରିକେଟ୍ କ୍ଲବ୍‌ର ସମସ୍ତ ସଭ୍ୟ ବୈଠକରେ ଉପସ୍ଥିତ ଥିଲେ ।

## ସ୍ତ୍ରୀଙ୍କୁ ମାଡ଼ ମାରିବା ଅଭିଯୋଗରେ ସ୍ୱାମୀ ଗିରଫ

**ଧର୍ମଶାଳା, ୧୬।୧୦(ଡି.ଏନ୍.ଏ.)**

ଶାରୀରିକ ନିର୍ଯାତନା ଦେବା ଅଭିଯୋଗରେ ସୋମବାର ଜେନାପୁର ପୋଲିସ ଜଣଙ୍କୁ ଗିରଫ କରି ଚଣ୍ଡିଖୋଲ କୋର୍ଟ ଚାଲାଣ କରିଛି। ଗିରଫ ଅଭିଯୁକ୍ତ ଜଣଙ୍କ ସାତୁଆପାଟଣାର ଚନ୍ଦନ ସାହୁ। ଏ ନେଇ ପୋଲିସ ଏକ ମାମଲା ୨୫୫/୧୮ରୁଜୁ କରିଛି। ପ୍ରକାଶ ଯେ, ଚନ୍ଦନ ସ୍ତ୍ରୀ କନକଲତା ସାହୁ (୩୦)ଙ୍କୁ ବିଭିନ୍ନ ସମୟରେ ସାମାନ୍ୟ କଥାକୁ ନେଇ ମାଡ ମାରୁଥିଲେ। ଏ ନେଇ କନକଲତା ଜେନାପୁର ଥାନାରେ ବହୁବାର ଅଭିଯୋଗ କରିଥିଲେ । ପୋଲିସ ଓ ଗ୍ରାମବାସୀଙ୍କ ଉଦ୍ୟମ କ୍ରମେ ଏପରି ଘଟଣା ବହୁବାର ଆପୋସା ସମାଧାନ ହୋଇଥିଲା। ସୋମବାର ପୁନ କନକଲତାଙ୍କ ଅଭିଯୋଗକୁ ଭିତ୍ତିକରି ଜେନାପୁର ପୋଲିସ ତାଙ୍କୁ ଗିରଫ କରିଥିବା ଥାନା ଅଧିକାରୀ ସୁଶାନ୍ତ ଦାସ ସୂଚନା ଦେଇଛନ୍ତି।

## ଚାଷଜମିରେ ପାଣି

**ସିଂହପୁର,୧୬।୧୦(ଡି.ଏନ୍.ଏ)**



ଚାଷଜମିରେ ପାଣି ଜମି ରହିଛି।

ତିତଲି ପ୍ରଭାବରେ ଲଗାଣ ବର୍ଷା ଓ ଖରସ୍ରୋତାରେ ବନ୍ୟା ଯୋଗୁ ସିଂହପୁରସ୍ଥିତ ଓଳେଇଚନ୍ଦନପୁର ପଞ୍ଚାୟତର ଧାନଜମି ପାଣିରେ ବୁଡ଼ି ରହିଛି। ଫଳରେ ବ୍ୟାପକ ଫସଲ କ୍ଷୟକ୍ଷତି ହେବା ଆଶଙ୍କା ଦେଖାଦେଇଛି। ପାଚିଲା ଧାନ କିଆରିରେ ପାଣି ଜମିରହିବାରୁ ଧାନ ଗଜା ହେବା ପରିସ୍ଥିତି ସୃଷ୍ଟି ହେଲାଣି। ଗତ ମାସରେ ଫସଲ ଅମଳ ସମୟରେ ଲଘୁଚାପ ବର୍ଷା ବ୍ୟାପକ କ୍ଷତି କରିଥିଲା। ସେହିପରି ବିରି ବୁଣା ହୋଇଥିବା ଜମିରେ ପାଣି ଜମିରହିଥିବାରୁ ବିରି ପଚିଯିବା ଆଶଙ୍କା ଦେଖାଦେଇଛି। ଚଳିତ ବର୍ଷ ଧାନ ଓ ବିରି ଫସଲ ନଷ୍ଟ ହୋଇଥିବାରୁ ଉଦ୍ଧାର ଓ କୃଷି ସେବା ସମବାୟ ସମିତିରୁ ଋଣ ଆଣି ଫସଲ କରିଥିବା ଚାଷୀ ଚିନ୍ତାରେ ପଡ଼ିଗଲେଣି। କୃଷି ବିଭାଗ ପକ୍ଷରୁ କ୍ଷୟକ୍ଷତି ଆକଳନ କରାଯାଇ ସହାୟତା ଦେବା ପାଇଁ ଚାଷୀମାନେ ଦାବି କରିଛନ୍ତି।

## ମା'ଙ୍କ ଆଗମନରେ ଛତିଆ ଉତ୍ସବ ମୁଖର

**ଛତିଆ,୧୬।୧୦(ଡିଏନ୍ଏ)**

ଆଶ୍ୱିନ ମାସ ଶୁକ୍ଲପକ୍ଷରେ ମା' ଦୁର୍ଗାଙ୍କ ଆଗମନ ହୋଇଥାଏ। ମା'ଙ୍କ ଶାରଦୀୟ ଆଗମନରେ ଛତିଆ ଅଞ୍ଚଳ ଉତ୍ସବ ମୁଖର ହୋଇଉଠିଛି। ବିଭିନ୍ନ ପୂଜା ମଣ୍ଡପଗୁଡ଼ିକରେ ଭକ୍ତିପୂତ ପରିବେଶ ଦେଖିବାକୁ ମିଳିଛି। ଛତିଆ ସମେତ ପାଟଣା, ବିଦ୍ୟାଧରପୁର, ନେଳିଆ, ଗୋପପୁର, ଚମ୍ପାପୁର, ସୋଲର, ବୈରୀ, ପାରିଆ, ସମିଆଁ, ବନ୍ତଳା, ଉପୁଳା, ଶାଳପଡା, ଗୋଠମୁହ, ଲାଲବେଗୀ ଆଦି ସ୍ଥାନଗୁଡ଼ିକରେ ମା' ଦୁର୍ଗାଙ୍କ ପୂଜା କରାଯାଇଥାଏ। ଏଥିସହ ସୁସଜ୍ଜିତ ତୋରଣ ଓ ରଙ୍ଗବେରଙ୍ଗର ଆଲୋକମାଳା ପୂଜାକୁ ସରସ ସୁନ୍ଦର କରୁଛି। ଅନେକ ସ୍ଥାନରେ ଭଜନ କୀର୍ତ୍ତନ ସହ ସନ୍ଧ୍ୟାରେ ସାଂସ୍କୃତିକ କାର୍ଯ୍ୟକ୍ରମ ଆଦି ଅନୁଷ୍ଠିତ ହେଉଛି ।

## ସ୍ୱାସ୍ଥ୍ୟସେବା ଶିବିର

**ଚଣ୍ଡିଖୋଲ/ବାଲିଚନ୍ଦ୍ରପୁର, ୧୬।୧୦(ଡି.ଏନ.ଏ/ସ୍ୱ.ପ୍ର.)**

ବଡ଼ଚଣା ବ୍ଲକ ଅନ୍ତର୍ଗତ ଚାରିନଙ୍ଗଳସ୍ଥିତ ଅଲ୍ଲି ପବ୍ଲିକ୍ ସ୍କୁଲ ପରିସରରେ ରବିବାର ସ୍ୱାସ୍ଥ୍ୟସେବା ଶିବିର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଲିମ୍ରା ଏଜୁକେଶନ ଚାରିଟେବୁଲ ଟ୍ରଷ୍ଟ ଅଧକ୍ଷ ସୁଲତାନ ସଇଫୁଲା ଖାଁ ଅଧକ୍ଷତା କରିଥିଲେ। ୩ ଶହରୁ ଉର୍ଦ୍ଧ୍ୱ ରୋଗୀଙ୍କୁ ପରୀକ୍ଷା କରାଯାଇ ମାଗଣା ଔଷଧ ବଣ୍ଟନ କରାଯାଇଥିଲା। ବିଦ୍ୟାଳୟର ସମସ୍ତ ଛାତ୍ରୀଛାତ୍ରଙ୍କ ରକ୍ତ ନମୁନା ମଧ୍ୟ ପରୀକ୍ଷା କରାଯାଇଥିଲା। ବ୍ଲକ୍ ଶିକ୍ଷା ସହକାରୀ ଅଧିକାରୀ ବିଜୟ କୁମାର ନାୟକ ମୁଖ୍ୟ ଅତିଥି ଓ ଅବସରପ୍ରାପ୍ତ ଶିକ୍ଷାବିତ୍ କମଳାକାନ୍ତ ମହାନ୍ତି ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ସ୍ଥାନୀୟ ସରପଞ୍ଚ ଯଦୁମଣୀ ଦାସ, ପୂର୍ବତନ ଜିଲା ପରିଷଦ ସଭ୍ୟ ଅଜୟ ସାମଲ, ପୂର୍ବତନ ସରପଞ୍ଚ ସେକ୍ ରିଆସତ ଅଲ୍ଲି, ବିଳାଶ ଚନ୍ଦ୍ର ବାରିକ, ମନୱାର ଅଲ୍ଲୀ ବେଗ୍ ପ୍ରମୁଖ ଯୋଗଦେଇଥିଲେ। ଶିଶୁ ଭବନର ମଙ୍ଗଳା ଚରଣ ମୁର୍ମୁ ସମସ୍ତଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରାଇଥିଲେ। ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ସଗୁପ୍ତା ମନୱାର, ଶିକ୍ଷକ ଅବଦୁଲ କାଦିର ଖାଁ, ସେକ୍ ସିଦ୍ଧିକ୍, ସସ୍ମିତା ସାହୁ, ମିତାଲି ବାରିକ୍ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।


+PILES CLINIC+
Near Budheswari Temple, ମତ୍ସ୍ୟ ବିକ୍ରୟ କେନ୍ଦ୍ର ନିକଟ, CTC Road, BBSR
0674 - 2310255, 9861146916
ଅର୍ଶ (PILES)
ମଳକଣ୍ଟକ (FISSURE)
ଭଗନ୍ଦର (FISTULA)
WITHOUT SURGICAL OPERATION
DR. R. PRASAD GAMS (PATNA)
DR. PREM KUMAR BAMS, LLB (UTKAL)
10AM TO 8PM
VSS Nagar, Q.N.- B/L-107, Vanivihar, BBSR
0674 - 2581337, 9437301790

CLASSIFIED DISPLAY
ALL EDITION-B/W (Every Day) | For Booking Contact: 0674-2580385, 7894447131, 7894447148, 9437038266, 7894447166

TARIFF — MORE SPACE • SAME PRICE — *GST 5% Extra

| For Single Day | | For 7 Days | | For 15 Days | | For 30Days | |
|---|---|---|---|---|---|---|---|
| 6 × 4 | 12 × 4 | 6 × 4 | 12 × 4 | 6 × 4 | 12 × 4 | 6 × 4 | 12 × 4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

SPOT ADMISSION
B.Ed
Acharya Nagarjuna University
UGC & NCTE Approved
Equivalent to Utkal University
Weekend Class & Study Material
CT(D.El.Ed)
Equivalent to Board of Secondary Education Odisha
SINCE 2001 NIDT
B.J.B. Nagar, Lewis Road, Bhubaneswar
9338229373, 9438286091
9776587145

Get Instant Cash against Gold, Sell Your Gold at 100% Market Value
GOLD CASH LTD
(an ISO 9001:2015 Certified Company)
ନିଜ ବନ୍ଧକ ସୁନାକୁ ମୁକୁଳେଇବା ପାଇଁ ଆମକୁ ଯୋଗାଯୋଗ କରନ୍ତୁ ଏବଂ GOLD CASH ଆପଣଙ୍କ ବନ୍ଧକ ସୁନାକୁ ଉଚିତ ମୂଲ୍ୟରେ ନେବା ବିକ୍ରି କରନ୍ତୁ ଆପଣଙ୍କ ସୁନା ଗହଣା ଆମ ପାଖରେ ଏବଂ ପାଆନ୍ତୁ ୧୦୦% ମାର୍କେଟ୍ ମୂଲ୍ୟରେ।
WWW.GOLDCASH.CO
9090902555, 9090903555
Toll Free: 1800-120-3430
Branches: Bhubaneswar, Cuttack, Bhadrak, Rourkela & Berhampur

Jeevanjyoti Finance
ଜନକଲ୍ୟାଣ ଯୋଜନା ଅଧୀନରେ ସବୁ ବ୍ୟାଙ୍କ ଦ୍ୱାରା ମାର୍କଶିଟ୍, ପ୍ରପର୍ଟି, ପର୍ସନାଲ, ଆଧାରକାର୍ଡ, ଶିକ୍ଷା, ବ୍ୟବସାୟ, ସମସ୍ତ ଋଣ 24 ଘଣ୍ଟାରେ 2% ସୁଧ, 50% ରିହାତି ସବ୍‌ସିଡିରେ (ମହିଳା, ଚାଷୀ, ବିଦ୍ୟାର୍ଥୀଙ୍କ ପାଇଁ ବିଶେଷ ରିହାତି)
ଠକମାନଙ୍କ ପ୍ରତି ସାବଧାନ
(କାମ ଆମର ବିଶ୍ୱାସ ଆପଣଙ୍କର)
Sector-30, Jagatpur, Jaipur, Rajasthan
8278171538
8901770631

Vasundra Financial Services
(Govt. Registered)
(Regd. No.:- odhCPR0533821)
ଆଧାରକାର୍ଡ, ମାର୍କଶିଟ୍, ପର୍ସନାଲ, ପ୍ରପର୍ଟି, ଗ୍ରୁପ୍ ଋଣ, କୃଷି ଏବଂ ସବୁ ପ୍ରକାର ଋଣ ସହଜ କିସ୍ତିରେ ସରକାରୀ ବ୍ୟାଙ୍କ ଦ୍ୱାରା ଘରେ ବସି ପାଆନ୍ତୁ 2% ସୁଧ 50% Govt. Subsidy. ଅଧିକ ସୂଚନା ପାଇଁ ଯୋଗାଯୋଗ କରନ୍ତୁ ।
Mahatab Nagar, Bulandshahr, Sikandrabad, U.P.
8295842976
8295842985

Dhanlaxmi Finance Services
ସରକାରଙ୍କ ଦ୍ୱାରା ପଞ୍ଜୀକୃତ
(Reg No.- od6789dh45)
ମାର୍କଶିଟ୍, ପ୍ରପର୍ଟି, ପର୍ସନାଲ, ଆଧାରକାର୍ଡ, ବ୍ୟବସାୟ ଏବଂ ଗ୍ରୁପ୍ ଋଣ
72 ଘଣ୍ଟାରେ ପାଆନ୍ତୁ ।
1 ଲକ୍ଷରୁ 5 କୋଟି ପର୍ଯ୍ୟନ୍ତ
ମାତ୍ର 1% ସୁଧ, 40% ରିହାତି।
For more details contact:
9193648139
SATAPADA, PURI, ODISHA - 752011

ଧନଲକ୍ଷ୍ମୀ ଫାଇନାନ୍ସ
!! ବିନା ଗ୍ୟାରେଣ୍ଟର !! ସ୍ୱରୋଜଗାର ପାଇଁ
8ମ/10ମ ପାସ୍ ମହିଳା/ପୁରୁଷ
ମାର୍କଶିଟ୍, ବ୍ୟବସାୟ, ଦୋକାନୀ, ପ୍ରପର୍ଟି
2,00,000-25,00,000 ପର୍ଯ୍ୟନ୍ତ
1% ସୁଧ 25% ରିହାତି
20 ବର୍ଷରେ ଫେରସ୍ତ
8448812163
8130564846
Add : - 41/14, Sec-1 Pushp Vihar, Delhi

ନିଜ ବ୍ୟବସାୟରେ ଅଭିବୃଦ୍ଧି ଆଣନ୍ତୁ
ITCT EDUCATION
ସହିତ
ଭାରତର ସର୍ବବୃହତ୍ ନେଟ୍‌ୱର୍କ
ନିଜ ବ୍ୟବସାୟରେ ଅତିରିକ୍ତ ଲାଭ ଉପାର୍ଜନ କରନ୍ତୁ। ଆଇଟିସିଟି ଲର୍ନିଂ ସିଷ୍ଟମ୍ସ ପ୍ରାଇଭେଟ୍ ଲିମିଟେଡ୍‌ର ଏକ ଫ୍ରାଞ୍ଚାଇଜି ପାର୍ଟନର ହୁଅନ୍ତୁ। କର୍ପୋରେଟ୍ ବ୍ୟାପାର ମନ୍ତ୍ରଣାଳୟ (ଭାରତ ସରକାର)
ଅଧିକ ସୂଚନା ପାଇଁ
0712-2223456 / 09422123456
www.itctedu.in

ଆଦର୍ଶ ଫାଇନାନ୍ସ
ଟଙ୍କା ନେଉନ୍ତୁ, ଧୋକା ଦେଉନ୍ତୁ
ଆଗେ କାମ, ପରେ ଦାମ୍
ଦୀପାବଳି ଧମାକା
ମାର୍କଶିଟ୍, ପ୍ରପର୍ଟି ପର୍ସନାଲ, ବ୍ୟବସାୟ ରାଶନ କାର୍ଡ, ଆଧାର କାର୍ଡ, ଚାଷକାର୍ଯ୍ୟ, ଏଗ୍ରିକଲ୍ଚର
ସବୁ ପ୍ରକାର ଋଣ
୨୪ ଘଣ୍ଟାରେ ପାଆନ୍ତୁ
୨% ସୁଧ - ୪୦% ରିହାତି
୮୫ ଲକ୍ଷ ସନ୍ତୁଷ୍ଟ ଗ୍ରାହକ
ଲକ୍ଷ ଲକ୍ଷ ଗ୍ରାହକଙ୍କ ସମ୍ପୂର୍ଣ୍ଣ ବିଶ୍ୱାସ
କମ୍ କାଗଜପତ୍ର କାମ
ଠକ କମ୍ପାନୀଗୁଡ଼ିକ ପ୍ରତି ସାବଧାନ
168, Sector-30, Jagatpura, Jaipur, Rajasthan
73106-12716
89794-48754


### ପାଠକଙ୍କ ପାଇଁ ସୂଚନା

ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।


T.C.F. FINANCE
ଋଣ ମାତ୍ର 6 ଘଣ୍ଟାରେ ।
ନୋ ଫାଇଲ ଚାର୍ଜ, ବିନା ଗ୍ୟାରେଣ୍ଟର ମାର୍କଶିଟ୍, ଋଣ (ସାର୍ଟିଫିକେଟ୍), ପ୍ରପର୍ଟି, ପର୍ସନାଲ, ଗୃହଋଣ, 0% ସୁଧ, 50% ରିହାତି।
08418002678
08859668547
39, Patel Nagar, Saharanpur Road, Dehradun - 248001

ତନ୍ତ୍ର ମନ୍ତ୍ର ସମ୍ରାଟଙ୍କ
ଖବରଦାର କଳା ଶିକ୍ଷା
ଯେଉଁଠି ଜ୍ଞାନ ସେଠି ହେବ
A to Z ସମସ୍ୟାର ସମାଧାନ
ସ୍ପେଶାଲିଷ୍ଟ: ବଶୀକରଣ, ମୁଠକରଣୀ, ମନ ମୁତାବକ ପ୍ରେମ, ବିବାହରେ ବାଧା, ଋଣମୁକ୍ତି, ଗର୍ଭ ବନ୍ଧନ, ଗୃହ କ୍ଳେଶ, ବିଦେଶ ଯାତ୍ରା, ସଉତୁଣୀ ଓ ଶତ୍ରୁ ମୁକ୍ତି, କ୍ୟାରିୟର ମଡେଲିଂ, ସ୍ୱାମୀ ସ୍ତ୍ରୀ ମନୋମାଳିନ୍ୟ, ଚାକିରି, ବ୍ୟବସାୟ, ଯାଦୁ ଟୋନା ଭଳି ସମସ୍ୟାର 101% ସମାଧାନ।
ବାବା ସିକନ୍ଦର
21 ବୈଦିକ ବିଦ୍ୟାରେ ନିପୁଣ
9997796211

କଣ ଆପଣ ଅସୁବିଧାରେ ଅଛନ୍ତି କି?
ଅଲଇଣ୍ଡିଆ ଖୋଲା ଚାଲେଞ୍ଜ
୨ ଘଣ୍ଟାରେ ୧୦୦% ସମାଧାନ
କାମ ନହେଲେ ଟଙ୍କା ଫେରସ୍ତ
ତନ୍ତ୍ର-ମନ୍ତ୍ରର ସମ୍ରାଟ
ବ୍ୟବସାୟରେ ଅସୁବିଧା, ପ୍ରେମରେ ଅସଫଳତା ତେବେ ମତେ ଆସିକି ଦେଖା କରନ୍ତୁ ବ୍ୟବସାୟରେ ଅସୁବିଧା, ବିବାହରେ ଅସୁବିଧା ସଇତାନ ଓ ଶତ୍ରୁମାନଙ୍କଠାରୁ ମୁକ୍ତି ରୋଗରେ ଔଷଧ ନ ଲାଗିବ କ୍ୟାରିୟରରେ ଅସଫଳତା।
ଯଦି କାହାର ସ୍ୱାମୀ, ପ୍ରେମିକା ଓ ଝିଅ କାହା ବଶରେ ଥାଆନ୍ତି ତେବେ ମତେ ଆସିକି ଦେଖା କରନ୍ତୁ।
BABA AMIM SUFI JI
9540938429
9903852257
Near Master Canteen, Bhubaneswar

୩ ଘଣ୍ଟାରେ ୧୦୦% ସମାଧାନ ଘରେ ବସି ଫୋନ ଦ୍ୱାରା
କଣ ଆପଣ ଚିନ୍ତିତ ଅଛନ୍ତି ?
କାନ୍ଦିଲେ ନୁହେଁ ଦେଖାକଲେ କଷ୍ଟ ଦୂରହେବ !
କାମ ନହେଲେ ପଇସା ଫେରସ୍ତ ! Time - 10 am to 6 pm
ମନଚାହିଁ ବିବାହ, ବ୍ୟବସାୟ, ଗୃହକ୍ଳେଶ, କିଆ କରାୟା, ବିବାହରେ ବାଧା, ସଉତୁଣୀ ଓ ଶତ୍ରୁ ମୁକ୍ତି, ରୋଗରେ ଔଷଧ ନ ଧରିବା, କ୍ୟାରିୟରରେ ଅସଫଳତା, ବଶୀକରଣ, ମୁଠକରନୀ, ଯାଦୁଟୋଣା, ଭୂତପ୍ରେତ ଆଦି ଜଟିଳ ରୁ ଜଟିଳ ସମସ୍ୟାର ସମାଧାନ ।
(ସ୍ପେଶାଲିଷ୍ଟ- ବଶୀକରଣ, ମୁଠକରଣୀ ଏବଂ କଳାଯାଦୁ )
ଯଦି ଆପଣଙ୍କର ଜ୍ୟୋତିଷ ଓ ପଣ୍ଡିତଙ୍କ ଉପରୁ ଭରସା ଉଠିଯାଇଚି ତାହେଲେ ତୁରନ୍ତ ଫୋନ୍ କରନ୍ତୁ
ଯଦି ଆପଣଙ୍କର ପତି ପ୍ରେମୀ, କିମ୍ବା ପୁଅ ବଶରେ ଅଛନ୍ତି ତାହେଲେ ତୁରନ୍ତ ଫୋନ୍ କରନ୍ତୁ
ବାବା ରହେମାନ୍ ଖାନ ବଙ୍ଗାଳୀ
7065430524
9599270336

ତନ୍ତ୍ର ମନ୍ତ୍ର ସମ୍ରାଟଙ୍କ
ଖୋଲା ଚ୍ୟାଲେଞ୍ଜ
ଯେଉଁଠି ଜ୍ଞାନ ସେଠି ହେବ
A to Z ସମସ୍ୟାର
2 ଘଣ୍ଟାରେ ସମାଧାନ
ସ୍ପେଶାଲିଷ୍ଟ: ବଶୀକରଣ, ମୁଠହରଣୀ, ମନ ମୁତାବକ ପ୍ରେମ, ବିବାହରେ ବାଧା, ଋଣମୁକ୍ତି, ଗର୍ଭ ବନ୍ଧନ, ଗୃହ କ୍ଳେଶ, ବିଦେଶ ଯାତ୍ରା, ସଉତୁଣୀ ଓ ଶତ୍ରୁ ମୁକ୍ତି, କ୍ୟାରିୟର ମଡେଲିଂ, ସ୍ୱାମୀ ସ୍ତ୍ରୀ ମନୋମାଳିନ୍ୟ, ଚାକିରି, ବ୍ୟବସାୟ, ଯାଦୁ ଟୋନା ଭଳି ସମସ୍ୟାର 101% ସମାଧାନ।
ବାବା ହଜରତ ଉସ୍‌ମାନ୍
21 ବୈଦିକ ବିଦ୍ୟାରେ ନିପୁଣ
9873361894, 9654673664

## ସଂକ୍ଷେପରେ

### ପାରିବାରିକ କଳହକୁ କେନ୍ଦ୍ରକରି ଯୁବକଙ୍କ ଆତ୍ମହତ୍ୟା

ଯାଜପୁରରୋଡ,୧୬।୧୦(ନି.ପ୍ର.)- ପାରିବାରିକ କଳହକୁ କେନ୍ଦ୍ରକରି ଯାଜପୁରରୋଡ ଥାନା ଅନ୍ତର୍ଗତ ପନାସିଆ ଗ୍ରାମର ଜଣେ ଯୁବକ ମଙ୍ଗଳବାର ବେକରେ ଗାମୁଛା ବାନ୍ଧି ଆତ୍ମହତ୍ୟା କରିଛନ୍ତି। ସେ ହେଲେ ପ୍ରଶାନ୍ତ ନାୟକ (୩୬)। ଘଟଣାସ୍ଥଳରେ ପୋଲିସ ପହଞ୍ଚି ମୃତଦେହ ଜବତ କରିବା ସହ ବ୍ୟବଚ୍ଛେଦ ପାଇଁ ଦାନଗଡି ଡାକ୍ତରଖାନାକୁ ପଠାଇଛି। ଏ ନେଇ ପୋଲିସ ଏକ ଅପମୃତ୍ୟୁ ମାମଲା ରୁଜୁ କରାଯାଇଛି।

### ମା' ଦୁର୍ଗାଙ୍କ ସପ୍ତମୀ ପୂଜା

ଚଣ୍ଡିଖୋଲ,୧୬।୧୦(ଡି.ଏନ.ଏ)- ବଡ଼ଚଣା ବ୍ଲକ୍‌ର ବିଭିନ୍ନ ସ୍ଥାନରେ ମା' ଦୁର୍ଗାଙ୍କ ସପ୍ତମୀ ପୂଜା କରାଯାଇଛି। ପାରମ୍ପରିକ ରୀତିନୀତିରେ ଘଟ ସ୍ଥାପନ କରାଯାଇ ମା'ଙ୍କୁ ଆବାହନ କରାଯାଇଥିଲା। ତୋରଣ ଓ ରଙ୍ଗବେରଙ୍ଗର ଆଲୋକମାଳା ସାଙ୍ଗକୁ ମା'ଙ୍କ ଆକର୍ଷଣୀୟ ମୂର୍ତ୍ତିରେ ପୂଜା ମଣ୍ଡପ ପୂରି ଉଠିଥିଲା। ଚଣ୍ଡିଖୋଲ ସାର୍ବଜନୀନ ଦୁର୍ଗା ପୂଜା କମିଟି ପକ୍ଷରୁ ମା'ଙ୍କ ମୃଣ୍ମୟୀ ମୂର୍ତ୍ତି ନିକଟରେ ଷୋଡ଼ଶୋପଚାର ପୂଜା କରାଯିବା ସହ ଭକ୍ତଙ୍କ ଭିଡ଼ ଲାଗିଥିଲା। ସେହିପରି ବଡ଼ଚଣା, ଖରମଙ୍ଗି, ସିହା, ଛତିଆ, ନାନପୁର, ଗରଗାଲି ପ୍ରଭୃତି ସ୍ଥାନରେ ଭକ୍ତିପୂତ ପରିବେଶରେ ମା'ଙ୍କ ପୂଜାର୍ଚ୍ଚନା କରାଯାଇଛି।

### ପୂର୍ବତନ ସମିତି ସଭ୍ୟାଙ୍କ ପରଲୋକ

ଚଣ୍ଡିଖୋଲ,୧୬।୧୦(ଡି.ଏନ.ଏ)- ବଡ଼ଚଣା ବ୍ଲକ ଅଧୀନ ବଡ଼ଘୁମୁରୀ ପଞ୍ଚାୟତର ପୂର୍ବତନ ସମିତି ସଭ୍ୟା ତିଲୋତ୍ତମା ସାହୁ(୪୬)ଙ୍କର ସୋମବାର ରାତିରେ ଚିକିତ୍ସାଧୀନ ଅବସ୍ଥାରେ ପରଲୋକ ହୋଇଛି। ଅସୁସ୍ଥତା ଯୋଗୁ ଗତ କିଛିଦିନ ହେବ ସେ କଟକସ୍ଥିତ ଏକ ଘରୋଇ ଚିକିତ୍ସାଳୟରେ ସେ ଚିକିତ୍ସିତ ହେଉଥିଲେ। ତାଙ୍କ ବିୟୋଗରେ ଯୁବନେତା ଅମର ନାୟକ, ସରପଞ୍ଚ ନିବେଦିତା ସାହୁ ଓ ବିଜୟାନନ୍ଦ ରାଉତ ପ୍ରମୁଖ ଗଭୀର ଶୋକ ପ୍ରକାଶ କରିଛନ୍ତି।

### ୨୫ ବର୍ଷର ସ୍ମୃତି ସାଉଁଟିଲେ ପୁରାତନ ଛାତ୍ରୀଛାତ୍ର

ଯାଜପୁରରୋଡ,୧୬।୧୦(ନି.ପ୍ର.)- ବ୍ୟାସନଗରସ୍ଥିତ କ୍ରୋମନଗର ବିଦ୍ୟାପୀଠରେ ରବିବାର ୧୯୯୩ ବ୍ୟାଚ୍ ଛାତ୍ରୀଛାତ୍ର ସେମାନଙ୍କ ପରିବାର ସହ ଏକତ୍ରିତ ହୋଇ ୨୫ ବର୍ଷ ତଳର ସ୍ମୃତିକୁ ମନେ ପକାଇଥିଲେ। ଏହି କାର୍ଯ୍ୟକ୍ରମରେ ବିଦ୍ୟାଳୟର ପୂର୍ବତନ ୨ ପ୍ରଧାନ ଶିକ୍ଷୟିତ୍ରୀ ଗାୟତ୍ରୀ ପ୍ରଧାନ ଓ ସ୍ମିତଲତା ଦାସଙ୍କ ସମେତ ବର୍ତ୍ତମାନର ପ୍ରଧାନ ଶିକ୍ଷକ ସଞ୍ଜୟ କୁମାର ଦେଓ, ଶିକ୍ଷକ ଭବାନୀଶଙ୍କର ନନ୍ଦ, ରବିନ୍ଦ୍ରନାଥ ବିଶ୍ୱାଳ ଓ ଅନ୍ୟ କର୍ମଚାରୀମାନେ ଯୋଗ ଦେଇଥିଲେ। ୧୯୮୪ରେ ବିଦ୍ୟାଳୟ ପ୍ରତିଷ୍ଠା ହୋଇଥିଲା। ୧୨୩ ମଧ୍ୟରୁ ୬୫ ଜଣ ଛାତ୍ରୀଛାତ୍ର ଯୋଗ ଦେଇଥିଲେ। ସଞ୍ଜୟ କୁମାର ଖଣ୍ଡାଇ, ରଞ୍ଜନ କୁମାର ମହାନ୍ତି, ସନତ କୁମାର ବାରିକ, ସଞ୍ଜୟ କୁମାର ବିଶ୍ୱାଳ, ପ୍ରଦୀପ ବାରିକ, ସୌଦାମିନୀ ସାହୁ, ସୁଷମା ସୁଚରିତା ଦାସ, ସ୍ମିତାବାଳା ବେହେରା, କବିନ୍ଦ୍ର ବାରିକ, ଅନୀଲ ସିଂଦେଓ, ରଂଜନ କୁମାର ବେହୁରା ପ୍ରମୁଖ ବହୁ ପୁରାତନ ଛାତ୍ରୀଛାତ୍ର କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ।

### ମଦ ଜବତ, ଜଣେ ଗିରଫ

ଛତିଆ,୧୬।୧୦(ଡିଏନ୍ଏ)- ଚୋରାମଦ କାରବାର କରୁଥିବା ଅଭିଯୋଗରେ ବୈରୀ ପୋଲିସ ସୋମବାର ରାତିରେ ଜଣଙ୍କୁ ଗିରଫ କରି ୨୦୦ ଲିଟର ଦେଶୀମଦ ଜବତ କରିଛି। ଅଭିଯୁକ୍ତ ହେଲେ ବୈରୀ ଥାନା ଅନ୍ତର୍ଗତ ପାରିଆ ପଞ୍ଚାୟତ ବରୁଣିଆ ଗ୍ରାମର ବସନ୍ତ ଦାସ। ଏ ନେଇ ବୈରୀ ପୋଲିସ ଏକ ମାମଲା(୧୧୦/୧୮) ରୁଜୁ କରିଛି। ବସନ୍ତ ମଦ ନେଇ ଯାଉଥିବା କୌଣସି ସୂତ୍ରରୁ ଖବରପାଇ ବୈରୀ ଥାନାଧିକାରୀ ନିରଞ୍ଜନ ଶବର ଏବଂ ଛତିଆ ବିଟ୍ ହାଉସ୍ ଅଧିକାରୀ ଅମିୟ କୁମାର ବେହେରା ତାଙ୍କ ପିଛା କରି ବରୁଣିଆ ଜଙ୍ଗଲ ମଧ୍ୟରେ କାବୁ କରିଥିଲେ।




■ଭାଲୁ ଆକ୍ରମଣରେ ଗୁରୁତର ଘଟଣା

# ମୁଖ୍ୟମନ୍ତ୍ରୀଙ୍କ ରିଲିଫ ପାଣ୍ଠିରୁ ସହାୟତା ଦାବି

ଯାଜପୁରରୋଡ,୧୬।୧୦(ନି.ପ୍ର.)

ଗତ ୫ ମାସ ତଳେ ଭାଲୁ ଆକ୍ରମଣରେ ଗୁରୁତର ହୋଇଥିବା କୋରେଇ ବ୍ଲକ ଗୋହରି ଗଡିଆ ଭାଲୁକୁଡି ସାହିର ଶୁକ୍ରା ମୁଣ୍ଡାଙ୍କ ସ୍ୱାସ୍ଥ୍ୟାବସ୍ଥା ଦିନକୁ ଦିନ ଗୁରୁତର ହେବାରେ ଲାଗିଛି। କିନ୍ତୁ ଚିକିତ୍ସାରେ ଅର୍ଥ ମୁଖ୍ୟ ବାଧକ ସାଜିଛି। ଏଣୁ ଚିକିତ୍ସା ପାଇଁ ମୁଖ୍ୟମନ୍ତ୍ରୀଙ୍କ ରିଲିଫ୍ ପାଣ୍ଠିରୁ ସହାୟତା ଯୋଗାଇ ଦେବାକୁ କୋରେଇ ବିକାଶ ମଞ୍ଚ ସମ୍ପାଦକ ସୁଧାଂଶୁ ଭୂଷଣ ଦାସ ଓ କଂଗ୍ରେସ ନେତା ହରେକୃଷ୍ଣ ସାହୁ ମଙ୍ଗଳବାର ଦାବି କରିଛନ୍ତି । ସ୍ତ୍ରୀ ଓ ୫ ବର୍ଷର ପୁଅକୁ ନେଇ ଶୁକ୍ରାଙ୍କ ଛୋଟ ପରିବାର। ସେ ଅତ୍ୟନ୍ତ ଗରିବ ଶ୍ରେଣୀର ହୋଇଥିଲେ ହେଁ ବିଭିନ୍ନ ସରକାରୀ ଯୋଜନାରୁ ବାଦ୍ ପଡିଛନ୍ତି। ଶୁକ୍ରା ଦିନ ମଜୁରିଆ ଭାବେ କାମ କରି ପରିବାର ପ୍ରତିପୋଷଣ କରନ୍ତି। ଦୀର୍ଘ ୫ ମାସ ହେବ କାମକୁ ଯାଇ ନ ଥିବାରୁ ପରିବାର ଲୋକେ ବହୁ କଷ୍ଟରେ ଦିନ କାଟୁଛନ୍ତି। ତାଙ୍କ ସ୍ତ୍ରୀ ମୂଲ ଲାଗି ପରିବାର ଚଳାଉଛନ୍ତି। ଚିକିତ୍ସା ପାଇଁ ଅସ୍ତ୍ରୋପଚାରର ଆବଶ୍ୟକତା ରହିଥିବାବେଳେ ଅର୍ଥାଭାବ ହେଉଛି ମୁଖ୍ୟ ସମସ୍ୟା। ସୂଚନାଯୋଗ୍ୟ, ଗତ ଏପ୍ରିଲ ୧୯ ତାରିଖରେ ଏକ ଭାଲୁ ଆକ୍ରମଣର ଶିକାର ହୋଇଥିଲେ ଶୁକ୍ରା। ସେତେବେଳେ ବନବିଭାଗ ଓ ଜିଲା ପ୍ରଶାସନ ପକ୍ଷରୁ ଶୁକ୍ରାଙ୍କୁ ସାହାଯ୍ୟ କରିବାପାଇଁ ପ୍ରତିଶ୍ରୁତି ଦିଆଯାଇଥିଲେ ମଧ୍ୟ ଏପର୍ଯ୍ୟନ୍ତ ପାଣିରେଗାର ସଦୃଶ ହୋଇଛି। ଗ୍ରାମବାସୀଙ୍କ ସହଯୋଗରେ ଚିକିତ୍ସା ପାଇଁ କଟକ ବଡ ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା । ଅସ୍ତ୍ରୋପଚାର ପାଇଁ ଡାକ୍ତର ପରାମର୍ଶ ଦେଇଥିଲେ। ହେଲେ ଟଙ୍କା ଯୋଗାଡ଼ କରି ନ ପାରିବାରୁ ଅସ୍ତ୍ରୋପଚାର ହୋଇପାରିଲା ନାହିଁ। ଏ ନେଇ ଶୁକ୍ରା ଜିଲାପାଳଙ୍କ ଦ୍ୱାରସ୍ଥ ହୋଇଥିଲେ ମଧ୍ୟ କୌଣସି ସୁଫଳ ମିଳିନାହିଁ। ସହାୟତା ଯୋଗାଇ ଦେବା ପାଇଁ ମାସେ ହେବ ମୁଖ୍ୟମନ୍ତ୍ରୀଙ୍କୁ ଶୁକ୍ରା ଦରଖାସ୍ତ ଦେଇଥିଲେ ମଧ୍ୟ କୌଣସି ଉତ୍ତର ମିଳିନାହିଁ।


ଶୁକ୍ରାଙ୍କ ପରିବାର ।

## ୫୯ତମ ଶହୀଦ ସପ୍ତାହ ଉପଲକ୍ଷେ ଗଣଦୌଡ଼


ଶହୀଦ ସପ୍ତାହ ଉପଲକ୍ଷେ ବରୀରେ ଆୟୋଜିତ ଗଣଦୌଡ଼ ।

ବରୀ,୧୬।୧୦(ସ୍ୱ.ପ୍ର.)

୫୯ତମ ଶହୀଦ ସପ୍ତାହ ଦିବସ ପାଳନ ଅବସରରେ ଯାଜପୁର ଜିଲା ପୋଲିସ ପକ୍ଷରୁ ବିଭିନ୍ନ ସ୍ଥାନରେ ଗଣଦୌଡ଼ କରାଯାଉଛି। ଏହି ଅବସରରେ ମା' ବିରଜା ଡିଫେନ୍ସ କୋଚିଂ ସେଣ୍ଟର ସହାୟତାରେ ମଙ୍ଗଳବାର ବରୀରେ ଗଣଦୌଡ଼ କରାଯାଇଛି। ଗତ ୧୪ ତାରିଖରେ ଯାଜପୁର ସଦର ମହକୁମାରେ ଆରମ୍ଭ ହୋଇ କୋରେଇ, ବାଟିପଡା ଓ ବରୀର ବିଭିନ୍ନ ସ୍ଥାନରେ ଗଣଦୌଡ଼ କରାଯାଇଛି। ଯାଜପୁର ଏସ୍‌ପି ଚରଣ ସିଂ ମୀନା, ଉପଜିଲାପାଳ ନାରାୟଣ ଚନ୍ଦ୍ର ଧଳ ପ୍ରଥମେ ଶୁଭ ଉଦ୍‌ଘାଟନ କରିଥିଲେ। କୋଚିଂ ସେଣ୍ଟର ନିର୍ଦ୍ଦେଶକ ଅଜୟ କୁମାର ପଣ୍ଡାଙ୍କ ନିର୍ଦ୍ଦେଶରେ ୫୦ରୁ ଊର୍ଦ୍ଧ୍ୱ ତାଲିମପ୍ରାପ୍ତ ଛାତ୍ରୀଛାତ୍ର ଏଥିରେ ସାମିଲ ହୋଇଥିବା ଦେଖିବାକୁ ମିଳିଛି। ପ୍ରଥମେ ଶହୀଦଙ୍କ ଫଟୋ ଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ କରାଯାଇଥିଲା। ଶହୀଦ ସତ୍ୟାନନ୍ଦ ପଣ୍ଡା, ପ୍ରଶାନ୍ତ କୁମାର ବିଶ୍ୱାଳ, ଗୋପପ୍ରସାଦ ମହାନ୍ତି, ପ୍ରମୋଦ କୁମାର ଶତପଥୀଙ୍କ ସ୍ମୃତିଚାରଣ କରାଯିବା ସହ ୨ ମିନିଟ୍ ନୀରବ ପ୍ରାର୍ଥନା କରାଯାଇ ଆତ୍ମାର ସଦ୍‌ଗତି କାମନା କରାଯାଇଛି। ଏହି ଗଣଦୌଡରେ ଅକରପଡାର ପୂର୍ବତନ ସରପଞ୍ଚ ସୁନିଲ ରାଉତ ରାୟ ସହଯୋଗ କରିଥିଲେ।

## ଚଣ୍ଡିଖୋଲ ଟ୍ରକ ମାଲିକ ସଂଘ କର୍ମକର୍ତ୍ତା ନିର୍ବାଚିତ

ଚଣ୍ଡିଖୋଲ,୧୬।୧୦(ଡି.ଏନ.ଏ)

ଚଣ୍ଡିଖୋଲ ଟ୍ରକ୍ ମାଲିକ ସଂଘର ନୂତନ କର୍ମକର୍ତ୍ତା ନିର୍ବାଚନ ଓ ଶପଥ ଗ୍ରହଣ ଉତ୍ସବ ମଙ୍ଗଳବାର ସଂଘ କାର୍ଯ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଏ ନେଇ ଏକ ସଭା ଆୟୋଜିତ ହୋଇଥିଲା। ଏଥିରେ ବରିଷ୍ଠ ସଭ୍ୟ ବିଭୂତି ଭୂଷଣ ଜେନା ଅଧ୍ୟକ୍ଷତା କରିଥିଲେ। ସର୍ବସମ୍ମତିକ୍ରମେ ସନ୍ତୋଷ କୁମାର ରାଉତ ସଭାପତି, ଅଟଳ ଜେନା ଉପସଭାପତି, ପୁଷ୍ପରାଜ ନାୟକ ସମ୍ପାଦକ, ପ୍ରଶାନ୍ତ କୁମାର ଜେନା ଯୁଗ୍ମ ସମ୍ପାଦକ, ପ୍ରମୋଦ ବେହେରା ସହସମ୍ପାଦକ, ମହମ୍ମଦ ସନାଉଲ୍ଲା ଖାଁ କୋଷାଧ୍ୟକ୍ଷ, ଦେବରଞ୍ଜନ ସ୍ୱାଇଁ ମୁଖପାତ୍ର ଭାବେ ନିର୍ବାଚିତ ହୋଇଥିଲେ। ନିର୍ବାଚନ ପରେ ଶପଥ ଗ୍ରହଣ ଉତ୍ସବ ଅନୁଷ୍ଠିତ ହୋଇଥିଲା। ଟ୍ରକ୍ ମାଲିକଙ୍କ ସ୍ୱାର୍ଥକୁ ଦୃଷ୍ଟିଦେବା ସହ ସଂଘର ନିୟମ ମାନିବାକୁ ଉଦ୍ୟମ କରିବେ ବୋଲି ନବନିର୍ବାଚିତ କର୍ମକର୍ତ୍ତା ଶପଥ ଗ୍ରହଣ କରିଥିଲେ। ସଂଘର ବରିଷ୍ଠ ସଭ୍ୟ ହେମନ୍ତ କୁମାର ସାମଲ, ଚିତ୍ତରଞ୍ଜନ ମହାପାତ୍ର, ପ୍ରମୋଦ କୁମାର ନାୟକ, ସୀତାନାଥ ସାହୁ, ନାରାୟଣ ସ୍ୱାଇଁ, ସେକ୍ ରହେମାନଙ୍କ ସମେତ ଶତାଧିକ ଟ୍ରକ୍ ମାଲିକ ଉପସ୍ଥିତ ଥିଲେ।

## ଶୌଚ ବେଳେ ବୃଦ୍ଧ ନିଖୋଜ

ବରୀ,୧୬।୧୦(ସ୍ୱ.ପ୍ର)

ସ୍ଥାନୀୟ ରାମଚନ୍ଦ୍ରପୁର ଗ୍ରାମର ଜଣେ ବୃଦ୍ଧ ମଙ୍ଗଳବାର ପୂର୍ବାହ୍ନରେ ବ୍ରାହ୍ମଣୀ ନଦୀରେ ଶୌଚ ହେବା ସମୟରେ ଗୋଡ଼ ଖସିଯାଇଥିଲା। ସେ ହେଲେ ଦଶରଥ ଜେନା(୬୫)। ଦଶରଥ ଘରକୁ ନ ଫେରିବାରୁ ପରିବାର ଲୋକେ ବରୀ ଥାନା ଓ ଅଗ୍ନିଶମ ବିଭାଗରେ ଖବର ଦେଇଥିଲେ। ପୋଲିସ ଓ ଅଗ୍ନିଶମ ବାହିନୀ ପକ୍ଷରୁ ବହୁ ଖୋଜାଖୋଜି କରାଯାଇଥିଲେ ମଧ୍ୟ ବୃଦ୍ଧଙ୍କ ସନ୍ଧାନ ମିଳିପାରିନାହିଁ।

## ରୋଟ୍ରାକ୍ଟ ବ୍ୟାସଭୂମିର ପ୍ରଥମ ଅଧିଷ୍ଠାନ ଉତ୍ସବ

ଯାଜପୁରରୋଡ,୧୬।୧୦(ନି.ପ୍ର.)

ରୋଟ୍ରାକ୍ଟ ବ୍ୟାସଭୂମିର ପ୍ରଥମ ଅଧିଷ୍ଠାନ ଉତ୍ସବ ରବିବାର ଏକ ସ୍ଥାନୀୟ ହୋଟେଲରେ ଅନୁଷ୍ଠିତ ହୋଇଯାଇଛି । ଏଥିରେ ସଭାପତି ଅଭିଳାଷ ବୋଇତାଇ ଅଧ୍ୟକ୍ଷତା କରିଥିଲେ । ପୂର୍ବତନ ଅର୍ଥମନ୍ତ୍ରୀ ପ୍ରଫୁଲ୍ଲ ଚନ୍ଦ୍ର ଘଡାଇ ମୁଖ୍ୟଅତିଥି ଏବଂ ପ୍ରୟକ୍ତ ଦେବରାଏ ସମ୍ମାନିତ ଅତିଥିଭାବେ ଯୋଗଦେଇଥିଲେ। ସମାଜିକ କର୍ମୀ ପ୍ରଫୁଲ୍ଲ କୁମାର ବୋଇତାଇ, ଅଭୟ ପତି ପ୍ରମୁଖ ଯୋଗ ଦେଇଥିଲେ। ନିଷ୍ଠାପର ଉଦ୍ୟମ ଯୋଗୁଁ ଏହି ସଂସ୍ଥା ଉନ୍ନତି ପଥରେ ଆଗେଇ ଚାଲିଛି ବୋଲି ପୂର୍ବତନ ଅର୍ଥମନ୍ତ୍ରୀ ଘଡେଇ କହିଥିଲେ । ରୋଟ୍ରାକ୍ଟ ବ୍ୟାସଭୂମି ଚକ୍ଷୁଦାନ ପାଇଁ ଅନ୍ତର୍ଜାତୀୟ ସ୍ତରରେ ଗିନିଜ୍ ବୁକ୍‌ରେ ସ୍ଥାନ ପାଇଥିବାରୁ ଅତିଥି ମାନେ ପ୍ରଶଂସା କରିଥିଲେ । ଚଳିତବର୍ଷ ପାଇଁ ଅଭିଳାଷ ବୋଇତାଇ ସଭାପତି, ବିଶେଶ୍ୱର ପତି ସଂପାଦକ, ସୌମ୍ୟା ପ୍ରିୟଦର୍ଶିନୀ ଯୁଗ୍ମ ସଂପାଦକ, ମୁଜିବ୍ ଆଲ୍ଲାମ ଉପସଭାପତି, ଜ୍ୟୋତିରଞ୍ଜନ ସାମଲ, ଅଜିତ୍ କୁମାର ଘଡାଇ କୋଷାଧ୍ୟକ୍ଷ ଭାବେ ମନୋନୀତ ହୋଇଛନ୍ତି । ଏହି ଅବସରରେ ଅଙ୍ଗଦାତା ସ୍ୱର୍ଗତ ବଳରାମ ମଲ୍ଲିକ୍‌ଙ୍କ ପରିବାରକୁ କ୍ଲବ୍ ତରଫରୁ ସମ୍ବର୍ଦ୍ଧନା ଦିଆଯାଇଥିଲା । ଏଥିସହ ବିଭିନ୍ନ କ୍ଷେତ୍ରରେ କୃତିତ୍ୱ ହାସଲ କରିଥିବା ରାଛିପୁର ଗ୍ରାମର ଅଭିଜିତ୍ ରାଉତ, କଳିଙ୍ଗନଗର ଏୟାର ରାଇଫଲ ସୁଟିଂ କ୍ଲବର ବିଶ୍ୱଜିତ୍ ରାୟଚୌଧୁରୀ ଓ ତାଙ୍କ ସହକର୍ମୀ କଳା କ୍ଷେତ୍ରରେ ନିବେଦିତା ମହାପାତ୍ର, ନିଲ୍ ଭାଷାର ଉଭାବକ ଗଙ୍ଗାଧର ମହାପାତ୍ର, ବିଶ୍ୱଜୟ ଫାଉଣ୍ଡେଶନ ସଭାପତି ସତ୍ୟଜିତ ସାମଲ, ସୌମ୍ୟକାନ୍ତ ବଳ, ଶ୍ରୀକାନ୍ତ ଦଳାଇ, ପୂର୍ବତନ ଅର୍ଥମନ୍ତ୍ରୀ ପ୍ରଫୁଲ୍ଲ ଚନ୍ଦ୍ର ଘଡାଇ, ଯୁବ ଉଦ୍ୟୋଗପତୀ ଆଲୋକ ମହାନ୍ତିଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । ଉପସଭାପତି ମୁଜିବ୍ ଆଲାମ୍ ଧନ୍ୟବାଦ ଦେଇଥିଲେ ।


ଅଧିଷ୍ଠାନ ଉତ୍ସବରେ ଉପସ୍ଥିତ ଅତିଥି ।

## ଦ୍ୱିତୀୟ ପର୍ଯ୍ୟାୟ ପ୍ଲାଷ୍ଟିକ୍ ମୁକ୍ତ ଅଭିଯାନ

ଦଶରଥପୁର,୧୬।୧୦(ଡି.ଏନ.ଏ.)

ଦଶରଥପୁର ନୋଡାଲ ଉଚ୍ଚ ବିଦ୍ୟାଳୟର ଇକୋ କ୍ଲବ୍ ତରଫରୁ ସୋମବାର ଦ୍ୱିତୀୟ ପର୍ଯ୍ୟାୟ ପ୍ଲାଷ୍ଟିକ୍‌ମୁକ୍ତ ଅଭିଯାନ କାର୍ଯ୍ୟକ୍ରମ କରାଯାଇଛି। ପ୍ରଧାନଶିକ୍ଷକ ଶଶୀକାନ୍ତ ଦାଶ କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ । କ୍ଲବ ତତ୍ତ୍ୱାବଧାରକ ଶିକ୍ଷକ ଅକ୍ଷୟ କୁମାର ପଣ୍ଡାଙ୍କ ନେତୃତ୍ୱରେ ସଭ୍ୟାସଭ୍ୟ ଓ ଶିକ୍ଷୟିତ୍ରୀ ଶିକ୍ଷକମାନେ ଦଶରଥପୁର ଓ ସ୍ଥାନୀୟ ଗ୍ରାମକୁ ଯାଇ ପ୍ଲାଷ୍ଟିକ୍ ବ୍ୟବହାର ହ୍ରାସ କରିବାକୁ ପରାମର୍ଶ ଦେଇଥିଲେ । ପ୍ଲାଷ୍ଟିକ୍ ବ୍ୟବହାରର କୁପ୍ରଭାବ ସମ୍ପର୍କରେ ଛାତ୍ରୀଛାତ୍ର ଲୋକଙ୍କୁ ବୁଝାଇଥିଲେ। ଶିକ୍ଷୟିତ୍ରୀ ଲକ୍ଷ୍ମୀପ୍ରିୟା ସାହୁ, କ୍ରାନ୍ତୀ କୁମାରୀ ଯେନା, ଶିକ୍ଷକ ପ୍ରଫୁଲ୍ଲ କୁମାର ବେହେରା, ନୀଳମଣୀ ସାମନ୍ତ, ହରିହର ଯେନା, ସୁବ୍ରତ ନାୟକ, ହରିହର ନାୟକ ଏବଂ ବିଦ୍ୟାଳୟ ପରିଚାଳନା କମିଟି ସଭ୍ୟାସଭ୍ୟବୃନ୍ଦ ଅଭିଯାନରେ ସାମିଲ ଥିଲେ । ତେବେ ସୋମବାର ଠାରୁ ଆରମ୍ଭହୋଇଥିବା ଏହି ଅଭିଯାନ ଏକ ସପ୍ତାହ ଧରି ଚାଲିବ ବୋଲି ବିଦ୍ୟାଳୟ ପକ୍ଷରୁ ସୂଚନା ମିଳିଛି।

## ବାଲିଚନ୍ଦ୍ରପୁର ଅଞ୍ଚଳରେ ଦୁର୍ଗାପୂଜା

ବାଲିଚନ୍ଦ୍ରପୁର,୧୬।୧୦(ସ୍ୱ.ପ୍ର.)

ବାଲିଚନ୍ଦ୍ରପୁର ପଞ୍ଚାୟତର ନାନପୁର ହାଟ, ବାଲିପଡ଼ିଆ, ବରଦା ଓ ଗୋବଣ୍ଡିଆ ଆଦି ଅଞ୍ଚଳରେ ମା' ଦୁର୍ଗାଙ୍କ ସପ୍ତମୀ ପୂଜା କରାଯାଇଛି। ଦୁର୍ଗାଙ୍କ ମୃଣ୍ମୟୀ ମୂର୍ତ୍ତି ପୂଜା ପାଇବା ସହ ତୋରଣ ଓ ଆଲୋକମାଳାରେ ପୂଜା ମଣ୍ଡପ ଜଳସି ଉଠୁଛି। ପାରମ୍ପାରିକ ରିତୀ ଅନୁଯାୟୀ ପୂଜାସୋବ ପାଳିତ ହେଉଛି। ପୂଜା ଦେଖିବା ପାଇଁ ଭକ୍ତଙ୍କ ଭିଡ଼ ଲାଗିଛି।

## ଦୁର୍ଗାପୂଜା ପାଇଁ ଯାଜପୁରରୋଡ ଚଳଚଞ୍ଚଳ

ଯାଜପୁରରୋଡ,୧୬।୧୦(ନି.ପ୍ର.)

ମା'ଙ୍କ ସପ୍ତମୀ ପୂଜାରେ ଯାଜପୁରରୋଡ ଚଳଚଞ୍ଚଳ ହୋଇଉଠିଛି। ଯାଜପୁରରୋଡ ସହରର ୫ ପୂଜା ମଣ୍ଡପରେ ମା'ଙ୍କ ମୃଣ୍ମୟୀ ମୂର୍ତ୍ତି ପୂଜା ପାଉଛି । ମଙ୍ଗଳବାର ସପ୍ତମୀ ପୂଜା ହୋଇଥିବାରୁ ପୂଜା ମଣ୍ଡପରେ ଶ୍ରଦ୍ଧାଳୁଙ୍କ ଭିଡ଼ ଲାଗିଥିଲା । ପୂଜା କମିଟି ପକ୍ଷରୁ ସାଜସଜ୍ଜା ଉପରେ ବିଶେଷ ଗୁରୁତ୍ୱ ଦିଆଯାଇଛି । ନହକା ପୂଜା କମିଟି ସଭାପତି ବିବେକାନନ୍ଦ ରାଉତ, ସମ୍ପାଦକ ପ୍ରକାଶ ଚନ୍ଦ୍ର ମହାନ୍ତି, ପରମେଶ୍ୱର ପାତ୍ର, ସୁବାସ ଚନ୍ଦ୍ର ବରାଳ, ଭଗବାନ ମହାନ୍ତି, ସଞ୍ଜୟ କୁମାର ସାମଲ, ମନୋଜ କୁମାର ଜେନା, ମହେନ୍ଦ୍ର କୁମାର ଦାସ, ମନୋଜ କୁମାର ଭୋଇ ପ୍ରମୁଖ ପୂଜା କାର୍ଯ୍ୟ ପରିଚାଳନା କରୁଛନ୍ତି । ଶବ୍ଦ ପ୍ରଦୂଷଣ ପାଇଁ ଡାକବାଜି ଯନ୍ତ୍ର ଉପରେ କଟକଣା କରାଯାଇଛି ।

## ମରାମତିର ୭ ମାସ ନ ପୂରୁଣୁ ରାସ୍ତାରେ ଫାଟ



ଚଣ୍ଡିଖୋଲ,୧୬।୧୦(ଡି.ଏନ.ଏ)

**ବାଲିଚନ୍ଦ୍ରପୁର-ଲଳିତଗିରି ରାସ୍ତା**
- ■ ୫ ବର୍ଷରେ ୫ କୋଟି ଟଙ୍କା ହଡ଼ପ
- ■ପ୍ରତିବର୍ଷ କରାଯାଉଛି ଗୁପ୍ତ ଟେଣ୍ଡର
- ■ବିଭାଗୀୟ ଯନ୍ତ୍ରୀ ଓ ଠିକାଦାରଙ୍କ ଅସାଧୁ ମେଣ୍ଟ

କଟକ ପୂର୍ତ୍ତ ବିଭାଗ ଅଧୀନରେ ରହିଛି ବାଲିଚନ୍ଦ୍ରପୁର-ଲଳିତଗିରି ଓ ଛତିଆ-ସାଲେପୁର ରାସ୍ତା। ସମ୍ପୃକ୍ତ ରାସ୍ତା ମରାମତି ନାମରେ ଗୁପ୍ତ ଟେଣ୍ଡର କରାଯାଇ କୋଟି କୋଟି ଟଙ୍କା ହରିଲୁଟ୍ ହୋଇଥିବା ଜଣାପଡ଼ିଛି। ସୂଚନାଯୋଗ୍ୟ, ୨୦୧୮ ଜାନୁୟାରୀରୁ ମାର୍ଚ୍ଚ ମଧ୍ୟରେ ଏଫ-୨ ଜରିଆରେ ଗୁପ୍ତ ଟେଣ୍ଡର କରାଯାଇ ୧ କୋଟିରୁ ଊର୍ଦ୍ଧ୍ୱ ଟଙ୍କା ବ୍ୟୟରେ ୫ କି.ମି. ରାସ୍ତା ମରାମତି କରାଯାଇଥିଲା। ହେଲେ ମରାମତିର ୭ ମାସ ନ ପୂରୁଣୁ ରାସ୍ତାର ବିଭିନ୍ନ ସ୍ଥାନରେ ଫାଟ ସୃଷ୍ଟି ହୋଇଛି। ନଳୀପୁର ଓ ଅକରପଡ଼ା ଗ୍ରାମ ଦେଇ ଯାଇଥିବା ଏହି ରାସ୍ତାର ଦୁଇ ପାର୍ଶ୍ୱ ଦବିଗଲାଣି। ଯାତାୟାତରେ ଲୋକ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ୨୦୧୨-୧୩ ରୁ ଆରମ୍ଭ କରି ୨୦୧୭-୧୮ ମଧ୍ୟରେ ସମ୍ପୃକ୍ତ ୫ କି.ମି. ରାସ୍ତା ପାଇଁ ଏଫ୍-୨ ଜରିଆରେ ପ୍ରତିବର୍ଷ ଗୁପ୍ତ ଟେଣ୍ଡର କରାଯାଇ ମରାମତି ଆଳରେ ୫ କୋଟିରୁ ଊର୍ଦ୍ଧ୍ୱ ଟଙ୍କା ହଡ଼ପ କରାଯାଇଛି। ସେହିପରି ବଡ଼ଚଣା ପୂର୍ତ୍ତ ବିଭାଗ ଅଧୀନରେ ଥିବା ଛତିଆ-ସାଲେପୁର ମାତ୍ର ୨ କି.ମି. ରାସ୍ତା ମରାମତି ପାଇଁ ଗୁପ୍ତ ଟେଣ୍ଡର କରାଯାଇ ୩୧ ଲକ୍ଷ ଟଙ୍କା ଲୁଟ୍ ହୋଇଥିବା ଜଣାପଡ଼ିଛି। ପୂର୍ତ୍ତ ବିଭାଗ ଯନ୍ତ୍ରୀ ଓ ଠିକାଦାର ମିଳିମିଶି ଲୁଟ୍ କରିଥିବା ଅଭିଯୋଗ ହୋଇଛି। ବିଭିନ୍ନ ସ୍ଥାନରେ ଖାଲଖମା ସୃଷ୍ଟି ହୋଇ ରାସ୍ତାରେ ଯାତାୟାତରେ ବାଧା ସୃଷ୍ଟି ହେଉଛି। ଛୋଟବଡ଼ ଦୁର୍ଘଟଣାମାନ ଘଟୁଛି। ରାସ୍ତା ଅବସ୍ଥା ଶୋଚନୀୟ ହୋଇଥିଲେ ମଧ୍ୟ ବିଭାଗୀୟ ଅଧିକାରୀ ଏଥିପ୍ରତି ଦୃଷ୍ଟି ଦେଉନାହାନ୍ତି। ଏ ସମ୍ପର୍କରେ ପୂର୍ତ୍ତ ବିଭାଗ ନିର୍ବାହୀ ଯନ୍ତ୍ରୀ ସୁଜିତ କୁମାର ପଣ୍ଡାଙ୍କୁ ପଚାରିବାରେ, ରାସ୍ତା କାମ ବିଷୟରେ ଠିକ୍‌ଭାବେ ଜାଣିନାହିଁ। କାଗଜପତ୍ର ଦେଖିଲା ପରେ କହିପାରିବେ ବୋଲି କହିଥିଲେ।

**ମୁଗଲସରାଇ ମଣ୍ଡଳର ଡ଼େହରୀ ଅନ ସୋନ ଷ୍ଟେସନଠାରେ ନିରାପତ୍ତା ସମ୍ବନ୍ଧୀୟ ଆଧୁନିକୀକରଣ କାର୍ଯ୍ୟ ନିମନ୍ତେ ଟ୍ରେନ୍‌ଗୁଡ଼ିକର ରଦ୍ଦକରଣ/ଗତିପଥ ପରିବର୍ତ୍ତନ**

ଟ୍ରେନ୍‌ଗୁଡ଼ିକର ରଦ୍ଦକରଣ

| ଟ୍ରେନ୍ ନଂ. | ଟ୍ରେନ୍ ନାମ | ଷ୍ଟେସନ ଠାରୁ | ଯାତ୍ରା ପ୍ରାରମ୍ଭ କରୁଥିବା ତାରିଖ |
|---|---|---|---|
| 18311 | ସମ୍ବଲପୁର-ବାରଣାସୀ ଦ୍ୱି-ସାପ୍ତାହିକ ଏକ୍ସପ୍ରେସ୍ | ସମ୍ବଲପୁର | 24.10.2018 ଏବଂ 28.10.2018 |
| 18312 | ବାରଣାସୀ-ସମ୍ବଲପୁର ଦ୍ୱି-ସାପ୍ତାହିକ ଏକ୍ସପ୍ରେସ୍ | ବାରଣାସୀ | 25.10.2018 ଏବଂ 29.10.2018 |
| 12875 | ପୁରୀ-ଆନନ୍ଦ ବିହାର ଟର୍ମିନାଲ ନୀଳାଚଳ ଏକ୍ସପ୍ରେସ୍ | ପୁରୀ | 23.10.2018, 26.10.2018 ଏବଂ 28.10.2018 |
| 12876 | ଆନନ୍ଦ ବିହାର ଟର୍ମିନାଲ-ପୁରୀ ନୀଳାଚଳ ଏକ୍ସପ୍ରେସ୍ | ଆନନ୍ଦ ବିହାର ଟର୍ମିନାଲ | 26.10.2018, 28.10.2018 ଏବଂ 30.10.2018 |

ଟ୍ରେନ୍‌ଗୁଡ଼ିକର ଗତିପଥ ପରିବର୍ତ୍ତନ

| ଟ୍ରେନ୍ ନଂ. | ଟ୍ରେନ୍ ନାମ | ଯାତ୍ରା ପ୍ରାରମ୍ଭ କରୁଥିବା ତାରିଖ | ଗତିପଥ ପରିବର୍ତ୍ତନ |
|---|---|---|---|
| 12801 | ପୁରୀ-ନୂଆ ଦିଲ୍ଲୀ ପୁରୁଷୋତ୍ତମ ଏକ୍ସପ୍ରେସ୍ | 23.10.2018 ଏବଂ 28.10.2018 | ପୁରୀ-ବରକାକାନା-ଗଡ଼୍‌ୱା ରୋଡ଼-ଚୁନାର |
| 12802 | ନୂଆ ଦିଲ୍ଲୀ-ପୁରୀ ପୁରୁଷୋତ୍ତମ ଏକ୍ସପ୍ରେସ୍ | 23.10.2018 ଏବଂ 28.10.2018 | ଚୁନାର-ଗଡ଼୍‌ୱା ରୋଡ଼ ବରକାକାନା-ପୁରୀ |



ପୂର୍ବ ତଟ ରେଳପଥ

PR-365/J/18-19

ଧରିତ୍ରୀ DHARITRI
Quiz No.5
Puja Quiz- 2018
Main Sponsor TVS
Co-Sponsors CENTRAL Nikon

☑Tick mark the box which is correct

୧. ଭାରତର 'ଗଜଲ ରାଣୀ' କାହାକୁ କୁହାଯାଏ ?
କ. ବେଗମ ଅଖତର ☐ ଖ. ନୁର ଜହାଁ ☐ ଗ. ଲତା ମଙ୍ଗେସକର ☐ ଘ. କେଉଁଟି ନୁହେଁ ☐
୨. ରାଜସ୍ଥାନରେ ଅନୁଷ୍ଠିତ ହେଉଥିବା ପୃଥିବୀ ପ୍ରସିଦ୍ଧ ପଶୁମେଳା (ଓଟ)ର ନାମ କ'ଣ ?
କ. ବୈଶାଖୀ ☐ ଖ. ମକର ☐ ଗ. ପୁଷ୍କର ☐ ଘ. କେଉଁଟି ନୁହେଁ ☐
୩. ମହାକୁମ୍ଭ ମେଳା କେଉଁଠାରେ ଅନୁଷ୍ଠିତ ହୁଏ ?
କ. ବାରାଣସୀ ☐ ଖ. ଆଲ୍ଲାହାବାଦ ☐ ଗ. ଗୟା ☐ ଘ. କେଉଁଟି ନୁହେଁ ☐
୪. ଅଲ୍ଲି ଆକବର ଖାନ୍ କେଉଁ ବାଦ୍ୟଯନ୍ତ୍ର ସହ ସମ୍ପୃକ୍ତ ?
କ. ସରୋଦ ☐ ଖ. ତବଲା ☐ ଗ. ଢୋଲ ☐ ଘ. କେଉଁଟି ନୁହେଁ ☐
୫. ନୋବେଲ ଶାନ୍ତି ପୁରସ୍କାର କେଉଁ ସହରରେ ଦିଆଯାଏ ?
କ. ଜେନେଭା ☐ ଖ. ଓସ୍‌ଲୋ ☐ ଗ. ଷ୍ଟକ୍‌ହୋମ ☐ ଘ. କେଉଁଟି ନୁହେଁ ☐

Participant's Name:.......................................
Address:.......................................
.......................................
Education .......................................
Mobile.......................................Age:............
E-mail:.......................................

Terms & conditions:
1. Only original coupons will be considered.
2. Persons working with Dharitri or sponsors are not eligible for the contest.
3. Coupons should reach us within 7 days of publication.
4. Everyday three Daily Winners will be selected by lucky draw.
5. Mega prize winners will be selected from correct entries by lucky draw and Winners will bear gift taxes if any, as per Govt. norms.
6 Prize distribution date, time and venue will be intimated to the winners individually.
7. Selection of winners by the juries will be final. No complaints will be entertained.
*Conditions apply

Prizes: 1st - TVS Apache 160cc 2nd - TVS Jupiter Scooter, 3rd - TVS Scooty Pep+,
Consolation Prizes : Gift Vouchers from CENTRAL, Digital Cameras from NIKON
Cut this coupon and send it to the following address:
DHARITRI Puja Quiz No. 5
B-15, Industrial Estate, Rasulgarh, Bhubaneswar-10





ଗୁରୁ ଗୋବିନ୍ଦ ଦୁହିଁଙ୍କ ଭିତରୁ ଗୁରୁ ଶ୍ରେଷ୍ଠ ଅଟନ୍ତି, କାରଣ ସେ ଈଶ୍ୱରଙ୍କୁ ପାଇବାର ବାଟ ବତାଇ ଦେଇ ପାରନ୍ତି।

- ସନ୍ଥ କବୀର ଦାସ



## ସଂକ୍ଷେପରେ

### ଘରପୋଡ଼ି ୫ ଛେଳି ଜୀବନ୍ତ ଦଗ୍ଧ, ୧ ଗୋରୁ ଆହତ

ବିରଜାକ୍ଷେତ୍ର,୧୬।୧୦(ଡି.ଏନ୍.ଏ): ଯାଜପୁର ବ୍ଲକ ବେରୁଦା ପଞ୍ଚାୟତ ନେଳିପୁର ଗ୍ରାମର ସଙ୍ଗୀତା ଜେନାଙ୍କ ଗୁହାଳ ଘରେ ମଙ୍ଗଳବାର ପ୍ରତ୍ୟୁଷରୁ କୌଣସି କାରଣରୁ ଅଗ୍ନିକାଣ୍ଡ ହେବାରୁ ଗୁହାଳରେ ଥିବା ୫ ଗୋଟି ଛେଳି ଜୀବନ୍ତ ଦଗ୍ଧ ହେବା ସହ ଗୋଟିଏ ଗୋରୁ ଗୁରୁତର ଆହତ ହୋଇଛି। ଖବରପାଇ ଯାଜପୁର ଦମକଳ ବାହିନୀ ଘଟଣାସ୍ଥଳରେ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ ମଧ ୫ ଗୋଟି ଛେଳି ଜୀବନ୍ତ ଦଗ୍ଧ ହୋଇଯାଇଥିଲେ। ଯାଜପୁର ବ୍ଲକ୍ ଅଧକ୍ଷ ପ୍ରଦୀପ ନାୟକ ଘଟଣାସ୍ଥଳରେ ପହଞ୍ଚି ସଙ୍ଗୀତା ଓ ତାର ପରିବାରକୁ ଆଶ୍ୱାସନା ଦେଇଛନ୍ତି । ସ୍ଥାନୀୟ ରାଜସ୍ୱ ନିରୀକ୍ଷକ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରିଛନ୍ତି ।

### ବିରଜା ମହୋତ୍ସବ

ବିରଜାକ୍ଷେତ୍ର,୧୬।୧୦(ଡି.ଏନ୍.ଏ): ମା' ବିରଜାଙ୍କ ପଶ୍ଚିମ-ଉତ୍ତର ରଥଦାଣ୍ଡରେ ଯାଜପୁରର ମା'ଟିଭି ପକ୍ଷରୁ ବିରଜା ମହୋତ୍ସବ ଦୁଇଦିନ ଧରି ଅନୁଷ୍ଠିତ ହେଉଛି । ମଙ୍ଗଳବାର ଓ ବୁଧବାର ଏହି ମହୋତ୍ସବ ଅନୁଷ୍ଠିତ ହେବ। ମା'ଟିଭିର ନିର୍ଦ୍ଦେଶକ ପ୍ରଭାତ କୁମାର ରାଉତରାୟଙ୍କ ସଭାପତିତ୍ୱରେ ଏହି ମହୋତ୍ସବ ଅନୁଷ୍ଠିତ ହେଉଛି । ଏହି ମହୋତ୍ସବରେ ଜିଲା ତଥା ଜିଲା ବାହାରୁ ବହୁ ପ୍ରତିଯୋଗୀ ଭାଗନେଇ ତାଙ୍କର କଳା ନୈପୁଣ୍ୟ ପ୍ରଦର୍ଶନ କରୁଛନ୍ତି। ଏହି ବିରଜା ମହୋତ୍ସବ ଅବସରରେ ମା'ଟିଭି ପକ୍ଷରୁ ଓଡ଼ିଶାର ବିଶିଷ୍ଟ ଜ୍ଞାନୀ ଗୁଣୀ ବ୍ୟକ୍ତିଙ୍କୁ ସମ୍ବର୍ଦ୍ଧିତ କରାଯିବ ।

### ବିଭିନ୍ନ ପୂଜା ମଣ୍ଡପରେ ପୂଜା ପାଇଲେ ମା' ଦୁର୍ଗା ଓ ହରପାର୍ବତୀ

ବିରଜାକ୍ଷେତ୍ର,୧୬।୧୦(ଡି.ଏନ୍.ଏ): ଯାଜପୁର ସହରର ବିଭିନ୍ନ ପୂଜା ମଣ୍ଡପରେ ପୂଜା ପାଇଲେ ମା' ଦୁର୍ଗା ଓ ହରପାର୍ବତୀ। ସୋମବାର ମଣ୍ଡପ ଗୁଡ଼ିକ ପକ୍ଷରୁ ମା'ଙ୍କର ବେଲବରଣୀ ନୀତି ଅନୁଷ୍ଠିତ ହୋଇଥିଲା। ମଙ୍ଗଳବାର ସପ୍ତମୀ ପୂଜାରେ ମଣ୍ଡପ ଗୁଡ଼ିକରେ ମା' ଜଗତଜନନୀ ଦୁର୍ଗା ପୂଜା ପାଇବା ସହ କେତେକ ମଣ୍ଡପରେ ହରପାର୍ବତୀ ପୂଜା ପାଉଥିବା ଦେଖିବାକୁ ମିଳିଛି। କୁଆଁସରପୁର ବଲ୍ଲଭଘର, ସିଂହଘର, ମହାବୀର ଛକ, ବୈଦ୍ୟରାଜପୁର, ଭାଗବତପୁର, ବିରଜା ହାଟ, ଚଣ୍ଡେଶ୍ୱର, ବେଲାରପୁର, ସପନପୁର, ହରପାର୍ବତୀ ଛକ, ବଡ଼ବଜାର, ସାନବଜାର, ଭବାନୀଗଞ୍ଜ, ଗୋଖନା ସମେତ ବିଭିନ୍ନ ପୂଜା ମଣ୍ଡପରେ ମା' ଦୁର୍ଗା ଓ ହରପାର୍ବତୀଙ୍କ ମୃଣ୍ମୟ ମୂର୍ତ୍ତି ପୂଜା ପାଉଛନ୍ତି। ସପ୍ତମୀ ଦିନରେ ମା'ଙ୍କର ପୂଜା ଅନୁଷ୍ଠିତ ହେଉଥିବାରୁ ବହୁ ଶ୍ରଦ୍ଧାଳୁ ଭକ୍ତ ମା'ଙ୍କ ନିକଟରେ ପହଞ୍ଚି ପୂଜାର୍ଚ୍ଚନା କରିଥିଲେ।

## ପିଏମ୍‌ଜିଏସ୍‌ୱାଇ ରାସ୍ତା ନିମ୍ନମାନର

# ୧୫ ଦିନରେ ତଦନ୍ତ ରିପୋର୍ଟ ଦାଖଲ ନିର୍ଦ୍ଦେଶ

ଯାଜପୁର ଅଫିସ,୧୬।୧୦

ଯାଜପୁର ଜିଲାରେ ପ୍ରଧାନମନ୍ତ୍ରୀ ଗ୍ରାମ୍ୟ ସଡ଼କ ଯୋଜନା(ପିଏମ୍‌ଜିଏସ୍‌ୱାଇ)ରେ ନିମ୍ନମାନର କାର୍ଯ୍ୟ ହେଉଥିବା ପୂର୍ବରୁ ଅନେକ ନଜିର ରହିଛି। ଠିକାଦାର ଓ ଯନ୍ତ୍ରୀଙ୍କ ମଧ୍ୟରେ ମଧୁଚନ୍ଦ୍ରିକା ଫଳରେ ଆବଶ୍ୟକ ନିର୍ମାଣ ସାମଗ୍ରୀ ବ୍ୟବହାର ନ ହେବା ଯୋଗୁ ରାସ୍ତା ଦୀର୍ଘସ୍ଥାୟୀ ହୋଇ ପାରୁନାହିଁ। ଏହିକ୍ରମରେ ଜିଲାର ୨ଟି ପିଏମ୍‌ଜିଏସ୍‌ୱାଇରେ ଅତି ନିମ୍ନମାନର କାର୍ଯ୍ୟ ହୋଇଥିବା ଅଭିଯୋଗ ହୋଇଛି। ଏନେଇ ଏକ ସ୍ୱତନ୍ତ୍ର ତଦନ୍ତ କରି ୧୫ ଦିନ ମଧ୍ୟରେ ତଦନ୍ତ ରିପୋର୍ଟ ସହ ପରିଶୋଧନ ପ୍ରକ୍ରିୟା ଉପରେ ମତାମତ ରଖିବାକୁ ଖୋଦ ଗ୍ରାମ୍ୟ ନିର୍ମାଣ ବିଭାଗର ମୁଖ୍ୟ ଯନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି। ଏଥିରୁ ଜିଲାରେ ପିଏମ୍‌ଜିଏସ୍‌ୱାଇ କାର୍ଯ୍ୟରେ ସ୍ୱଚ୍ଛତା ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି।

ଜିଲାର କୟାଁରୁ ଇଚ୍ଛାପୁର(ପ୍ୟାକେଜ ନମ୍ବର ଓଆର-୧୩-ଏଡିବି-୧୯) ଓ ବରକଣା ରୁ ସୋରେଇ(ପ୍ୟାକେଜ ନମ୍ବର ଓଆର-୧୨-୨୦୮ବି) ରାସ୍ତା କାର୍ଯ୍ୟ ଚାଲିଛି। ଏହି ଦୁଇ ରାସ୍ତାରେ ଅତି ନିମ୍ନମାନର ନିର୍ମାଣ ସାମଗ୍ରୀ ବ୍ୟବହାର କରାଯାଉଛି। ଏହାସହ ଆବଶ୍ୟକ ପରିମାଣର ସାମଗ୍ରୀ ବ୍ୟବହାର କରା ନ ଯାଇ କାର୍ଯ୍ୟର ଏଷ୍ଟିମେଟକୁ ଉଲ୍ଲଂଘନ କରାଯାଉଛି। ସଂପୃକ୍ତ ଠିକାଦାର ଯନ୍ତ୍ରୀଙ୍କୁ ହାତକରି ଅନୁଦାନର ସିଂହଭାଗ ଅର୍ଥ ହରିଲୁଟ କରିବାକୁ ଯୋଜନା କରୁଛନ୍ତି । ଗତ ଜୁଲାଇ ମାସର ରିପୋର୍ଟ ଅନୁସାରେ ଜିଲାରେ ୧୭୫ଟି ପିଏମ୍‌ଜିଏସ୍‌ୱାଇରେ ରାସ୍ତା ନିର୍ମାଣ ଅଧାପନ୍ତରିଆ ଅବସ୍ଥାରେ ପଡ଼ି ରହିଛି। ଏଥିରେ ଜିଲାର ଗ୍ରାମ୍ୟ ନିର୍ମାଣ ଯାଜପୁର ଡିଭିଜନ-୧ ଅଧିନରେ ୧୩୫ ଓ ଜାରକା ଡିଭିଜନ-୨ ଅଧିନରେ ୪୦ଟି ଅସମ୍ପୂର୍ଣ୍ଣ ହୋଇଛି। ସେଥିମଧ୍ୟରୁ ୨୦୦୭-୦୮ଆର୍ଥିକ ବର୍ଷରୁ ମଞ୍ଜୁରପ୍ରାପ୍ତ କେତେକ ରାସ୍ତା ମଧ ସମ୍ପୂର୍ଣ୍ଣ ହୋଇ ପାରିନାହିଁ। ନିର୍ମାଣ ଦାୟିତ୍ୱରେ ଥିବା ଠିକାସଂସ୍ଥା ସିଦ୍ଧାର୍ଥ ଦାସ, ବିଜୟକୁମାର ମହାପାତ୍ର, ପ୍ରଦୀପ କୁମାର ବେହୁରିଆ, ନନ୍ଦିଘୋଷ ଇନଫ୍ରାଷ୍ଟ୍ରକ୍ଚର, ଲଜିଷ୍ଟିକ, ଭୁବନେଶ୍ୱରୀ କନଷ୍ଟ୍ରକ୍ସନ, ରାଜେଶ ମହାପାତ୍ର, ରସାନନ୍ଦ ଜେନା, ଭଗବତ ଖଟୁଆ, ବିରଜା କନଷ୍ଟ୍ରକ୍ସନ, ସତ୍ୟସାଇ କନଷ୍ଟ୍ରକ୍ସନ, ଜଗନ୍ନାଥ କନଷ୍ଟ୍ରକ୍ସନ, ମା ବାସୁଲେଇ କନଷ୍ଟ୍ରକ୍ସନ ପ୍ରମୁଖ ଦାୟୀ ବୋଲି କୁହାଯାଉଛି। ଫଳରେ ରାଜ୍ୟ ଓ କେନ୍ଦ୍ର ସରକାରଙ୍କ ପ୍ରାୟ ୨୦୦୦କୋଟି ଟଙ୍କା ବିନିଯୋଗ ହୋଇ ପାରି ନ ଥିବାରୁ ଯୋଜନାର ଲକ୍ଷ୍ୟ ବାଟବଣା ହୋଇଛି। ବିଡ଼ମ୍ବନା ଯେ, ୨୦୦୭-୦୮ ଆର୍ଥିକ ବର୍ଷ ତଥା ଆଜକୁ ୧୦ ବର୍ଷ ହେଲା ପିଏମ୍‌ଜିଏସ୍‌ୱାଇରେ ରାସ୍ତା ଅସମ୍ପୂର୍ଣ୍ଣ ରହିଛି। ଗ୍ରାମ୍ୟ ନିର୍ମାଣ ବିଭାଗର ଚିଫ୍ ଇଞ୍ଜିନିୟର ତାଙ୍କ ପତ୍ରସଂଖ୍ୟା ୧୮୦୮୭/୯।୭।୨୦୧୮ରେ ମିଳିଥିବା ତଥ୍ୟ ଅନୁସାରେ ୨୦୦୭-୦୮ ଆର୍ଥିକ ବର୍ଷରେ ମହାକାଳପଡାରୁ ନିଳପଡା ୩.୩୦ କିମି ରାସ୍ତା ନିର୍ମାଣ ପାଇଁ ୧୫୮.୧୮ ଲକ୍ଷ ଟଙ୍କା ମଞ୍ଜୁର ହୋଇଥିଲା। ସିଦ୍ଧାର୍ଥ ଦାସ ଠିକାଦାରଙ୍କୁ ଏହି କାର୍ଯ୍ୟ ନିର୍ମାଣ ପାଇଁ ଦାୟିତ୍ୱ ଦିଆଯାଇଥିଲା । ହେଲେ ଜୁଲାଇ ୫ ତାରିଖ ସୁଦ୍ଧା ମାତ୍ର ୦.୮୭ କିମି ରାସ୍ତା ନିର୍ମାଣ ହୋଇଛି । ଏଥିପାଇଁ ୭୯.୪୭ ଲକ୍ଷ ଟଙ୍କା ଖର୍ଚ୍ଚ ହୋଇଛି । ସେହିପରି ଦୁଧେଇ ନାଳା ଉପରେ ବ୍ରିଜ ନିର୍ମାଣ ପାଇଁ ୨୦୧୦-୧୧ ଆର୍ଥିକ ବର୍ଷରେ ୩୬୫.୩୮ ଲକ୍ଷ ଟଙ୍କା ମଞ୍ଜୁର ହୋଇଥିଲା । ଗତ ୮।୧୧।୨୦୧୧ରେ ଠିକାଦାର ବିଜୟ କୁମାର ମହାପାତ୍ର ଏହାର ନିର୍ମାଣ ଦାୟିତ୍ୱ ନେଇଥିଲେ। ଏଯାଏ ମଞ୍ଜୁର ଅର୍ଥଠାରୁ ବହୁ ଅଧିକ ୪୮୫.୩୨ ଲକ୍ଷ ଟଙ୍କା ଖର୍ଚ୍ଚ ହୋଇ ସାରିଛି। ହେଲେ ପ୍ରକଳ୍ପ ଶେଷ ହେବାର ନାଁ ଧରୁନାହିଁ । ସେହିପରି ୨୦୧୧-୧୨ ଆର୍ଥିକ ବର୍ଷରେ ଆମ୍ବଦୋଳା-କାଲୋ ରାସ୍ତା ନିର୍ମାଣ ପାଇଁ ୧୭୪.୪୪ ଲକ୍ଷ ଟଙ୍କା ଓ ଆରଡି ରାସ୍ତାରୁ ଅର୍ଡାପାଳ ପାଇଁ ୨୩୧.୫୦ ଲକ୍ଷ ଟଙ୍କା, ୨୦୧୨-୧୩ ଆର୍ଥିକ ବର୍ଷରେ ଏନଏଚ-୫ ରୁ ରମ୍ଭାଦେଇପୁର ପାଇଁ ୯୫.୯୭ ଲକ୍ଷ ଟଙ୍କା, ଆରଡି ରାସ୍ତାରୁ ମହିଶରା ପାଇଁ ୧୮୦.୫୫ ଲକ୍ଷ ଟଙ୍କା, ଆରଡି ରାସ୍ତାରୁ ସଦାବ୍ରତ ୧୯୪.୮୩ ଲକ୍ଷ ଟଙ୍କା ଆଦି ପ୍ରକଳ୍ପ ଶେଷ ହୋଇନାହିଁ । ୨୦୧୩-୧୪ ବର୍ଷରେ ଖରସ୍ରୋତା ନଦୀ ଉପରେ ବିଲାସାହି ରାସ୍ତାକୁ ୧୦ କୋଟି ୭୬ ଲକ୍ଷ ଟଙ୍କା ମୂଲ୍ୟର ବ୍ରିଜ କାର୍ଯ୍ୟ ମଧ ଅଧାପନ୍ତରିଆ ଅବସ୍ଥାରେ ପଡିରହିଛି। ବିରଜା କନ୍‌ଷ୍ଟ୍ରକ୍ସନ ଦ୍ୱାରା ନିର୍ମାଣାଧିନ ଏହି ବ୍ରିଜ କାର୍ଯ୍ୟରେ ଏଯାଏ ୭ କୋଟି ୮୧ ଲକ୍ଷ ଟଙ୍କା ଖର୍ଚ୍ଚ ହୋଇ ସାରିଛି । ଜିଲାର ଏଭଳି ୧୭୫ ଟି ପ୍ରକଳ୍ପ ଅଧାପନ୍ତରିଆ ଅବସ୍ଥାରେ ରହିଥିବାରୁ ସଂପୃକ୍ତ ଅଞ୍ଚଳବାସୀ ନାହିଁ ନ ଥିବାର ସମସ୍ୟା ଭୋଗୁଛନ୍ତି । ଜୁଲାଇରୁ ଆଜି ପର୍ଯ୍ୟନ୍ତ ବର୍ଷା ମାସ ହୋଇଥିବାରୁ କୌଣସି କାର୍ଯ୍ୟ ସେଭଳି ଅଗ୍ରଗତି ହୋଇ ପାରିନାହିଁ । ଏହାବାଦ ପିଏମଜିଏସ୍‌ୱାଇରେ ବ୍ରିଜ ଓ ରାସ୍ତା ନିର୍ମାଣରେ ନାହିଁ ନ ଥିବା ଦୁର୍ନୀତି ପଦାକୁ ଆସୁଛି। ଏଥିରେ ସରକାର ସାଧାରଣରେ ବଦନାମ ହେଉଥିବାବେଳେ କେତେକ ସ୍ଥାନୀୟ ଲୋକପ୍ରତିନିଧି ଓ ଠିକାଦାରମାନେ ମାଲାମାଲ୍ ହେଉଛନ୍ତି। ଏ ସଂକ୍ରାନ୍ତରେ ଗ୍ରାମ୍ୟ ନିର୍ମାଣ ବିଭାଗର ଚିଫ୍ ଇଞ୍ଜିନିୟର ତତ୍ପରତା ପ୍ରକାଶ କରିବା ସହିତ ରାସ୍ତାର ମାନ ଉପରେ ତଦନ୍ତ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ବ୍ରହ୍ମପୁର ଗଜପତିନଗରର ଇଂ ଶରତଚନ୍ଦ୍ର ଚୌଧୁରୀଙ୍କୁ ନିମ୍ନମାନର କାର୍ଯ୍ୟ ଉପରେ ନିରପେକ୍ଷ ତଦନ୍ତ କରିବାକୁ ମୁଖ୍ୟଯନ୍ତ୍ରୀ ତାଙ୍କ ପତ୍ରସଂଖ୍ୟା ୨୪୯୩୩/୪।୧୦।୨୦୧୮ରେ ନିର୍ଦ୍ଦେଶ ଦେଇଛନ୍ତି। ଏହାସହ ତଦନ୍ତ ରିପୋର୍ଟରେ କ'ଣ ଅଭାବ ରହିଛି ଏବଂ କେତେ ଦିନ ମଧ୍ୟରେ କିପରି ଭାବରେ ପରିଶୋଧନ ହୋଇ ପାରିବ ସେ ନେଇ ରିପୋର୍ଟରେ ମତାମତ ରଖିବାକୁ ମୁଖ୍ୟଯନ୍ତ୍ରୀ ପରାମର୍ଶ ଦେଇଛନ୍ତି।

**ଯାଜପୁର ଜିଲା**

**୧୦ ବର୍ଷରେ ୧୭୫ ପ୍ରକଳ୍ପ ଅଧାପନ୍ତରିଆ**

## ଜିଲାରେ ସବୁଠି ପାର୍ବଣର ମାହୋଲ



ଖରମାଙ୍ଗି ପୂଜା ମଣ୍ଡପ।



ଧର୍ମଶାଳାସ୍ଥିତ ସୋରେଇ ପୂଜା ମଣ୍ଡପରେ ମା' ଦୁର୍ଗା।



ଯାଜପୁର ଟାଉନ୍ ହରପାର୍ବତୀ ଛକ



ଚଣ୍ଡିଖୋଲ ପୂଜା ମଣ୍ଡପ।



କୁଆଁସରପୁର ସିଂହଘର ପୂଜା ମଣ୍ଡପ।

## ଅନନ୍ୟା ସାହିତ୍ୟ ସଂସଦର ଆଲୋଚନାଚକ୍ର

ବିରଜାକ୍ଷେତ୍ର, ୧୬।୧୦(ଡି.ଏନ୍.ଏ.)

ଯାଜପୁରର ଅଗ୍ରଣୀ ସାହିତ୍ୟ ଅନୁଷ୍ଠାନ ଅନନ୍ୟା ସାହିତ୍ୟ ସଂସଦ ପକ୍ଷରୁ ବିରଜା ମନ୍ଦିର ନିକଟସ୍ଥ ଜନସୁବିଧା କେନ୍ଦ୍ର ନିକଟରେ ମା' ବିରଜାଙ୍କ ଦୁର୍ଗା ଉତ୍ସବ ନିମନ୍ତେ ବିରଜାଙ୍କ ଐତିହ୍ୟ ଓ ମହିମା ଉପରେ ଆଲୋଚନାଚକ୍ର ସପ୍ତମୀଠାରୁ ଆରମ୍ଭ ହୋଇଛି। ଏହା ତିନିଦିନ ଧରି ଚାଲିବ । ଦଶହରା ଦିନ ଅନନ୍ୟା ସାହିତ୍ୟ ସଂସଦ ପକ୍ଷରୁ ସହସ୍ରାଧିକ ଘୃତ ଦୀପ ପ୍ରଦାନ କରାଯିବ। ଏହି ତିନିଦିନ ଧରି ଆଲୋଚନାଚକ୍ରରେ ଅନୁଷ୍ଠାନ ପକ୍ଷରୁ ବିଭିନ୍ନ ଜ୍ଞାନୀ ଗୁଣୀ ବ୍ୟକ୍ତିଙ୍କୁ ସମ୍ବର୍ଦ୍ଧନା କରାଯିବ। ଏହି ଆଲୋଚନାଚକ୍ରରେ ବିରଜାଙ୍କ ଐତିହ୍ୟ ଓ ମହିମା ବିଷୟରେ ଜାଣିଥିବା ରାଜ୍ୟର ବହୁ ବିଶିଷ୍ଟ ବ୍ୟକ୍ତି ଯୋଗଦାନ କରି ଆଲୋଚନାରେ ଭାଗ ନେଉଛନ୍ତି। ଅନନ୍ୟା ସାହିତ୍ୟ ସଂସଦ ସଭାପତି ସନ୍ତୋଷ ନନ୍ଦ ଓ ସମ୍ପାଦକ କାହ୍ନୁଚରଣ ମିଶ୍ରଙ୍କ ତତ୍ତ୍ୱାବଧାନରେ ଏହି ଆଲୋଚନାଚକ୍ର ଅନୁଷ୍ଠିତ ହେଉଛି ।

## ମାଗଣାରେ ଅନ୍ନ ପ୍ରସାଦ, ଜଳଛତ୍ର ବଣ୍ଟନ

ବିରଜାକ୍ଷେତ୍ର,୧୬।୧୦(ଡି.ଏନ୍.ଏ)

ମା' ବିରଜାଙ୍କ ମହାଷ୍ଟମୀ ଉପଲକ୍ଷେ ରଥଦାଣ୍ଡରେ ଭକ୍ତମାନଙ୍କୁ ମାଗଣାରେ ଅନ୍ନ ପ୍ରସାଦ ଓ ଜଳଛତ୍ର ଯୋଗାଇ ଦିଆଯାଇଛି । ସପ୍ତବନ୍ଧୁ ପକ୍ଷରୁ ଭକ୍ତମାନଙ୍କୁ ମାଗଣାରେ ପ୍ରସାଦ ଯୋଗାଇ ଦିଆଯାଇଥିବାବେଳେ ବିରଜା ବାହିନୀ ପକ୍ଷରୁ ମା' ମଣ୍ଡପ ନିକଟରେ ଭକ୍ତମାନଙ୍କୁ ଜଳଛତ୍ର ଯୋଗାଇ ଦିଆଯାଇଥିଲା । ନବମୀ ଦିନ ମଧ ମାଗଣାରେ ଭକ୍ତମାନଙ୍କୁ ଯୋଗାଇ ଦିଆଯିବ।

## ଦ୍ୱିତୀୟ ଦିନରେ ରଥଯାତ୍ରାର ଧାରାବିବରଣୀ ପ୍ରସାର

ବିରଜାକ୍ଷେତ୍ର,୧୬।୧୦(ଡି.ଏନ୍.ଏ.)

ମା' ବିରଜା ସେବାସମିତି ପକ୍ଷରୁ ମା' ବିରଜାଙ୍କ ମହାସପ୍ତମୀଠାରୁ ମା'ଙ୍କ ରଥଯାତ୍ରାର ଧାରାବିବରଣୀ ମଙ୍ଗଳବାର ଦ୍ୱିତୀୟ ଦିନ ପ୍ରସାର କରାଯାଇଛି। ମା'ଙ୍କ ବେଢ଼ାର ପଶ୍ଚିମ ପଟରେ ଥିବା ବ୍ରହ୍ମାକୁଣ୍ଡରୁ ମା' ବିରଜାଙ୍କ ରଥଯାତ୍ରାର ଧାରାବିବରଣୀ ପ୍ରଦାନ କରାଯାଇଛି। ସପ୍ତମୀଠାରୁ ଆରମ୍ଭ ହୋଇଥିବା ଏହି ଧାରାବିବରଣୀ ନବମୀ ପର୍ଯ୍ୟନ୍ତ ଜାରି ରହିବ । ଅଷ୍ଟମୀ ଦିନ ଏହି ଧାରାବିବରଣୀକୁ ଅତିରିକ୍ତ ଜିଲାପାଳ ମିହିର କୁମାର ମହାନ୍ତି ଓ ଉପଜିଲାପାଳ ନାରାୟଣ ଚନ୍ଦ୍ର ଧଳ ଉଦ୍‌ଘାଟନ କରିଥିଲେ। ମା' ବିରଜା ସେବାସମିତିର ସଭାପତି ବିଶ୍ୱମ୍ଭର ମିଶ୍ର, ଉପ-ସଭାପତି ପ୍ରମୋଦ କୁମାର ଦ୍ୱିବେଦୀ, ପଣ୍ଡିତ ସୂର୍ଯ୍ୟମଣି ଖୁଣ୍ଟିଆ, ଅଦ୍ୱୈତ ପ୍ରସାଦ ଦାସ, ସମ୍ପାଦକ ପାଣ୍ଡବ ସାହୁ, ରାଧାରମଣ ଦାସ, ହରେକୃଷ୍ଣ ପଣ୍ଡା, ପ୍ରମୋଦ ଚନ୍ଦ୍ର ମହାନ୍ତି, କୃଷ୍ଣଚନ୍ଦ୍ର ମିଶ୍ର, ପ୍ରତିମା କର, କାହ୍ନୁଚରଣ ମିଶ୍ର, ଗିରିଧାରୀ ସ୍ୱାଇଁ, କ୍ଷୀରୋଦ ଚନ୍ଦ୍ର ପତି, ବୃନ୍ଦାବନ ମିଶ୍ର, ଚିତ୍ତରଞ୍ଜନ ନାୟକ, ପ୍ରଫୁଲ୍ଲ କୁମାର ପଣ୍ଡା, ବିଷ୍ଣୁଚରଣ ଲେଙ୍କା, ଶିବପ୍ରସାଦ ବଳ, ଆନନ୍ଦିନୀ ମହାପାତ୍ର, ନବକିଶୋର ଦାସ ପ୍ରମୁଖ ମା' ବିରଜାଙ୍କ ରଥଯାତ୍ରାର ଧାରାବିବରଣୀ ପ୍ରଦାନ କରିବା ସହ ମା' ବିରଜା ଓ ରଥର ପୌରାଣିକ ଗାଥା ବହନ କରୁଥିବା ଐତିହ୍ୟ ଉପରେ ବିବରଣୀ ଦେଇଥିଲେ।

## ମା' ବିରଜାଙ୍କ ପୀଠେ ମହାଷ୍ଟମୀ ପୂଜା

# ବିଶେଷ ଷୋଡ଼ଶୋପଚାର ପୂଜା ଶେଷ

ବିରଜାକ୍ଷେତ୍ର, ୧୬।୧୦(ଡି.ଏନ୍.ଏ)

୧୧ତମ ଶକ୍ତିପୀଠ ଯାଜପୁରର ଅଧିଷ୍ଠାତ୍ରୀ ଦେବୀ ମା' ବିରଜାଙ୍କ ପୀଠେ ମଙ୍ଗଳବାର ମହାଷ୍ଟମୀ ପାଳିତ ହୋଇଛି। ପୌରାଣିକ କିମ୍ବଦନ୍ତୀକୁ ଭିତ୍ତିକରି ମା' ବିରଜାଙ୍କ ପୀଠେ ମହାଷ୍ଟମୀ ପାଳିତ ହୋଇଥାଏ। ମହିଷୀରୂପୀ ମହିଷାସୁରକୁ ମା' ବିରଜା ନିଧନ କରିଥିବାରୁ ମା' ବିରଜାଙ୍କ ପୀଠେ ଦୁର୍ଗା ଉତ୍ସବ ପାଳନ କରାଯାଇଥାଏ। ଦ୍ୱିତୀୟାଷ୍ଟମୀଠାରୁ ଆରମ୍ଭ ହୋଇଥିବା ଦୁର୍ଗା ଉତ୍ସବର ବିଶେଷ ପୂଜା ମଙ୍ଗଳବାର ଦିନ ମହାଷ୍ଟମୀ ଥିଲା । ଏହି ଦୁର୍ଗାପୂଜା ନିମନ୍ତେ ଦ୍ୱିତୀୟାଷ୍ଟମୀଠାରୁ ବିଶେଷ ଷୋଡ଼ଶୋପଚାର ପୂଜା ଓ ପ୍ରତିପଦାଠାରୁ ମା' ବିରଜାଙ୍କ ରଥଯାତ୍ରା ଆରମ୍ଭ ହୋଇଛି। ପ୍ରତିପଦାଠାରୁ ଆରମ୍ଭ ହୋଇଥିବା ଯାଜପୁରର ଅଧିଷ୍ଠାତ୍ରୀ ଦେବୀ ମା' ବିରଜାଙ୍କ ରଥଯାତ୍ରା ମଙ୍ଗଳବାର ଦିନ ଅଷ୍ଟମ ଦିନରେ ପହଞ୍ଚିଛି। ଦ୍ୱିତୀୟାଷ୍ଟମୀଠାରୁ ଆରମ୍ଭ ହୋଇଥିବା ବିଶେଷ ଷୋଡ଼ଶୋପଚାର ପୂଜା ମଙ୍ଗଳବାର ଦିନ ସମ୍ପୂର୍ଣ୍ଣ ହୋଇଛି । ମା'ଙ୍କ ଦୁର୍ଗା ଉତ୍ସବ ନିମନ୍ତେ ପଞ୍ଚମୀଠାରୁ ଆରମ୍ଭ ହୋଇଥିବା ଯଜ୍ଞ ଅଷ୍ଟମୀ ଦିନ ପୂର୍ଣ୍ଣାହୁତି ହୋଇଛି । ଏହି ଚାରି ଦିନରେ ଯଜ୍ଞରେ ସହସ୍ରାଧିକ ଆହୂତି ପ୍ରଦାନ କରାଯାଇଛି । ମହାଷ୍ଟମୀ ଉପଲକ୍ଷେ ମା'ଙ୍କୁ ସକାଳୁ ଦଶାଶ୍ୱମେଧ ଘାଟ ବ୍ରାହ୍ମଣଙ୍କ ଦ୍ୱାରା ଅଣାଯାଇଥିବା ବୈତରଣୀ ଜଳରେ ସ୍ନାନ କରାଯିବା ପରେ ବେଶ କରାଯାଇଥିଲା । ପୂର୍ବାହ୍ନରେ ରତ୍ନ ସିଂହାସନରେ ଷୋଡ଼ଶୋପଚାର ପୂଜା ଯଜ୍ଞ ମଣ୍ଡପରେ କଳସ ଓ ଘଟପୂଜା ହେବାରେ ନୀତି ହୋଇ ଆଳତୀ ହୋଇସାରିବା ପରେ ରଥରେ ବିରାଜିତ ମା' ବିରଜାଙ୍କ ବିଜେ ପ୍ରତିମାଙ୍କଠାରେ ପୂଜା ନୀତିଲାଗି ହୋଇସାରିବା ପରେ ପହୁଡ଼ ହୋଇଥିଲା। ଅପରାହ୍ନରେ ପହୁଡ଼ ଖୋଲିବା ପରେ ମା'ଙ୍କ ଶକ୍ତିବାଡ଼ି ଆର୍ସାକୁ ସେବାୟତ ଘଣ୍ଟ, ବାଦ୍ୟ ଗହଣରେ ରଥକୁ ନେବାପରେ ରଥ ଦାଣ୍ଡରେ ଉପସ୍ଥିତ ଥିବା ଭକ୍ତମାନେ ପୂର୍ବଦିନ ଦକ୍ଷିଣ-ପୂର୍ବ କୋଣରୁ ରଥକୁ ଟାଣି ମା' ବିରଜା ମନ୍ଦିର ବେଢ଼ା ଚତୁପାର୍ଶ୍ୱରେପରିକ୍ରମା କରାଇ ପଶ୍ଚିମ-ଦକ୍ଷିଣ କୋଣରେ ରଖିସାରିବା ପରେ ମା'ଙ୍କ ଶକ୍ତିବାଡ଼ି ଆର୍ସା ବାଦ୍ୟ, ଘଣ୍ଟ ଶୋଭାଯାତ୍ରାରେ ଯାଇ ମା'ଙ୍କ ରତ୍ନ ଗର୍ଭଗୃହରେ ରହିବାପରେ ଆଳତୀ ହୋଇଥିଲା। ଆଳତୀ ପରେ ମହାଷ୍ଟମୀ ଉପଲକ୍ଷେ ସନ୍ଧ୍ୟାରେ ମା'ଙ୍କୁ ବୈତରଣୀ ଜଳରେ ମହାସ୍ନାନ କରାଯିବା ପରେ ବେଶ କରାଯାଇ ଷୋଡ଼ଶୋପଚାର ପୂଜା, ଘଟପୂଜା, କଳସ ପୂଜା ହେବାପରେ ରୀତିନୀତି ଅନୁଯାୟୀ ରତ୍ନ ସିଂହାସନ ନିକଟରେ ସନ୍ଧିପୂଜା ହୋଇଥିଲା। ସନ୍ଧିପୂଜା ପରେ ଯଜ୍ଞ ମଣ୍ଡପରେ ମହାଷ୍ଟମୀ ତିଥି ଅନୁଯାୟୀ ଯଜ୍ଞକାର୍ଯ୍ୟ ଆରମ୍ଭହୋଇ ଅଷ୍ଟମୀ ଦିନ ପୂର୍ଣ୍ଣାହୁତି ହୋଇଥିଲା। ଯଜ୍ଞକାର୍ଯ୍ୟ ପରେ ମା'ଙ୍କଠାରେ ନୀତି ଓ ଆଳତୀ ହେବାପରେ ରଥରେ ବିଜେ ପ୍ରତିମାଙ୍କଠାରେ ପୂଜା ଓ ନୀତି ହୋଇସାରିବା ପରେ ପହୁଡ଼ ହୋଇଥିଲା। ଅଷ୍ଟମୀ ଦିନ ଯଜ୍ଞକୁଣ୍ଡ ନିକଟରେ ଭକ୍ତମାନେ ସେମାନଙ୍କର ମାନସିକ ପୂରଣ କରିବାପାଇଁ ଯଜ୍ଞ ମଣ୍ଡପ ନିକଟରେ ବସି ମାନସିକ ପୂରଣ କରିବାପାଇଁ ଯଜ୍ଞରେ ନାରିଫଳ ଓ ଘୃତ ଦାନ କରିବା ସହ ପୂଜାର୍ଚ୍ଚନା କରିଥିଲେ । ମା'ଙ୍କ ପାଦଦର୍ଶନ କରି ଆଶୀର୍ବାଦ ନେବାସହ ମନୁଷ୍ୟ ଜୀବନରୁ ମୋକ୍ଷ ହେବାପାଇଁ ଭକ୍ତମାନଙ୍କ ପ୍ରବଳ ଭିଡ଼ ମନ୍ଦିର ପରିସରରେ ଲାଗିରହିଥିଲା । ବୁଧବାର ଦିନ ନବମୀ ତିଥି ଅନୁଯାୟୀ ମା'ଙ୍କ ଦୁର୍ଗା ଉତ୍ସବ ଓ ରଥଯାତ୍ରା ସମ୍ପନ୍ନ ହେବାସହ ଅର୍ଦ୍ଧ ରାତ୍ରିରେ ମା'ଙ୍କ ବିଜେ ପ୍ରତିମା ସୁସଜ୍ଜିତ ବିମାନରେ ଯାଇ ଲାଖବିନ୍ଧା ପଡ଼ିଆରେ ଚତୁର୍ଦ୍ଦିଗକୁ ଲାଖ ନିକ୍ଷେପ କରିବାପରେ ମନ୍ଦିରକୁ ପ୍ରତ୍ୟାବର୍ତ୍ତନ କରିଥାନ୍ତି। ଏହାପରେ ମା'ଙ୍କ ମହିଷୀରୂପୀ ମହିଷାସୁରକୁ ନିଧନ କରିଥିବାରୁ ପୂଜାର୍ଚ୍ଚନା ହୋଇସାରିବା ପରେ ଅଧର ପଣା ଦିଆଯାଇ ମା'ଙ୍କୁ ଶାନ୍ତି କରାଯାଇଥାଏ। ଷୋଡ଼ଶୋପଚାର ପୂଜା ଓ ଯଜ୍ଞକାର୍ଯ୍ୟରେ ପୂଜକ ନାଗେନ୍ଦ୍ର ଭୂଷଣ କର, ଧର୍ମାଧିକାରୀ ହିମାଂଶୁ ଶେଖର ପତିମିଶ୍ର, ପ୍ରସନ୍ନ କୁମାର ପତି, ପ୍ରଫୁଲ୍ଲ କୁମାର ପତି, ଜ୍ଞାନରଞ୍ଜନ ପତି, ମନୋରଞ୍ଜନ ପତି, ବିରଜା କିଂକର ପତି, ପ୍ରମୋଦ କୁମାର ପତି, ସରୋଜ କୁମାର ପତି ପ୍ରମୁଖ କାର୍ଯ୍ୟ ସମ୍ପାଦନ କରିଥିବାବେଳେ ଆର୍ସା ଅମୂଲ୍ଯ ପାଣି, ଚରୁ ରଞ୍ଜନ ପାଣି, ସମିଧ ଧନଞ୍ଜୟ ପାଣି, ଚାମର ସରୋଜ ସିଂ, ତରାସ ନିତ୍ୟାନନ୍ଦ ରଣା, ଛତା ଭାଗବତ ରଣା, ଅକ୍ଷୟ ରଣା, ମଶାଲ, ଭାଗବତ ବାରିକ ପ୍ରମୁଖ କାର୍ଯ୍ୟ ସମ୍ପାଦନା କରୁଛନ୍ତି। ଦୁର୍ଗା ଉତ୍ସବ ଉପଲକ୍ଷେ ଯାଜପୁର ପୌରପାଳିକା ପକ୍ଷରୁ ମନ୍ଦିର ଚତୁଃପାର୍ଶ୍ୱକୁ ସଫାସୁତୁରା ରଖାଯାଉଛି। ଅଷ୍ଟମୀ ଦିନ ସତ୍ୟସାଇ ସେବା ସମିତି ପକ୍ଷରୁ ବିରଜା ମନ୍ଦିର ପରିସରରେ ସ୍ୱଚ୍ଛତା କାର୍ଯ୍ୟକ୍ରମ କରାଯାଇଥିଲା। ସମସ୍ତ କାର୍ଯ୍ୟକୁ ମ୍ୟାନେଜିଂ ଟ୍ରଷ୍ଟି ତଥା ଉପଜିଲାପାଳ ନାରାୟଣ ଚନ୍ଦ୍ର ଧଳଙ୍କ ପ୍ରତ୍ୟକ୍ଷ ତଦାରଖରେ ସମ୍ପନ୍ନ ହେଉଥିବାବେଳେ ସହକାରୀ ଜିଲାପାଳ ଅନୁପ କୁମାର ବେହେରା ମନ୍ଦିରରେ ଉପସ୍ଥିତ ରହି କାର୍ଯ୍ୟକୁ ତଦାରଖ କରୁଛନ୍ତି। ଅଷ୍ଟମୀ ଦିନ ମା'ଙ୍କ ପାଦଦର୍ଶନ ନିମନ୍ତେ ପ୍ରବଳ ଜନସମାଗମ ହୋଇଥିବାରାରୁ ଏସ୍‌ଡିପିଓ ପ୍ରଶାନ୍ତ କୁମାର ମଲ୍ଲ ଓ ଯାଜପୁର ଥାନାର ଭାରପ୍ରାପ୍ତ ଥାନାଧିକାରୀ ମାନସ ରଞ୍ଜନ ଚକ୍ର ମନ୍ଦିର ପରିସର ବାହାରେ ପୋଲିସ ମୁତୟନ କରି ଶାନ୍ତିଶୃଙ୍ଖଳା ରକ୍ଷା କରିଥିଲେ।



ଅଷ୍ଟମୀରେ ରତ୍ନ ସିଂହାସନ ଫୁଲରେ ମା' ବିରଜା।




# ଭାଙ୍ଗିଲା ଶ୍ରେଣୀଗୃହ କାନ୍ଥ


ଭାଙ୍ଗିଯାଇଥିବା ଶ୍ରେଣୀଗୃହ କାନ୍ଥ।

**ଗଣିଆ,୧୬।୧୦(ଡି.ଏନ.ଏ.)**

ଗତ ସାମୁଦ୍ରିକ ଝଡ଼ ତିତ୍‌ଲି ପ୍ରଭାବରେ ଗଣିଆ ବ୍ଲକ ଛାମୁଣ୍ଡିଆସ୍ଥିତ କୁଞ୍ଜବିହାରୀ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ଶ୍ରେଣୀଗୃହର କାନ୍ଥ ଭୁଶୁଡ଼ି ପଡ଼ିଛି। ଅର୍ଦ୍ଧଭଗ୍ନ ଅବସ୍ଥାରେ ଥିବା ଏହି ଶ୍ରେଣୀଗୃହ ବିଦ୍ୟାଳୟ ପରିସରରେ ବିପଦଶଙ୍କୁଳ ପରିସ୍ଥିତି ସୃଷ୍ଟି କରିଛି। ଏକ ଶହ ବର୍ଷରୁ ଊର୍ଦ୍ଧ୍ୱ ୧୯୧୭ ମସିହାରେ ସ୍ଥାପିତ ହୋଇଥିବା ଏହି ବିଦ୍ୟାଳୟର ସମସ୍ତ ଶ୍ରେଣୀଗୃହ ଜରାଜୀର୍ଣ୍ଣ ଅବସ୍ଥାରେ ପଡିରହିଛି। ମାଟି ଓ ଇଟାରେ ନିର୍ମିତ କାନ୍ଥଗୁଡ଼ିକ ଫାଟି ଆଁ କରି ରହିଲାଣି। ବ୍ୟବହୃତ ହୋଇଥିବା କାଠଗୁଡ଼ିକ ଭାଙ୍ଗି ଶ୍ରେଣୀଗୃହରେ ଓହଳି ରହିବା ସହ ଟାଇଲ ଓ ଆଜବେଷ୍ଟସ୍‌ଗୁଡ଼ିକ ଭାଙ୍ଗି ବର୍ଷା ହେଲେ ପାଣି ଗଳୁଛି। ସେହିପରି କେତେକ ଶ୍ରେଣୀଗୃହରେ ଉଈହୁଙ୍କା ସୃଷ୍ଟି ହୋଇଥିବା ଦେଖିବାକୁ ମିଳିଛି। ଅଞ୍ଚଳର ସର୍ବପୁରାତନ ଏହି ବିଦ୍ୟାଳୟର ଶ୍ରେଣୀଗୃହଗୁଡ଼ିକ କୋମଳମତି ଶିଶୁମାନଙ୍କ ପାଇଁ ବିପଦସଙ୍କୁଳ ହୋଇଛି। ଏ ନେଇ ବିଦ୍ୟାଳୟ ପରିଚାଳନା କମିଟି ପକ୍ଷରୁ ଜିଲା ପ୍ରଶାସନ, ବ୍ଲକ ପ୍ରଶାସନ ଓ ଜିଲାପାଳଙ୍କ ଅଭିଯୋଗ ଶୁଣାଣି ଶିବିରରେ ବାରମ୍ବାର ଅଭିଯୋଗ କରାଯାଉଥିଲେ ହେଁ ଜିଲାପାଳଙ୍କ ପ୍ରତିଶ୍ରୁତି କେବଳ ପ୍ରତିଶ୍ରୁତିରେ ହିଁ ରହିଯାଉଛି। ସରକାରୀ ପଦକ୍ଷେପ କେବଳ ତଦନ୍ତ ଓ ରିପୋର୍ଟ ପ୍ରଦାନ ମଧ୍ୟରେ ସୀମିତ ହୋଇ ରହିଯାଉଛି ବୋଲି କମିଟି ଅଭିଯୋଗ କରିଛି। ବିଦ୍ୟାଳୟଗୁଡ଼ିକର ଶ୍ରେଣୀଗୃହ ନିର୍ମାଣ ଓ ମରାମତି କାର୍ଯ୍ୟ ସରକାର ପଞ୍ଚାୟତିରାଜ ବିଭାଗକୁ ହସ୍ତାନ୍ତର କରିଛନ୍ତି ବୋଲି କହି ଶିକ୍ଷାବିଭାଗ ନିଜ ମୁଣ୍ଡରୁ ଦୋଷ ଛଡ଼ାଇ ଚୁପ୍ ବସି ଯାଉଥିବା ବେଳେ ଏତେଗୁଡ଼ିଏ ଟଙ୍କା ଆମ ପାଖରେ ନ ଥିବା ପଞ୍ଚାୟତ ପ୍ରତିନିଧିମାନେ କହୁଛନ୍ତି। ତେବେ ଶିକ୍ଷାବିଭାଗ ଓ ପଞ୍ଚାୟତିରାଜ ବିଭାଗର ଏଭଳି ଲୁଚକାଳି ଖେଳ ଅଭିଭାବକ ମହଲରେ ତୀବ୍ର ଅସନ୍ତୋଷର ଦାନା ବାନ୍ଧୁଛି। ପ୍ରକାଶଯୋଗ୍ୟ, ପ୍ରଥମ ଶ୍ରେଣୀଠାରୁ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ଏଠାରେ ୨୪୫ ଜଣ ଛାତ୍ରୀଛାତ୍ର ପଢୁଛନ୍ତି। ୮ଟି ଶ୍ରେଣୀଗୃହ ଆବଶ୍ୟକ ଥିବା ବେଳେ ୬ଟି ଶ୍ରେଣୀଗୃହରେ ଶିକ୍ଷାଦାନ କରାଯାଉଛି। ଏଥିମଧ୍ୟରୁ ୪ଟି ଶ୍ରେଣୀଗୃହ ଭାଙ୍ଗିରୁଜି ବିପଦସଙ୍କୁଳ ଅବସ୍ଥାରେ ରହିଛି। ସେହିପରି ଗୋଟିଏ ଶ୍ରେଣୀଗୃହରେ ଦୁଇଟି ଶ୍ରେଣୀର ପିଲା ଏକାଠି ବସି ପାଠ ପଢିବା ଦ୍ୱାରା ଶିକ୍ଷାଦାନରେ ସମସ୍ୟା ସୃଷ୍ଟି ହେଉଥିବା ଶିକ୍ଷକମାନେ କହିଛନ୍ତି। ନୂତନ ଶ୍ରେଣୀଗୃହ ନିର୍ମାଣ କରା ନ ଗଲେ ପିଲାମାନଙ୍କୁ ବିପଦପୂର୍ଣ୍ଣ ଶ୍ରେଣୀଗୃହରେ ପାଠ ପଢିବା ପାଇଁ ଛାଡ଼ିବେ ନାହିଁ ଏବଂ ବିଦ୍ୟାଳୟ ଫାଟକରେ ତାଲା ପକାଇ ଧାରଣା ଦିଆଯିବ ବୋଲି ଅଭିଭାବକମାନେ ପ୍ରକାଶ କରିଛନ୍ତି। ନୟାଗଡ଼ ଶିକ୍ଷାଜିଲା ଅଧିକାରୀ ଅଭୟ କୁମାର ମଲ୍ଲିକ କୁହନ୍ତି, ମୁଁ ଏ ସମ୍ପର୍କରେ ରାମ୍‌ସାକୁ ଚିଠି କରିବି। ଅଭିଭାବକ ମହଲରୁ ଯଦି ବିଧାୟକଙ୍କ ଦୃଷ୍ଟି ଆକର୍ଷଣ କରାଯାଇପାରନ୍ତା ତେବେ ଶୀଘ୍ର ଶ୍ରେଣୀଗୃହ ନିର୍ମାଣ ବ୍ୟବସ୍ଥା ହୋଇପାରନ୍ତା।

## କବାଡ଼ି ଟୁର୍ନାମେଣ୍ଟ: ପିପିଲି ବିଜୟୀ

**ବୋଲଗଡ଼,୧୬।୧୦(ଡି.ଏନ.ଏ.):** ବୋଲଗଡ଼ ବ୍ଲକ ବାଙ୍କୋଇ କଟେରିବର କବାଡି ଖେଳପଡିଆରେ ଚାଲିଥିବା ମା'ରାମଚଣ୍ଡୀ ରାଜ୍ୟସ୍ତରୀୟ କବାଡି ଟୁର୍ନାମେଣ୍ଟର ମଙ୍ଗଳବାର ୪ର୍ଥ ଦିବସୀୟ ମ୍ୟାଚ୍ ଅନୁଷ୍ଠିତ ହୋଇଛି । ଭୁବନେଶ୍ୱର କଳିଙ୍ଗ କ୍ଲବ କବାଡି ଟିମ୍‌କୁ ୯ ପଏଣ୍ଟ ବ୍ୟବଧାନରେ ପରାସ୍ତ କରି ପିପିଲି କବାଡି ଟିମ୍ ବିଜୟୀ ହୋଇଛି। ମ୍ୟାଚ୍‌ର ପ୍ରଥମାର୍ଦ୍ଧରେ କଳିଙ୍ଗ କ୍ଲବ୍‌ଟିମ୍ ୫ ପଏଣ୍ଟ ପାଇଥିବା ବେଳେ ପିପିଲିଟିମ୍ ୧୪ ପଏଣ୍ଟ ପାଇଥିଲା । ନିର୍ଦ୍ଧାରିତ ସମୟ ଶେଷ ସୁଦ୍ଧା ପିପିଲି ଟିମ୍ ୨୦ ପଏଣ୍ଟ ହାସଲ କରିଥିବା ବେଳେ କଳିଙ୍ଗ ଟିମ୍ ୧୧ ପଏଣ୍ଟ ପାଇଥିଲା । ନୀଳକଣ୍ଠ ବେହେରା, ଯୋଗେଶ୍ୱର ବେହେରା, ଭଞ୍ଜ କିଶୋର ଯତି ଓ ଲକ୍ଷ୍ମୀଧର ଚୌଧୁରୀ ମ୍ୟାଚ୍ ପରିଚାଳନା କରିଥିଲେ ।






## ସଂକ୍ଷେପରେ

### ଜୁଆ ଆଡ୍ଡାରେ ଚଢ଼ାଉ, ୧୩ ଗିରଫ

**ପୋଲସରା, (ଡି.ଏନ.ଏ.)/ ଗୋପାଳପୁର, ୧୬।୧୦:** ପୋଲସରା ପୋଲିସ ପକ୍ଷରୁ ପାଟ୍ରୋଲିଂ କରାଯାଉଥିବା ବେଳେ ରାଣିପଡା ହରିଜନ ସାହିରେ ଜୁଆଆଡ୍ଡା ଉପରେ ଚଢ଼ାଉ କରି ୪ ଜଣଙ୍କୁ ଗିରଫ ସହ ୬ହଜାର ୩୦ ଟଙ୍କା ଜବତ କରାଯାଇଛି। ସେହିପରି ଡୁଙ୍ଗାପଡା ଗ୍ରାମରେ ୪ ଜଣଙ୍କୁ ଗିରଫ ସହ ୧୫ ହଜାର ୨୫୦ ଟଙ୍କା ଜବତ ହୋଇଛି। ୮ ଜଣ ଆସାମୀଙ୍କୁ ଆଇପିଏସ୍ ଧାରା ୩୦ ପି.ଜି. ଆକ୍ଟ ଅନୁସାରେ କୋର୍ଟକୁ ପଠାଯାଇଥିବା ଦାୟିତ୍ୱରେ ଥିବା ଏଏସ୍ଆଇ ଦିଲୀପ ଦାସ ଓ ପୁରୁଷୋତ୍ତମ ମାଝି କହିଛନ୍ତି। ସେହିପରି ଗୋପାଳପୁର ଥାନା ରଙ୍ଗେଇଲୁଣ୍ଡା ଗ୍ରାମରେ ଜୁଆଆଡ୍ଡାରେ ପୋଲିସ ଚଢ଼ାଉ କରି ୫ ଜଣଙ୍କୁ ଗିରଫ କରି ମଙ୍ଗଳବାର କୋର୍ଟଚାଲାଣ କରିଛି। ରଙ୍ଗେଇଲୁଣ୍ଡା ଗ୍ରାମରେ କିଛିଦିନ ହେଲା ଜୁଆଖେଳ ଚାଲୁଥିବା ବେଳେ ସୋମବାର ରାତି ୮ଟାରେ ଖବର ପାଇ ଥାନାଧିକାରୀ ସୁଶାନ୍ତ କୁମାର ସାହୁ ଓ ଅନ୍ୟ କର୍ମଚାରୀ ଶ୍ମଶାନ ନିକଟରେ ଚଢ଼ାଉ କରିଥିଲେ। କିଛି ଚମ୍ପଟ ମାରିଥିଲେ, ୫ ଜଣଙ୍କୁ କାବୁ କରିଥିଲେ। ସେମାନଙ୍କଠାରୁ ୪ ହଜାର ୯୦୦ ଟଙ୍କା, ତାସମୁଠା ଜବତ କରାଯାଇଥିଲା। ଏନେଇ ନଂ. ୧୩୧/୧୮ରେ ମାମଲା ରୁଜୁ ହୋଇଛି।

### କ୍ଲଷ୍ଟରସ୍ତରୀୟ ଶିଶୁ ମହୋତ୍ସବ

**ଦାରିଙ୍ଗବାଡ଼ି,୧୬।୧୦(ଡି.ଏନ.ଏ):** ଦାରିଙ୍ଗବାଡ଼ି ବ୍ଲକ ଝିଞ୍ଜିରିଗୁଡ଼ା ପଞ୍ଚାୟତ କିରାମାହା ପ୍ରକଳ୍ପ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପରିସରରେ ଶନିବାର କ୍ଲଷ୍ଟରସ୍ତରୀୟ ଶିଶୁ ମହୋତ୍ସବ ଅନୁଷ୍ଠିତ ହୋଇଯାଇଛି । କ୍ଲଷ୍ଟର ସାଧନକର୍ମୀ ରଞ୍ଜିତ କୁମାର ମିଶ୍ରଙ୍କ ଅଧକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଗରଡ଼ମାହା ବିଦ୍ୟାଳୟର ପ୍ରଧାନ ଶିକ୍ଷକ ସରୋଜ କୁମାର ମାଝି ମୁଖ୍ୟ ଅତିଥି, ପ୍ରଧାନ ଶିକ୍ଷକ ଧ୍ରୁବ ଚରଣ ସ୍ୱାଇଁ ମୁଖ୍ୟବକ୍ତା ଭାବେ ଯୋଗଦେଇଥିଲେ । କାର୍ଯ୍ୟକ୍ରମରେ ଯୋଗ ଦେଇଥିବା ୧୩ ବିଦ୍ୟାଳୟର ୯୪ ଛାତ୍ରୀଛାତ୍ର ବିଭିନ୍ନ ପ୍ରତିଯୋଗିତାରେ ଅଂଶ ଗ୍ରହଣ କରିଥିଲେ । ସେହିପରି ପର୍ତ୍ତମାହା ପଞ୍ଚାୟତର ସେବାଶ୍ରମଠାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ସିଆରସିସି ପ୍ରଶାନ୍ତ କୁମାର ସାହୁ ଅଧକ୍ଷତା କରିଥିଲେ। ବିଦ୍ୟାଳୟ ପରିଚାଳନା କମିଟିର ଉପସଭାପତିଙ୍କ ସମେତ ଅନ୍ୟମାନେ ଯୋଗଦେଇଥିଲେ । ସେଠାରେ ୧୪ ବିଦ୍ୟାଳୟର ୧୦୦ ଛାତ୍ରୀଛାତ୍ର ବିଭିନ୍ନ ପ୍ରତିଯୋଗିତାରେ ଅଂଶ ଗ୍ରହଣ କରିଥିଲେ । କୃତୀ ଛାତ୍ରୀଛାତ୍ର ମାନଙ୍କୁ ମାନପତ୍ର ସହ ପୁରସ୍କୃତ କରାଯାଇଥିଲା ।

### ରେଡକ୍ରସ୍ ପକ୍ଷରୁ ରିଲିଫ୍ ବଣ୍ଟନ

**ଭଞ୍ଜନଗର,୧୬।୧୦(ଡି.ଏନ.ଏ.):** ଭାରତୀୟ ରେଡ଼କ୍ରସ ପକ୍ଷରୁ ଭଞ୍ଜନଗର ବ୍ଲକର ବିଭିନ୍ନ ବନ୍ୟା ପ୍ରପୀଡିତଙ୍କୁ ରିଲିଫ ଯୋଗାଇ ଦିଆଯାଇଛି। ସୋମବାର ସନ୍ଧ୍ୟାରେ ବାଉଁଶଲୁଣ୍ଡି ଠାରେ ୧୮୪ଟି ପରିବାରକୁ ରିଲିଫ ବଣ୍ଟନ କରାଯାଇଥିଲା। ସେହିଭଳି ଜାମପଲ୍ଲୀଠାରେ ମଧ୍ୟ ଆଉ କିଛି ପରିବାରକୁ ରିଲିଫ ଦିଆଯାଇଥିଲା। ବ୍ଲକ ଉପାଧକ୍ଷ ଜିତେନ୍ଦ୍ର କେଶରୀ ଆରୁଖ, ସରକାରୀ ଓକିଲ ରାଜେନ୍ଦ୍ର ପ୍ରସାଦ ପ୍ରଧାନ, ଶୁଳପାଣି ଶତପଥୀ ପ୍ରମୁଖ ଅତିଥି ଭାବେ ଯୋଗଦେଇ ରିଲିଫ ବଣ୍ଟନ କରିଥିଲେ। ଜିଲା ରେଡକ୍ରସ ଅଧିକାରୀ ଅଧାପକ ବି.ଗୋବିନ୍ଦ ରାଓ, କେନ୍ଦୁପଦର କଲେଜ ଅଧକ୍ଷ ଡ. ସନ୍ତୋଷ କୁମାର ଆପଟ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।




## ଦିଗପହଣ୍ଡିରେ ବୁଢ଼ୀ ଠାକୁରାଣୀ ଯାତ୍ରା

# ଅସ୍ଥାୟୀ ଯାତ୍ରା ପୀଠରେ ମା’

**ଦିଗପହଣ୍ଡି,୧୬।୧୦(ଡି.ଏନ.ଏ.)**

■ଶଫୁଲମଣ୍ଡା ଶୋଭାଯାତ୍ରାରେ ଭିଡ଼
■ସହର ଉତ୍ସବମୁଖର

ଦିଗପହଣ୍ଡି ସହରର ଗଣପର୍ବ ମା’ ବୁଢ଼ୀ ଠାକୁରାଣୀଙ୍କ ଯାତ୍ରା ମହୋତ୍ସବ ମଙ୍ଗଳବାର ବିଳମ୍ବିତ ରାତିରୁ ଆରମ୍ଭ ହୋଇଯାଇଛି। ରାଜ୍ୟ ତଥା ରାଜ୍ୟ ବାହାରେ ରହୁଥିବା ବହୁସଂଖ୍ୟକ ବାସିନ୍ଦା ଯାତ୍ରା ପାଇଁ ପିଲାଙ୍କୁ ନେଇ ଘରକୁ ଆସିଛନ୍ତି। ଯାତ୍ରା ପାଇଁ ଘରେ ଘରେ ପିଠାପଣା ଭୋଜିଭାତର ଆସର ପାଲଟିଛି। ମଙ୍ଗଳବାର ସନ୍ଧ୍ୟାରେ ମନ୍ଦିର ପୀଠକୁ ଗଙ୍ଗାଜଳରେ ଶୋଧନ କରାଯିବା ପରେ ପୂର୍ବ ନୀତିକାନ୍ତି ଅନୁଯାୟୀ ମା’ଙ୍କୁ ମାଜଣା ସେବା ପୂଜା ବନ୍ଦାପନା କରାଯାଇଥିଲା। ମୁଖ୍ୟ ପୁରୋହିତ ପଣ୍ଡିତ ସନାତନ ରଥ, ମନ୍ଦିର ସେବାୟତ ଲିଙ୍ଗରାଜ ପାତ୍ର, ଶମ୍ଭୁନାଥ ପାତ୍ର, ସୋମନାଥ ପାତ୍ର ପ୍ରମୁଖ ପୂଜାର୍ଚ୍ଚନା ପରେ ମା’ଙ୍କ ସନ୍ଧ୍ୟା ଆଳତୀ କରାଯାଇଥିଲା। ଢୋଲ ମହୁରୀ ମୃଦଙ୍ଗ ଘଣ୍ଟ ବାଦ୍ୟ ବାଜଣା ସହ ମା’ଙ୍କ ଜୟ ଜୟକାର ଧ୍ୱନିରେ ମନ୍ଦିର ପୀଠ ପ୍ରକମ୍ପିତ ହୋଇଥିଲା। ମୁଖ୍ୟ ପୁରୋହିତଙ୍କ ଦ୍ୱାରା ଶକ୍ତି ପଲ୍ଲବ ଦେବୀ ମନ୍ତ୍ର ପାଠ କରାଯାଇ ନବଶକ୍ତି ମଣ୍ଡଳ ପୂଜାକ୍ରମରେ ଆସନ, ସ୍ୱାଗତ, ବାଦ୍ୟ, ଆଚମନ, ମଧୁପର୍କ, ପୁନଃଆଚମନ, ବସ୍ତ୍ରଆଭରଣ, ଗନ୍ଧ, ପୁଷ୍ପ, ଧୂପ, ଦୀପ, ନୈବେଦ୍ୟ ଓ ମହାଆଳତି ବନ୍ଦାପନା ପରେ ମା’ଙ୍କୁ ଅସ୍ଥାୟୀ ଯାତ୍ରାପୀଠକୁ ଆବାହନ କରାଯାଇଥିଲା। ରାତି ପ୍ରାୟ ୧୦.୪୭ମି.ରେ ମା’ଙ୍କ ମସ୍ତକରୁ ଆଜ୍ଞାମାଳ ଖସିବା ପରେ ଫୁଲମଣ୍ଡା ଖଚିତ ଚାଙ୍ଗୁଡ଼ି ଡାଟ ମୁଖ୍ୟ ସେବାୟତଙ୍କ ମସ୍ତକକୁ ଉଠାଯାଇଥିଲା। ଗୁଣ୍ଡିଚା ମନ୍ଦିର ଛକ, ବଜାର ସହି ପରିକ୍ରମା କରି ମା’ ସାଆନ୍ତାଣୀ ବୁଢ଼ୀ ଠାକୁରାଣୀ ରାତି ପ୍ରାୟ ୨ଟାରେ ଅସ୍ଥାୟୀ ଯାତ୍ରାପୀଠରେ ପହଞ୍ଚିଥିଲେ। ସେଠାରେ ଯାତ୍ରାପୀଠକୁ ଶୋଧନ କରାଯାଇ ହୋମଯଜ୍ଞ ପରେ ଉଗ୍ରଚଣ୍ଡୀ କାଳରାତ୍ରି ମନ୍ତ୍ରରେ ମା’ଙ୍କୁ ମୁଖ୍ୟଘଟରେ ବିଶ୍ରାମ ପାଇଁ ଆବାହନ କରାଯାଇଥିଲା। ମା’ଙ୍କ ପହଡ଼ ବିଜେ ନୀତି ସମ୍ପନ୍ନ କରାଯାଇଥିଲା। ଯାତ୍ରା କମିଟି ସଭାପତି କୁରେଶୁ ମହାରଣା, ଉପସଭାପତି ଦୁର୍ଗାଚରଣ ମେକାପ, ସମ୍ପାଦକ ଅର୍ଜ୍ଜୁ ଗୋବିନ୍ଦ, ସହ ସମ୍ପାଦକ କୁରେଶୁ ମେକାପ ସମେତ ସମସ୍ତ ଯାତ୍ରା ପରିଚାଳନା କମିଟି ସଦସ୍ୟ ଉପସ୍ଥିତ ଥିଲେ। ଆସନ୍ତା ୨୪ ବୁଧବାର ଆଶ୍ୱିନ ପୂର୍ଣ୍ଣମୀ ତିଥି ଭୋରରେ ଏହି ଯାତ୍ରା ମହୋତ୍ସବ ଉଦ୍‌ଯାପିତ ହେବ। ପ୍ରତିଦିନ ସନ୍ଧ୍ୟାରେ ଯାତ୍ରାପୀଠରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯିବ ବୋଲି ଯାତ୍ରା କମିଟି ପକ୍ଷରୁ ସୂଚନା ମିଳିଛି।


ମା’ ବୁଢ଼ୀ ଠାକୁରାଣୀ।

## ସେତୁ, ଗ୍ରାମ ସଡ଼କ ନିର୍ମାଣ ନିମନ୍ତେ ଭୂମିପୂଜା


ଭୂମିପୂଜା ଉତ୍ସବରେ ବିଧାୟକ ଓ ଅନ୍ୟମାନେ।

**ରଣପୁର,୧୬।୧୦(ସ୍ୱ.ପ୍ର.):** ନୟାଗଡ଼ ଜିଲା ରଣପୁର ବ୍ଲକ୍ ଅନ୍ତର୍ଗତ ବଜ୍ରାଜପୁର ପଞ୍ଚାୟତରେ ଅବହେଳିତ ଭାବେ ରହିଥିବା ଇଛାପୁର ଗ୍ରାମକୁ ଏବେ ସରକାରଙ୍କ ଦୃଷ୍ଟି ପଡ଼ିଛି। ସ୍ୱାଧୀନତାର ୭୧ ବର୍ଷ ପରେ ଗ୍ରାମବାସୀଙ୍କ ଯାତାୟାତ ନିମନ୍ତେ ମନ୍ଦାକିନୀ ନଦୀ ଉପରେ ସେତୁ ନିର୍ମାଣ ପାଇଁ ୧ କୋଟି ୨୪ଲକ୍ଷ ଟଙ୍କା ମଞ୍ଜୁର ହୋଇଛି। ରଣପୁର ମୁଖ୍ୟ ରାସ୍ତାଠାରୁ ଗ୍ରାମକୁ ସଂଯୋଗ କରୁଛି ଏକ ନୂତନ ରାସ୍ତା। ରାସ୍ତା ସେତୁଟି ସଂଯୋଗ କରିବା ଯୋଗୁ ଏହା ଗ୍ରାମବାସୀଙ୍କ ଭରସା ପାଲଟିବ। ଗ୍ରାମ୍ୟ ଉନ୍ନୟନ ବିଭାଗ ମାଧ୍ୟମରେ ଟେଣ୍ଡର କରାଯାଇ ଠିକାଦାରଙ୍କ ଜରିଆରେ ମଙ୍ଗଳବାର ଏହାର ଭୂମିପୂଜା ମନ୍ଦାକିନୀ ନଦୀକୂଳରେ କରାଯାଇଛି । କାର୍ଯ୍ୟକ୍ରମରେ ବିଧାୟକ ରବିନାରାୟଣ ମହାପାତ୍ର ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ । ସମ୍ମାନିତ ଅତିଥି ଭାବେ ସାଂସଦଙ୍କ ଜିଲା ପ୍ରତିନିଧି ଦେବାଶିଷ ପଟ୍ଟନାୟକ, ଜିଲା ପରିଷଦ ସଭ୍ୟ ନବ କିଶୋର ବୈରୀଗଞ୍ଜନ, ମହିଳାନେତ୍ରୀ ସ୍ମିତା ସିଂ, ବିଜେଡି ଯୁବନେତା ବନମାଳି ମହାପାତ୍ର, ସରପଞ୍ଚ ସୁକାନ୍ତ ସାମନ୍ତରାୟ, ସିଦ୍ଧାର୍ଥ ପଣ୍ଡା, ବିଜେଡି ନେତା ଜିତେନ୍ଦ୍ର କୁମାର ପଟ୍ଟନାୟକ ଓ ଆର୍‌ଡି ବିଭାଗର ଏସ୍‌ଡିଓ ଶଙ୍ଖାଳି ବେହେରା ପ୍ରମୁଖ ଉପସ୍ଥିତ ଥିଲେ। ରଣପୁର ବ୍ଲକଠାରୁ ମାତ୍ର ୪ କିଲୋମିଟର ଦୂରତା ମଧ୍ୟରେ ଏହି ଗ୍ରାମ ରହିଥିବା ବେଳେ ବର୍ଷାଦିନେ ଗ୍ରାମବାସୀ ବାଉଁଶ ପୋଲରେ ଯାତାୟାତ କରୁଥିଲେ। ସେତୁ ନିର୍ମାଣ ଦାବି ନେଇ ଗତ ୮ମାସ ତଳେ ଧରିତ୍ରୀରେ ଖବର ପ୍ରକାଶିତ ହୋଇଥିଲା। ଏହାବ୍ୟତୀତ ମାଳପଡିଆ ପଞ୍ଚାୟତର ଆଦିବାସୀବହୁଳ କେନ୍ଦୁଆ ଗ୍ରାମଠାରୁ ରଣ୍ଡା ଗ୍ରାମ ପର୍ଯ୍ୟନ୍ତ ୭.୪୪କି.ମି. ରାସ୍ତାକୁ ପ୍ରଧାନମନ୍ତ୍ରୀ ଗ୍ରାମ ସଡ଼କ ଯୋଜନାରେ ସାମିଲ କରାଯାଇ ୩ କୋଟି ୨୦ ଲକ୍ଷ ଟଙ୍କା ମଞ୍ଜୁର କରାଯାଇଛି। ରଣ୍ଡାଠାରୁ ଗଛପତ୍ର ଗ୍ରାମ ପର୍ଯ୍ୟନ୍ତ ୬.୫ କି.ମି. ରାସ୍ତା ନିର୍ମାଣ ନିମନ୍ତେ ୩ କୋଟି ୨୦ ଲକ୍ଷ ଟଙ୍କା ମଞ୍ଜୁର ହୋଇଛି। ଏ ସମସ୍ତ ପ୍ରକଳ୍ପ ନିମନ୍ତେ ବିଧାୟକଙ୍କ ଦ୍ୱାରା ଭୂମିପୂଜା ଅନୁଷ୍ଠିତ ହୋଇଛି।

# ସରକାରଙ୍କ ଅପାରଗତା ପଦାରେ ପଡ଼ିଛି : ପିସିସି ସଭାପତି

**ଦିଗପହଣ୍ଡି/ପାଟପୁର/ ଆସିକା/ଶେରଗଡ଼/ ପୁରୁଷୋତ୍ତମପୁର,୧୬।୧୦(ଡି.ଏନ.ଏ.)**

ବାତ୍ୟା ଓ ବନ୍ୟା ମୁକାବିଲାରେ ରାଜ୍ୟ ସରକାରଙ୍କ ଅପାରଗତା ପଦାରେ ପଡ଼ିଛି। ଜିରୋ କାଜୁଆଲିଟି ନାଁରେ ବାତ୍ୟା ବନ୍ୟା ବିଧ୍ୱସ୍ତ ଗଞ୍ଜାମ ଗଜପତି ଓ ରାୟଗଡ଼ା ଜିଲାର ବିପନ୍ନମାନଙ୍କୁ ମୁଖ୍ୟମନ୍ତ୍ରୀ ଉପହାସ କରିଛନ୍ତି ବୋଲି ପ୍ରଦେଶ କଂଗ୍ରେସ କମିଟି ସଭାପତି ନିରଞ୍ଜନ ପଟ୍ଟନାୟକ କହିଛନ୍ତି। ମଙ୍ଗଳବାର ପିସିସି ସଭାପତି ପଟ୍ଟନାୟକ ଓ ତାଙ୍କ ଟିମ ବାତ୍ୟା ଓ ବନ୍ୟା କ୍ଷତି ଅନୁଧ୍ୟାନ କରିବାକୁ ଗଞ୍ଜାମ ଜିଲାକୁ ଆସିଥିଲେ। ସେମାନେ ସାନଖେମୁଣ୍ଡି ଓ ଶେରଗଡ଼ ବ୍ଲକର ବିଭିନ୍ନ ଗ୍ରାମରେ କ୍ଷତିଗ୍ରସ୍ତଙ୍କୁ ଭେଟିବା ପରେ ଆସିକା ଓ ପୁରୁଷୋତ୍ତମପୁର ଏନଏସିକୁ ଯାଇଥିଲେ। କ୍ଷତିଗ୍ରସ୍ତଙ୍କୁ ଉପଯୁକ୍ତ ସହାୟତା ଯୋଗାଇବାରେ ସରକାର ଅବହେଳା କଲେ କଂଗ୍ରେସ ଦଳ ରାଜରାସ୍ତାକୁ ଓହ୍ଲାଇବାକୁ ବାଧ୍ୟ ହେବ ବୋଲି ପିସିସି ସଭାପତି ଚେତାବନୀ ଦେଇଛନ୍ତି। ପିସିସି ସଭାପତିଙ୍କ ଗସ୍ତ ବେଳେ ଦଳର ରାଜ୍ୟ ଉପସଭାପତି ପ୍ରଦୀପ ମାଝି, ପୂର୍ବତନ ସାନଖେମୁଣ୍ଡି ବିଧାୟକ ରମେଶ ଜେନା, ପିସିସି ସମ୍ପାଦକ ମନୋଜ ଜେନା, ଜିଲା ସଭାପତି ତ୍ରିନାଥ ବେହେରା, କାର୍ଯ୍ୟକାରୀ ସଭାପତି ଦିପକ ପଟ୍ଟନାୟକ, ଆସିକା ଲୋକସଭା ନିର୍ବାଚନ ମଣ୍ଡଳୀ ଯୁବ କଂଗ୍ରେସ ସଭାପତି ଅନିଲ ପରିଡା, ସାଧାରଣ ସମ୍ପାଦକ ପଦ୍ମନାଭ ଗୁରୁ ପ୍ରମୁଖ ଉପସ୍ଥିତ ଥିଲେ। ଶେରଗଡ଼ ଗସ୍ତ ବେଳେ ଚାରିଛକରେ ପୂର୍ବତନ ପିସିସି ସଭ୍ୟ ଶମ୍ଭୁ ପାଣିଗ୍ରାହୀଙ୍କ ନେତୃତ୍ୱରେ ଶତାଧିକ କର୍ମୀ ପିସିସି ସଭାପତି ପଟ୍ଟନାୟକଙ୍କୁ ସମ୍ବର୍ଦ୍ଧିତ କରିଥିଲେ।


ଆସିକାରେ ପିସିସି ସଭାପତି ଲୋକଙ୍କ ସହ ଆଲୋଚନା କରୁଛନ୍ତି।

## ମୁଗଲସରାଇ ମଣ୍ଡଳର ଡେହରୀ ଅନ ସୋନ ଷ୍ଟେସନଠାରେ ନିରାପତ୍ତା ସମ୍ବନ୍ଧୀୟ ଆଧୁନିକୀକରଣ କାର୍ଯ୍ୟ ନିମନ୍ତେ ଟ୍ରେନ୍‌ଗୁଡ଼ିକର ରଦ୍ଦକରଣ/ଗତିପଥ ପରିବର୍ତ୍ତନ

ଟ୍ରେନ୍‌ଗୁଡ଼ିକର ରଦ୍ଦକରଣ

| ଟ୍ରେନ୍ ନଂ. | ଟ୍ରେନ୍ ନାମ | ଷ୍ଟେସନ ଠାରୁ | ଯାତ୍ରା ପ୍ରାରମ୍ଭ କରୁଥିବା ତାରିଖ |
|---|---|---|---|
| 18311 | ସମ୍ବଲପୁର-ବାରଣାସୀ ଦ୍ୱି-ସାପ୍ତାହିକ ଏକ୍ସପ୍ରେସ୍ | ସମ୍ବଲପୁର | 24.10.2018 ଏବଂ 28.10.2018 |
| 18312 | ବାରଣାସୀ-ସମ୍ବଲପୁର ଦ୍ୱି-ସାପ୍ତାହିକ ଏକ୍ସପ୍ରେସ୍ | ବାରଣାସୀ | 25.10.2018 ଏବଂ 29.10.2018 |
| 12875 | ପୁରୀ-ଆନନ୍ଦ ବିହାର ଟର୍ମିନାଲ ନୀଳାଚଳ ଏକ୍ସପ୍ରେସ୍ | ପୁରୀ | 23.10.2018, 26.10.2018 ଏବଂ 28.10.2018 |
| 12876 | ଆନନ୍ଦ ବିହାର ଟର୍ମିନାଲ-ପୁରୀ ନୀଳାଚଳ ଏକ୍ସପ୍ରେସ୍ | ଆନନ୍ଦ ବିହାର ଟର୍ମିନାଲ | 26.10.2018, 28.10.2018 ଏବଂ 30.10.2018 |

ଟ୍ରେନ୍‌ଗୁଡ଼ିକର ଗତିପଥ ପରିବର୍ତ୍ତନ

| ଟ୍ରେନ୍ ନଂ. | ଟ୍ରେନ୍ ନାମ | ଯାତ୍ରା ପ୍ରାରମ୍ଭ କରୁଥିବା ତାରିଖ | ଗତିପଥ ପରିବର୍ତ୍ତନ |
|---|---|---|---|
| 12801 | ପୁରୀ-ନୂଆ ଦିଲ୍ଲୀ ପୁରୁଷୋତ୍ତମ ଏକ୍ସପ୍ରେସ୍ | 23.10.2018 ଏବଂ 28.10.2018 | ମୁରୀ-ବରକାକାନା-ଗଢ଼ୱା ରୋଡ୍-ଚୁନାର |
| 12802 | ନୂଆ ଦିଲ୍ଲୀ-ପୁରୀ ପୁରୁଷୋତ୍ତମ ଏକ୍ସପ୍ରେସ୍ | 23.10.2018 ଏବଂ 28.10.2018 | ଚୁନାର-ଗଢ଼ୱା ରୋଡ୍ ବରକାକାନା-ମୁରୀ |



ପୂର୍ବ ତଟ ରେଳପଥ

PR-365/J/18-19

## ଛତ୍ରପୁରର ସମସ୍ତ ପଞ୍ଚାୟତକୁ କ୍ଷତିପୂରଣ ଦାବି

**ଛତ୍ରପୁର,୧୬।୧୦(ଡି.ଏନ.ଏ)**

ବାତ୍ୟା ତିତଲି ଓ ପ୍ରଳୟଙ୍କରୀ ବନ୍ୟା ପ୍ରଭାବରେ ଛତ୍ରପୁର ବ୍ଲକର ସମସ୍ତ ୧୮ ପଞ୍ଚାୟତରେ ବିଶେଷ କ୍ଷତି ହୋଇଛି । ତେଣୁ ବ୍ଲକର ସମସ୍ତ ଗାଁର ଲୋକଙ୍କୁ କ୍ଷତିପୂରଣ ଦେବାକୁ ପଞ୍ଚାୟତିରାଜ ପ୍ରତିନିଧିମାନେ ଜିଲାପାଳ ବିଜୟ ଅମୃତା କୁଲାଙ୍ଗେଙ୍କୁ ଭେଟି ଆଲୋଚନା କରିବା ସହ ସ୍ମାରକପତ୍ର ପ୍ରଦାନ କରିଛନ୍ତି। କ୍ଷତିଗ୍ରସ୍ତ ପରିବାରଙ୍କୁ ସହାୟତା, ଘର ନିର୍ମାଣ ପାଇଁ ଅନୁଦାନ ଦେବା, ଚାଷୀଙ୍କୁ କୃଷି ଋଣ ଛାଡ ଓ ଫସଲ ବୀମା ବାବଦରେ ଅର୍ଥ ପ୍ରଦାନ, ସମସ୍ତ ପ୍ରଭାବିତ ପଞ୍ଚାୟତର ରାସ୍ତା, ବ୍ରିଜ୍, ସ୍କୁଲ, ଅଙ୍ଗନୱାଡି ଗୃହ ଓ ସ୍ୱାସ୍ଥ୍ୟ କେନ୍ଦ୍ର କୋଠା ଆଦିର ତୁରନ୍ତ ପୁନଃନିର୍ମାଣ, ଗୋଖାଦ୍ୟ, ମୃତ ପଶୁ ଓ ପକ୍ଷୀର କ୍ଷତିପୂରଣ ଦେବା, ପାନୀୟ ଜଳ ପ୍ରକଳ୍ପଗୁଡିକର ମରାମତି କରିବା ଆଦି ଦାବି ରହିଛି । ଛତ୍ରପୁର ବ୍ଲକ ଅଧକ୍ଷ ଏମ୍. ଧନଞ୍ଜୟ ରେଡ୍ଡୀଙ୍କ ନେତୃତ୍ୱରେ ଉପାଧକ୍ଷା ଅମିତା ସାହୁ, ଜିଲାପରିଷଦ ସଭ୍ୟ ଏସ୍ କିଶୋର ରେଡ୍ଡୀଙ୍କ ସମେତ ସରପଞ୍ଚ ଓ ସମିତିସଭ୍ୟମାନେ ଜିଲାପାଳଙ୍କୁ ଭେଟିଥିଲେ ।


ଜିଲାପାଳଙ୍କୁ ସ୍ମାରକପତ୍ର ପ୍ରଦାନ କରାଯାଉଛି।

## ତିତ୍‌ଲି ପର ଠାରୁ ସ୍କୁଲରେ ରାତି କାଟୁଛନ୍ତି ୨ପରିବାର

**ହିଞ୍ଜିଳିକାଟୁ,୧୬।୧୦(ଡି.ଏନ୍.ଏ.)**

ତିତ୍‌ଲି ପର ଠାରୁ ଘରର କାନ୍ଥ ଭାଙ୍ଗି ଯାଇଛି। ହିଞ୍ଜିଳିକାଟୁ ପୌରାଞ୍ଚଳ ୨୦ନଂ ୱାର୍ଡ଼ କେନାଲ ସାହିର ୨ପରିବାର ଆଙ୍କୋରଡ଼ା ପ୍ରକଳ୍ପ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ରାତି କାଟୁଛନ୍ତି। ଏମାନଙ୍କୁ ମଙ୍ଗଳବାର ସୁଦ୍ଧା ନା ମିଳିଛି ସହାୟତା ନା ପଲିଥିନ ପାଲ। ଆଙ୍କୋରଡ଼ା କେନାଲ ସାହି ବସ୍ତିରେ ରହୁଥିବା ଅରକ୍ଷିତ ବାଡତ୍ୟା ଓ ସଚଳା ପଣ୍ଡାଙ୍କ ଝାଟିମାଟି ଘର ବାତ୍ୟାରେ ଭାଙ୍ଗି ଯାଇଛି। ବାତ୍ୟା ପୂର୍ବ ରାତିରେ ଏହି ୨ ପରିବାର ଅନ୍ୟମାନଙ୍କ ସହ ସ୍କୁଲରେ ଆଶ୍ରୟ ନେଇଥିଲେ। ବାତ୍ୟାରେ ଘର ଭାଙ୍ଗି ଯାଇଥିଲା। ୧୧ତାରିଖ ରାତିରେ ପ୍ରଶାସନ ପକ୍ଷରୁ ଆଶ୍ରୟସ୍ଥଳୀରେ ଆଉ ଖାଦ୍ୟ ଦିଆଯାଇ ନ ଥିଲା। ଘର ଭାଙ୍ଗି ଯାଇଥିବାରୁ ୨ ପରିବାର ଘର ବାରଣ୍ଡାରେ ରୋଷେଇ କରୁଥିବାବେଳେ ରାତିରେ ୩ଶିଶୁ ଓ ୫ ବୟସ୍କ ସ୍କୁଲ ଭିତରେ ଶୋଉଛନ୍ତି। ପ୍ରଶାସନିକ ଅଧିକାରୀ କେହି ଆସିନାହାନ୍ତି କିମ୍ବା ରିଲିଫ ମିଳିନାହିଁ ବୋଲି ସଚଳା ଓ ଅରକ୍ଷିତ କହିଛନ୍ତି। ଏନେଇ ବିଡ଼ିଓ ପ୍ରସନ୍ନ କୁମାର ପାତ୍ରଙ୍କ ଦୃଷ୍ଟି ଆକର୍ଷଣ କରିବାରୁ ତୁରନ୍ତ ଥଇଥାନ ପାଇଁ ପଦକ୍ଷେପ ନିଆଯିବ ବୋଲି କହିଛନ୍ତି।

# ରାଜନୈତିକ ଅଭିସନ୍ଧି ରଖି ରିଲିଫ ଦିଆଯାଉଥିବା ଅଭିଯୋଗ

**ଛତ୍ରପୁର,୧୬।୧୦(ଡି.ଏନ.ଏ)**

**ମୁଖ୍ୟମନ୍ତ୍ରୀଙ୍କୁ ଭେଟିବେ ସିପିଆଇ ପ୍ରତିନିଧିଦଳ**

ଗଞ୍ଜାମ ଜିଲାରେ ବାତ୍ୟା ପରେ ହୋଇଥିବା ବନ୍ୟାରେ ବହୁ ଲୋକ ପ୍ରଭାବିତ ହୋଇଛନ୍ତି। ଧାନ ଓ ଅନ୍ୟାନ୍ୟ ଫସଲ ବ୍ୟାପକ କ୍ଷତି ହୋଇଛି। ସେପଟେ ରାଜନୈତିକ ଅଭିସନ୍ଧି ରଖି ପ୍ରଶାସନ ରିଲିଫ ବଣ୍ଟନ କରୁଛି । ସୋମବାର ଛତ୍ରପୁର ଓ ଗଞ୍ଜାମ ବ୍ଲକର ବିଭିନ୍ନ ବନ୍ୟା ପ୍ରଭାବିତ ଅଞ୍ଚଳ ପରିଦର୍ଶନ କରିବା ପରେ ରାଜ୍ୟ ସିପିଆଇ ପକ୍ଷରୁ ଏପରି ଅଭିଯୋଗ କରାଯାଇଛି । ଛତ୍ରପୁରସ୍ଥିତ ଲକ୍ଷ୍ମଣ ଭବନଠାରେ ସିପିଆଇ ପକ୍ଷରୁ ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ ରାଜ୍ୟ ସମ୍ପାଦକ ଆଶିଷ କାନୁନଗୋ କହିଥିଲେ ଯେ, ସରକାର ଓ ପ୍ରଶାସନ ଆଗୁଆ ପ୍ରସ୍ତୁତ ରହିଥିଲେ ଲୋକେ ଅସୁବିଧାରେ ପଡ଼ି ନଥାନ୍ତେ। ସରକାର ପ୍ରତି ଏକର ଫସଲ ପାଇଁ ୨୫ ହଜାର ଟଙ୍କା କ୍ଷତିପୂରଣ, ଯୁଦ୍ଧକାଳୀନ ଭିତ୍ତିରେ ରାସ୍ତା ପୁନରୁଦ୍ଧାର, ଗୋ ଖାଦ୍ୟ ବଣ୍ଟନ, କୃଷି ଋଣ ଛାଡ, ବିନା ସୁଧରେ ରବି ଫସଲ ପାଇଁ ଋଣ ପ୍ରଦାନ କରନ୍ତୁ ବୋଲି ସିପିଆଇ ଦାବି କରିଛି । ଏ ସମ୍ପର୍କରେ ମୁଖ୍ୟମନ୍ତ୍ରୀଙ୍କୁ ଭେଟି ଜଣାଇବୁ ବୋଲି ରାଜ୍ୟ ସମ୍ପାଦକ କାନୁନଗୋ କହିଛନ୍ତି। ସିପିଆଇ ଜାତୀୟ ପରିଷଦ ସଭ୍ୟ ରାମକୃଷ୍ଣ ପଣ୍ଡା ମଧ୍ୟ ସରକାର ଓ ପ୍ରଶାସନକୁ ଟାର୍ଗେଟ କରିଥିଲେ । ଭାଗ ଚାଷୀଙ୍କୁ କ୍ଷତିପୂରଣ, କଂସାରି ଗଣ୍ଡରେ ଆନିକଟ ନିର୍ମାଣ, ରନ୍ଧା ଖାଦ୍ୟ ସପ୍ତାହକ ପାଇଁ ଦେବା, ରାଜନୈତିକ ପକ୍ଷପାତିତା ବନ୍ଦ କରିବାକୁ ସେ ଦାବି କରିଥିଲେ । ପୋଚିଲାମପୁର ପଞ୍ଚାୟତ ସରଭୀମପୁରବାସୀ ରିଲିଫ ନ ପାଇବାରୁ ରବିବାର ବିଡିଓ ଓ ବ୍ଲକ ଅଧକ୍ଷଙ୍କୁ ଘେରିଥିଲେ । କେତେଜଣଙ୍କୁ ନାମକୁ ମାତ୍ର ରିଲିଫ ମିଳିଥିବା ସିପିଆଇ ଜିଲା ସମ୍ପାଦକ ପ୍ରକାଶ ପାତ୍ର କହିଥିଲେ । ଗୋକୁଳ ଚନ୍ଦ୍ର ପଣ୍ଡା, ରାଜ୍ୟ ଯୁବ ସଂଘର ସଭାପତି ପ୍ରଦୀପ ସେଠୀ, ଡି ଆଦି ନାରାୟଣ ରେଡ୍ଡୀ, ଛତ୍ରପୁର ଜୋନାଲ ସମ୍ପାଦକ ଏସ୍. କ୍ରିଷ୍ଣା, ଜିଲା ସହସମ୍ପାଦକ ନୀଳକଣ୍ଠ ଦାଶ, ପ୍ରଫୁଲ୍ଲ ପାଣିଗ୍ରାହୀ ପ୍ରମୁଖ ଖବରଦାତା ସମ୍ମିଳନୀରେ ଉପସ୍ଥିତ ଥିଲେ ।

ଧରିତ୍ରୀ DHARITRI
Quiz No.5
**Puja Quiz- 2018**

Main Sponsor: TVS
Co-Sponsors: CENTRAL, Nikon

☑ Tick mark the box which is correct

୧. ଭାରତର ‘ଗଜଲ ରାଣୀ’ କାହାକୁ କୁହାଯାଏ ?
କ. ବେଗମ ଅଖତର ☐ ଖ. ନୁର ଜହାଁ ☐ ଗ. ଲତା ମଙ୍ଗେସକର ☐ ଘ. କେଉଁଟି ନୁହେଁ ☐

୨. ରାଜସ୍ଥାନରେ ଅନୁଷ୍ଠିତ ହେଉଥିବା ପୃଥିବୀ ପ୍ରସିଦ୍ଧ ପଶୁମେଳା (ଓଟ)ର ନାମ କ’ଣ ?
କ. ବୈଶାଖୀ ☐ ଖ. ମକର ☐ ଗ. ପୁଷ୍କର ☐ ଘ. କେଉଁଟି ନୁହେଁ ☐

୩. ମହାକୁମ୍ଭ ମେଳା କେଉଁଠାରେ ଅନୁଷ୍ଠିତ ହୁଏ ?
କ. ବାରାଣସୀ ☐ ଖ. ଆଲ୍ଲାହାବାଦ ☐ ଗ. ଗୟା ☐ ଘ. କେଉଁଟି ନୁହେଁ ☐

୪. ଅଲ୍ଲି ଆକବର ଖାନ୍ କେଉଁ ବାଦ୍ୟଯନ୍ତ୍ର ସହ ସମ୍ପୃକ୍ତ ?
କ. ସରୋଦ ☐ ଖ. ତବଲା ☐ ଗ. ଢୋଲ ☐ ଘ. କେଉଁଟି ନୁହେଁ ☐

୫. ନୋବେଲ ଶାନ୍ତି ପୁରସ୍କାର କେଉଁ ସହରରେ ଦିଆଯାଏ ?
କ. ଜେନେଭା ☐ ଖ. ଓସ୍‌ଲୋ ☐ ଗ. ଷ୍ଟକ୍‌ହୋମ ☐ ଘ. କେଉଁଟି ନୁହେଁ ☐

Participant's Name:......................................
Address:......................................
......................................
Education ......................................
Mobile......................................Age:............
E-mail:......................................

Terms & conditions:
1. Only original coupons will be considered.
2. Persons working with Dharitri or sponsors are not eligible for the contest.
3. Coupons should reach us within 7 days of publication.
4. Everyday three Daily Winners will be selected by lucky draw.
5. Mega prize winners will be selected from correct entries by lucky draw and Winners will bear gift taxes if any, as per Govt. norms.
6 Prize distribution date, time and venue will be intimated to the winners individually.
7. Selection of winners by the juries will be final. No complaints will be entertained.
*Conditions apply

Prizes: 1st - TVS Apache 160cc 2nd - TVS Jupiter Scooter, 3rd - TVS Scooty Pep+,
Consolation Prizes : Gift Vouchers from CENTRAL, Digital Cameras from NIKON
Cut this coupon and send it to the following address:
DHARITRI Puja Quiz No. 5
B-15, Industrial Estate, Rasulgarh, Bhubaneswar-10





କୌଣସି ସ୍ୱାର୍ଥ ନ ରଖି ଅନ୍ୟର ଉପକାର କଲେ ନିଜର ମଙ୍ଗଳ ହୋଇଥାଏ, ନିଜେ ଯଦି କାହାଠାରୁ ଉପକାର ପାଇଛ ତେବେ ତାହା ଜୀବନସାରା ଭୁଲ୍ ନାହିଁ।
- ସ୍ୱାମୀ ଶିବାନନ୍ଦ ସରସ୍ୱତୀ



## ସଂକ୍ଷେପରେ

### ହାତୀ ନଷ୍ଟକଲା ଧାନ ଫସଲ



ରଣପୁର,୧୬।୧୦(ସ୍ୱ.ପ୍ର.)-ନୟାଗଡ଼ ଜିଲା ରଣପୁର ବ୍ଲକ୍ ମୟୁରଝଲିଆ ଏବଂ ରାଜଜଙ୍କିଆ ପଞ୍ଚାୟତରେ ସୋମବାର ରାତିରେ ହାତୀପଲ ଧାନ ଫସଲ ଖାଇଦେବା ସହିତ ଦଳିଚକଟି ନଷ୍ଟ କରିଦେଇଛି । ରଣ କରି ଫସଲ କରିଥିବା ଚାଷୀମାନେ ଏବେ ଏ ନେଇ ମୁଣ୍ଡରେ ହାତ ଦେଇ ବସିଛନ୍ତି । ପ୍ରକାଶ ଯେ, ଖୋର୍ଦ୍ଧା ଡିଭିଜନ ଅଧୀନ ରଣପୁର ବନ ବିଭାଗ ମାଳ ସଂରକ୍ଷିତ ଜଙ୍ଗଲରୁ କିଛିଦିନ ହେବ ୧୫ରୁ ୧୭ ସଂଖ୍ୟାରେ ଏକ ହାତୀପଲ ଧାନ ଫସଲ ଆଦି ନଷ୍ଟ କରିଚାଲୁଥିବା ଅଭିଯୋଗ ହୋଇଛି। ରାତିରେ ନିକଟ ଜଙ୍ଗଲରୁ ଆସି ହାତୀମାନେ ଫସଲ ନଷ୍ଟ କରୁଥିବା ଖବର ବନ ବିଭାଗରେ ଅଭିଯୋଗ କଲେ ମଧ୍ୟ କୌଣସି କର୍ମଚାରୀ ଆସୁ ନ ଥିବା ନେଇ ଚାଷୀଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଇଛି ।

### ବିଶାଳ ସନାତନ ଧର୍ମ ମହାସଭା

**ଖଣ୍ଡପଡ଼ା,୧୬।୧୦(ସ୍ୱ.ପ୍ର.):** ଜଗନ୍ନାଥ ସଂସ୍କୃତିର ଆଦି ଦେବତା ଶ୍ରୀ ନୀଳମାଧବ ଜୀଉଙ୍କ ଆଦ୍ୟସେବକ ଭକ୍ତ ବିଶ୍ୱାବଶୁ ଶବର ରାଜାଙ୍କ ବାସସ୍ଥଳ ଭାବେ କାଳିଆପଲ୍ଲୀ ପରିଚିତ। ଏଠାରେ ଗହଣ ଦଳ ଆନୁକୂଲ୍ୟରେ ଏକ ବିଶାଳ ସନାତନ ଧର୍ମ ମହାସଭା ଶନିବାର ସନ୍ଧ୍ୟାରେ ଅନୁଷ୍ଠିତ ହୋଇଯାଇଛି। ଧର୍ମରକ୍ଷା ହେଲେ ଜଗତ ମଙ୍ଗଳମୟ ହେବ, ଏହା ଥିଲା କାର୍ଯ୍ୟକ୍ରମର ମୁଖ୍ୟ ଉଦ୍ଦେଶ୍ୟ। ଗହଣଦଳର ମୁଖ୍ୟ ସଚେତକ ତଥା ମୁଖ୍ୟଅତିଥି ଭାବେ ରାଜା ନରସିଂହ ଦେବ ଓ ମୁଖ୍ୟବକ୍ତା ଭାବେ ଯୋଗମାୟା ଡ. ସ୍ନେହଲତା ଦାସ ଯୋଗଦେଇ ଶ୍ରୀ ନୀଳମାଧବଙ୍କ ଐତିହ୍ୟ ସମ୍ପର୍କରେ ଆଲୋକପାତ କରିଥିଲେ। ଅନ୍ୟତମ ଅତିଥି ଭାବେ ପୂର୍ବତନ ଉପବାଚସ୍ପତି ବିଭୂତି ଭୂଷଣ ସିଂହ ମର୍ଦ୍ଦରାଜ, ପରିବେଶବିତ୍ ଅନ୍ତର୍ଯ୍ୟାମୀ ସାହୁ ପ୍ରମୁଖ ଯୋଗଦେଇ ପିତାମାତା ଓ ଗୁରୁଜନମାନଙ୍କୁ ସମ୍ମାନ ତଥା ଭକ୍ତି ପ୍ରଦର୍ଶନ କରିବାକୁ ପରାମର୍ଶ ଦେଇଥିଲେ ।

### ବିଶ୍ୱ ଖାଦ୍ୟ ଦିବସ ପାଳିତ



**ବୋଲଗଡ଼,୧୬।୧୦(ଡି.ଏନ.ଏ.):** ବୋଲଗଡ଼ ବ୍ଲକ ଗେଡିଆପଲ୍ଲୀ ପଞ୍ଚାୟତ ସାଲତରା ସ୍ଥିତ ବାଲୁଙ୍କେଶ୍ୱରଦେବଙ୍କ ମନ୍ଦିରଠାରେ ମଙ୍ଗଳବାର ଅପରାହ୍ନରେ ବିଶ୍ୱ ଖାଦ୍ୟ ଦିବସ ପାଳନ ହୋଇଯାଇଛି। ବ୍ରାହ୍ମଣୀଦେବୀ କୃଷକ ସଂଗଠନ ସୌଜନ୍ୟରୁ ଅନୁଷ୍ଠିତ ସଭାରେ ସଂଗଠନର ସଭାପତି ଜୟନ୍ତ ତ୍ରିପାଠୀ ପୌରୋହିତ୍ୟ କରିଥିଲେ। ଓଡିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟର ଅବସରପ୍ରାପ୍ତ ପ୍ରଫେସର ଡ. ପ୍ରଫୁଲ୍ଲ କୁମାର ଜତି ମୁଖ୍ୟଅତିଥି ଭାବେ ଯୋଗଦେଇଥିଲେ। ଖୋର୍ଦ୍ଧା ଜିଲା କୃଷି ଅଧିକାରୀ ନାରାୟଣ ସେଠୀ ମୁଖ୍ୟବକ୍ତା ଓ ସମ୍ମାନିତ ଅତିଥି ଭାବେ ଅଧାପକ ରବୀନ୍ଦ୍ର ନାଥ ପାଣିଗ୍ରାହୀ ଯୋଗଦେଇଥିଲେ। ଖାଦ୍ୟ ସୁରକ୍ଷା ପାଇଁ କାର୍ଯ୍ୟ କରିବାକୁ ଏଠାରେ ଶପଥ ପାଠ ହୋଇଥିଲା। ଜଣେ ସଫଳ ଚାଷୀଭାବେ ସନ୍ତୋଷ କୁମାର ପାଣିଗ୍ରାହୀଙ୍କୁ ମାନପତ୍ର ପ୍ରଦାନ ପୂର୍ବକ ସମ୍ବର୍ଦ୍ଧିତ କରାଯାଇଥିଲା।

### ବାଲୁଗାଁ ଉତ୍ସବମୁଖର

ବାଲୁଗାଁ,୧୬।୧୦(ଡି.ଏନ.ଏ.)- ଶାରଦୀୟ ମହୋତ୍ସବରେ ବାଲୁଗାଁ ଉତ୍ସବମୁଖର ହୋଇପଡ଼ିଛି । ବାଲୁଗାଁର ବିଭିନ୍ନ ଅନୁଷ୍ଠାନ ତରଫରୁ ମା' ଦୁର୍ଗାଙ୍କ ମୃଣ୍ମୟୀ ମୂର୍ତ୍ତି ସ୍ଥାପନ କରାଯାଇ ପୂଜା ପାଳିତ ହେଉଛି। ମଙ୍ଗଳବାର ମହାସପ୍ତମୀ ପୂଜା ବିଭିନ୍ନ ପୂଜାମଣ୍ଡପରେ ଅନୁଷ୍ଠିତ ହୋଇଛି । ବାଲୁଗାଁ ହାଇସ୍କୁଲ ରୋଡସ୍ଥିତ ମା' ଦଶଭୁଜା ପୂଜା କମିଟି ଓ ବଜାରସ୍ଥିତ ହନୁମାନ ପରିବା ବ୍ୟବସାୟୀ ସଂଘ ତରଫରୁ ମା'ଙ୍କ ପୂଜା ମହାସମାରୋହରେ ପାଳିତ ହେଉଥିବା ବେଳେ ମଣ୍ଡପଗୁଡ଼ିକ ସୁନ୍ଦର ଆଲୋକମାଳାରେ ଝଲସି ଉଠିଛି । ଦିନତମାମ ମା'ଙ୍କ ଦର୍ଶନ ପାଇଁ ଶ୍ରଦ୍ଧାଳୁଙ୍କ ଭିଡ଼ ଲାଗି ରହିଥିବା ପରିଲକ୍ଷିତ ହୋଇଛି ।

# ରାତିରେ ମହିଳାଙ୍କୁ ଗ୍ରାମବାସୀଙ୍କ ଆକ୍ରମଣ

**ନୟାଗଡ଼ ଅଫିସ,୧୬।୧୦**

■ଗୁରୁତର ଅବସ୍ଥାରେ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି
■ଇଟା ପଥର ମାରି ଘର ଭାଙ୍ଗିଦେଲେ
■ନ୍ୟାୟ ପାଇଁ ଥାନାର ଦ୍ୱାରସ୍ଥ ହେଲେ ମହିଳାଙ୍କ ପରିବାର

ନୟାଗଡ଼ ଜିଲା ସଦର ଥାନା ଖୁଣ୍ଟୁବନ୍ଧ ପଞ୍ଚାୟତ ଅଶ୍ୱତ୍ଥପଡ଼ା ଗ୍ରାମରେ ସୋମବାର ରାତିରେ ଏକ ଅଭାବନୀୟ ଘଟଣା ଘଟିଛି। ଜଣେ ମହିଳାଙ୍କୁ ଗ୍ରାମବାସୀ କଟୁରିରେ ଆକ୍ରମଣ କରିବାରୁ ସେ ଗୁରୁତର ହୋଇଛନ୍ତି। ମହିଳା ଜଣଙ୍କ ହେଲେ ଅଶ୍ୱତ୍ଥପଡ଼ା ଗ୍ରାମର ପାଣ୍ଡୁଚରଣ ପ୍ରଧାନଙ୍କ ସ୍ତ୍ରୀ ଗୌରୀ ପ୍ରଧାନ(୪୮)। ଗୌରୀ ବର୍ତ୍ତମାନ ଗୁରୁତର ଅବସ୍ଥାରେ ନୟାଗଡ଼ ଜିଲା ମୁଖ୍ୟ ଚିକିତ୍ସାଳୟରେ ଚିକିତ୍ସିତ ହେଉଛନ୍ତି।

ଗୌରୀଙ୍କ ଅଭିଯୋଗ ଅନୁସାରେ ଗ୍ରାମବାସୀଙ୍କ ଘର ଆଗରେ ଡ୍ରେନ୍ ଯାଇଛି। ଡ୍ରେନ୍‌କୁ ସିମେଣ୍ଟ କରିବା ଫଳରେ ଗୌରୀଙ୍କ ଘର ଆଗରେ ଆବର୍ଜନା ପାଣି ଆସି ଜମାହୋଇ ରହୁଛି, ଯାହାଫଳରେ ତାଙ୍କ ପରିବାର ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ସୋମବାର ରାତିରେ ସେଠାରେ ସେ ଏକ ସିମେଣ୍ଟ ପାଚେରି ଉଠାଇ ପାଣିକୁ ଅବରୋଧ କରିବାକୁ ଚାହିଁଥିଲେ। ରାତି ୯ଟା ସମୟରେ ପଞ୍ଚାୟତର କେତେକ ଲୋକ ଆସି ଏହାକୁ ବିରୋଧ କରିବା ସହିତ ସେଠାରେ ପାଚେରି ଉଠାଇଲେ ଗ୍ରାମ ଲୋକଙ୍କ ଅସୁବିଧା ହେବ ବୋଲି କହିଥିଲେ। ଏହାକୁ ନେଇ ଗୌରୀଙ୍କ ପରିବାର ମଧ୍ୟ ଗ୍ରାମର ସମସ୍ତ ଲୋକ ଯଦି ଘର ଆଗରେ ଥିବା ଡ୍ରେନ୍‌କୁ ଖୋଲିବେ ତାହା ହେଲେ ଆମେ ପାଚେରି ବନ୍ଦ କରିବୁ ବୋଲି କହିଥିଲେ। ଏହି ଘଟଣାକୁ କେନ୍ଦ୍ରକରି ପଞ୍ଚାୟତରୁ ଆସିଥିବା ୫ ଜଣ ଲୋକ ଉତ୍କ୍ଷିପ୍ତ ହୋଇଥିଲେ। ପରେ ସେମାନେ ଗ୍ରାମର ଲୋକଙ୍କୁ ଡାକିବାରୁ ଗଣ୍ଡଗୋଳ ହୋଇଥିଲା। ଗ୍ରାମର ଲୋକମାନେ କଟୁରି ଧରି ଆସି ଗୌରୀଙ୍କ ପରିବାର ଲୋକଙ୍କୁ ଆକ୍ରମଣ କରିଥିଲେ। କଟୁରିର ଦୁଇଟି ଚୋଟ ଗୌରୀଙ୍କ ମୁଣ୍ଡରେ ବାଜିବା ଫଳରେ ସେ ଗୁରୁତର ହୋଇଥିଲେ। ସେହି ସମୟରେ ଗୌରୀଙ୍କ ବଡ଼ପୁଅ ବିଜୟ କୁମାର ମାଆଙ୍କୁ ନେଇ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ। ଏହି ସମୟରେ ସଦର ଥାନାର କର୍ମଚାରୀମାନେ ପହଞ୍ଚି ପରିସ୍ଥିତିକୁ ଆୟତ୍ତ କରିଥିଲେ। ଭୟରେ ଗୌରୀଙ୍କ ପରିବାର ଲୋକ ଖସି ପଳାଇ ଆସି ଅନ୍ୟଆଡ଼େ ଲୁଚି ରହିଥିଲେ। ରାତି ୩ଟା ସମୟରେ ପୋଲିସ ଉପସ୍ଥିତିରେ ଗ୍ରାମବାସୀ ଟେକା ପଥର ପିଙ୍ଗି ଗୌରୀଙ୍କ ଘରକୁ ଭାଙ୍ଗି ଦେଇଥିଲେ।

ସୂଚନାଯୋଗ୍ୟ, ୨୦୧୪ ମସିହାରେ ଜମି ବିବାଦକୁ କେନ୍ଦ୍ରକରି ଗ୍ରାମରେ କଙ୍ଗାରୁ କୋର୍ଟ ମାଧ୍ୟମରେ ବିଚାର ହୋଇଥିଲା। ଗ୍ରାମର ଏକପାଖିଆ ବିଚାରକୁ ଗୌରୀଙ୍କ ପରିବାର ଲୋକ ମାନି ନ ଥିଲେ। ଏହା ପରେ ଗୌରୀଙ୍କ ପରିବାରକୁ ୨୦୧୪ ମସିହାରେ ବାସନ୍ଦ କରାଯାଇଥିଲା। ଘରକୁ କଣ୍ଟା ପକାଇବା ସହ ଗୋବର ମାଡ଼ ଇତ୍ୟାଦି ସେହି ସମୟରେ କରାଯାଇଥିଲା। ଏହା ପରେ ୬ ଫେବୃୟାରୀ ୨୦୧୬ରେ ଗ୍ରାମର ଲୋକେ ଏକତ୍ରିତ ହୋଇ କାହିଁକି ସେମାନେ ବାସନ୍ଦକୁ ମାନୁନାହାନ୍ତି ଏହାକୁ ନେଇ ଗ୍ରାମର ଲୋକମାନେ ପୋଲିସ ଉପସ୍ଥିତିରେ ସେହି ସମୟରେ ଦୋକାନ ଓ ଘର ଭାଙ୍ଗି ଦେଇଥିଲେ। ଏହା ପରେ ମଧ୍ୟ ଗ୍ରାମବାସୀ ତାଙ୍କୁ ଏକଘରକିଆ କରି ରଖିଛନ୍ତି। ଏହିଭଳି ଅନ୍ୟାୟ କରୁଥିବାରୁ ଏହାର ପ୍ରତିବାଦରେ ଗୌରୀଙ୍କ ପରିବାର ପକ୍ଷରୁ ଏସପିଙ୍କୁ ଭେଟିବାକୁ ଯାଇଥିଲେ। ଏସ୍‌ପି ଅନୁପସ୍ଥିତ ଥିବାରୁ ଏଏସ୍‌ପି ଏହାର ସମାଧାନ କରିବେ ବୋଲି ପ୍ରତିଶ୍ରୁତି ଦେଇଥିଲେ। ଏ ନେଇ ସଦର ଥାନା ଅଧିକାରୀ ମନୋରମା ମଲ୍ଲିକଙ୍କୁ ପଚାରିବାରୁ ସେ କୁହନ୍ତି, ପୃଥକ୍ ଅଭିଯୋଗ ହେବା ପରେ ଥାନାରେ ଦୁଇଟି ମାମଲା ରୁଜୁ କରାଯାଇଛି। ଗୌରୀ ପ୍ରଧାନଙ୍କ ଅଭିଯୋଗକୁ ଭିତ୍ତିକରି ଗ୍ରାମର ୧୦ ଜଣଙ୍କ ନାମରେ ୧୪୮/୧୮ରେ ଏକ ମାମଲା ରୁଜୁ କରାଯାଇଛି। ଅନ୍ୟପକ୍ଷେ ଗ୍ରାମ ସଭାପତି ସୁବୋଧ ମନ୍ତ୍ରୀଙ୍କ ଅଭିଯୋଗକୁ ଭିତ୍ତିକରି ଗୌରୀଙ୍କ ପରିବାର ଲୋକଙ୍କ ବିରୋଧରେ ୧୪୯/୧୮ରେ ମାମଲା ରୁଜୁ କରାଯାଇଥିବା ମଲ୍ଲିକ ସୂଚନା ଦେଇଥିଲେ। ବୁଧବାର ଉଭୟ ପକ୍ଷର ଲୋକଙ୍କ ସହିତ ଆପୋସ ସମାଧାନ କରାଯିବ ବୋଲି ପୋଲିସ ପକ୍ଷରୁ ସୂଚନା ମିଳିଛି।



ଜିଲା ମୁଖ୍ୟ ଚିକିତ୍ସାଳୟରେ ଚିକିତ୍ସିତ ମହିଳା।

### ଖବରଦାତାଙ୍କୁ ଦୁର୍ବ୍ୟବହାର ଅଭିଯୋଗ

**ନୟାଗଡ଼ ଅଫିସ,୧୬।୧୦**

ନୟାଗଡ଼ ଜିଲା ରଣପୁର ବ୍ଲକ ପଟିଆମାଳ ପଞ୍ଚାୟତରେ ମଙ୍ଗଳବାର ଗ୍ରାମ୍ୟ ଉନ୍ନୟନ ବିଭାଗ ତରଫରୁ ଦୁଇଟି ପ୍ରଧାନମନ୍ତ୍ରୀ ଗ୍ରାମସଡ଼କ ଯୋଜନାର ଭୂମି ପୂଜନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ରଣପୁର ବିଧାୟକ ରବିନାରାୟଣ ମହାପାତ୍ର ମୁଖ୍ୟଅତିଥିଭାବେ ଯୋଗଦେଇ ଭୂମିପୂଜା କାର୍ଯ୍ୟର ଶୁଭାରମ୍ଭ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ସ୍ଥାନୀୟ ଅଞ୍ଚଳର ବିଜେଡି ନେତାମାନେ ଅନ୍ୟତମ ଅତିଥିଭାବେ ଯୋଗ ଦେଇଥିଲେ। ଏହି ଉତ୍ସବକୁ ଖବରଦାତାମାନଙ୍କୁ ନିମନ୍ତ୍ରଣ କରାଯାଇଥିଲା। ବୈଦ୍ୟୁତିକ ଓ ଛାପା ଗଣମାଧ୍ୟମର ପ୍ରତିନିଧିମାନେ ଖବର ସଂଗ୍ରହ ପାଇଁ ଯାଇଥିଲେ। ସଭାସ୍ଥଳରେ ବିଧାୟକ ମହାପାତ୍ରଙ୍କୁ ବୈଦ୍ୟୁତିକ ଗଣମାଧ୍ୟମର ପ୍ରତିନିଧିମାନେ ଏକ ସାକ୍ଷାତ୍‌କାର(ବାଇଟ୍) ନେବାକୁ ଡାକିଥିଲେ। ବିଧାୟକ ସାକ୍ଷାତ୍‌କାର ଦେଇଥିଲେ। ହେଲେ ଏହି ସମୟରେ କାର୍ଯ୍ୟକ୍ରମରେ ଉପସ୍ଥିତ ଜଣେ ବରିଷ୍ଠ ବିଜେଡି ନେତା ବିରକ୍ତ ପ୍ରକାଶ କରି ଗଣମାଧ୍ୟମର ପ୍ରତିନିଧିମାନଙ୍କୁ ଦୁର୍ବ୍ୟବହାର କରିଥିଲେ। ଏହାକୁ ନେଇ ସଭାସ୍ଥଳରେ କିଛି ସମୟ ପାଇଁ ଚାପା ଉତ୍ତେଜନା ଦେଖା ଦେଇଥିଲା। ଖବରଦାତାମାନେ ଅସନ୍ତୋଷ ପ୍ରକାଶ କରିଥିଲେ।

## ରଣପୁର, ଦଶପଲ୍ଲାରେ ଦୁର୍ଗାପୂଜା



ରଣପୁର ବଡ଼ବଜାରସ୍ଥିତ ପୂଜାମଣ୍ଡପରେ ମା' ଦୁର୍ଗାଙ୍କ ପୂଜା।



ଦଶପଲ୍ଲା ଦୁର୍ଗାବଜାରଠାରେ ମା'ଙ୍କ ମୃଣ୍ମୟୀ ମୂର୍ତ୍ତି।

**ରଣପୁର,୧୬।୧୦(ସ୍ୱ.ପ୍ର.)**

ରଣପୁର ବଡ଼ବଜାରସ୍ଥିତ ପୂଜାମଣ୍ଡପରେ ମଙ୍ଗଳବାର ମହାସପ୍ତମୀ ଶକ୍ତି ପୂଜା ଆରମ୍ଭ ହୋଇଯାଇଛି। ମା'ଦୁର୍ଗାଙ୍କର ପୂଜା ଦର୍ଶନ କରିବା ନିମନ୍ତେ ଶ୍ରଦ୍ଧାଳୁଙ୍କ ସମାଗମ ଘଟିଛି । ଉତ୍ସବମୁଖର ହୋଇଯାଇଛି ରଣପୁର । ପୂଜା କମିଟି ତରଫରୁ ଦଶମୀ ପର୍ଯ୍ୟନ୍ତ ନିୟମାନୁସାରେ ପୂଜା ଓ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ ବୋଲି କମିଟିର ସଭାପତି ଧନେଶ୍ୱର ପ୍ରଧାନ, ସମ୍ପାଦକ ଶଶୀକାନ୍ତ ସାମନ୍ତରାୟ ପ୍ରକାଶ କରିଛନ୍ତି।

**ଦଶପଲ୍ଲା, (ଡି.ଏନ.ଏ.):** ଦଶପଲ୍ଲାରେ ଶାରଦୀୟ ଦୁର୍ଗାପୂଜା ଉତ୍ସବ ମହାସମାରୋହରେ ଆରମ୍ଭ ହୋଇଛି । ଦଶପଲ୍ଲା ଦୁର୍ଗାବଜାର ଠାରେ ଦୁର୍ଗାବଜାର ବଣିକସଂଘ ତରଫରୁ ଆୟୋଜିତ ପୂଜା ମଣ୍ଡପରେ ସପ୍ତମୀ ଠାରୁ ପୂଜା ଆରମ୍ଭ ହୋଇଛି । ପୂଜାମଣ୍ଡପରେ ଦେବୀ ଦୁର୍ଗାଙ୍କ ଦର୍ଶନ ନିମନ୍ତେ ଦର୍ଶକଙ୍କ ସମାଗମ ହୋଇଛି । ଚାରିଦିନ ଧରି ଏହି ପୂଜାଉତ୍ସବ ଚାଲିବ। ପ୍ରତିସନ୍ଧ୍ୟାରେ ପୂଜା ମଣ୍ଡପ ଠାରେ ସାଂସ୍କୃତିକ କାର୍ଯ୍ୟକ୍ରମ ଆରମ୍ଭ ହୋଇଛି । ସେହିପରି ମେଡିକାଲ ଛକସ୍ଥିତ ବସଷ୍ଟାଣ୍ଡ ଠାରେ ଘରୋଇ ବସ ମାଲିକ ସଂଘ ତରଫରୁ ପୂଜାଉତ୍ସବ ଆରମ୍ଭ ହୋଇଛି।

## ଟି୨୦ କ୍ରିକେଟ୍: ଫାଇନାଲରେ ଇଲେଭେନ୍ ଷ୍ଟାର

**ଭାପୁର,୧୬।୧୦(ଡି.ଏନ୍.ଏ.)**

ଖଣ୍ଡପଡ଼ା ବ୍ଲକ ବନମାଳିପୁର ଗ୍ରାମର ଆଞ୍ଚଳିକ ସ୍ପୋର୍ଟସ କ୍ଲବ ପକ୍ଷରୁ ଚାଲିଥିବା ୩୧ ତମ ଟି୨୦ କ୍ରିକେଟ୍ ଟୁର୍ନାମେଣ୍ଟ ଅନୁଷ୍ଠିତ ହୋଇଯାଇଛି। ମଙ୍ଗଳବାର ପ୍ରଥମ ସେମିଫାଇନାଲ ମ୍ୟାଚ୍‌ରେ ସାରୁଅର ଇଲେଭେନ ଷ୍ଟାର କ୍ରିକେଟ୍ ଟିମ୍ ୧୬ ରନ୍‌ରେ ବାଙ୍କୋଇ ବିନ୍‌ଦାସ କ୍ରିକେଟ କ୍ଲବ୍‌କୁ ହରାଇ ଫାଇନାଲରେ ପ୍ରବେଶ କରିଛି। ଟସ୍ ଜିଣି ଖୋର୍ଦ୍ଧା ସାରୁଅର ଇଲେଭେନ୍ ଷ୍ଟାର କ୍ଲବ୍ ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୨୦ ଓଭର୍‌ରେ ସମସ୍ତ ଉଇକେଟ୍ ହରାଇ ୧୩୦ ରନ୍ ସଂଗ୍ରହ କରିଥିଲା। ୧୩୧ ରନ୍ କରି ବିଜୟ ଲକ୍ଷ୍ୟ ରଖିଥିବା ବାଙ୍କୋଇର ବିନ୍‌ଦାସ କ୍ରିକେଟ୍ କ୍ଲବ ୨୦ ଓଭରରେ ସମସ୍ତ ଉଇକେଟ ହରାଇ ୧୧୪ ରନ୍‌ରେ ସୀମିତ ରହି ୧୬ ରନ୍‌ରେ ହାରିଯାଇଥିଲା। ବିଜୟୀ ଦଳର ସତ୍ୟଜିତ ସାହୁ ୪ ଉଇକେଟ୍ ନେଇ ଦଳକୁ ବିଜୟୀ କରିବାରୁ ମ୍ୟାନ୍ ଅଫ୍ ଦି ମ୍ୟାଚ୍ ହୋଇଛନ୍ତି। ମ୍ୟାଚ୍‌ରେ ଅତିଥି ଭାବେ ବରିଷ୍ଠ ରାଜନେତା ନିରଞ୍ଜନ ସୁବୁଦ୍ଧି ଯୋଗଦେଇଥିଲେ। ବୁଧବାର କଣ୍ଟିଲୋର ବରୁଣେଇ କ୍ରିକେଟ୍ କ୍ଲବ ଓ ଖୋର୍ଦ୍ଧା ଗେଡ଼ିଆପଲ୍ଲୀର ଫ୍ରେଣ୍ଡସ କ୍ରିକେଟ୍ କ୍ଲବ ଗ୍ରୁପ୍ ବି ର ଏକ ମ୍ୟାଚ୍‌ରେ ପରସ୍ପରକୁ ଭେଟିବେ ।

### ଚିଲିକା ମତ୍ସ୍ୟଜୀବୀ ମହାସଂଘର ନାମକୁ ନେଇ ବିବାଦ

**ଟାଙ୍ଗୀ (ଖୋର୍ଦ୍ଧା),୧୬।୧୦(ଡି.ଏନ.ଏ.)**

ଚିଲିକା ମତ୍ସ୍ୟଜୀବୀ ମହାସଂଘର ନାମକୁ ଅପବ୍ୟବହାର କରି କେତେକ ମାଫିଆ ଗୋଷ୍ଠୀ ଫାଇଦା ହାସଲ କରୁଥିବା ଅଭିଯୋଗ ହୋଇଛି। ଏ ନେଇ ମଙ୍ଗଳବାର ମତ୍ସ୍ୟଜୀବୀ ମହାସଂଘ ପକ୍ଷରୁ ଟାଙ୍ଗୀ ଥାନାରେ ଲିଖିତ ଏତଲା ଦାଖଲ କରାଯାଇଛି । ସୋସାଇଟି ଆକ୍ଟ ଅନୁସାରେ ବିଧିବଦ୍ଧ ଭାବେ ରେଜିଷ୍ଟ୍ରିଭୁକ୍ତ ହୋଇ ରାଜ୍ୟ ସରକାରଙ୍କ ଦ୍ୱାରା ଅନୁମୋଦନ ପାଇ ଖୋର୍ଦ୍ଧା, ପୁରୀ ଓ ଗଞ୍ଜାମ ଜିଲାର ମତ୍ସ୍ୟଜୀବୀମାନଙ୍କୁ ନେଇ ଚିଲିକା ମତ୍ସ୍ୟଜୀବୀ ମହାସଂଘ ଗଠିତ ହୋଇଛି । ନଈରୀର ରବୀନ୍ଦ୍ର ବେହେରା ଏହାର ନିର୍ବାଚିତ ସଭାପତି ଅଛନ୍ତି। ତାଙ୍କ ନେତୃତ୍ୱରେ ମତ୍ସ୍ୟଜୀବୀ ମହାସଂଘ ବିଭିନ୍ନ ସମୟରେ ମତ୍ସ୍ୟଜୀବୀମାନଙ୍କ ନ୍ୟାଯ୍ୟ ଦାବି ହାସଲ ନିମିତ୍ତ ଆନ୍ଦୋଳନାତ୍ମକ କାର୍ଯ୍ୟପନ୍ଥା, ସଭା ସମିତି କରିବା ଓ ରାଜ୍ୟ ସରକାରଙ୍କ ସହିତ ଆଲୋଚନା କରି କେତେକ ଦାବି ହାସଲ କରିଛନ୍ତି। କିନ୍ତୁ ଅଣମତ୍ସ୍ୟଜୀବୀମାନେ ଏହି ମତ୍ସ୍ୟଜୀବୀ ମହାସଂଘକୁ ଭାଗ ଭାଗ କରିବା ଲକ୍ଷ୍ୟରେ ବିଭିନ୍ନ ସମୟରେ ଏହାର ନାମକୁ ବ୍ୟବହାର କରି ଫାଇଦା ହାସଲ କରୁଥିବା ଅଭିଯୋଗ ହୋଇଛି। ସେମାନଙ୍କର ମତ୍ସ୍ୟଜୀବୀ ମହାସଂଘ ସହିତ ଆଦୌ ସମ୍ପର୍କ ନାହିଁ କିମ୍ବା ସେମାନେ କୌଣସି ସମୟରେ ମତ୍ସ୍ୟଜୀବୀଙ୍କ ଦାବି ହାସଲ ଦିଗରେ କୌଣସି କାର୍ଯ୍ୟକ୍ରମ ଗ୍ରହଣ କରିନାହାନ୍ତି। ସୋରଣର ଜଣେ ବ୍ୟକ୍ତି ଓ ତାଙ୍କର କିଛି ସମର୍ଥକ ଚିଲିକା ମତ୍ସ୍ୟଜୀବୀ ମହାସଂଘର ନାମକୁ ବ୍ୟବହାର କରୁଥିବା ଜଣାଯାଇଛି । ସେମାନଙ୍କ ବିରୋଧରେ ତୁରନ୍ତ ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ରବୀନ୍ଦ୍ରଙ୍କ ସମେତ ତାଙ୍କ ସମର୍ଥକମାନେ ଟାଙ୍ଗୀ ଥାନାରେ ଏକ ଲିଖିତ ଏତଲା ଦାଖଲ କରିଛନ୍ତି।

## ପୂଜା ପାଇଁ ଭିଡ଼: ବେଫିକର ଟ୍ରାଫିକ୍ ବ୍ୟବସ୍ଥା

**ନୟାଗଡ଼ ଅଫିସ,୧୬।୧୦**

ପୂଜାରେ ବର୍ତ୍ତମାନ ସହରରେ ଥିବା ବିଭିନ୍ନ ସପିଂ ମଲ୍‌ରେ ଭିଡ଼ ଦେଖିବାକୁ ମିଳୁଛି। ହେଲେ ସହରରେ ଥିବା ସପିଂ ମଲ୍‌ରେ ଯେଉଁଭଳି ଭାବେ ସୁରକ୍ଷା ରହିବା କଥା, ତାହାକୁ ଅଣଦେଖା କରାଯାଉଥିବା ଅଭିଯୋଗ ହେଉଛି। ସପିଂ ମଲ୍‌ରେ ପାର୍କିଂ ପାଇଁ ସ୍ଥାନ ନ ଥିବାରୁ ଜାତୀୟ ରାଜପଥଠାରୁ ଆରମ୍ଭକରି ରାଜ୍ୟ ରାଜପଥ ଉପରେ ଗାଡ଼ିଗୁଡ଼ିକ ବେଧଡ଼କ ଭାବେ ପାର୍କିଂ କରାଯାଉଛ, ଯାହାଫଳରେ ଟ୍ରାଫିକ୍ ସମସ୍ୟା ଗୁରୁତର ହେଉଥିବା ଦେଖିବାକୁ ମିଳୁଛି। ଏହିଭଳି ଅବ୍ୟବସ୍ଥା ଦେଖିବାକୁ ମିଳୁଥିବା ବେଳେ ଏହାର କୌଣସି ପ୍ରତିକାର ହେଉନାହିଁ। ସନ୍ଧ୍ୟାରେ ଏହି ଅବ୍ୟବସ୍ଥା ଆହୁରି ବଢ଼ିଯାଉଛି। ଲୋକମାନେ ମନଇଚ୍ଛା ରାସ୍ତାରେ ଗାଡ଼ି ରଖିବା ଫଳରେ ଏହିଭଳି ଅବ୍ୟବସ୍ଥା ଦେଖିବାକୁ ମିଳୁଛି। ନୟାଗଡ଼ ସହରରେ ବର୍ତ୍ତମାନ ବହୁ ସପିଂ ମଲ୍ ଖୋଲିଛି। ପୂଜାକୁ ଦୃଷ୍ଟିରେ ରଖି କିଛି ଦିନ ହେବ ଏହିଭଳି ନୂତନ ସପିଂମଲ ମାନ ଖୋଲା ହୋଇଛି। ତେବେ ଏହାର ସୁରକ୍ଷା ଦିଗ ପ୍ରତି ଅଣଦେଖା କରାଯାଉଥିବା ଦେଖିବାକୁ ମିଳୁଛି। ପୂଜା ସମୟରେ ସପିଂ ମଲରେ ଗ୍ରାହକଙ୍କ ନାହିଁ ନ ଥିବା ଭିଡ଼ ହେଉଥିବାରୁ କିଛି ଅଘଟଣ ଘଟିଲେ ଏହାର ସମାଧାନ କିପରି ହେବ ସେ ନେଇ ଏମାନେ ଚିନ୍ତିତ ନ ଥିବା ଜଣାପଡ଼ିଛି। ଜାତୀୟ ରାଜପଥ ୫୭ ସ୍ଥିତ ପିଡବ୍ଲ୍ୟୁଡ଼ି କଲୋନୀ ରାସ୍ତା, କଲେଜ ରୋଡ଼, ଖଣ୍ଡପଡ଼ା ରୋଡ଼, କଚେରି ବଜାର ଆଦି ବିଭିନ୍ନ ଜନଗହଳିପୂର୍ଣ୍ଣ ରାସ୍ତାରେ ଏମାନେ ନିଜର ବ୍ୟବସାୟ କରୁଛନ୍ତି। ଦୁଇପଟେ ପ୍ରସ୍ଥାନ ଦ୍ୱାର କରିବା ପାଇଁ ନିୟମ ଥିବାବେଳେ ଏମାନେ କେବଳ ଗୋଟିଏ ପଟେ ପ୍ରସ୍ଥାନ ଦ୍ୱାର କରିଛନ୍ତି। ଫଳରେ ଏହି ୨ ଓ ୩ ମହଲା ବିଶିଷ୍ଟ ଘରେ ଯଦି ବି କିଛି ଅଘଟଣ ଘଟେ ତାହେଲେ ଲୋକମାନେ ବାହାରିପାରିବେ ନାହିଁ ଓ ଦୁର୍ଘଟଣାର ସମ୍ମୁଖୀନ ହେବେ। ଅନ୍ୟପକ୍ଷେ ଅଗ୍ନି ନିର୍ବାପକ ଯନ୍ତ୍ର କାଁ ଭାଁ କେତୋଟି ସପିଂ ମଲ୍‌ରେ ରହିଛି। ପୂରାପୂରି ସମସ୍ତ ସୁରକ୍ଷାକୁ ସପିଂ ମଲ୍‌ର ମାଲିକମାନେ ଏଡ଼ାଇ ଯାଇଥିବା ଦେଖିବାକୁ ମିଳୁଛି।




ଏକ ଶପିଂ ମଲ୍ ଆଗରେ ଗାଡ଼ିଗୁଡ଼ିକ ରାସ୍ତା ଉପରେ ପାର୍କିଂ କରାଯାଇଛି।

## ଜୀବନବିନ୍ଦୁ କାର୍ଯ୍ୟକ୍ରମ: ୮୨ ୟୁନିଟ୍ ରକ୍ତ ସଂଗ୍ରହ

**ଖଣ୍ଡପଡ଼ା,୧୬।୧୦ (ସ୍ୱ.ପ୍ର.)**

ଖଣ୍ଡପଡ଼ା ବ୍ଲକ ଅନ୍ତର୍ଗତ ନୂଆଗଡିଆସାହି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପରିସରରେ ମଙ୍ଗଳବାର ଜୀବନବିନ୍ଦୁ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ୭୩ ତମ ଜନ୍ମତିଥି ପାଳନ ଅବସରରେ ବିଜେଡି ପକ୍ଷରୁ ଆୟୋଜିତ କାର୍ଯ୍ୟକ୍ରମ ଜରିଆରେ ସର୍ବମୋଟ ୮୨ ୟୁନିଟ୍ ରକ୍ତ ସଂଗୃହିତ ହୋଇଛି। ସ୍ଥାନୀୟ ବିଧାୟକ ଅନୁଭବ ପଟ୍ଟନାୟକ ମୁଖ୍ୟଅତିଥି ରୂପେ ଯୋଗଦେଇ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିବା ସହ ନିଜେ ରକ୍ତଦାନ କରିଥିଲେ। ନୂଆଗଡିଆସାହି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ମୁଖ୍ୟ ଚିକିତ୍ସାଧିକାରୀ ଡ. ସୁରେନ୍ଦ୍ର କୁମାର ଷଡଙ୍ଗୀ ଓ ଡ. କାଳୀପ୍ରସାଦ ଷଡଙ୍ଗୀ ରକ୍ତଦାତାମାନଙ୍କର ସ୍ୱାସ୍ଥ୍ୟ ପରୀକ୍ଷା କରିଥିଲେ। ନୟାଗଡ ବ୍ଲଡ ବ୍ୟାଙ୍କ୍ କର୍ତ୍ତୃପକ୍ଷ ସ୍ୱେଚ୍ଛାକୃତ ରକ୍ତଦାତାଙ୍କଠାରୁ ରକ୍ତ ସଂଗ୍ରହ କରିଥିଲେ। ବ୍ଲକ ବିଜେଡି ସଭାପତି ଚନ୍ଦ୍ରକାନ୍ତ ବଳିଆରସିଂ, ସରପଞ୍ଚ ବିପିନ କୁମାର ସାମଲ, ପର୍ଯ୍ୟବେକ୍ଷକ ବିଶ୍ୱଜ୍ୟୋତି ବେହେରା, ସାମାଜିକ କର୍ମୀ ଅଖିଳ କୁମାର ମହାରଣା, ପୂର୍ବତନ ଜିଲା ପରିଷଦ ସଭ୍ୟ ରମାକାନ୍ତ ସେଠୀ ଓ ସମିତିସଭ୍ୟ ସଦାନନ୍ଦ ପ୍ରଧାନଙ୍କ ସମେତ ଗଡିଆସାହି, ସିଂଘାପଡା ଓ କିଆଝର ପଞ୍ଚାୟତ ବିଜୁ ଯୁବ ବାହିନୀର ସଦସ୍ୟମାନେ ରକ୍ତଦାନ ଶିବିର ପରିଚାଳନାରେ ସହଯୋଗ କରିଥିଲେ।




କାର୍ଯ୍ୟକ୍ରମରେ ଅତିଥି ଓ ଅନ୍ୟମାନେ।

# ଅବ୍ୟବସ୍ଥା ଘେରରେ ସରକାରୀ କାର୍ଯ୍ୟାଳୟ

**ନୂଆଗାଁ,୧୬।୧୦ (ଡି.ଏନ.ଏ.)**

**ଜିଲା ପ୍ରଶାସନର ନୀରବ ନେଇ ଜନ ଅସନ୍ତୋଷ**

ନୟାଗଡ଼ ଜିଲା ନୂଆଗାଁ ବ୍ଲକର ବିଭିନ୍ନ ସମସ୍ୟା ଓ ଅବ୍ୟବସ୍ଥା ନେଇ ଜିଲା ଅଧିକାରୀମାନଙ୍କୁ ବାରମ୍ବାର ଅଭିଯୋଗ କରାଯାଉଛି। ତେବେ ବିଭାଗୀୟ ଅଧିକାରୀମାନେ ଏଥିପ୍ରତି କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ ନ କରି ନୀରବଦ୍ରଷ୍ଟା ପାଲଟିଥିବାରୁ ସାଧାରଣରେ ଅସନ୍ତୋଷ ସୃଷ୍ଟି ହୋଇଛି। ଗଣମାଧ୍ୟମ ଦ୍ୱାରା ଜିଲାପାଳ ଓ ପ୍ରଶାସନିକ ଅଧିକାରୀଙ୍କୁ ଅବଗତ କଲେ ସୁଦ୍ଧା ସୁଫଳ ମିଳୁ ନ ଥିବା ଅଭିଯୋଗ ହେଉଛି । ସରକାରୀ ନିୟମ ଅନୁସାରେ ଜଣେ କର୍ମଚାରୀ ଗୋଟିଏ କାର୍ଯ୍ୟାଳୟରେ ୩ ବର୍ଷରୁ ଅଧିକ ରହିପାରିବେ ନାହିଁ। ତେବେ ବିଭିନ୍ନ କାର୍ଯ୍ୟାଳୟ ଓ ଶିକ୍ଷାନୁଷ୍ଠାନରେ ଏହାର ବ୍ୟତିକ୍ରମ ଦେଖିବାକୁ ମିଳୁଛି। ନୂଆଗାଁ ସମନ୍ୱିତ ଶିଶୁ ପ୍ରକଳ୍ପ କାର୍ଯ୍ୟାଳୟରେ କର୍ମଚାରୀମାନେ ନିଜ ଘର ପାଖରେ ରହି ଏପରିକି ୧୩ ବର୍ଷରୁ ଅଧିକ ଦିନ ଗୋଟିଏ ନିର୍ଦ୍ଦିଷ୍ଟ କାର୍ଯ୍ୟାଳୟରେ ମନୋମୁଖୀ କାର୍ଯ୍ୟ କରୁଛନ୍ତି। ସୁପରଭାଇଜର୍‌ମାନେ ନିୟମିତ ଭାବେ ଅଙ୍ଗନାବାଡ଼ି କେନ୍ଦ୍ର ପରିଦର୍ଶନ କରୁ ନ ଥିବା ଅଭିଯୋଗ ହେଉଛି। ଏଥିଯୋଗୁ ଅଙ୍ଗନବାଡ଼ି କେନ୍ଦ୍ରରେ ଅବ୍ୟବସ୍ଥା ସୃଷ୍ଟି ହେଉଛି। ଏ ବିଷୟରେ ବିଭାଗୀୟ ଅଧିକାରୀ ଓ ଜିଲାପାଳଙ୍କୁ ଅଭିଯୋଗ କଲେ ମଧ୍ୟ କୌଣସି ସୁଫଳ ମିଳୁନି। ବ୍ଲକ କର୍ମଚାରୀମାନେ ଦିନ ୧୧ଟା ପରେ ବି କାର୍ଯ୍ୟାଳୟକୁ ଆସୁ ନ ଥିବା ଦେଖାଯାଉଛି। ଏପରିକି ନିଜର କିଛି ବ୍ୟକ୍ତିଗତ କାର୍ଯ୍ୟ ଥିଲେ ଅଫିସ ନ ଆସି ସିଧା ସାଇଡକୁ ପରିଦର୍ଶନରେ ଯାଉଛନ୍ତି। ଯାହାଫଳରେ ଜନ ସାଧାରଣ କୌଣସି କାର୍ଯ୍ୟରେ ଅଫିସ୍ ଆସି ଫେରି ଯାଉଛନ୍ତି। ଏଠାରେ ରାଶନ କାର୍ଡ ତାଲିକା ପ୍ରସ୍ତୁତିରେ ଅନିୟମିତତା ପ୍ରତି ଅଧିକାରୀ ଦୃଷ୍ଟି ଦେଉନାହାନ୍ତି। ଶିକ୍ଷା ବିଭାଗର ବ୍ଲକ ଅଧିକାରୀମାନେ ସ୍କୁଲ ପରିଦର୍ଶନରେ ନିୟମିତ ଗସ୍ତ କରୁ ନ ଥିବା ଅଭିଯୋଗ ହେଉଛି। ଫଳରେ ଶିକ୍ଷକମାନେ ଠିକ୍ ଭାବେ କାର୍ଯ୍ୟ କରୁନାହାନ୍ତି। ଜିଲା ଶିକ୍ଷାଧିକାରୀଙ୍କୁ ଏ ନେଇ ଅବଗତ କଲେ ମଧ୍ୟ ସୁଫଳ ମିଳୁନାହିଁ । ନୂଆଗାଁ ବ୍ଲକ ଆର୍‌ଡି କାର୍ଯ୍ୟାଳୟରେ ୨ କନିଷ୍ଠ ଯନ୍ତ୍ରୀ, ଜଣେ ଏସ୍‌ଡିଓ, ଜଣେ କିରାଣୀ ଓ ଜଣେ ପିଅନ ରହିବାର ବ୍ୟବସ୍ଥା ଥିଲେ ମଧ୍ୟ କାର୍ଯ୍ୟାଳୟରେ ତାଲା ଝୁଲୁଥିବା ଦେଖିବାକୁ ମିଳୁଛି । ଏ ବିଷୟରେ ଜିଲାପାଳଙ୍କୁ ଅଭିଯୋଗ କରାଯାଇଛି। ଅନୁରୂପ ଅବସ୍ଥା ଦେଖିବାକୁ ମିଳୁଛି ତହସିଲ କାର୍ଯ୍ୟାଳୟରେ। ଜମିପଟା ପାଇଁ ଆବେଦନ କରି ବର୍ଷେ ବିତି ଯାଉଥିଲେ ବି ପଟା ମିଳୁନାହିଁ। କର୍ମଚାରୀ ଅଭାବ ରହିଥିବା ଆଳ ଦେଖାଇ ଆବେଦନକାରୀଙ୍କୁ ନିରାଶ କରାଯାଉଛି। ଏଭଳି ଅନେକ ସମସ୍ୟା ଲାଗି ରହିଥିଲେ ସୁଦ୍ଧା ଜିଲା ଅଧିକାରୀମାନଙ୍କ ନିରବଦ୍ରଷ୍ଟା ପାଲଟିବା ନେଇ ନୟାଗଡ ଜିଲାପାଳ ଡ.ଏନ୍ ଥିରୁମାଳା ନାୟକଙ୍କୁ ପଚାରିବାରୁ ସେ କୁହନ୍ତି ମୁଁ ଏ ସବୁ ବିଷୟରେ ଖୁବ୍ ଶୀଘ୍ର ତଦନ୍ତ କରିବି ।



କାର୍ଯ୍ୟ ଦିବସରେ ଆର୍‌ଡି କାର୍ଯ୍ୟାଳୟରେ ତାଲା।